

'ମନ୍ଦୋଦରୀ'
କାଜଲ

ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-322 ♦BHUBANESWAR ♦WEDNESDAY ♦21 MAY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୨୨ ♦ଭୁବନେଶ୍ୱର ♦ବୁଧବାର ♦୨୧ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



GROWTH DEEPLY ROOTED

FALCON
AGRIFRIZ FOODS

# A New Chapter in India's Frozen Food Future Begins!

**Falcon Agrifriz** proudly launches the nation's largest frozen potato processing facility in Mehsana, Gujarat. The facility was inaugurated by the Hon'ble Home Minister and Minister of Cooperation, Government of India, **Shri Amit Shah,** alongside **Shri Balvantsinh Rajput,** Hon'ble Cabinet Minister of Industries, Government of Gujarat, **Shri Haribhai Patel,** Hon'ble Member of Parliament, Mehsana Constituency; Shri Tara Patnaik, Chairman of Falcon Group, along with Shri J. N. Patnaik, Shri Prava Patnaik, and Shri Parthajeet Patnaik, Directors of the Falcon Agrifriz.

## Rooted in Gujarat, Ready for the World.















FALCON
AGRIFRIZ FOODS
(A PART OF FALCON GROUP)

**FALCON AGRIFRIZ FOODS PVT. LTD.**

Registered Office: A/22, Falcon House, 1st Floor, Cuttack Road, Bhubaneswar-751006, Odisha, India

Corporate Office: 6th Floor, Shivarth The ACE, Sindhu Bhavan Road, Bodakdev, Ahmedabad-380054, Gujarat, India

Production Unit: Survey No. 740, Village-Sadra, Taluka-Kadi, District: Mehsana-382716, Gujarat, India

E-mail: info@falconagrifriz.com | Website: www.just-crave.com

## ନୂଆପଡ଼ା ଜିଲ୍ଲା ପରିଷଦର ଅଷ୍ଟମ ବୈଠକ

# ସମସ୍ତଙ୍କ ସହଯୋଗରେ ବିକାଶ କାର୍ଯ୍ୟ ସମ୍ଭବ

- ଅସମ୍ପୂର୍ଣ୍ଣ କାମଗୁଡିକ ଶୀଘ୍ର ସାରିବାକୁ ଗୁରୁତ୍ୱ
- ହିତାଧିକାରୀ ଚୟନ ବେଳେ ଜନ ପ୍ରତିନିଧିଙ୍କୁ ସାମିଲ ଦାବି
- ଷ୍ଟ୍ରିଟ ଲାଇଟ୍ ପଞ୍ଚାୟତକୁ ହସ୍ତାନ୍ତର କରାଯିବାକୁ ନିଷ୍ପତ୍ତି
- ବିନା ସୂଚନା ଫଳକରେ କୌଣସି ଉନ୍ନତିମୂଳକ କାମ ହେବନି
- ସମସ୍ତ ଉନ୍ନୟନ ମୂଳକ କାମରେ ଜନ ପ୍ରତିନିଧିଙ୍କ ମତାମତ ନିଆଯିବ

ନୂଆପଡ଼ା, ୨୦।୫(ସମିସ):

ସ୍ଥାନୀୟ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍ଭାବନା ସଭାଗୃହରେ ଜିଲ୍ଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ସଭାପତିତ୍ୱ କରି ସମସ୍ତଙ୍କ ସହଯୋଗରେ ବିକାଶ କାର୍ଯ୍ୟ ସମ୍ଭବ ବୋଲି କହିଛନ୍ତି। କୃଷି, ମତ୍ସ୍ୟ, ଯୋଗାଣ, ଜିଲ୍ଲା ମଙ୍ଗଳ, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ, ସମାଜ ମଙ୍ଗଳ, ସାମାଜିକ ସୁରକ୍ଷା, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ସମସ୍ତ ବିଭାଗର ତ୍ରୟ ମାସିକ ପ୍ରଗତି ବିବରଣୀର ସମୀକ୍ଷା ହୋଇଥିଲା। ବିଗତ ବୈଠକରେ ସଦସ୍ୟମାନେ ଉତ୍ଥାପନ କରିଥିବା ସମସ୍ତ ଅଭିଯୋଗ ଉପରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ଉପରେ ଅଧିକାରୀ ମାନେ ନିଜ ନିଜ ମନ୍ତବ୍ୟ ରଖିଥିଲେ। ବିଗତ ଦିନରେ ହୋଇଥିବା ଅସମ୍ପୂର୍ଣ୍ଣ କାମଗୁଡିକୁ ଶୀଘ୍ର ସମାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଉନ୍ନତିମୂଳକ କାମ ବିଶେଷ କରି କୃଷି, ଉଦ୍ୟାନ କୃଷି ଇତ୍ୟାଦି ଯୋଜନାରେ ହିତାଧିକାରୀ ଚୟନ କରିବା ବେଳେ ଜନ ପ୍ରତିନିଧିଙ୍କୁ ସାମିଲ କରିବା ଉପରେ ଜିଲ୍ଲା ପରିଷଦ ସଦସ୍ୟମାନେ ଦାବି କରିଥିଲେ। ସବୁ ଷ୍ଟ୍ରିଟ ଲାଇଟକୁ ପଞ୍ଚାୟତକୁ ହସ୍ତାନ୍ତର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପଞ୍ଚାୟତ ବିଜୁଳି ଓ ପାଣି ବିଲ ସଂଗ୍ରହ କରିବ। ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନାରେ ଏଥର ଲକ୍ଷ୍ୟ ୧୦୮ ହେକ୍ଟର ଥିବାରୁ ଠିକ୍ ସମୟରେ ଏହାକୁ ସାରିବା ପାଇଁ ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ବିନା ସୂଚନା ଫଳକରେ କୌଣସି ଉନ୍ନତିମୂଳକ କାମ ହେବନାହିଁ। ସମସ୍ତ ଉନ୍ନୟନ ମୂଳକ କାମରେ ଜନ ପ୍ରତିନିଧିଙ୍କ ମତାମତ ନେବାକୁ ଗୁରୁତ୍ୱ ଦିଆଯାଇଛି। ଧାନମଣ୍ଡିରେ ଦଲାଲରାଜ ଏବଂ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ହେବ। ତିଖାଲି ଡ୍ୟାମର ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଆଲୋଚନା ହୋଇଥିଲା। ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଓ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି। ପ୍ରତି ସହର ଓ ଗ୍ରାମର ସମସ୍ତ ବ୍ୟକ୍ତିଙ୍କ ପାଖରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍, ପରିମଳ ଭଳି ଅତ୍ୟାବଶ୍ୟକ ସେବା ସୁବିଧାରେ ଯୋଗାଇ ଦେବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦିଆଯାଇଛି। ଏହି ବୈଠକରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ବିଭାଗ ମହାଦେବ ବଡାଇକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ବ୍ଲକ ଅଧ୍ୟକ୍ଷ ଯୋଗ ଦେଇଥିଲେ।

## ଗଛ ଉପୁଡି ରାସ୍ତା ଅବରୋଧ



ତରଭା, ୨୦।୫(ସମିସ): ତରଭା ବ୍ଲକ ମରାଡୁଗୁଛା ପଞ୍ଚାୟତ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ରେ ପ୍ରବଳ ଝଡ଼ ତୋଫାନ ଯୋଗୁଁ ଅନେକ ଗଛ ଉପୁଡି ପଡ଼ିଛି। ମରାଡୁଗୁଛା-ତରଭା ରାସ୍ତା ମରାଡୁଗୁଛାରୁ ୧୦୦ ଫୁଟ ଦୂର ବହିଦାର ଘିବେଲାଙ୍କ ଘର ନିକଟରେ ଗୋଟିଏ ଗଛ ଉପୁଡି ଯିବାରୁ ରାସ୍ତା ଅବରୋଧ ହୋଇଥିଲା। ଏହା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ସେହିଭଳି ମରାଡୁଗୁଛା-ବନ୍ଧକେଡା ମଦଭାଟି ନିକଟରେ ଗଛ ଭାଙ୍ଗି ୧୧ କେଭି ଇଲେକ୍ଟ୍ରିକ ତାର ଉପରେ ପଡ଼ିବାରୁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତରଭା ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ସଫା କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବୌଦ୍ଧ ପଞ୍ଚାୟତ ସମିତିର ବୈଠକ




ବୌଦ୍ଧ, ୨୦।୫(ସମିସ): ବୌଦ୍ଧ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ବିଡ଼ିଓ ଯୁଧିଷ୍ଠିର ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଉପରେ ଆଲୋଚନା କରା ଯାଇଥିଲା।

## ହସ୍ତତନ୍ତ ବାନ୍ଧକଳା ପ୍ରଶିକ୍ଷଣ ଶିବିର



ବୀରମହାରାଜପୁର, ୨୦।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲାଠାରେ କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ତାଲିମ ଯୋଜନା ଅଧିନରେ ରେଶମ ହସ୍ତ ବାନ୍ଧକଳା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୦ଜଣ ଅନୁସୂଚିତ ଜାତିର ମହିଳା ୨୭ଦିନ ଧରି ୨୦୦ଘଣ୍ଟାର ଟ୍ରେନିଂ ନେଇଥିଲେ। ନୂତନ କୌଶଳରେ ରଙ୍ଗକରିବା, ନୂତନ ଶାଢ଼ୀର ଡିଜାଇନ୍ ବାନ୍ଧ ବାନ୍ଧିବା, ବିଭିନ୍ନ ରଙ୍ଗର ପାଟଶାଢ଼ୀରେ କିପରି ଓଡ଼ିଶାର ସଂସ୍କୃତି ସ୍ଥାନ ପାଇବ, ଶାଢ଼ୀର ମୁହଁ ଡିଜାଇନ୍ କରିବା ଆଦି ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ତାଲିମ ନେଇଥିବା ମହିଳାମାନଙ୍କୁ ମାନପତ୍ର ସହ ଉପଢୌକୋନ ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ବ୍ରାଇଟ ହ୍ୟୁମାନ ଆକ୍ସନ ଏଣ୍ଡ ଭଏସ ଦ୍ୱାରା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରାଇଟ୍ ହ୍ୟୁମାନ ଆକ୍ସନ ଏଣ୍ଡ ଭଏସର ପ୍ରଦୀପ କୁମାର ରାଉତ ନିରୀକ୍ଷକ ଭାବେ ରହିଥିଲେ। ପ୍ରୋସେସିଂ ମ୍ୟାନେଜର ଭାବେ ଲଳିତ ମେହେର, ଅପରେସନାଲ ଅଫିସର ଭାବେ ପଞ୍ଚାନନ ମେହେର ପ୍ରମୁଖ ପରିଚାଳନା କରୁଥିଲେ। ମାଷ୍ଟର ଟ୍ରେନର ପ୍ରିୟଙ୍କା ଭୋଇ ଓ ରାମକୃଷ୍ଣ ମେହେର ବନ୍ଧକଳା ଉପରେ ତାଲିମ୍ ଦେଇଥିଲେ।

## ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ୪୪ ପୋଥି ପ୍ରଦାନ

ଭବାନୀପାଟଣା, ୨୦।୫(ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ଆଉ ୪୪ଟି ବିରଳ ପୋଥି ମିଳିଛି। ପ୍ରାଚୀନ ପୋଥିର ଉଦ୍ଧାର ଓ ସଂରକ୍ଷଣ, ମୂଳପାଠ ନିର୍ଣ୍ଣୟ ସହ ଛାତ୍ରଛାତ୍ରୀଙ୍କୁ ପୋଥି ବିଷୟରେ ଅବଗତ କରିବା ଏହି ଅଭିଯାନର ଲକ୍ଷ୍ୟ। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ, ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡୋଳାମଣି ଧରୁଆ ଓ ଡକ୍ଟର ଦାଶରଥି ଆଚାର୍ଯ୍ୟ ଏହି ପୋଥି ସଂଗ୍ରହ କ୍ଷେତ୍ରରେ ଭୂମିକା ଗ୍ରହଣ କରିଛନ୍ତି। ଭବାନୀପାଟଣା ସହରସ୍ଥିତ ମନ୍ଦାର ବଗିଚାପଡ଼ାର ସଂସ୍କୃତ ବିଶାରଦ ସ୍ୱର୍ଗତ ବାଚସ୍ପତି ପଣ୍ଡିତ ଗଣେଶ୍ୱର ରଥଶର୍ମାଙ୍କ ଘରେ ଡକ୍ଟର ଦାଶରଥି ଆଚାର୍ଯ୍ୟ ପୋଥି ଠାବ କରିଥିଲେ। ବାଚସ୍ପତି ପଣ୍ଡିତ ଶ୍ରୀ ଗଣେଶ୍ୱର ରଥ ଶର୍ମା ଜଣେ ସଂସ୍କୃତ ପଣ୍ଡିତ ହୋଇଥିବାରୁ ତାଙ୍କ ଘରେ ଅନେକ ଗୁଡିଏ ସଂସ୍କୃତ ଓ ଓଡ଼ିଆ ଦୁର୍ଲଭ ପୋଥି ରଖିଥିଲେ। ଜଣେ ସଂସ୍କୃତ ବିଦ୍ୱାନ ଭାବରେ ସେ ଓଡ଼ିଶାରେ ସୁପରିଚିତ। ସଂସ୍କୃତରେ ପାରଦର୍ଶିତା ଅର୍ଜନ କରିଥିବାରୁ କଳାହାଣ୍ଡିର ମହାରାଜ ତାଙ୍କୁ ବାଚସ୍ପତି ଉପାଧିରେ ଭୂଷିତ କରିଥିଲେ। ତାଙ୍କ କନିଷ୍ଠ ପୁତ୍ରବଧୂ ସୁକାନ୍ତି ରଥ, ନାତି ସୁନୀଲ ରଥ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ୪୪ଟି ଦୁର୍ଲଭ ପୋଥି ଅର୍ପଣ କରିଛନ୍ତି। ସେହି ପୋଥିଗୁଡିକ ମଧ୍ୟରେ ପ୍ରକ୍ରିୟା କୌମୁଦୀ, ବୈଜଳ କାରିକା, ଅମରକୋଷ, ଶ୍ରୀମଦ୍ଭାଗବତଗୀତା, ଅନର୍ଘ ରାଘବ ନାଟକ, କୁମାର ସମ୍ଭବ କାବ୍ୟ, ଗ୍ରହ ଶାନ୍ତି ବିଧି ଇତ୍ୟାଦି ୪୪ ଖଣ୍ଡ ରହିଛି। ଏହି ପୋଥିଗୁଡିକୁ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହାଳୟରେ ସାଇତି ରଖାଯାଇଛି। ପୋଥିଗୁଡିକ ଓଡ଼ିଆ ଓ ସଂସ୍କୃତ ଛାତ୍ରଛାତ୍ରୀ ତଥା ଗବେଷକଙ୍କ ଗବେଷଣା ପାଇଁ ସହାୟକ ହେବ।

## ଜିଲ୍ଲା ଜଜ୍‌ଙ୍କୁ ଓକିଲ ସଂଘର ସମ୍ବର୍ଦ୍ଧନା

**ବୀରମହାରାଜପୁର, ୨୦।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଓଲିଲ ସଂଘ ପକ୍ଷରୁ ନୂତନ ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାପତି ରାଧାକାନ୍ତ ମହାକୁଡଙ୍କ ଅଧ୍ୟକ୍ଷତାରେ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବୀରମହାରାଜପୁର ଏସଡିଜେଏମ୍ ପୁନନ୍ ସେଠ୍ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ମହାପାତ୍ର, ଶଙ୍କର୍ଷଣ ପଣ୍ଡାଙ୍କ ସମତେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଜିଲ୍ଲା ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ନୂତନ ଜିଲ୍ଲା ଜଜ୍ ଶ୍ରୀ ସେନାପତି ବୀରମହାରାଜପୁରର ବିର ଓ ଜ୍ଞାନ ମାଟିରୁ କିଛି ଶିଖିବାର ଅଛି ବୋଲି କହିବା ସହ ଓକିଲ ଓ ବିଚାରପତି ମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ କୋର୍ଟ ଠିକ୍ ଭାବରେ ଚାଲିପାରିବ ବୋଲି କହିଥିଲେ। ବରିଷ୍ଠ ଓକିଲ ଶ୍ରୀଧର ଦାସ, ବଳଦେବ ବେଦବାଗ, ସଂଘର ଉପସଭାପତି ସନ୍ତୋଷ କୁମାର ଚାନ୍ଦ, ଯତୀନକୁମାର ପାଣିଗ୍ରାହୀ, ଯୁଧିଷ୍ଠିର ସହୁ, ପ୍ରଦୀପ କୁମାର ରଥ, ଛବିଳ କର୍ଣ୍ଣ, ସବିତା ପଣ୍ଡା, କୁନ୍ଦନ ପଧାନ, ସତ୍ୟନାରାୟଣ ପୁରୋହିତ, ସଞ୍ଜୀବ ପଧାନ, ଚିତ୍ତ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘର ସମ୍ପାଦକ ଉମାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଡ୍ରାଇଭରଙ୍କ ଧର୍ମଘଟ ଯୋଗୁଁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ବନ୍ଦ

**ତରଭା, ୨୦।୫(ସମିସ):** ତରଭା ବ୍ଲକ ସମେତ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବ୍ଲକରେ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ (ଲକ୍ଷ୍ମୀବସ) ର ଡ୍ରାଇଭରମାନେ ଦରମା ବୃଦ୍ଧି ଦାବିରେ ଧର୍ମଘଟକୁ ଓହ୍ଲାଇଛନ୍ତି। ଏଣୁ ମଙ୍ଗଳବାର ଲକ୍ଷ୍ମୀବସ୍ ଚଳାଚଳ ବନ୍ଦ ରହିଛି। ତରଭା ବ୍ଲକରେ ଚଳାଚଳ କରୁଥିବା ୪ଟି ଯାକ ବସ୍ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଥିଲା। ବିନା ପୂର୍ବ ସୂଚନାରେ ଆନ୍ଦୋଳନ ଆରମ୍ଭ କରାଯାଇଥିବାରୁ ସାଧାରଣ ଯାତ୍ରୀ ଅସୁବିଧା ଭୋଗ କରିଛନ୍ତି। ରାଜ୍ୟ ଓଏସଆରଟିସି ମାଧ୍ୟମରେ ଆଉଟସୋର୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ବସରେ ନିଯୁକ୍ତି ପାଇଥିବା ଡ୍ରାଇଭରମାନଙ୍କୁ ୧୫ ମାସ ହେଲା ଦରମା ବୃଦ୍ଧି କରିବା ପାଇଁ ବିଭାଗ ପ୍ରତିଶ୍ରୁତି ଦେଇ ଆସୁଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ନିଆ ନ ଯିବାରୁ ଡ୍ରାଇଭରମାନେ ଧର୍ମଘଟ ଡାକରା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବସ ଚଳାଉଥିବା ଡ୍ରାଇଭରମାନଙ୍କୁ ଦିଆ ଯାଉଥିବା ଦରମା ୧୮ ହଜାର ଟଙ୍କାରୁ କଟି ବର୍ତ୍ତମାନ ୧୩, ୫୦୦ଟଙ୍କା ଦିଆଯାଉଛି। ଦରମା ବୃଦ୍ଧି ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ ନା ଏ ଦିଗରେ ଆଉଟ ସୋର୍ସିଂ ସଂସ୍ଥା ନା ଓ ଏସଆରଟିସି ଦୃଷ୍ଟି ଦେଉଛି। ତେବେ ମୁଖ୍ୟମନ୍ତ୍ରୀ ବସ୍ କାହିଁକି ଚଳାଚଳ କରୁନାହିଁ ବୋଲି ଭାରପ୍ରାପ୍ତ ବିଡ଼ିଓ ନିରଞ୍ଜନ ନାଏକଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି କହିଥିଲେ।

## ନିର୍ମାଣାଧୀନ ଡିଏଚ୍ଏଚ୍ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ



**ବୌଦ୍ଧ, ୨୦।୫(ସମିସ):** ବୌଦ୍ଧରେ ନିର୍ମାଣାଧୀନ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍ଏଚ୍) ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ସୁବ୍ରତ ପଣ୍ଡା। ଜୁନ ଶେଷ ସୁଦ୍ଧା ଡାକ୍ତରଖାନା ଶୁଭାରମ୍ଭ ପାଇଁ ଧାର୍ଯ୍ୟ ରଖା ଯାଇଛି। ଜିଲ୍ଲାପାଳ ନିର୍ମାଣ କାମ ଅନୁଧ୍ୟାନ କରିଥି। ସ୍ୱାସ୍ଥ୍ୟ ବିଭାଗ ସହ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନେଇ ନିର୍ମାଣାଧୀନ ଡାକ୍ତରଖାନା ପରିସରରେ ଏକ ବୈଠକରେ ସମୀକ୍ଷା କରିଥିଲେ। ସମସ୍ତ ବିଭାଗ ନିଜ ନିଜ କାର୍ଯ୍ୟ ତୁରନ୍ତ ସାରିବାକୁ ଜିଲ୍ଲାପାଳ ଶ୍ରୀ ପଣ୍ଡା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଜିଲ୍ଲା ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର ଚନ୍ଦ୍ର ପଟ୍ଟନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଳସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ (ଜିଇଡି) ପଦ୍ମାଳୟା ଦେହୁରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର, ସାହୁ, ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦର୍ପଣ ସାଗରକୁ ଜୀବନ୍ୟାସ ପାଇଁ ପ୍ରୟାସ

- ଅଣ୍ଟା ଭିଡି କାମରେ ଲାଗିଲେ ଅଞ୍ଚଳବାସୀ
- ପୁରାତନ ଜଳାଶୟର ସୁରକ୍ଷା ପାଇଁ ଶପଥ

ଭବାନୀପାଟଣା, ୨୦।୫(ସମିସ):



ଦର୍ପଣ ସାଗର ହେଉଛି ଭବାନୀପାଟଣାର ଅନେକଗୁଡିଏ ଜଳାଶୟ ମଧ୍ୟରୁ ଅନ୍ୟତମ। ଏହା ଉପରେ ସହରର ୧୫ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି। ବହୁ ପୂର୍ବରୁ କଳାହାଣ୍ଡି ରାଜାଙ୍କ ଦ୍ୱାରା ନିର୍ମିତ ଏହି ଜଳାଶୟ ଭବାନୀପାଟଣାସହରର ଏକ ପ୍ରମୁଖ ଅଞ୍ଚଳ ପାଇଁ ଜୀବନ ରେଖା ପାଲଟିଥିଲା; କିନ୍ତୁ ଏହାର ଅସ୍ତିତ୍ୱ ହଜି ହଜି ଯାଉଛି। ଏହାର ଶଯ୍ୟାକୁ କବଳିତ କରିବା ଉଦ୍‌ବେଗର କାରଣ ସାଜିଛି। ଏହି ପୋଖରୀ ଉପରେ ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ଏହାକୁ ଜମିରେ ପରିଣତ କରି ବିକ୍ରି କରିବା ପାଇଁ ଅପଚେଷ୍ଟା ଚାଲିଛି। ପୂର୍ବରୁ ଏ ନେଇ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ନେଇଛନ୍ତି। ଏହି ଜଳାଶୟର ସୁରକ୍ଷା ପାଇଁ ନିବେଦନ ମଧ୍ୟ କରାଯାଇଥିଲା। ତେବେ ତାହାର ସୁଫଳ ମିଳି ପାରିନାହିଁ। ତେଣୁ ବାଧ ହୋଇ ଶହ ଶହ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ଶ୍ରମଦାନ କରି କଟା ଯାଇଥିବା ଏହାର ହୁଡ଼ାକୁ ମାଟି ପକାଇ ବନ୍ଦ କରିଛନ୍ତି। ଦର୍ପଣ ସାଗର ସୁରକ୍ଷା ସଂଗ୍ରାମ ସମିତି, ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ, ଜନ୍ମ ମାଟି ସୁରକ୍ଷା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବାସିନ୍ଦା ଓ ଏହି ସଂଗଠନର କର୍ମୀମାନେ ସକାଳ ୬ରେ ସେଠାରେ ଏକାଠି ହୋଇ ଶ୍ରମଦାନ କରିଥିଲେ। ଏଥିରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ତଥା ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ, ଜିଲ୍ଲା ଆବାହକ ଜ୍ୟୋତ୍ସ୍ନା ବରଗର୍ତ୍ତି, ବେଣୁ ଦୁର୍ଗା, ମନ୍ଦାକିନୀ ବଣ୍ଡୁଆ, ଦର୍ପଣ ସାଗର ସୁରକ୍ଷା ସଂଗ୍ରାମ ସମିତିର ସଭାପତି ସନ୍ତୋଷ ଧଙ୍ଗଡ଼ା ମାଝୀ, ଜନ୍ମମାଟି ସୁରକ୍ଷା ସଂଗ୍ରାମ ସମିତିର ସଭାପତି ବିଜୟ ସାହୁ ଓ ଆବାହକ ଗିରିଧାରୀ ପାତ୍ର, ସୁରେଶ ମାଝୀ, ପ୍ରଦୀପ ନାୟକ, ଯୋଗେଶ୍ୱରି ଧଙ୍ଗଡ଼ା ମାଝି ପ୍ରମୁଖ ଯୋଗ ଦେଇଥିଲେ। ଅପରାହ୍ନରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏହି ଜଳାଶୟ ସମେତ ସହରର ଅନ୍ୟ ପୋଖରୀ ଗୁଡ଼ିକର ସୁରକ୍ଷା ପାଇଁ ଦାବି କରିଥିଲେ।

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



**କଲମପୁର, ୨୦।୫(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଥାନା ତେନ୍ତୁଳିଖୁଣ୍ଟି ଗ୍ରାମର ଜଣେ ଯୁବକଙ୍କ ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ମୃତକ ହେଲେ ତରୁଣ ମାଝିଙ୍କ ପୁଅ ତୁଳାରାମ ମାଝି (୨୫)। ସେଠାରେ ସେ ଏକାଧିକ ମହଲା ବିଶିଷ୍ଟ ଏକ ଘରର ତଳେ ପଡ଼ିଯିବାରୁ ଜୀବନ ଯାଇଛି। ପରିବାର ଲୋକେ ଶବ ଆଣିବାକୁ ଯାଇଛନ୍ତି।

## ସ୍ୱାମୀ ଆଗରେ ସ୍ତ୍ରୀର ମୃତ୍ୟୁ

ନୂଆପଡ଼ା, ୨୦।୫ (ସମିସ): ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଏକତା ଛକରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କାରେ ସ୍ୱାମୀ ଆଗରେ ସ୍ତ୍ରୀର ଜୀବନ ଚାଲିଛି। ଦୁର୍ଘଟଣାରେ ସ୍ୱାମୀ ଗୁରୁତର ହୋଇପଡ଼ିଛନ୍ତି। ମୃତ ମହିଳା ଜଣକ ହେଲେ କୋମନା ଥାନା ଦର୍ଲିପଡ଼ା ପଞ୍ଚାୟତ ରେଙ୍ଗାବାହଲ ଗାଁର ରୁକ୍ମଣୀ ସାହୁ (୪୫)। ସ୍ୱାମୀ ଛବିଲାଲ ସାହୁ (୫୦) ଓ ରୁକ୍ମଣୀ ଏକ ବାଇକରେ ଘରୁ ବାହାରି ନୂଆପଡ଼ା ବ୍ଲକ ବୁଢ଼ୀପାଲି ପଞ୍ଚାୟତ ଜାମଲି ଗାଁ ଶ୍ୱଶୁର ଘରକୁ ଯାଉଥିଲେ। ସେହି ସମୟରେ ନୂଆପଡ଼ା ଏକତା ଛକଠାରେ ତାଙ୍କ ବାଇକକୁ ପଛ ପଟୁ ଆସୁଥିବା ଟ୍ରକ ଧକ୍କା ଦେବାରୁ ଉଭୟ ଦମ୍ପତି ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପୁଲିସ କର୍ମଚାରୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରୁକ୍ମଣୀଙ୍କୁ ମୃତ ଘୋଷଣା କରିଥିଲେ। ଛବିଲାଲଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା, ୨୦।୫(ସମିସ): ଭବାନୀପାଟଣା ସହରସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ମଙ୍ଗଳବାର ପ୍ରତ୍ୟୁଷରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ଶତ୍ରୁଘ୍ନ ସତନାମୀ (୪୫)। ସେ ସହରର ଇରିଗେସନ୍ କଲୋନୀର ବୋଲି ଜଣାପଡ଼ିଛି। ମଙ୍ଗଳବାର ସକାଳୁ ଶତ୍ରୁଘ୍ନ ଦୈନନ୍ଦିନ ନିତ୍ୟକର୍ମ ପାଇଁ ପାଖରେ ଥିବା ରାମ ସାଗର ପଡ଼ା ପୋଖରୀକୁ ଯାଇଥିଲେ। ଏହି ସମୟରେ ସେ ୨୬ ନମ୍ବର ଜାତୀୟ ରାଜପଥ ପାରି ହେବା ବେଳକୁ କେସିଙ୍ଗା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଏହାଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ମହୁଲ ପୋଚ ସହ ଦେଶୀ ମଦ ଜବତ

ଶଗଡ଼ା, ୨୦।୫(ସମିସ): ବୌଦ୍ଧ ଅବକାରୀ ବିଭାଗ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ମାଫିଆ ଫେରାର ମାରିଛି। ବାଉଁଶୁଣି ଥାନା ଜଡ଼ାପାଳ ଜଙ୍ଗଲ ନିକଟରେ ମଦ ପ୍ରସ୍ତୁତ ଚାଲିଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ୧୮୦ କେଜି ମହୁଲ ପୋଚ ଓ ୧୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି।

## ବିଦ୍ୟୁତ୍ ବିଭାଗର ତଦନ୍ତ

ଶଗଡ଼ା, ୨୦।୫(ସମିସ): କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ବେହେରାପଡ଼ା ଗ୍ରାମ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ଛେଳି ମୃତ୍ୟୁ ଘଟଣାର ତଦନ୍ତ ହୋଇଛି। ରେକଡୋଳ ଗ୍ରାମର ବିଶ୍ୱନାଥ କର୍ମୀଙ୍କ ଏକ ଛେଳିର ମୃତ୍ୟୁ ଘଟିଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ଛେଳିର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ମଙ୍ଗଳବାର ବିଦ୍ୟୁତ ବିଭାଗର ଏକ ଟିମ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି। ତେବେ ଗ୍ରାମର ବିରାସନ ବଗର୍ତ୍ତୀଙ୍କ ଘର ଭାଙ୍ଗି ଯାଇଥିବାରୁ ବିଦ୍ୟୁତ୍ ମିଟର ସହ ତାର ଝୁଲି ରହିଛି। ସେଠାକୁ ତଳେ ଝୁଲାଇ ତାର ନିଆଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ବିଦ୍ୟୁତ୍ ବିଭାଗ ଏସଡ଼ିଓ ଡିଲେଶ୍ୱର ଆଚାରୀ ସୂଚନା ଦେଇଛନ୍ତି। ଏ ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ କଣ୍ଟାମାଳ ଥାନାରେ ଅଭିଯୋଗ କରାଯାଇଛି।

## କବି ସତ୍ୟନାରାୟଣ ମଲ୍ଲିକ ସମ୍ବର୍ଦ୍ଧିତ

**ଶଗଡ଼ା/ମନମୁଣ୍ଡା, ୨୦।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ଗ୍ରାମର କବି ସତ୍ୟନାରାୟଣ ମଲ୍ଲିକଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ୱାଲ୍ଡ ଚାରିଟେବଲ ଫେୟାର ଫାଉଣ୍ଡେସନ ଦ୍ୱାରା ଆୟୋଜିତ ସମାବେଶରେ ଶ୍ରୀ ମାଲିକଙ୍କୁ ଏହି ଉପାଧି ପ୍ରଦାନ କରାଯାଇଛି।



## ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର, ୨୦।୫(ସମିସ):** ବଡ଼ଚଣା ବ୍ଲକ ତଥା ଚାରିନଙ୍ଗଳ ପଞ୍ଚାୟତ ଅଧୀନ ଗହରନଗର ଗ୍ରାମର ଜଳଧର ବେହେରାଙ୍କ ପତ୍ନୀ ଭାମାବତୀ ବେହେରା (୭୦)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ୧୮ ତାରିଖ ଦିନ ଭାମାବତୀ ପୁଅ ଧୀରେନ୍ଦ୍ରଙ୍କ ସହିତ କୌଣସି କାମରେ ଯାଇ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଆମ୍ବସୌରୀ ନିକଟରେ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ବଡ଼ଚଣା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ଏମାନଙ୍କୁ କଟକ ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ମାଆ ଭାମାବତୀଙ୍କର ସେଠାରେ ମୃତ୍ୟୁ ଘଟିଛି। ପରିବାର ପକ୍ଷରୁ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପରେ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ମରଶରୀର ସତ୍କାର କରାଯାଇଛି।

### ବିନ୍ଧାନନ୍ଦିପୁରରେ ଭୟାବହ ଅଗ୍ନିକାଣ୍ଡ; ୪ ପରିବାର ସର୍ବସ୍ୱାନ୍ତ

# ଜଳିଗଲା ୭ ବଖରା; ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ



**ଦଶରଥପୁର, ୨୦।୫(ସମିସ)**

ଦଶରଥପୁର ତହସିଲ ଅଧୀନ ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡରେ ଗ୍ରାମର ୪ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଥିବା ଜଣାଯାଇଛି। ଅଗ୍ନିକାଣ୍ଡରେ ଗ୍ରାମର ଉମାକାନ୍ତ ଯେନା, କାନ୍ତାରି ଯେନା, ରମାକାନ୍ତ ଯେନା ଏବଂ ସୂର୍ଯ୍ୟକାନ୍ତ ଯେନାଙ୍କ ୭ ବଖରା ବାସଗୃହ ୨ଟି ଗୁହାଳ ସମେତ ୪ ପରିବାରଙ୍କ ଘରେ ଥିବା ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗତ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏହି ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ଥିବାବେଳେ କେହି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ ନେଇ ଅଗ୍ନିକାଣ୍ଡ ଘଟାଇଥିବା ଗାଁ ଲୋକେ ସନ୍ଦେହ କରୁଛନ୍ତି। ୪ ପରିବାର ଲୋକେ ଖାଇସାରି ଶୋଇଥିଲେ। ପଡ଼ୋଶୀଙ୍କ ଡାକଶୁଣି ଘରେ ନିଆଁ ଲାଗିଥିବା ଜାଣି ବାହାରକୁ ଆସି ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ହେଲେ ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଘରୁ କୌଣସି ଗୋଟିଏ ଆସବାବପତ୍ର ବାହାରକୁ ଆଣିବା ସମ୍ଭବ ହୋଇପାରିନଥିଲା। ଗ୍ରାମବାସୀଙ୍କ ବହୁ ଉଦ୍ୟମ ସତ୍ତ୍ୱେ ନିଆଁ ଲିଭାଇବା ଅସମ୍ଭବ ହୋଇପଡ଼ିବାରୁ ଦଶରଥପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। କିନ୍ତୁ ଗ୍ରାମରେ ବହୁ ବର୍ଷ ଧରି ରହିଥିବା ରାସ୍ତା ଅବରୋଧ ସମସ୍ୟା ଯୋଗୁଁ ଅଗ୍ନିଶମ କର୍ମଚାରୀ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୪ପରିବାର ସର୍ବସ୍ୱାନ୍ତ ହୋଇସାରିଥିଲେ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। କିଛି ମୁରବିଙ୍କ ହସ୍ତକ୍ଷେପ ପରେ ଉତ୍ତେଜନା କମି ଥିବାବେଳେ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ଅଗ୍ନିବିପନ୍ନ ୪ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଲିପିକା ମଲ୍ଲିକ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଦଶରଥପୁର ପୁଅ ହେଲେ ପ୍ରଧାନ ଆୟକର ମହାନିର୍ଦ୍ଦେଶକ

**ଦଶରଥପୁର, ୨୦।୫(ସମିସ):** ଭାରତୀୟ ରାଜସ୍ୱ ସେବା ୧୯୯୦ ବ୍ୟାଚର ବରିଷ୍ଠ (ଆଇଆରଏସ) ଅଧିକାରୀ ଡ.ପ୍ରଫୁଲ୍ଲ କୁମାର ପୃଷ୍ଟିଙ୍କୁ ଆୟକର ବିଭାଗର ଭାରତ ଅଧିକାର କ୍ଷେତ୍ର ସମେତ (ତଦନ୍ତ ଏବଂ ଅପରାଧିକ ଗୁଇନ୍ଦା)ର ପ୍ରଧାନ ମହାନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ମିଳିଛି। ଡ. ପୃଷ୍ଟି ଚଳିତ ମାସ ୧୯ ତାରିଖରେ ଆୟକର ବିଭାଗର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖବର ଜଣାପଡ଼ିବା ପରେ ଦଶରଥପୁର ଅଞ୍ଚଳରେ ଖୁସିର ମାହୋଲ ଦେଖାଦେଇଛି। ଡ. ପୃଷ୍ଟିଙ୍କ ଘର ଦଶରଥପୁର ବ୍ଲକ ଅଧୀନ ପଞ୍ଚାୟତ ପାଟଣା ଗ୍ରାମ ହୋଇଥିବା ବେଳେ ସେ ପିଲାବେଳୁ ଜଣେ ମେଧାବୀ ଛାତ୍ର ଭାବେ ନିକଟସ୍ଥ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧୯୮୧ ମସିହାରେ ମାଟ୍ରିକ ପାସ କରିଥିଲେ। ପରେ ରେଭେନ୍ସା କଲେଜରେ ବିଜ୍ଞାନରେ ସ୍ନାତକରେ ସର୍ବୋଚ୍ଚ ନମ୍ବରରେ ଉତ୍ତୀର୍ଣ୍ଣ ହୋଇ ଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଏବଂ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ପରେ ୧୯୯୦ ମସିହାରୁ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଭାବେ ଗତ ୩ ଦଶନ୍ଧିରୁ ଅଧିକ ସମୟ ଧରି ପ୍ରତ୍ୟକ୍ଷ କର ପ୍ରଶାସକ, ଅପରାଧୀୟ ତଦନ୍ତ ଓ ଅର୍ଥନୈତିକ ଗୁଇନ୍ଦା କ୍ଷେତ୍ରରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ରାଜସ୍ୱ ସେବାର ପ୍ରାରମ୍ଭିକ ପଦବୀରେ ଡ. ପୃଷ୍ଟି ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ହାରିଆଣାରେ ସହାୟକ ଆୟକର ଆୟୁକ୍ତ ସମେତ ଅପରାଧୀୟ ତଦନ୍ତ ଶାଖାରେ ନିର୍ଦ୍ଦେଶକ ଭାବେ କାମ କରି ଅନୁସନ୍ଧାନ, ଜବତ ଓ ଗୁଇନ୍ଦା କାର୍ଯ୍ୟର ନେତୃତ୍ୱ ନେଇଛନ୍ତି। ଚାକିରୀ କାଳରେ ସେ ପ୍ରିନ୍ସିପାଲ ଆୟକର ଆୟୁକ୍ତ ଏବଂ ଦିଲ୍ଲୀରେ ମୁଖ୍ୟ ଆୟକର ଆୟୁକ୍ତ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ସଫଳତାର ସହ ନିର୍ବାହ କରିଛନ୍ତି। ବିଭିନ୍ନ ସମୟରେ ସେ ଦିଲ୍ଲୀ ପୁଲିସ, ଏନସିବି ଓ ଡିଆରଆଇ ଅଧିକାରୀଙ୍କୁ ଆର୍ଥିକ ଅପରାଧ ଏବଂ ଜବତ ଆଇନ ଉପରେ ତାଲିମ ପ୍ରଦାନ କରି ଉଚ୍ଚ ପ୍ରଶଂଶିତ ହୋଇଛନ୍ତି। ଭାରତ ସରକାରଙ୍କ ଆୟକର ବିଭାଗ ସର୍ବୋଚ୍ଚ ପଦବିରେ ତାଙ୍କୁ ନିଯୁକ୍ତି ମିଳିଥିବା ଜାଣି ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ସରୋଜ ମହାପାତ୍ର, ସଞ୍ଜୟ ନାୟକ, କୌଶିକ ଦାସ, କଳ୍ପତରୁ ସାମଲ, ଦିଲ୍ଲୀପ ସାମଲ, ଅଜୟ ସାମଲ, ଜଗତଜ୍ୟୋତି ମହାପାତ୍ର, ଉଷାରାଣି ମହାପାତ୍ର, ପାର୍ଥସାରଥୀ ମହାପାତ୍ର, ବିଷ୍ଣୁଚରଣ ବେହେରା, ସବ୍ୟସାଚୀ ଦାସ, ମହେଶ୍ୱର ସାହୁ ପ୍ରମୁଖ ଡ଼ା ପୃଷ୍ଟିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅପହୃତ ଯୁବକଙ୍କୁ ଉଦ୍ଧାର କଲା ପୁଲିସ

**କୁହିକା, ୨୦।୫(ସମିସ):** ସୁକିନ୍ଦା ଥାନା ଅଧୀନ ଦୁଧୁଯୋରି ପଞ୍ଚାୟତ ଦାମୋଦରପୁର ଗ୍ରାମର ଅହ୍ଲା ଖୁଣ୍ଟିଆଙ୍କ ପୁଅ ରୋହିତ କୁମାର ଖୁଣ୍ଟିଆ (ପପୁ)ଙ୍କୁ କିଛି ଦୁର୍ବୃତ୍ତ ଦିବାଲୋକରେ ଉଠାଇ ନେଇଥିବା ଜଣାପଡ଼ିଛି। ପରେ ପୁଲିସ ତାଙ୍କୁ ଉଦ୍ଧାର କରିଥିବା ବେଳେ ଅପହରଣ କରିଥିବା ଦୁର୍ବୃତ୍ତମାନଙ୍କୁ ଗିରଫ ପାଇଁ ଦାବି ହୋଇଛି। ସୂଚନାନୁଯାୟୀ, ଦାମୋଦରପୁର ଗ୍ରାମର ରୋହିତ ଖୁଣ୍ଟିଆ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଭେଟିବାକୁ ଯାଜପୁରରୋଡ୍ ଯାଇଥିଲେ। ସେ ଫେରିବା ବାଟରେ ସୁକିନ୍ଦା ଗଡ଼ର ହୋଟେଲ ପାଖରୁ କିଛି ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ଏକ ଚାରିଚକିଆ ଗାଡ଼ିରେ ଅପହରଣ କରି ନେଇଥିଲେ। ଘଟଣାସ୍ଥଳରେ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ କିଛି ବ୍ୟକ୍ତି ନିଜକୁ ପୁଲିସର ପରିଚୟ ଦେଇ ରୋହିତଙ୍କୁ ଟେକି ନେଇ ଗାଡ଼ିରେ ଭର୍ତ୍ତି କରିଥିଲେ। କେହି କିଛି ବୁଝିବା ଆଗରୁ ତାଙ୍କୁ କେଉଁ ଆଡ଼େ ନେଇ ପଳାଇ ଯାଇଥିଲେ। ରୋହିତ ପୂର୍ବରୁ ଦୁଇଟି ଗଣମାଧ୍ୟମ ସଂସ୍ଥାରେ ପ୍ରତିନିଧି ଭାବେ କାମ କରିଥିବା ବେଳେ ବର୍ତ୍ତମାନ ବିଜେଡିରେ କାର୍ଯ୍ୟରତ ଅଛନ୍ତି। ଅପହରଣକୁ ନିନ୍ଦା କରି ବିଜେଡି କର୍ମୀମାନେ ସୁକିନ୍ଦା ଥାନା ସମ୍ମୁଖରେ ହୋହଲ୍ଲା କରିଥିଲେ। ବିଭିନ୍ନ ଆଡୁ ଚାପ ପରେ ସୁକିନ୍ଦା ପୁଲିସ ରାତି ସାଢେ ୯ରେ ରୋହିତଙ୍କୁ ଠାବ କରିବାରେ ସକ୍ଷମ ହୋଇଛି। ରୋହିତଙ୍କ ପରିବାର ପକ୍ଷରୁ ସୁକିନ୍ଦା ଥାନାରେ ଏତଲା ଦାୟର ହୋଇଛି। ସୁକିନ୍ଦା ଆଇଆଇସି ବିଲ୍ୱମଙ୍ଗଳ ସେଠି ରୋହିତଙ୍କୁ ଉଦ୍ଧାର କରି ଥାନାରେ ରଖିଥିବା ସୂଚନା ଦେଇଛନ୍ତି। ଏସମ୍ପର୍କରେ ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ସୁକିନ୍ଦାରେ ଅଶାନ୍ତିର ବାତାବରଣ ବନ୍ଦ କରିବାକୁ ଦାବି କରି ଅପହୃତ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅବିଳମ୍ବେ ଗିରଫ କରିବାକୁ ଦାବି କରିଛନ୍ତି।

## କଳାପଥର ଚୋରିରେ ଲାଗୁନି ଅଙ୍କୁଶ



**ଜେନାପୁର, ୨୦।୫(ସମିସ):** ବେଆଇନ କଳାପଥର କାରବାର ଉପରେ ଅଙ୍କୁଶ ଲଗାଇ ପାରୁନି ପ୍ରଶାସନ। ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଞ୍ଚଳରେ ମନଇଚ୍ଛା କଳାପଥର ଲୁଟକୁ ଦେଖିଲେ ମନରେ ଏଭଳି ପ୍ରଶ୍ନ ଉଙ୍କି ମାରୁଛି। ଡଙ୍କାରି ଓ ରାହାଡପୁର କଳାପଥର ପାହାଡ଼ରେ କୌଣସି ସରକାରୀ ନିୟମ ନ ଥିବା ଭଳି ମନେହେଉଛି। ମାଫିଆମାନେ ଖୋଲାଖୋଲି ଆଇନର ଉଲଂଘନ କରି କୋଟି କୋଟି ଟଙ୍କାର ବେଆଇନ ଖଣି ଖନନ କରୁଛନ୍ତି। ଯାହାଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସ୍ଥାନୀୟ ଅଞ୍ଚଳର ମାଫିଆମାନେ କଳାପଥର ଲୁଟ କରୁଥିଲେ। କିନ୍ତୁ ଏବେ ବଡ଼ କମ୍ପାନୀ ଏଥିରେ ସାମିଲ ହୋଇଛି। ସୂଚନାନୁଯାୟୀ, ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର ୬ନମ୍ବର କଳାପଥର ସୈରତର ପ୍ରାଏ ୭ ଏକରରୁ ଉର୍ଦ୍ଧ୍ୱ ପାହାଡ଼ରୁ ବିନା ସଂକେତ ପ୍ରମାଣ (ଇସି) ଓ ଟ୍ରାଞ୍ଜିଟପାସ (ଟିପି)ରେ ବେଆଇନ ଖନନ ଓ ପରିବହନ କରୁଛି ଉକ୍ତ କମ୍ପାନୀ। କୌଣସି ଅନୁମତି ନ ପାଇ ବେଆଇନ ଭାବେ ଶହ ଶହ ଟ୍ରିପ କଳାପଥର ଉତ୍ତୋଳନ କରି ପାଇକରାପୁର କ୍ଷୁଦ୍ର ଜଳସେଚନ ବଡଚଣା ଡ୍ୟାମ ଭିତରେ ଷ୍ଟକ୍ କରୁଛି। ଡ୍ୟାମର ଆଖପାଖ ଗୋଚର ଅନାବାଦୀ ଜମିକୁ ଜବର ଦଖଲ କରି ବଡ଼ବଡ଼ କଳାପଥର ଖଣ୍ଡ ଗଦା କରୁଛି। ଖଣି ଖନନରୁ ବାହାରୁଥିବା ମାଟିକୁ ଆଣି ଡ୍ୟାମ ଭିତରେ ପକାଇ ପୋତୁଛି। ଚାଷ ଜମିକୁ ଜଳ ସେଚନ କରିବା ପାଇଁ ଏହି ଡ୍ୟାମ ଉପରେ ଯାଜପୁର ଓ ଢେଙ୍କାନାଳ ଜିଲ୍ଲାର ଅନେକ ଗୁଡ଼ିଏ ଗାଁ ନିର୍ଭର କରୁଛି।

### ନୀରବ ପ୍ରଶାସନ

କମ୍ପାନୀ ବେଆଇନ ଭାବେ ଖଣି ଲୁଟ କରୁଛି ତା ସହିତ ହଜାର ହଜାର ଏକର ଚାଷଜମିକୁ ଜଳସେଚନ ପାଇଁ ଉଦ୍ଦିଷ୍ଟ ଡ୍ୟାମକୁ ବ୍ୟବହାର କରୁଛି। ସରକାର କୋଟି କୋଟି ଟଙ୍କା ବ୍ୟୟ କରି ଡ୍ୟାମ ଜଳସେଚନ ପାଇଁ କରିଥିବା ବେଳେ କାହା ଅନୁମତି ନେଇ ଡ୍ୟାମକୁ ନିଜ କାର୍ଯ୍ୟରେ ବ୍ୟବହାର କରୁଛି। ସରକାରୀ ସମ୍ପତ୍ତି ଲୁଟ ଓ ଜଳସେଚନ ପାଇଁ ଉଦ୍ଦିଷ୍ଟ ଡ୍ୟାମକୁ ଜବର ଦଖଲ କରୁଥିବା ବେଳେ ପ୍ରଶାସନ କାହା ଚାପରେ ନୀରବ ଦ୍ରଷ୍ଟା ସାଜିଛି ସାଧାରଣରେ ପ୍ରଶ୍ନ ଉଠୁଛି।

## ଓଡ଼ିଶା ସ୍ପୋର୍ଟସ ଡେଭଲପ୍‌ମେଣ୍ଟର ସମର କ୍ୟାମ୍ପ

**ଧର୍ମଶାଳା, ୨୦।୫(ସମିସ):** ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ନୀଳସୁନ୍ଦର ନୋଡାଲ ହାଇସ୍କୁଲ ପରିସରରେ ଓଡ଼ିଶା ଏସ୍‌ଡିପିଏ ପକ୍ଷରୁ ସମର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା କ୍ୟାମ୍ପ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କ୍ୟାମ୍ପରେ ଯୋଗ ଦେଇଥିବା ଖେଳାଳିମାନେ କୋଚ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର କ୍ରୀଡା ପ୍ରଶିକ୍ଷଣ ନେଇଥିଲେ। ରାଜସ୍ଥାନ ଜୋଧପୁରରେ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟସ୍ତରୀୟ ଖେଳ କୁଦରେ ଏହି ଖେଳାଳିମାନେ ଭାଗ ନେବେ। କ୍ୟାମ୍ପରେ ଯାଜପୁର, କଟକ, କେନ୍ଦ୍ରାପଡ଼ା,




ଢେଙ୍କାନାଳ, ପୁରୀ ଓ ଜଗତସିଂହପୁର ଜିଲ୍ଲାରୁ କବାଡି, ଫୁଟବଲ ଓ ଭଲି ଖେଳରେ ଯୋଗ୍ୟ ବିବେଚିତ ହୋଇଥିବା ୪୬ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏସଡିପିଏ ସଭାପତି ପ୍ରତାପ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଜଗଦୀଶ ସାମଲ, ନୋଡାଲ ଅଫିସର ଶାନ୍ତନୁ କୁମାର ପୃଷ୍ଟି, ଯୁଗ୍ମ ସମ୍ପାଦକ ସେକ ସାକିର ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

**ପାଣିକୋଇଲି, ୨୦।୫(ସମିସ):** ପାଣିକୋଇଲି ଥାନା ଅଧୀନ ଅମୃତିଆ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଶ୍ରମିକ ଗୁରୁତର ଆହତ ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ପ୍ରକାଶଯେ ଭଦ୍ରକ ଜିଲ୍ଲା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ବାବାଜି ରାଉତ (୫୫) ନାମକ ବ୍ୟକ୍ତି ତାଙ୍କ ଅଞ୍ଚଳର ରାଜମିସ୍ତ୍ରୀଙ୍କ ସହିତ ଆସି ଶ୍ରମିକ ଭାବେ ବିଦ୍ୟାଳୟର ଘର ନିର୍ମାଣ କରୁଥିଲେ। ସୋମବାର ବାବଜୀ ବୈତରଣୀରୋଡ ବଜାରକୁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଅମୃତିଆ ପାଣିକୋଇଲି ରାସ୍ତା ଦେଇ ଚାଲି ଚାଲି ଫେରୁଥିବା ବେଳେ ବିଦ୍ୟାଳୟର ଅନତୀଦୂରରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ବାବଜୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ୨୨ରେ କଳିଙ୍ଗନଗର ଆସିବେ ମୁଖ୍ୟମନ୍ତ୍ରୀ

**ଦାନଗଦି, ୨୦।୫(ସମିସ):** ଆସନ୍ତା ୨୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗନଗର ଗସ୍ତରେ ଆସୁଛନ୍ତି। ସକାଳ ୧୦ଟାରେ ଭୁବନେଶ୍ୱର ଏୟାରପୋର୍ଟରୁ ହେଲିକପ୍ଟର ଯୋଗେ ଆସି ୧୦ଟା ୩୦ରେ କଳିଙ୍ଗନଗରରେ ଅବତରଣ କରିବେ। ଭିଡିଓ କନଫରେନ୍ସ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ। ତାଙ୍କ ସହିତ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ୧୨ଟା ୧୦ରେ ଜଟିଆ ଷ୍ଟିଲରେ ପହଞ୍ଚି ଏହାକୁ ଉଦ୍‌ଘାଟନ କରିବେ। ଇମ୍ଫା କାରଖାନାର ଶିଳାନ୍ୟାସ କରିବା ପରେ ସଡ଼କ ପଥରେ ଅପରାହ୍ନ ୧୨ଟା ୩୦ରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ କଳିଙ୍ଗନଗର ଟାଉନସିପରେ ଟାଟା ଷ୍ଟିଲ କଳିଙ୍ଗନଗର ଦ୍ୱିତୀୟ ପର୍ଯ୍ୟାୟ ୩ ମିଲିୟନ ଟନ୍‌ରୁ ୮ ମିଲିୟନ ଟନକୁ ସମ୍ପ୍ରସାରଣର ଉଦ୍‌ଘାଟନ କରିବେ। ପରେ ଟାଟା ଅଧିକୃତ ନୀଳାଚଳ ଇସ୍ପାତ କାରଖାନା ସମ୍ପ୍ରସାରଣର ଶିଳାନ୍ୟାସ କରିବା ପରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶିଳ୍ପାଞ୍ଚଳର ମଙ୍ଗଳପୁର ପଞ୍ଚାୟତ ଟେଲିବାହାଲୀ ମହାପାଟ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଶିଳ୍ପାଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

## ଏଆଇୟୁଟିୟୁସି ପକ୍ଷରୁ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ




**ଯାଜପୁର, ୨୦।୫(ସମିସ):** ୧୦ଟି ଟ୍ରେଡ ୟୁନିୟନର ମିଳିତ ଆନ୍ଦୋଳନ ସମର୍ଥନରେ ୧୭ ଦଫା ଦାବି ନେଇ ଏଆଇୟୁଟିୟୁସି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ବହୁ ସଂଖ୍ୟାରେ ଶ୍ରମିକ, ଚାଷୀ, ମୂଲିଆ, ମହିଳା, ଛାତ୍ର ଯୁବକ ହାତରେ ବ୍ୟାନର ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ମେଡିକାଲ ଛକରୁ ବାହାରି ଥିଲେ। ଶ୍ରମିକ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋଡ୍ ବାତିଲ, ସ୍ଥାୟୀ ନିଯୁକ୍ତି, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ସରକାରୀ ଉଦ୍ୟୋଗର ଘରୋଇକରଣ ବନ୍ଦ, ପାଚିକା ସହାୟିକା, ଆଶା, ଅଙ୍ଗନବାଡ଼ି କର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସର୍ବନିମ୍ନ ୨୬ହଜାର ଟଙ୍କା ମଜୁରୀ ନିର୍ଦ୍ଧାରଣ କରିବା, ସ୍ୱାମୀନାଥନ କମିଟିର ସୁପାରିସ ଅନୁଯାୟୀ ଚାଷୀଙ୍କ ଫସଲ ଉପରେ ଏମ୍‌ଏସ୍‌ପି ଧାର୍ଯ୍ୟ କରିବା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା। ଦରଦାମ୍ ବୃଦ୍ଧି ବନ୍ଦ କରିବା, ନୂତନ ଜାତୀୟ ଶିକ୍ଷାନୀତି ୨୦୨୦କୁ ବାତିଲ, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩କୁ ବାତିଲ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା ଆଦି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ଶୋଭାଯାତ୍ରା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏଆଇୟୁଟିୟୁସି ଜିଲ୍ଲା ଉପସଭାପତି ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରମିକ ନେତା ନୃସିଂହ ପଣ୍ଡା, ଚୈତନ୍ୟ ମହାରଣା, ସୁଲୋଚନା ପ୍ରଧାନ, ପ୍ରଭାତି ମଲ୍ଲିକ, ନିଗମାନନ୍ଦ ଦାସ, ବିଶ୍ୱନାଥ ସାହୁ ସରକାରଙ୍କ ଶ୍ରମିକ ଓ ଚାଷୀ

### ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଆଗାମୀ ଜୁଲାଇ ୯ତାରିଖ ସାଧାରଣ ଧର୍ମଘଟକୁ ସୁଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିକ୍ଷୋଭରେ ଅଭିମନ୍ୟୁ, ଅକ୍ଷୟ ପଣ୍ଡା, ତରଙ୍ଗିନୀ ଦାସ, ପ୍ରଶାନ୍ତ ସ୍ୱାଇଁ, ମଧୁସୂଦନ ସେଠୀ, ଗୋଲେଖ ରଥ, କୃଷ୍ଣ ମଲ୍ଲିକ, ଲବଙ୍ଗଲତା ଜେନା, ଅଶୋକ ସାହୁ ପ୍ରଭୃତି ଯୋଗଦେଇଥିଲେ। ଜିଲ୍ଲା କମିଟି ସହ ସମ୍ପାଦକ ରାଧାବଲ୍ଲଭ ମଲ୍ଲିକଙ୍କ ନେତୃତ୍ୱରେ ଶାନ୍ତିଲତା ପଣ୍ଡା, ପ୍ରଫୁଲ୍ଲ ବେହେରା ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।

## ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଶୋଭାଯାତ୍ରା

**ବ୍ୟାସନଗର, ୨୦।୫(ସମିସ):** ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ଆହ୍ୱାନରେ ଯାଜପୁର ରୋଡରେ ଆଇଏନଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି ନେତୃତ୍ୱରେ ଗଣବିକ୍ଷୋଭ ତଥା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ରେଳଷ୍ଟେସନରୁ ଶ୍ରମିକ ଓ କର୍ମଚାରୀଙ୍କ ପଟୁଆର ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ ନାୟକ, ସୁରେଶ ପ୍ରଧାନଙ୍କ ନେତୃତ୍ୱରେ ସହର ପରିକ୍ରମା କରି ଗୋପବନ୍ଧୁ ଛକ ନିକଟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ୧୭ ଦଫା ଦାବିକୁ ନେଇ ଏହି ଗଣ ବିକ୍ଷୋଭକୁ ଏକ ଶପଥ ଦିବସ ଭାବେ ପାଳନ କରାଯାଇଛି। ସଭାରେ ଆଇଏନଟିୟୁସିର ରାଜ୍ୟ ଉପ ସଭାପତି ବିଦ୍ୟାଧର ମହାନ୍ତି ଅଧକ୍ଷତା କରିବା ସହିତ ସିଆଇଟିୟୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ଏଆଇୟୁଟିୟୁସିର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ



ଥିଲେ। ଆସନ୍ତା ଜୁଲାଇ ୯ରେ ୧୭ଦଫା ଦାବିକୁ ନେଇ ଦେଶ ସାରା ଜନ ସଚେତନତା ସୃଷ୍ଟି କରି ଧର୍ମଘଟକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ନିର୍ମଳ ରଥ, ବିଜୟ ମଲ୍ଲିକ, କେକେସି ନେତା ପଦ୍ମନାଭ ନାୟକ, ରାଜକିଶୋର ମହନ୍ତ, ତ୍ରିଲୋଚନ ରାଉତ, ମଞ୍ଜୁଲତା ପାଲ୍, ସନାତନ ମହାନ୍ତ, ଚୈତନ୍ୟ ସାହୁ, ମିନାକ୍ଷୀ ମହନ୍ତ, ସୁଢ଼ଳି ଲେଙ୍କା, ବିଦ୍ୟାଧର ଜେନା, ସୁରେଶ ସାହୁ, ମାଳତୀ ହାଂସଦା, ଲାଲ୍‌ମଣି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିନିଧି ଦଳ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ୧୭ଦଫା ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ପକ୍ଷରୁ ଉପସ୍ଥାପନ କରାଯାଇଥିଲା।

## ଧର୍ମପ୍ରାଣା ମହିଳାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ବାଲିଚନ୍ଦ୍ରପୁର, ୨୦।୫(ସମିସ):** ବାଲିଚନ୍ଦ୍ରପୁର ନିକଟସ୍ଥ ଲଳିତଗିରି ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଧର୍ମପ୍ରାଣା ମହିଳା ତଥା ଜାତୀୟ ଯୁବ ପ୍ରକଳ୍ପର ଟ୍ରଷ୍ଟି ତଥା ରାଜ୍ୟ ଆବାହକ ମଧୁସୂଦନ ଦାସଙ୍କ ମାତୃଦେବୀ ନିରୂପମା ଦାସଙ୍କ



ବିୟୋଗରେ ତାଙ୍କ ଏକାଦଶାହ କ୍ରିୟାରେ ଶ୍ରଦ୍ଧାଞ୍ଜଳି ସଭା ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିରୂପମା ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ସାମ୍ବାଦିକ ତଥା ସାହିତ୍ୟିକ ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରଚନ୍ଦନ, ରାଜ୍ୟ ସଭା ସାଂସଦ ସୁଲତା ଦେଓ, ପୂର୍ବତନ ସୂଚନା କମିଶନର ଜଗଦା ନନ୍ଦ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ପ୍ରଭାସ ଆଚାର୍ଯ୍ୟ, ନବ ନିର୍ମାଣ କୃଷକ ସଂଗଠନ ମୁଖ୍ୟ ଅକ୍ଷୟ କୁମାର, ଡା. ଅରୁନ୍ଧତୀ ଦେବୀ, ହାସ୍ୟ ଅଭିନେତା ହରିହର ମହାପାତ୍ର, ସାହିତ୍ୟଘର ବଡ଼ଚଣା ଶାଖା ସମ୍ପାଦିକା କାମିନୀ ନାୟକ, ବିଶିଷ୍ଟ କବି ନିରାକାର ଦାସ, ସମାଜସେବୀ ମନୋଜ ଜେନା, ଶ୍ରୀ ସୋମ, ମନ୍ସୁରର ଅଲି, ଦେବୀ ପୃଷ୍ଟି, ସାମ୍ବାଦିକ ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ସ୍ୱେଚ୍ଛାସେବୀ ସତ୍ୟରଞ୍ଜନ କର, ଆଇନଜୀବୀ ସୂର୍ଯ୍ୟ ନାରାୟଣ ଗୌଡ଼, ସ୍ନେହଲତା ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଦାସ ଜଣେ ଆଦର୍ଶ ମାଆ ଥିଲେ ବୋଲି କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।












# ଅସ୍ତ୍ରୋପଚାର ଅଧାରେ ରୋଗୀଙ୍କ ମୃତ୍ୟୁ

- ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ ଆଣିଲା ପରିବାର
- ମଙ୍ଗଳାବାଗ ଥାନାରେ ଅଭିଯୋଗ

**କଟକ, ୨୦।୫(ସମିସ):** ଅସ୍ତ୍ରୋପଚାର ଚାଲିଥିବା ବେଳେ ଜଣେ କର୍କଟ ରୋଗୀଙ୍କ ମୃତ୍ୟୁକୁ ନେଇ ଆଜି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଉତ୍ତେଜନା ଦେଖା ଦେଇଥିଲା। ମୃତ ବ୍ୟକ୍ତି ଜଣକ ହେଲେ ବାଲେଶ୍ୱର ଅଞ୍ଚଳର ଜୟନ୍ତ ଟୁଡୁ(୫୯)। ସେ ପାକସ୍ଥଳୀ କର୍କଟରେ ପୀଡ଼ିତ ଥିଲେ। ତେବେ ନିଶ୍ଚେତକ ଦିଆଯିବାରେ ତ୍ରୁଟି ଯୋଗୁଁ ଜୟନ୍ତଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଉଠାଇ ତାଙ୍କ ପରିବାର ଲୋକେ ମଙ୍ଗଳାବାଗ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ୫ ତାରିଖରେ ଜୟନ୍ତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଭର୍ତ୍ତି ହୋଇଥିଲେ। ପରୀକ୍ଷା ନିରୀକ୍ଷା ପରେ ମଙ୍ଗଳବାର ପୂର୍ବାହ୍ନ ସମୟରେ ଜୟନ୍ତଙ୍କୁ ଅସ୍ତ୍ରୋପଚାର ପାଇଁ ଓଟିକୁ ନିଆଯାଇଥିଲା। ଅସ୍ତ୍ରୋପଚାର ଆରମ୍ଭର ପ୍ରାୟ କିଛି ସମୟ ପରେ ହଠାତ୍ ଡାକ୍ତର ଜୟନ୍ତଙ୍କ ହୃଦସ୍ପନ୍ଦନ ବନ୍ଦ ହୋଇ ଯିବାରୁ ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକ ଡାକ୍ତରଙ୍କ ଚିକିତ୍ସା ଅଭାବ ଯୋଗୁଁ ଏଭଳି ହୋଇଥିବା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ହେଲେ ସେଠାରୁ ମୃତ ଜୟନ୍ତଙ୍କ ପରିବାର ଲୋକଙ୍କୁ ମଙ୍ଗଳାବାଗ ଥାନା ଯିବାକୁ କହିଥିଲେ। ଏନେଇ ମୃତକଙ୍କ ଜଣେ ସମ୍ପର୍କୀୟ କହିଛନ୍ତି କି, ରୋଗୀ ଭଲ ଅବସ୍ଥାରେ ପରିବାର ଲୋକ ସହ କଥା ହୋଇ ଓଟିକୁ ଅସ୍ତ୍ରୋପଚାର ପାଇ ଯାଇଥିଲା। ହେଲେ ଅସ୍ତ୍ରୋପଚାରର ଆରମ୍ଭ ହେବାର କିଛି ସମୟରେ ଡାକ୍ତର କହିଥିଲେ ସେ ହୃଦସ୍ପନ୍ଦନ ବନ୍ଦ ହୋଇଯିବାରୁ ମୃତ୍ୟୁ ଘଟିଛି। ନିଶ୍ଚେତକ ମାତ୍ରା ଠିକ୍ ନଥିବାରୁ ଏଭଳି ଘଟଣା ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। କର୍କଟ କେନ୍ଦ୍ରର ଅଧୀକ୍ଷକ ପ୍ରଫେସର ଡା. ନିହାରିକା ପଣ୍ଡାଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିନାହିଁ ବୋଲି ସେ ଜଣାଇଛନ୍ତି।

# ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

**କଟକ, ୨୦।୫(ସମିସ):** ଜଣେ ପେସାଦାରା ଚୋରା ନିଶା ବେପାରୀକୁ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଯୋବ୍ରାର ମାନସ ଓରଫ ରାକେଶ ନାୟକ। ତା ପାଖରୁ ୧୫୦ ଗ୍ରାମ ବ୍ରାଉନସୁଗର ଓ ଏକ ବାଇକ ଜବତ ହୋଇଛି। ସୂଚନା ମୁତାବକ, ମାନସ ଜଣେ ପେସାଦାର ନିଶା ବେପାରୀ।୨୦୨୨ ମସିହାରେ ଅବକାରୀ ମୋବାଇଲ ୟୁନିଟ ହାତରେ ସେ ଧରାପଡ଼ି ଜେଲ ଯାଇଥିଲା। ତେବେ ଜେଲରୁ ଫେରିବା ପରେ ମଧ୍ୟ ନିଶା ବେପାର ଜାରି ରଖିଥିଲା। ମଙ୍ଗଳବାର ସେ ବ୍ରାଉନସୁଗର ସହିତ ଜଗତପୁର ଥାନା ଅନ୍ତର୍ଗତ ନିମପୁର ଜାଇ ମଙ୍ଗଳା ସାହି ରାସ୍ତାରେ ଯାଉଥିଲା। କିଛି ଗ୍ରାହକଙ୍କୁ ନିଶାଦ୍ରବ୍ୟ ବିକିବା ପାଇଁ ଯାଉଥିବା ସୂଚନା ପାଇ ଅବକାରୀ ବିଭାଗ ଚଢାଉ କରି ତାକୁ ଧରିବାରେ ସଫଳ ହୋଇଛି। ତଲାସି ବେଳେ ତା' ପାଖରୁ ଜରି ପୁଡିଆରେ ଥିବା ୧୫୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ।



## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଭେଣ୍ଡିଂ ଜୋନ୍ ନିର୍ମାଣ ମାମଲା

# ନିର୍ମାଣ କାର୍ଯ୍ୟ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

**କଟକ, ୨୦।୫(ସମିସ)**

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଯୋବ୍ରା ରହେମନଛକସ୍ଥିତ ଦ୍ୱିତୀୟ କ୍ୟାମ୍ପସ ସମ୍ମୁଖରେ ଭେଣ୍ଡିଂ ଜୋନ ନିର୍ମାଣକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି ହାଇକୋର୍ଟ। ଶିକ୍ଷାନୁଷ୍ଠାନ ନିକଟରେ ଏଭଳି ଭେଣ୍ଡିଂ ଜୋନ ନିର୍ମାଣକୁ କିଭଳି ଅନୁମତି ପ୍ରଦାନ କରାଗଲା ବୋଲି ହାଇକୋର୍ଟ ପ୍ରଶ୍ନ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ ଉପରେ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଏମ.ଏସ.ସାହୁଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ଅରୁପ କୁମାର ଦେଓ, ଅମ୍ବିକା ପ୍ରସାଦ ଜେନା ଓ ଶ୍ରାବଣୀ ସାହୁଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହା ଉପରେ ସ୍ଥିତାବସ୍ଥା ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ତେବେ ଆଜି ମାମଲାର ଶୁଣାଣି ସମୟରେ ସିଏମସି କମିସନର ଅନାମ ଚରଣ ପାତ୍ର ଭର୍ଚୁଆଲ ମାଧ୍ୟମରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ବିଶ୍ୱବିଦ୍ୟାଳୟ ପ୍ରାଚେରୀ ଠାରୁ ୫ଫୁଟ ଛାଡି ଏହି ଭେଣ୍ଡିଂ ଜୋନ ନିର୍ମାଣ କରାଯାଉଛି ଓ ଏହାକୁ ସିଏମସି କାଉନସିଲ ଅନୁମୋଦନ କରିଥିବା ନେଇ କମିସନର କହିଥିଲେ। ତେବେ ଏ ସଂକ୍ରାନ୍ତରେ ସତ୍ୟପାଠ ଦେବାକୁ ସେ ଅତିରିକ୍ତ ସମୟ ଲୋଡିଥିଲେ। ଜୁନ ୩୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

**ହାଜର ହେଲେ ସିଏମ୍‌ସି କମିସନର**

ମାମଲାରୁ ପ୍ରକାଶ ଯେ, ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ପାଚେରିକୁ ଲାଗି ସିଏମସି(କଟକ ମହାନଗର ନିଗମ) ପକ୍ଷରୁ ଏକ ଭେଣ୍ଡିଂ ଜୋନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଦ୍ୱିତୀୟ କ୍ୟାମ୍ପସରେ ହଷ୍ଟେଲ ନିର୍ମାଣ କରାଯିବା ସହିତ ଜିମ୍, ଅଡିଟୋରିୟମ, ଶ୍ରେଣୀଗୃହ ବ୍ୟବସ୍ଥା କରାଯାଉଛି। ଦ୍ୱିତୀୟ କ୍ୟାମ୍ପସ୍ ପାଚେରି ସଂଲଗ୍ନ ସ୍ଥାନର ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା କରାଯାଇଥିଲା ବେଳେ ସିଏମସି ତରଫରୁ ଭେଣ୍ଡିଂ ଜୋନ୍ ନିର୍ମାଣ ହେଲେ ସୌନ୍ଦର୍ଯ୍ୟକରଣ ଯୋଜନା କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ଉପୁଜିଛି। ସେହିଭଳି ଭେଣ୍ଡିଂ ଜୋନ୍ ନିର୍ମାଣ ଦ୍ୱାରା ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ମଧ୍ୟ ବିପଦ ରହିଛି। ଦ୍ୱିତୀୟ କ୍ୟାମ୍ପସର ଭିତରକୁ ପ୍ରବେଶ ଓ ପ୍ରସ୍ଥାନରେ ଟ୍ରାଫିକ୍ ସମସ୍ୟା ଦେଖାଯିବା ସହ ପ୍ରସ୍ତାବିତ ମୁଖ୍ୟ ଫାଟକ ନିର୍ମାଣ ବେଳେ ସମସ୍ୟା ସୃଷ୍ଟି ହେବ। ଭେଣ୍ଡିଂ ଜୋନ୍ ନିର୍ମାଣ ବନ୍ଦ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ରାଜ୍ୟ ସରକାର ଓ ଅନ୍ୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତୁରନ୍ତ ଭେଣ୍ଡିଂ ଜୋନ୍ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଉ। ଏଥି ସହିତ ଦ୍ୱିତୀୟ କ୍ୟାମ୍ପସ ପାଚେରିକୁ ଲାଗି ରହିଥିବା ସ୍ଥାନର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ଗ୍ରହଣ ଲାଗି ସିଏମସିକୁ ଆଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚନ



**କଟକ, ୨୦।୫(ସମିସ):** ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ଗବେଷକ, ସାହିତ୍ୟ ସମାଲୋଚକ ତଥା ଶିକ୍ଷାବିତ୍ ପ୍ରଫେସର ନରେନ୍ଦ୍ର ନାଥ ମିଶ୍ର ଓ ପ୍ରଫେସର ନିତ୍ୟାନନ୍ଦ ଶତପଥୀଙ୍କ ତୈଳଚିତ୍ର ମଙ୍ଗଳବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିବା କ୍ଷେତ୍ରରେ ଉଭୟ ନରେନ୍ଦ୍ର ନାଥ ମିଶ୍ର ଓ ନିତ୍ୟାନନ୍ଦ ଶତପଥୀଙ୍କ ଅବଦାନ ଚିରସ୍ମରଣୀୟ ବୋଲି ବକ୍ତାମାନେ ଏହି ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ, ସମ୍ମାନନୀୟ ଅତିଥି ପାରମିତା ଶତପଥୀ ଓ ମୃଦୁଳା ମିଶ୍ର ଏବଂ ମୁଖ୍ୟବକ୍ତା ଡକ୍ଟର ଶତ୍ରୁଘ୍ନ ପାଣ୍ଡବ ଯୋଗଦେଇଥିଲେ। ଡକ୍ଟର ବସନ୍ତ ପଣ୍ଡା ଦୁଇ ଶିକ୍ଷାବିତ୍‌ଙ୍କ ସାଧନାମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚକୁ ଆମନ୍ତ୍ରଣ କରିଥିଲେ କାର୍ଯ୍ୟନିର୍ବାହିକା ସମିତିସଭ୍ୟ ସରୋଜିନୀ ମିଶ୍ର। ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ରାଧାଶ୍ୟାମ ରାଉଳ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ଦିଲ୍ଲୀପ ଦାସ, ଶଶିକାନ୍ତ ରାଉତ, ତପନ କୁମାର ସ୍ୱାଇଁଙ୍କ ସମେତ ଡ. ବିଶ୍ୱମୋହନ ପଟ୍ଟନାୟକ, ଡ. ପ୍ରଭାତୀ ମିଶ୍ର, ଗଜେନ୍ଦ୍ର ପାଣି, ଜ୍ୟୋତିପ୍ରକାଶ କର, ଉମାଶଙ୍କର ମିଶ୍ର, ରମେଶ ପତି, ଭରତ ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ, ପ୍ରତିମା ଶତପଥୀ, କୃଷ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ମିଶ୍ର, ଡ. ଅର୍ଜୁନ ମଲ୍ଲିକ, ଡ. ବୈଜୟନ୍ତୀ ମିଶ୍ର ଉପସ୍ଥିତ ଥିଲେ।

## ସାତସାହି କଟକ ନୃତ୍ୟୋତ୍ସବ

# ଅକ୍ଷୟଙ୍କ ଗୀତରେ ଝୁମିଲେ ଦର୍ଶକ




**କଟକ, ୨୦।୫(ସମିସ)**

କଟକ ନୃତ୍ୟ ଉତ୍ସବ କମିଟି, ଜିଲ୍ଲା ପ୍ରଶାସନ, ସିଏମସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ଉପର ବାଲିଯାତ୍ରା ପଡ଼ିଆରେ ଆୟୋଜିତ ୧୬ ତମ ସାତସାହି କଟକ ନୃତ୍ୟ ଉତ୍ସବର ପଞ୍ଚମ ସନ୍ଧ୍ୟାକୁ ଓଡ଼ିଶା ମାନବାଧିକାର କମିସନଙ୍କ ସଦସ୍ୟ ବିଶିଷ୍ଟ ଆଇନୀଜୀବୀ ଅସୀମ ଅମିତାଭ ଦାସ ଉଦଘାଟନ କରିଥିଲେ। ସଫଳତା ସହିତ ୧୫ବର୍ଷ ଅତିକ୍ରମ କରି ଏହି କମିଟି ଆଜି ୧୬ବର୍ଷରେ ପାଦ ଦେଇଛି। ଏହାର କାୟାରେ ଅଭୁତପୁର୍ବ ପରିବର୍ତ୍ତନ ହୋଇଛି। ଏହା ଆଜି ଜାତୀୟ ଉତ୍ସବ ହୋଇସାରିଥିବା ବେଳେ ଆଗାମୀ ଦିନରେ ଅନ୍ତର୍ଜାତୀୟସ୍ତରକୁ ଅଗ୍ରସର ହେଉଛି। ଏହା କଳା ଜଗତ ପାଇଁ ଓ କଟକ ପାଇଁ ଗୌରବ ବିଷୟ ବୋଲି ଉଦଘାଟନ କରିବା ଅବସରରେ ଆଇନଜୀବୀ ଶ୍ରୀ ଦାସ କହିଥିଲେ।

ଡାକ୍ତର ଜୟନ୍ତ କୁମାର ପଣ୍ଡା, ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜେଶ ଝୁନଝୁନୱାଲା, କର୍ପୋରେଟର ବସନ୍ତ କୁମର ବେହେରା, କର୍ପୋରେଟର ଇତିଶ୍ରୀ ଦାସ, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ରବିନାରାୟଣ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ୟୁରୋଲୋଜିଷ୍ଟ ପ୍ରଫେସର ଡାକ୍ତର ସମୀର ସ୍ୱାଇଁଙ୍କୁ ଜାତୀୟ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଡାକ୍ତର ଚିଡାମ୍ବିକା ଖଟୁଆ, ଡାକ୍ତର ବିଶ୍ୱଜିତ କର, ଡାକ୍ତର ମାନସ କୁମାର ନାୟକ, ଡାକ୍ତର ମୋନାଲିସା ପଣ୍ଡା ଓ ସମାଜସେବୀ ଗଣେଶ ପରିଡ଼ାଙ୍କୁ ଓଡ଼ିଶା ସେବା ରତ୍ନ, ବିଶିଷ୍ଟ ଶିଳ୍ପପତି ସୌମ୍ୟ ରଞ୍ଜନ ସାମଲଙ୍କୁ ଓଡ଼ିଶା ଶିଳ୍ପ ରତ୍ନ, ଆଇନଜୀବୀ ସ୍ୱଦେଶ କୁମାର ଦାସଙ୍କୁ ଓଡ଼ିଶା ଆଇନ ରତ୍ନ, ବିଭୋର ମହାପାତ୍ରଙ୍କୁ ଓଡ଼ିଶା କଳା ରତ୍ନ ଓ ଅକ୍ଷୟ ସନ୍ଧ୍ୟା ପରିବେଷଣ କରିଥିବା କେ ୱାନ ଲାଇଭର କଳାକାର ମୋନାଲି ମଧୁସ୍ମିତା, ସୁବାଶିଷ ଖୁଣ୍ଟିଆ, ଆଦ୍ୟାଶା କୃଷ୍ଣଚନ୍ଦ୍ର ସେଠୀଙ୍କୁ ଜାତୀୟ ସଙ୍ଗୀତ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଉପଦେଷ୍ଟା ପଦ୍ମ ଲୋଚନ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଦକ୍ଷଣା ନୃତ୍ୟ ଅନୁଷ୍ଠାନର ଓଡିଶୀ ନୃତ୍ୟରୁ ସାଂସ୍କୃତିକ ବିଚିତ୍ରା ଆରମ୍ଭ ହୋଇଥିଲା। ପରେ ଓମ ଡ୍ୟାନ୍ସ ଏକାଡେମୀ, ଶ୍ରୀ ବିଦ୍ୟା ଡ୍ୟାନ୍ସ ଏକାଡେମୀ, ଅନ୍ନପୂର୍ଣ୍ଣା କଳା କେନ୍ଦ୍ର ନୃତ୍ୟଙ୍ଗନା ଓ ରେନେବୋ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ପରିବେଶଣ ସମସ୍ତ ଦର୍ଶକଙ୍କ ମନକୁ ଛୁଇଁ ଥିଲା। କେ ୱାନ ଲାଇଭ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ସଙ୍ଗୀତ ଯାଯାବର, ଯା ରେ ଭାସି ଭାସି ଯା, ସୁଖ ଥିଲା ଦୁଃଖ ଥିଲା ପରି ଅନେକ ମନଛୁଆଁ ଗୀତରେ ଦର୍ଶକ ଝୁମିଥିଲେ। ଉଲ୍ଲାସ ସେନ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମି ରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ, ସୁନୀଲ ଦାସ, ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ, ସତ୍ୟ ପ୍ରସାଦ ବଳସାମନ୍ତ, ସନ୍ଦୀପ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ନାୟକ ମଞ୍ଚ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିବା ବେଳେ ସହ ସମ୍ପାଦକ ସୁଶାନ୍ତ ପାତ୍ର ଧନ୍ୟବାଦ ଜଣାଇଥିଲେ।

# କ୍ୟାନ୍ସର ହସ୍ପିଟାଲ କର୍ମଚାରୀଙ୍କ ଧାରଣା

**କଟକ, ୨୦।୫(ସମିସ):** ଦରମା ମିଳିବାରେ ବିଳମ୍ବ ଯୋଗୁଁ ଆଜି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ କର୍ମଚାରୀମାନେ ଧାରଣା ଦେଇଥିଲେ। ଦିନ ୨ଟାରୁ ସହାୟତା କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା ପରେ କର୍ମଚାରୀଙ୍କୁ ଦରମା ମିଳିବା ସହ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଯୋଗ୍ୟ, କ୍ୟୁଏସ୍ ନାମକ ଏକ ସଂସ୍ଥା ଦ୍ୱାରା ବିଭିନ୍ନ କାର୍ଯ୍ୟ ସମ୍ପାଦିତ ହେଉଛି। ଉକ୍ତ ସଂସ୍ଥା ଠିକା ଭିତ୍ତିରେ ଆଟେଣ୍ଡାଣ୍ଟ, ଟେକ୍ନିସିଆନ, ସୁଇପର ଆଦି ନିଯୁକ୍ତି ଦେଇଛି। ପ୍ରତ୍ୟେକ ମାସ ପ୍ରଥମ ସପ୍ତାହରେ କର୍ମଚାରୀମାନେ ଦରମା ପାଇଥାନ୍ତି। ମାତ୍ର ଚଳିତ ମାସରେ ଦରମା ପାଇବାରେ ବିଳମ୍ବ ଯୋଗୁଁ ଆଜି କର୍ମଚାରୀମାନେ ଧାରଣାକୁ ଓହ୍ଲାଇଥିଲେ।

# ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଆରଡିସି

**କଟକ, ୨୦।୫(ସମିସ):** ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଲାଣି। ଚଳିତବର୍ଷ ଡିସେମ୍ବରରେ କାର୍ଯ୍ୟ ଶେଷ ହେବ ବୋଲି ପୂର୍ବରୁ କୁହାଯାଉଥିବା ବେଳେ ନିକଟ ଅତିତରେ ରାଜ୍ୟପାଳଙ୍କ ସମୀକ୍ଷା ବୈଠକରେ ଏହା ଆସନ୍ତାବର୍ଷ ମାର୍ଚ୍ଚରେ ସରିବ ବୋଲି ଘୋଷଣା ହୋଇଥିଲା। ତେବେ ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି.ପରମେଶ୍ୱରନଙ୍କ ଅଧ୍ୟକ୍ଷତାରେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଦିଗରେ ଆଲୋଚନା ହୋଇଥିଲା। ସାମ୍ପ୍ରତିକ ସ୍ଥିତିରେ ଆବାସିକ କୋଠା ନିର୍ମାଣ ୬୦ ପ୍ରତିଶତ ଶେଷ ହୋଇଛି। କ୍ଲିନିକାଲ କୋଠା ଗୁଡିକର ନିର୍ମାଣ ମନ୍ଥର ଗତିରେ ଚାଲିଥିବା ବେଳେ ଏହା ୫୦ ପ୍ରତିଶତ ସରିଛି ବୋଲି କୁହାଯାଇଥିଲା। ଅନ୍ୟପକ୍ଷରେ କୋଠା ଗୁଡିକରେ ବିଦ୍ୟୁତ ସଂଯୋଗ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଟାଟା ପାୱାର ଅଧିକାରୀଙ୍କୁ ଡକାଯାଇଥିଲେ ମଧ୍ୟ ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନ ଥିଲେ। ପରବର୍ତ୍ତୀ ବୈଠକରେ ବିଦ୍ୟୁତ ସଂଯୋଗ କାର୍ଯ୍ୟ ନେଇ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଆଜିର ସମୀକ୍ଷା ବୈଠକରେ ଓବିସିସିର ବିଭାଗୀୟ ଯନ୍ତ୍ରୀ, ଏସ୍‌ସିବି ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଗୁରୁତ୍ୱ**

# ରାଉସାପାଟଣା ଗ୍ରାମରେ ସମୂହ ଦୀପଦାନ



**କଟକ, ୨୦।୫ (ସମିସ):** ରାଉସାପାଟଣାସ୍ଥିତ ଶ୍ରୀ ଶ୍ରୀ ମହାଦେବ ପୂଜା କମିଟି ଓ ଶ୍ରୀ ଶ୍ରୀ ରାଧାଗୋବିନ୍ଦଜୀଉ ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ଗତ ଅପରେସନ 'ସିନ୍ଦୁର'ରେ ଦେଶ ପାଇଁ ସହିଦ ହୋଇଥିବା ଭାରତୀୟ ବୀର ଯବାନମାନଙ୍କ ଆତ୍ମାର ସଦଗତି କାମନା ନିମନ୍ତେ ସମୂହ ଦୀପଦାନ କରିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସେଣ୍ଟ୍ରାଲ ରେଡକ୍ରସ ଆୱରନେସ କମିଟିର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟିର ସଭାପତି ବସନ୍ତ ସେନ, ସାଧାରଣ ସମ୍ପାଦକ ଇଞ୍ଜିନିୟର ଜ୍ୟୋତିଷ କୁମାର ଦାସ, ଆଡଭୋକେଟ ଲିଙ୍ଗରାଜ ହାତୀ, ଗ୍ରାମ ମହନ୍ତ ଅଶୋକ କୁମାର ଦେ, କଟୁଆଳ ଶିବନାଥ ସେନ, ଆଇନଜୀବୀ ସରେନ୍ଦ୍ର ମିଶ୍ର, ପରମାନନ୍ଦ ସେନ, ଶ୍ୟାମସୁନ୍ଦର ଚୌଧୁରୀ, ଗୋବିନ୍ଦ ସେନ, ହରିହର ସେନ, ସୁଦେଶ ସେନ, ଅମରେଶ ଦାସ, ବିଷ୍ଣୁ ଚରଣ ଦାସ, ଅର୍ଜୁନ କର, କିରଣ ସେନ, ବଗୁଲି ସେନ, କାର୍ତ୍ତିକ ସେନ, ନରିଆ ଦାସ, ସନ୍ଦୀପ ମିଶ୍ର, ସୁନିଲ ସେନ, ଗୋପାଳ ସେନ, ଜଗନ କର, ବଚନ ସେନ, ଅନ୍ନ ଦାସ, କାବୁଲା ଦାସ, ରଞ୍ଜନ ସେନ, ରାଜୁ ସେନ, ସୋମୁ ସେନ, କାହ୍ନୁ ସେନ, ବିଟୁ ସ୍ୱାଇଁ, ବିଣ୍ଟା ଦାସ, ଶିବ ରଞ୍ଜନ ନନ୍ଦୀ, ମହେଶ ସେନ, ଶିବ ଚରଣ ପଣ୍ଡା, ସୁଧିର ଦାସ, ପପୁନି ସେନ, ନୃସିଂହ ଚନ୍ଦ୍ର ସେନ, କିଶୋର ମହାରଣା, ବଲ୍ଲଭ ମହାରଣା, ସନ୍ଦୀପ ରଥ, ଟୁଟୁ ସେନ, ବାବାଲି ଦାସ, ଡୁବୁଲୁ ସେନ, ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇଥିଲେ।

# ସିବିଏସସି ସହୋଦୟା ପରିବାର ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**କଟକ, ୨୦।୫(ସମିସ):** କଟକ ବାରବାଟି ଷ୍ଟାଡିୟମ୍ ସ୍ଥିତ ଓସିଏ କନ୍‌ଫରେନସ ହଲରେ ସହୋଦୟା ପରିବାର ପକ୍ଷରୁ ଚଳିତ ବର୍ଷର ଦଶମ ଓ ଏକାଦଶ ଶ୍ରେଣୀର ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସହୋଦୟା ପରିବାରର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକ, ସଭାପତି ଡ. ପ୍ରଦୀପ ତ୍ରିପାଠୀ, ଉପସଭାପତି ଦେବସ୍ମିତା ସାହୁ, ସମ୍ପାଦକ ଅଭିରାମ ସାହୁ, ଯୁଗ୍ମ ସମ୍ପାଦକ ଯଜ୍ଞେଶ୍ୱର ବୋରା, କୋଷାଧ୍ୟକ୍ଷ କଳ୍ପତରୁ ସାହୁ ଏବଂ ସଭ୍ୟା ଡ. ଜୟନ୍ତୀ ମିଶ୍ର ଯୋଗଦେଇଥିଲେ। ସହୋଦୟା ପରିବାର ଭୁକ୍ତ ତିରିଶରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀର ୧୦୦ରୁ ଅଧିକ ଟପ୍ପର ଛାତ୍ର ଛାତ୍ରୀ, ସେମାନଙ୍କ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅଭିରାମ ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷକ/ଶିକ୍ଷୟିତ୍ରୀମାନେ ଆର୍ଶିବଚନ ପ୍ରଦାନ କରିବା ପରେ ସହୋଦୟା ପରିବାର ତରଫରୁ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସହୋଦୟାର ଅଧ୍ୟକ୍ଷ ଡ଼ ପ୍ରିୟଦର୍ଶୀ ନାୟକ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ଉନ୍ନତ ଭବିଷ୍ୟତର କାମନା କରିବା ସହିତ ସେମାନଙ୍କ ନିଷ୍ଠା ଆଉ ଏକାଗ୍ରତା ସେମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି କହିଥିଲେ। ବାରବାଟୀ ଷ୍ଟାଡିୟମ୍ ସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା।






# ରବି ଋତୁ ଧାନମଣ୍ଡି ଶୁଭାରମ୍ଭ



ନବରଙ୍ଗପୁର,୨୦।୫ (ସମିସ): ୨୦୨୪-୨୫ ବର୍ଷ ସକାଶେ ରବିଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ମାର୍କେଟ କମିଟି ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଡିଓ ବିରଞ୍ଚି ନାରାୟଣ ଦରଓ୍ଵାନ, ଏଡିଏମ୍ ତପନ ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲୀକ ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଚାଷୀ ନେତା ଝାଡେଶ୍ଵର ଖାଡାଙ୍ଗା, ରାଜେନ୍ଦ୍ର ତ୍ରିପାଠୀ ମଞ୍ଚାସୀନ ହୋଇଥିଲେ। ଚଳିତ ବର୍ଷ ନବରଙ୍ଗପୁର, ନନ୍ଦାହାଣ୍ଡି, ଉମରକୋଟ, କୋଷାଗୁମୁଡା ଓ ଚନ୍ଦାହାଣ୍ଡି ଏଭଳି ୫ଟି ବ୍ଲକରେ ଧାନ କ୍ରୟ କରାଯିବ। ଏହି ଧାନକୁ ନବରଙ୍ଗପୁର ଲ୍ୟାମ୍ପସ୍, ଏସ ମାଳିଗୁଡା ୱାଟରସେଡ ଏସୋସିଏସନ ୪, ନନ୍ଦାହାଣ୍ଡି ଲ୍ୟାମ୍ପସ୍, ମହାଲକ୍ଷ୍ମୀ ମହିଳା ସଙ୍ଘ ସହାୟକ ଗୋଷ୍ଠୀ, ଉମରକୋଟ ଲେମ୍ପସ୍, ମାଁ ମଙ୍ଗଳା ପାଣି ପଞ୍ଚାୟତ ଏବଂ ମାଁ ଠାକୁରାଣୀ ମହିଳା ସଙ୍ଘ ସହାୟକ ଗୋଷ୍ଠୀ କ୍ରୟ କରିବେ। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ସଂଖ୍ୟକ ଚାଷୀମାନେ ପଞ୍ଜିକରଣ କରିଛନ୍ତି। ଗତ ରବି ଋତୁରେ ୪୯୩ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୧୦୫୨ ଜଣ ଚାଷୀ ମାନେ ପଞ୍ଜିକରଣ କରିଛନ୍ତି। ଚଳିତ ୮୭୫୦ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ୨୦ ତାରିଖ ଠାରୁ ୪୨ ଦିନ ପର୍ଯ୍ୟନ୍ତ ଧାନ କ୍ରଯ କ୍ରୟ କରାଯିବ ଏବଂ ଆବଶ୍ୟକ ସ୍ଥଳେ ଧାନ ବିକ୍ରୟ ପାଇଁ ଜିଲ୍ଲାପାଳ ଅଧିକ ୧୫ ଦିନ ବୃଦ୍ଧି କରି ପାରିବେ। ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ସମେତ ୮୦୦ ଟଙ୍କା ଇପ୍ପୁଟ ସ୍ହାୟତା ରାଶି ଯୋଗେଇ ଦିଆଯିବ ବୋଲି ବକ୍ତା ମାନେ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକକୁ ଆରଏମ୍ସି ସମ୍ପାଦକ କପିଳେନ୍ଦ୍ର ସାସମଲ୍ ପରିଚାଳନା କରିଥିବା ବେଳେ ଏଥିରେ ଚାଷି ମାନଙ୍କ ସମତେ ମିଲ୍ ମାଲିକ ମାନେ ଉପସ୍ଥିତ ରହିଥିଲେ।

■ ବିଶାଖାପାଟଣାର ଉତ୍କଳ ସାଂସ୍କୃତିକ ସମାଜର କର୍ମକର୍ତ୍ତା ନିର୍ବାଚନ

# ଜିତେନ୍ଦ୍ର ନାୟକ ସଭାପତି ଏବଂ ବିମଳ ମହନ୍ତ ସମ୍ପାଦକ

ରାୟଗଡ଼ା,୨୦।୫(ସମିସ) : ବିଶାଖାପାଟଣାର ଉତ୍କଳ ସାଂସ୍କୃତିକ ସମାଜ ସଙ୍ଗଠନର ଓଡ଼ିଆ ସମ୍ପ୍ରଦାୟର ଏକ ପ୍ରମୁଖ ସାମାଜିକ-ସାଂସ୍କୃତିକ ସଂଗଠନ ସିରିପୁରମଠାରେ ଏହାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ୨୦୨୫-୨୬ ବର୍ଷ ପାଇଁ ନୂତନ କାର୍ଯ୍ୟନିର୍ବାହୀ କମିଟି ନିର୍ବାଚନ ହୋଇଥିଲା। ଏଥିରେ ଜିତେନ୍ଦ୍ର କୁମାର ନାୟକ-ସଭାପତି ,ଉପସଭାପତି ସୋମନାଥ ସାହୁ ଏବଂ ଡକ୍ଟର କରୁଣାକର ପାଢ଼ୀ, ସମ୍ପାଦକ- ବିମଳ କୁମାର ମହନ୍ତ, ସାଂସ୍କୃତିକ ସମ୍ପାଦକ-ଶ୍ରୀମତୀ ସୀମା ମହାନ୍ତି ଏବଂକୋଷାଧ୍ୟକ୍ଷ ରୂପେ ମହେଶ୍ୱର ବେହେରାଙ୍କୁ ମନୋନୀତ କରାଯାଇଥିଲା। ଏହି ନବ ନିର୍ବାଚିତ ସଭ୍ୟ ମାନେ ସେହି ଅଞ୍ଚଳର ବିଭିନ୍ନ ସାଂସ୍କୃତିକ, ସାହିତ୍ୟିକ ଏବଂ ସାମୂଦାୟିକ ସେବା କାର୍ଯ୍ୟକଳାପ ମାଧ୍ୟମରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଏବଂ ସାମାଜିକ ସମନ୍ୱୟର ପ୍ରଚାର ଜାରି ରଖିବାକୁ ଶପଥ ନେଇଥିଲେ। ଉତ୍କଳ ସାଂସ୍କୃତିକ ସମାଜ ସାଂସ୍କୃତିକ ଏକତାର ଏକ ଆଲୋକବର୍ତ୍ତିକା ହୋଇଛି। ଯାହା ଆନ୍ଧ୍ରପ୍ରଦେଶର ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଏକ ଦୃଢ଼ ପରିଚୟ ଏବଂ ଏକତା ଭାବନାକୁ ପ୍ରୋତ୍ସାହିତ କରିଆସିଛି।

■ ମିଳିନି ୬ ମାସର ଦରମା

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପାଚିକା ସଂଘ



କୋରାପୁଟ,୨୦।୫(ସମିସ)।ୟ ୬ମାସର ଦରମା ମିଳିନି। ପରିବାର ଚଳାଇବା ପାଇଁ କଷ୍ଟକର ହେଲାଣି। ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି। ତେଣୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜିଲ୍ଲା ପାଚିକା ସଂଘ।

ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲାର ବିଭିନ୍ନ ଏସ୍ଏସ୍ଡି ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ମାନେ ୬ ମାସ ହେଲା ଦରମା ପାଇ ନାହାଁନ୍ତି। ଦରମା ମିଳୁନଥିବାରୁ ସେମାନେ ଅଭାବ ଅନଟନରେ ଚଳୁଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ପାଚିକା ସଂଘ ପକ୍ଷରୁ କୁହାଯାଇଛି। ବିଦ୍ୟାଳୟରେ ୨୪ ଘଣ୍ଟା କାର୍ଯ୍ୟ କରୁଥିଲେ ମଧ୍ୟ ଆମକୁ ୬ମାସର ଦରମା ନମିଳିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ପାଚିକା ମାନେ କହିଛନ୍ତି। ଅର୍ଜୁନ ପାତ୍ର, ସୁରେନ୍ଦ୍ର ଭୂମିଆ, ଡମ୍ବରୁ ନାୟକ ଓ କରୁଣା ମାଝୀ ପ୍ରମୁଖ ପଚିକା ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଥାଶୀଘ୍ର ଦରମା ପ୍ରଦାନ କରାଯିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ୧୭ ଦଫା ନେଇ କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ



ବୈପାରିଗୁଡ଼ା, ୨୦।୫ (ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ତରଫରୁ ୧୭ ଦଫା ନେଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ଚାରି ଶ୍ରମ କୋଡ୍ ବାତିଲ କରିବା, ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା, ଶ୍ରମିକ ଛଟେଇ ବନ୍ଦ କରିବା, ରାଷ୍ଟ୍ରୀୟ ସମ୍ପତ୍ତିର ଘରୋଇକରଣ ବନ୍ଦ କରିବା, ସ୍କିମ୍ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା ଦେବା, ସ୍ଥାୟୀ ନିଯୁକ୍ତି ସହ ଦରଦାମ ବୃଦ୍ଧି ବନ୍ଦ କରିବା, ଅଣସଂଗଠିତ ଶ୍ରମିକଙ୍କ କନ୍ୟା ବିବାହ ଓ ଶିକ୍ଷା ସହାୟତା ତଥା ଏକ ଲକ୍ଷ ଟଙ୍କା ବିନା ଶୁଦ୍ଧରେ ଋଣ ଯୋଗାଇ ଦେବା ପ୍ରମୁଖ ୧୭ ଦଫା ଦାବି ନେଇ କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଅଫିସ ସମ୍ମୁଖରେ ଏଆଇୟୁଟିୟୁସି କୋରାପୁଟ ଜିଲ୍ଲା କମିଟି ଓ ଟିୟୁସିସି, ଏଆଇକେକେଏମଏସ, ଏଆଇଏମଏସଏସ , ଏଆଇଡିଏସଓ, ଏଆଇଡିୱାଇଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ ଶ୍ରମିକ, ଚାଷୀ, ଛାତ୍ର, ଯୁବକ, ମହିଳା ଏକ ଶୋଭାଯାତ୍ରାରେ ସ୍ଥାନୀୟ ଡାକ ବଙ୍ଗଳାରୁ ବାହାରି ସହର ପରିକ୍ରମା କରି ବ୍ଲକ ଅଫିସରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପରେ ଏକ ସଭା ଏଆଇୟୁଟିୟୁସି କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ, ଟିୟୁସିସି ସାଧାରଣ ସମ୍ପାଦକ ଶମ୍ଭୁପ୍ରସାଦ ମହାନ୍ତି, ଏଆଇୟୁଟିୟୁସି ଉପସଭାପତି ସୁଭାଷ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାମ ବାରିକ, ରବି ପଣ୍ଡା, ଲକ୍ଷ୍ମୀ ବାରିକ, ପ୍ରଦ୍ୟୁମ୍ନ ସାନ୍ତରା,ନୀଳ ଗଦବା , ରାମ ଚନ୍ଦ୍ର ଗଦବା, ଲଳିତ ଖରା, ତ୍ରିନାଥ ଗୁଣିଆ, ପଦମ୍ନ,ଧନେଶ୍ୱର ନାୟକ ପ୍ରମୁଖ କେନ୍ଦ୍ର ସରକାରଙ୍କ ଶ୍ରମିକ, ଚାଷୀ ମାରଣ ନୀତି ବିରୋଧରେ ଉଦ୍‌ବୋଧନ ଦେଇ ସମସ୍ତେ ସଂଗଠିତ ହୋଇ ୯ ଜୁଲାଇ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।

● ପଡ଼ିଆରେ ଅଜଣା ରୋଗ ଘଟଣା

# ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍‌ର ରକ୍ତ ନମୁନା ସଂଗ୍ରହ



ପଡିଆ,୨୦।୫(ସମିସ): ଗତ ପ୍ରାୟ ଏକମାସ ଧରି କୌଣସି ଏକ ଅଜଣା ରୋଗରେ ପୀଡ଼ିତ ହୋଇ ପଡିଆରୁ ସୁଦୂର ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ଚିକିତ୍ସିତ ହୋଇ ନୟାନ୍ତ ହୋଇ ପଡିଥିଲେ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସଦର ମହକୁମାବାସୀ। ବିଭିନ୍ନ ସ୍ଥାନରେ ପରୀକ୍ଷା ନିରୀକ୍ଷା ଓ ରୋଗର ଲକ୍ଷଣ ବାବଦରେ ପରିପ୍ରକାଶ କରିବା ସତ୍ତ୍ୱେ ରୋଗ ଚିହ୍ନଟ ହୋଇ ପାରି ନଥିବାରୁ ଆତଙ୍କିତ ହୋଇ ପଡିଥିଲେ ଶହ ଶହ ପରିବାର। ଖବର ପ୍ରକାଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଚାରିଟି ମେଡିକାଲ ଟିମ ପଡିଆ ଗ୍ରାମର ଖ୍ରୀଷ୍ଟିଆନ ସାହି, ମୋଟୁମଗୁଡା, ଗୁଟାଗୁଡା ଓ ଶାନ୍ତି ନଗର ଆଦି ଚାରିଟି ସ୍ଥାନରେ ସ୍ୱାସ୍ଥ୍ୟ କ୍ୟାମ୍ପ କରି ଲୋକଙ୍କ ରକ୍ତର ନମୂନା ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଲୋକଙ୍କ ରକ୍ତର ନମୂନା, ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗ ସମେତ ସିବିସି, ଏଲଏଫଟି ଓ ଆରଏଫଟି ଭଳି ପାରାମିଟର ଗୁଡିକର ମଧ୍ୟ ପରୀକ୍ଷା କରାଯାଇଛି। ଏଥିସହ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଅବିଦ ହୁସେନଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମକୁ ଗତଏକ ମାସ ମଧ୍ୟରେ ଆସିଥିବା ଦାଦନ ଶ୍ରମିକ ଓ ବାହାର ରାଜ୍ୟରୁ ଆସିଥିବା ଶ୍ରମିକଙ୍କୁ ପ୍ରାଧାନ୍ୟତା ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ କୁହାଯାଇଛି। ଏଥିସହ ସ୍ଥାନୀୟ ଲୋକେ ବ୍ୟବହାର କରୁଥିବା ପାନୀୟ ଜଳର ମଧ୍ୟ ନମୂନା ନିଆଯାଇଛି। ଲୋକଙ୍କ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ପରୀକ୍ଷା ନିରୀକ୍ଷା ପାଇଁ ଜିଲ୍ଲା ମାଇକ୍ରୋ ବାଇଓଲୋଜିଷ୍ଟ ଡଃ ପ୍ରାଣବିକା ସିଂ, ଜିଲ୍ଲା ଡାଟା ମ୍ୟାନେଜର ବିଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ୪ଟି ଟିମ୍ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ପଡିଆ ବ୍ଲକ ବିପିଏଚଓ ନବୀନ କୁମାର ସମରଥ ଓ ବିପିଏମ ମହାନନ୍ଦ ମିସ୍ତ୍ରୀ ଆୟୋଜନ କରିଥିବା ଜଣାପଡିଛି। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟରତ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓର କର୍ମୀ ମାନେ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଗତ ପ୍ରାୟ ଏକ ମାସରୁ ଅଧିକ ସମୟ ଧରି ନାନା ଯନ୍ତ୍ରଣାରେ ଜୀବନ କାଟୁଥିବା ଏହି ଅଞ୍ଚଳବାସୀଙ୍କ ନେଇ ନିକଟରେ ଖବର ପ୍ରକାଶନ ପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପହଞ୍ଚିବାରୁ ଅଞ୍ଚଳବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଡ୍ରେନ୍ ନିର୍ମାଣରେ ବାଧା ସୃଷ୍ଟି କରୁଥିବା କଲଭର୍ଟ ଉଚ୍ଛେଦ



ଜୟପୁର, ୨୦।୫ (ସମିସ): ଜୟପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜଗନ୍ନାଥ ସାଗର ପାଶ୍ୱର୍ରେ ନିର୍ମାଣାଧୀନ ଡ୍ରେନ୍‌ରେ ବାଧା ଉପୁଜୁଥିବା କଲଭର୍ଟ ଓ ଡ୍ରେନକୁ ଆଜି ବିଭାଗ ପକ୍ଷରୁ ଭଙ୍ଗାଯାଇଛି। ଏହି ଡ୍ରେନ ନିର୍ମାଣ କାର୍ଯ୍ୟ ୨୦୨୩ ମସିହାରୁ ୪କୋଟି ୯୮ ଲକ୍ଷ ଟଙ୍କା ଆରମ୍ଭ ହୋଇଥିଲେ ସୁଦ୍ଧା ଦାର୍ଘ ଦିନ ହେଲାଣି ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଛି। ଏହିପରି ଗତ ରବିବାର ବିଧାୟକ ତାରା ପ୍ରସାଦ ବାହିନୀପତି ଜଗନ୍ନାଥ ସାଗର ସମେତ କ୍ଷୁଦ୍ର ଜଳସେଚନ ବିଭାଗ ଉକ୍ତ ଡ୍ରେନ୍ ପରିଦର୍ଶନ କରିଥିଲେ। ପରଦର୍ଶନ ବେଳେ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଡ୍ରେନ ଓ କଲଭର୍ଟକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିବା ନେଇ ତାଗିଦ କରିଥିଲେ। ଏହି ଡ୍ରେନ ନିର୍ମାଣରେ ୧୨୦ ମିଟର ବେସରକାରୀ ଜମି ରହିଥିବା ଯୋଗୁଁ ଜମି ମାଲିକଙ୍କୁ ଏଥିନେଇ ଅନୁରୋଧ କରାଯାଇଥିଲା। ଏଥିପୂର୍ବରୁ ଜିଲ୍ଲାପାଳ ପରିଦର୍ଶନ କରି ବାରମ୍ବାର ଶୀଘ୍ର ନିର୍ମାଣ କାର୍ଯ୍ୟ ସମାପ୍ତ ନେଇ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ ପରେ କଲଭର୍ଟ ପୁନଃର୍ବାର ନିର୍ମାଣ କରାଯିବା ନେଇ ପ୍ରତିଶୃତି ପରେ ଏହାକୁ ଆଜି ଭଙ୍ଗା ଯାଇଥିଲା। ଡ୍ରେନ କାର୍ଯ୍ୟ ବିଭାଗ ପକ୍ଷରୁ ବିଳମ୍ବ ହେଉଥିବା, ଡ୍ରେନରେ ଅବର୍ଜନା ପାଣି ଜମି ରହିବା ଯୋଗୁଁ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଥିଲା। ଯାହା ଫଳରେ ନୂଆସାହି ପଞ୍ଚମ ଲାଇନ, ଚନ୍ଦନବାଡ ସାହି ଓ ସୈରାସାହି ଓ ଦ୍ୱିତୀୟ ଦୈନିକ ବଜାର ପ୍ରଭୃତି ସାହି ବାସିନ୍ଦା ଦୁର୍ଗନ୍ଧମୟ ପରିବେଶରେ ରହୁଥିବା ନେଇ ଅଭିଯୋଗ ହେଉଥିଲା।

# ସୁରକ୍ଷା ବାହିନୀର ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ଦାବି

ବୈପାରୀଗୁଡ଼ା, ୨୦।୫(ସମିସ): ସୁରକ୍ଷା ବାହିନୀର ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଗାଁ ଲୋକେ।ଆଜି ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟରେ କାଠପୋଡ଼ା ପଞ୍ଚାୟତର ବଡ଼ବେତ ଗାଁର ଲୋକେ କୋରାପୁଟ ଜିଲ୍ଲାପାଳଙ୍କ ଉଦେଶ୍ୟରେ ସ୍ଥାନୀୟ ବିଡିଓଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, କାଠପୋଡ଼ା ପଞ୍ଚାୟତର ବଡ଼ବେତ ଗାଁରେ ଗତ ମଙ୍ଗଳବାର ଦିନ ଜଣେ ନକ୍ସଲକୁ ଗିରଫ କରାଯାଇଥିବା ନେଇ ଆଲୋଚନା ଚାଲିଛି। ଏଥି ପୂର୍ବରୁ ୩ ବର୍ଷ ପୂର୍ବେ ସେହି ଗାଁ ରୁ ଜଣେ ମାଓବାଦୀଙ୍କୁ ଗିରଫ କରାଯଇଥିଲା।ଏହାକୁ ନେଇ ବଡ଼ବେତ ଗାଁ ସହ ଅଖପାଖ ଗାଁରେ ଭୟର ବତାବରଣ ସୃଷ୍ଟି ହୋଇଛି। ଏଣୁ ଗାଁ ଲୋକେ ଆଜି ବଡ଼ବେତ ଠାରେ ସୁରକ୍ଷା ବାହିନୀର ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବୈପାରୀଗୁଡା ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଚିହ୍ନଟ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କଲା ପୁଲିସ



ବୈପାରିଗୁଡ଼ା, ୨୦।୫(ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ଭରୁଆବାଡି କଜଙ୍ଗରୁ ଗତକାଲି ଅଚିହ୍ନା ମୃତଦେହ ଉଦ୍ଧାର ହୋଇଥିଲା। ଆଜି ଚିହ୍ନଟ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି ପୁଲିସ। ମୃତକ ଜୟପୁର ବ୍ଲକର ଟାଙ୍କୁଆ ପଞ୍ଚାୟତର ସିରିଗୁଡା ଗ୍ରାମର ବୁଦ୍ରା ମାଝୀ (୬୫) ବୋଲି ଜଣାପଡିଛି । ସୂଚନା ଥାଉକି, ଗତକାଲି ଭରୁଆବାଡି ଗାଁ ଲୋକେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ଏବଂ ବୈପାରିଗୁଡା ପୁଲିସକୁ ଜଣାଇଥିଲେ। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ।ଅଚିହ୍ନା ମୃତଦେହ ଉଦ୍ଧାର ଘଟଣା ପ୍ରସାରିତ ହେବାପରେ ବୁଦ୍ରା ମାଝୀଙ୍କ ମୃତଦେହ ହୋଇଥିବା ଆଶଙ୍କା କରି ବୁଦ୍ରାଙ୍କ ପରିବାର ଲୋକେ ବୈପାରିଗୁଡା ଥାନାକୁ ମୃତଦେହ ଚିହ୍ନଟ କରିବା ପାଇଁ ଆସିଥିଲେ। ମୃତଦେହ ଏବଂ ପିନ୍ଧିଥିବା ପୋଷାକ ଦେଖି ବୁଦ୍ରାଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ଚିହ୍ନଟ ପରେ ସମସ୍ତ ସାକ୍ଷ୍ୟ ପ୍ରମାଣ ଦେଇ ଶବକୁ ହସ୍ତାନ୍ତର କରିଥିବା ବୈପାରିଗୁଡା ଥାନା ଆଇଆଇସି ରଶ୍ମି ରଂଜନ ପ୍ରଧାନ ପ୍ରକାଶ କରିଛନ୍ତି।

# ଭାସ୍କେଲ ନଦୀ ପର୍ଯ୍ୟବେକ୍ଷଣ କଲେ କେନ୍ଦ୍ରୀୟ ଜଳ ଆୟୋଗ ଅଧିକାରୀ



କାଷାଗୁମୁଡ଼ା,୨୦।୫(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାର ୨୬ ପଞ୍ଚାୟତ ଭିତରୁ ୧୧ ପଞ୍ଚାୟତ ବନ୍ୟା ଜଳରେ ପ୍ରତ୍ୟେକ ବର୍ଷ ପ୍ରଭାବିତ ହେଉଛି। ବର୍ଷା ଦିନେ ପ୍ରଭାବିତ ହୋଇଥିବା ତଥ୍ୟ ଓ ବୃଷ୍ଟିପାତର ଆକଳନ ସିଡ୍ଲୁସି ବିଭାଗ ପକ୍ଷରୁ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କୁ ଅବଗତ କରି ସୂଚନା ଦିଆଯାଉଛି। ଚଳିତ ବର୍ଷର ତଥା ଆଗାମୀ ବର୍ଷା ଦିନର ବୃଷ୍ଟିପାତକୁ ଆଖି ଆଗରେ ରଖି କେନ୍ଦ୍ର ଭାରତ ସରକାରଙ୍କ "ଜଳ ଶକ୍ତି ମନ୍ତ୍ରାଳୟ" ଦ୍ୱାରା କୋଷାଗୁମୁଡ଼ା ଠାରେ ଏକ ବୃଷ୍ଟି ପାତ ଆକଳନ କାର୍ଯ୍ୟାଳୟ ତଥା କେନ୍ଦ୍ରୀୟ ଜଳ ଆୟୋଗ (ସିଡ୍ଲୁସି) ନାମରେ ରହିଛି। ଏହି "କେନ୍ଦ୍ରୀୟ ଜଳ ଆୟୋଗ" (ସିଡ୍ଲୁସି) ବିଭାଗର ଏକ ଉଚ୍ଚ କର୍ତ୍ତୃପକ୍ଷ ଟିମ୍ ମଙ୍ଗଳବାର ଦିନ ପ୍ରଥମେ କୋଷାଗୁମୁଡା କାର୍ଯ୍ୟାଳୟରେ ପହଞ୍ଚିବା ସହ ଭାସ୍କେଲ ନଦୀ ଉପରେ ଯାଇ ଆଗାମୀ ବର୍ଷା ଦିନରେ ନଦୀ ତୋଟୋର ବିଭାଗୀୟ ଗୃହ ସହ ଭାସ୍କେଲ ପଲର ସ୍ଥିତିକୁ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ କରିଥିବା ଜଣାପଡିଛି। ପ୍ରତ୍ୟେକ ବର୍ଷ ବର୍ଷା ଦିନେ ବୃଷ୍ଟିପାତ ନିର୍ଣ୍ଣୟ ଯନ୍ତ୍ର ଦ୍ୱାରା କେତେ ପରିମାଣରେ ବୃଷ୍ଟିପାତ ହେବା ଉପରେ ଓ ସର୍ବାଧିକ ବୃଷ୍ଟିପାତ ହୋଇଥିବା କୋଷାଗୁମୁଡା ସିଡ୍ଲୁସି ବିଭାଗ ପକ୍ଷରୁ ଜଣାପଡ଼େ।

# ଯୁକ୍ତ ୩ ନାମଲେଖା ଆବେଦନ ସମୟ ବୃଦ୍ଧିକୁ ସ୍ୱାଗତ

ଜୟପୁର, ୨୦।୫ (ସମିସ): ରାଜ୍ୟରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇନଥିବା ବେଳେ ଯୁକ୍ତ ୩ ନାମଲେଖା ପାଇଁ ଆଜି ଆବେଦନ ଶେଷ ଦିବସ ରହିଥିଲା। ଏହି ପରସ୍ଥିତିକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଚିନ୍ତାରେ ରହିଥିଲେ। ଶେଷରେ ଉଚ୍ଚଶିକ୍ଷା ବିଭାଗ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଗତ ଏପିଲ ୧୬ରେ ଆରମ୍ଭ ହୋଇ ମେ ୨୦ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁକ୍ତ ୨ର ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇନଥିବା ଯୋଗୁଁ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଶେଷ ହେଉଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଥିଲା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଯୁକ୍ତ ୩ ନାମଲେଖା ଆବେଦନ ଅବଧି ଜୁନ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏହିପରି ଆସନ୍ତା ବୁଧବାର ଅପରାହ୍ନ ୪ ଟାରେ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇବା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ଛାତ୍ରଛାତ୍ରୀ ମାନେ ଆସନ୍ତା ଜୁନ ୧ ତାରିଖ ପର୍ଯ୍ୟନ୍ତ ଏସଏଏମଏସ ପୋର୍ଟାଲରେ ଅନ୍‌ଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ସେହିପରି ଯୁକ୍ତ ୨ ପରୀକ୍ଷାରେ ରଖିଥିବା ନିଜର ମାର୍କକୁ ମଧ୍ୟ ଜୁନ ୧ ତାରିଖ ସୁଦ୍ଧା ଅପ୍‌ଲୋଡ କରିପାରିବେ। ସେପଟେ ଚଳିତ ବର୍ଷ ଫେବ୍ରୁଆରୀ ୧୮ ତାରିଖରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇ ୨୭ ତାରିଖରେ ପରୀକ୍ଷା ସରିଥିଲା। ଆଉ ଏପ୍ରିଲ ୨ରୁ ଖାତା ଦେଖା ଆରମ୍ଭ କରିଥିବା ଗଣଶିକ୍ଷ ବିଭାଗ ମେ ୧୫ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ପ୍ରକାଶ କରିଥିଲେ।

# ମା'ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା



ଡାବୁଗାଁ, ୨୦।୫ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ କୋଇଲାରି ଗ୍ରାମପଞ୍ଚାୟତ ଅଧୀନ ସରାଗୁଡା ଗ୍ରାମଠାରେ ମଙ୍ଗଳବାର ମହାସମାରୋହରେ ମା'ପେଣ୍ଡ୍ରାଣୀ ଠାକୁରାଣୀ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଆଖପାଖ ଗ୍ରାମର ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଚି ଗ୍ରାମ ପରିକ୍ରମା କରି ମା'ପେଣ୍ଡ୍ରାଣୀ ଠାକୁରାଣୀ ମନ୍ଦିର ନିକଟରେ ପହଞ୍ଚି ଜଗଦୀଶ ପୁଝାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପୂଜାରୀ, ଶିରା ମାନେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମାପନ କରି ଥିବା ବେଳେ ଉକ୍ତ ଯାତ୍ରାରେ ବହୁ ଉଠା ଦୋକାନୀ ମାନଙ୍କ ଭିଡ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ଶ୍ରଦ୍ଧାଳୁମାନଙ୍କ ପାଇଁ ରାତ୍ରିରେ ମନୋରଞ୍ଜନ ନିମନ୍ତେ କୋରାପୁଟ ଜିଲ୍ଲାର ବୋରୀଗୁମ୍ମା ବ୍ଲକ ଅଧୀନ ପୋଡ଼ାପଦର ଗ୍ରାମର ସରଜ ଗୁରୁଙ୍କ "ବେଇମାନୀ ଝିଅକୁ ଭରସା ନାହିଁ" ନାଟକ ପ୍ରଦର୍ଶନ କରାଯାଇଛି। ଏଥିରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଯାତ୍ରା କମିଟି ମଧ୍ୟରେ କପୁର ଚନ୍ଦ୍ର ମାଝି, ଲାଇବନ ଭତ୍ରା, ଚୈତନ୍ୟ ଭତ୍ରା, ଚନ୍ଦ୍ର ପୂଜାରୀ, କୈଳାଶ ମାଝି, ସଦା ଭତ୍ରା, କମଳ ଭତ୍ରା, ଅଭିମନ୍ୟୁ ଭତ୍ରା, ନରହରି ପୂଜାରୀ, ସନାଧର ଭତ୍ରା, ନରସିଂ ଭତ୍ରା, ଗୁରୁବାରୁ ଭତ୍ରା, ପଦମସାଏ ଭତ୍ରା, ଭଇସୁ ଗୌଡ ପ୍ରମୁଖ ଗ୍ରାମରବ୍ୟକ୍ତିଙ୍କ ସହଯୋଗରେ ଏହା ସମ୍ପନ୍ନ ହୋଇଥିଲା। ଉକ୍ତ ଯାତ୍ରା ପ୍ରତି ବର୍ଷ ସରାଗୁଡା, ଝାଳିଆଗୁଡା ଓ କେନ୍ଦୁଗୁଡ଼ା ପ୍ରମୁଖ ୩ ଟି ଗ୍ରାମ ମିଶି ବହୁ ଦିନକୁ ଆୟୋଜନ କରି ଆସୁଛନ୍ତି।

# କୋଡିଙ୍ଗାମାଳି ପାଇଁ ସର୍ବଦଳୀୟ ପ୍ରସ୍ତୁତି ବୈଠକ

ଟିକିରି,୨୦।୫(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ କଂସାରିଗୁଡ଼ା ଠାରେ ହେବାକୁ ଥିବା ଆଦିତ୍ୟ ଆଲୁମିନା ରିଫାଇନେରୀ ପ୍ରକଳ୍ପ ପାଇଁ ଅଞ୍ଚଳବାସୀ ଦୀର୍ଘ ୨୦ ବର୍ଷ ଅହରହ ସଂଗ୍ରାମ କରି ଚଳିତ ବର୍ଷ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଥିବା ବେଳେ ବେଦାନ୍ତ କମ୍ପାନୀ ଏଠାରେ କୋଡିଙ୍ଗାମାଳିରୁ ୩ ମିଲିୟନ ଟନ୍‌ରୁ ୬ ମିଲିୟନ ବକ୍ସାଇଟ ନେବା ପାଇଁ ଯୋଜନା କରୁଛି। ଏ ନେଇ ଆଜି ପୋଡ଼ାପାଡ଼ି ପଞ୍ଚାୟତ ବଡ ମାଟିକଣାଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା।



ବୈଠକରେ କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲକା, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝୀ, ବରିଷ୍ଠ ବିଜେଡି ନେତା ଜଗଦୀଶ ପାତ୍ର, ବିନୋଦ ନାୟକ, ସମାଜସେବୀ ବିଦ୍ୟା ଦୁରିଆ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟେଶ୍ୱର ମାଝୀ, କାଶିପୁର ଓ ଲକ୍ଷ୍ମୀପୁର ବ୍ଲକର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ଥିବା ବେଳେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ବିଭୀଷଣ ମାଝି, କୈଳାସ କୁଲେଶିକା ଉପସ୍ଥିତ ରହି ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ କୋଡ଼ିଙ୍ଗାମାଳିରୁ ବକ୍ସାଇଟ୍ ନ ଦେବା ପାଇଁ ଆଗାମୀ ଦିନରେ ଏକ ଲିଖିତ ଅଭିଯୋଗ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ରାୟଗଡ଼ା ଓ କୋରାପୁଟଙ୍କୁ ଦେବାକୁ ନିଷ୍ପତ୍ତି ହୋଇଛି। ଏହି ଅଞ୍ଚଳରେ ଗଢ଼ି ଉଠିଥିବା ଆଦିତ୍ୟ ଆଲୁମିନା ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ପ୍ରତି ଧ୍ୟାନ ଦେବା ପାଇଁ ଦାବି ଉପସ୍ଥାପନା କରାଯିବ ବୋଲି ଉପସ୍ଥିତ ବିସ୍ଥାପିତ ଅଞ୍ଚଳବାସୀଙ୍କ ସମ୍ମୁଖରେ ବକ୍ତବ୍ୟ ରଖି ଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ବିକାଶ ପରିଷଦର ସଭାପତି ଡଉଲ ରତ୍ନ ଚୌଧୁରୀ, ଉପ ସଭାପତି ନିଳକଣ୍ଠ ଝୋଡ଼ିଆ, ସମ୍ପାଦକ ରାଜେନ୍ଦ୍ର ଦୁରିଆ ପ୍ରମୁଖ ମଞ୍ଚ ପରିଚାଳନା କରିଥଲେ। ଅର୍ଜି ମାଝୀ, ଲକ୍ଷ୍ମୀ ଧର ବାଘ, ମଧୁ ଝୋଡ଼ିଆ, ତିର୍ପତି ଝୋଡିଆ, ସଞ୍ଜୀବ ବାଘ, ସୁବାସ ବାଘ, ବିପିନ ମଣ୍ଡିଙ୍ଗା, କର୍ଣ ମୁଦୁଲି ଓ ବିଦ୍ୟାରତ୍ନ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।






## ଆଦର୍ଶ ଜଳାତଙ୍କ କ୍ଲିନିକ୍ ଖୋଲିବା ନେଇ ଅନିଶ୍ଚିତତା

# ବର୍ଷେ ପୂର୍ବରୁ ହୋଇଥିଲା ଘୋଷଣା

**ବାରିପଦା, ୨୦।୫(ସମିସ):** ରାଜ୍ୟ ସରକାରଙ୍କ ଘୋଷଣା ପରେ ବି ସର୍ବବୃହତ ମୟୂରଭଞ୍ଜ ଜିଲ୍ଲାରେ ଆଦର୍ଶ ଜଳାତଙ୍କ କ୍ଲିନିକ ଖୋଲିଲା ନାହିଁ। ନ୍ୟାସନାଲ୍ ରାବିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ୍‌ରେ ୨୦୩୦ ସୁଦ୍ଧା ଓଡ଼ିଶା ଜଳାତଙ୍କ ମୁକ୍ତ କରିବା ଲକ୍ଷ୍ୟରେ ବାରିପଦା ସ୍ଥିତ ଜିଲ୍ଲା ହସ୍ପିଟାଲ୍‌ରେ 'ଆଦର୍ଶ ଜଳାତଙ୍କ କ୍ଲିନିକ୍' ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ଏନେଇ ଗତ ବର୍ଷ ଜୁଲାଇ ମାସ ନିଷ୍ପତ୍ତି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ସମେତ ଅନ୍ୟ ୧୫ଟି ଜିଲ୍ଲାର ମୁଖ୍ୟ ହସ୍ପିଟାଲ ସମେତ କ୍ୟାପିଟାଲ ହସ୍ପିଟାଲରେ ଉକ୍ତ କ୍ଲିନିକ୍ କାର୍ଯ୍ୟକ୍ଷମ ହେବ। ଆଗାମୀ ୨୦୨୫-୨୬ ସୁଦ୍ଧା ଅବଶିଷ୍ଟ ଜିଲ୍ଲାରେ ଉକ୍ତ କ୍ଲିନିକ୍ ଖୋଲିବ; କିନ୍ତୁ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇନାହିଁ। ଉକ୍ତ କ୍ଲିନିକରେ କୁକୁର କାମୁଡ଼ା ପ୍ରତିରୋଧ ଚିକିତ୍ସା ପାଇଁ ଆଣ୍ଟି ରାବିଜ୍ ଭ୍ୟାକ୍‌ସିନ୍ ଓ ଆଣ୍ଟି ରାବିଜ୍ ସେରମ୍ ରହିବ ବୋଲି ବ୍ୟବସ୍ଥା ହୋଇଥିଲା। କେନ୍ଦ୍ର ସରକାରଙ୍କ ୱାନ୍ ହେଲ୍‌ଥ ଯୋଜନା ଅନ୍ତର୍ଗତ ନ୍ୟାସନାଲ୍ ରାବିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ୍ (ଏନ୍‌ଆରସିପି) ଅନୁଯାୟୀ ରୋଗ ନିରାକରଣ ଓ ପ୍ରତିକାରମୂଳକ ବ୍ୟବସ୍ଥା କରାଯିବ। ଫଳରେ ଏଠାରେ ଚିକିତ୍ସିତ ବ୍ୟକ୍ତିଙ୍କ ଜଳାତଙ୍କ ରୋଗ ନେଇ ଭୟ ନ ରହିବା ସହ କାହାର ଜୀବନହାନି ହୋଇ ନ ଥାନ୍ତା। ଏଥିସହିତ ରୋଗୀଙ୍କ ସମସ୍ତ ତଥ୍ୟ ଜନସ୍ୱାସ୍ଥ୍ୟ ବିଭାଗକୁ ପଠାଇବାର ବ୍ୟବସ୍ଥା କରାଯାଇଥିଲା। ଏପରିକି ସ୍ୱତନ୍ତ୍ରଭାବେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ନେଇ ଯୋଜନା ହୋଇଥିଲା। କିନ୍ତୁ ସବୁ ଅଟକି ଯାଇଛି। ଏବେ ବିଜେପି ସରକାର ପୂର୍ବ ସରକାରଙ୍କ ଯୋଜନାକୁ ଅଗ୍ରଗତି କରିବାରେ କୁଣ୍ଠାବୋଧ କରୁଛନ୍ତି। ଫଳରେ ଉକ୍ତ କ୍ଲିନିକ ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, କୁକୁର କାମୁଡାରେ ଓଡ଼ିଶା ଦେଶର ପ୍ରଥମ ୧୦ ରାଜ୍ୟ ମଧ୍ୟରେ ରହିଛି।

## ଆଜିଠୁ ରବିଋତୁ ପାଇଁ ଧାନ ସଂଗ୍ରହ ଆରମ୍ଭ

# ୨୪ ଘଣ୍ଟାରେ ଧାନ ଉଠାଇବାକୁ ମିଲର୍‌ଙ୍କୁ ନିର୍ଦ୍ଦେଶ

**ବାରିପଦା, ୨୦।୫(ସମିସ)**



ବୁଧବାର (ଆଜି)ଠାରୁ ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୪-୨୫ ବର୍ଷ ପାଇଁ ଚାଷୀଙ୍କଠାରୁ ରବି ଋତୁ ଧାନ କିଣା ଆରମ୍ଭ ହେବ। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ପକ୍ଷରୁ ନିର୍ଦ୍ଧାରିତ ତାରିଖରେ ଚିତ୍ରଡା ଲ୍ୟାମ୍ପ୍ସରେ ଧାନକିଣା ଶୁଭାରମ୍ଭ ହେବ। ଜିଲ୍ଲାପାଳ ହେମକାନ୍ତ ସଏ ଉଦଘାଟନ କରିବେ। ପ୍ରଥମେ ୧୧ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣା/ସଂଗ୍ରହ କରାଯିବ ବୋଲି ଡିଆରସିଏସ କୃଷ୍ଣଚନ୍ଦ୍ର ଦାସ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ରବିଧାନ ବିକ୍ରି ପାଇଁ ୩୮୩୪ଜଣ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୩୬୩୧ ଚାଷୀ ଯୋଗ୍ୟ ଅଛନ୍ତି। ରାସଗୋବିନ୍ଦପୁର ଲ୍ୟାମ୍ପ୍ସରେ ସର୍ବାଧିକ ୮୧୪ଜଣ ଚାଷୀ ରହିଥିବାବେଳେ ଗୋପବନ୍ଧୁନଗରର ପଶୁଦା ଲ୍ୟାମ୍ପ୍ସରେ ସର୍ବନିମ୍ନ ୭ଜଣ ଚାଷୀ ଧାନ ବିକ୍ରି କରିବେ। ତେବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲା ଯୋଗାଣ/ଆରଏମସି ଏବଂ ଡିଆରସିଏସ ବିଭାଗ ମିଳିତ ତତ୍ତ୍ୱାବଧାନରେ ସମସ୍ତ ବ୍ୟବସ୍ଥା କରାଯାଇଛି। ୨୪ଟି ଲ୍ୟାମ୍ପ୍ସର ୨୫ଟି ଧାନ ସଂଗ୍ରହ କେନ୍ଦ୍ରରେ ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ ଏଫଏକ୍ୟୁ ଓ ସାଧାରଣ ମାନ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା ସହିତ ୮୦୦ ଟଙ୍କା ଇନ୍‌ପୁଟ ସହାୟତା ରାଶି ଏବଂ ଏଫଏକ୍ୟୁ ଗ୍ରେଡ଼ 'ଏ' ମାନ ଧାନର ମୂଲ୍ୟ ୨୩୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ ବିକ୍ରୟ ପାଇଁ ଚାଷୀମାନେ ପୂର୍ବ ନିୟମାବଳୀ ପାଳନ କରିବେ। ବିକ୍ରୟ

### ୩୬୩୧ ଜଣ ପଞ୍ଜୀକୃତ ଚାଷୀଙ୍କ ପାଇଁ ୨୫ଟି କେନ୍ଦ୍ରରେ ବ୍ୟବସ୍ଥା

ଧାନର ସହାୟକ ମୂଲ୍ୟ ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ପାସବହିରେ ୨୪ରୁ ୪୮ ଘଣ୍ଟା ମାଧ୍ୟରେ ଅନଲାଇନ ଜରିଆରେ ପ୍ରଦାନ କରାଯିବ। ଚାଷୀଙ୍କ ଆପତ୍ତି ଅଭିଯୋଗ ଉପରେ ଦୃଷ୍ଟିପାତ କରି ତ୍ୱରିତ ସମାଧାନ କରି ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ କଟନୀ ଛଟନୀ ନ କରିବାକୁ ମିଲରଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସଂଗ୍ରହ ହୋଇଥିବା ଧାନକୁ ୨୪ ଘଣ୍ଟା ମଧ୍ୟରେ ମିଲ ଉଠାଇ ନେବା ପାଇଁ ଜିଲ୍ଲାପାଳ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର ପ୍ରଦାନ

# ଜୁଲାଇ ୯ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ



**ବାରିପଦା, ୨୦।୫(ସମିସ):** ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ନୀରିହ ଲୋକ ଓ ଆତଙ୍କୀର ମୂଳପୋଛ ପାଇଁ ପାକିସ୍ଥାନ ସହ ଲଢେଇକୁ ଗମ୍ଭୀର ଘଟଣା ଭାବେ ବିଚାରକରି ମଙ୍ଗଳବାର ଦେଶବ୍ୟାପୀ ଧର୍ମଘଟକୁ ଆସନ୍ତା ଜୁଲାଇ ୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି; ମାତ୍ର ଶ୍ରମିକ ଛଟେଇ, ସର୍ବନିମ୍ନ ମଜୁରୀ, ଶ୍ରମିକ, କର୍ମଚାରୀ, କୃଷକ, ସାଧାରଣ ମଣିଷମାରଣ ନୀତି ପ୍ରତିବାଦରେ ପ୍ରଧାନମନ୍ତ୍ରୀଙ୍କୁ ୧୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲାର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ପ୍ରଦାନ କରାଯାଇଛି। ଏଆଇଟିୟୁସି ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକ ମଧ୍ୟରେ ୪ଟି ଶ୍ରମ କୋଡ଼ ବାତିଲ କରିବା, ଏମଏସପିକୁ ଆଇନଗତ ମାନ୍ୟତା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସ୍କିମ ୱାର୍କର ଯଥା ଆଶା, ଅଙ୍ଗନବାଡି, ପାଚିକା ସହାୟିକା ସମେତ ଶ୍ରମିକଙ୍କୁ ମାସିକ ୨୬ ହଜାର ଟଙ୍କା ମଜୁରୀ ଧାର୍ଯ୍ୟ କରିବା, ମାସିକ ୯ ହଜାର ଟଙ୍କା ସର୍ବନିମ୍ନ ପେନସନ ଲାଗୁ କରିବା, ରାଷ୍ଟ୍ରୀୟ ମୁଦ୍ରୀକରଣ ରଦ୍ଦ କରିବା, ଓପିଏସ୍ ଲାଗୁ କରିବା, ଠିକା ଶ୍ରମିକ ଠିକା କର୍ମଚାରୀ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା, ୨୦୨୨ ଇଲେକ୍ଟ୍ରି ବିଲ୍ ଉଚ୍ଛେଦ, ୨୦୨୩ ଜଙ୍ଗଲ ସଂରକ୍ଷଣ ଆଇନର ଉଚ୍ଛେଦ, ମନରେଗା ଯୋଜନାରେ ବର୍ଷକୁ ୨୦୦ ଦିନର କାମ ସହ ଦୈନିକ ୬୦୦ ଟଙ୍କା ମଜୁରୀ ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ଦାବିପତ୍ର ସମୟରେ ଆଇଏନଟିୟୁସିର କୈଳାସ ମହାନ୍ତ, ଏଆଇଟିୟୁସି ପକ୍ଷରୁ ମଦନମୋହନ ଜେନା, କାହ୍ନୁଚରଣ ବେହେରା, ମହେଶ୍ୱର ବେହେରା, ସିଆଇଟିୟୁ ଜିଲ୍ଲା ସଭାପତି ସାଥୀ ରବି ଗୋସ୍ୱାମୀ ଓ ଏଆଇୟୁଟିୟୁସିର ସାଥୀ ପିତାମ୍ବର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କୁଠାରୁ ୨.୩୫ ଲକ୍ଷ ସାଇବର ଠକେଇ

**ବାରିପଦା, ୨୦।୫(ସମିସ):** ବ୍ୟବସାୟୀଙ୍କୁ କମ ଦରରେ ସାମଗ୍ରୀ ଯୋଗାଇବା ଆଳରେ ସାଇବର ଅପରାଧୀମାନେ ୨ଲକ୍ଷ ୩୫ ହଜାର ଠକି ନେଇଛନ୍ତି। ଏ ନେଇ ରାଇରଙ୍ଗପୁରର ୱାର୍ଡ ନମ୍ବର ୫ ଅଞ୍ଚଳର ମୁକେଶ କୁମାର ଧନଧନିଆ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କ ବ୍ୟବସାୟୀ ନିମନ୍ତେ ସାମଗ୍ରୀ ଆବଶ୍ୟକ ଥିବା ବେଳେ ଅନଲାଇନରେ ଖୋଜିଥିଲେ। ଏନେଇ ତାଙ୍କୁ ଏକ ଫୋନ ଆସିଥିଲା। ମିଛ କମ୍ପାନୀର ପରିଚୟ ଦେଇ ଅଜ୍ଞାତ ବ୍ୟକ୍ତି ଜଣକ ଖୁବ କମ ଦରରେ ଜିନିଷ ଯୋଗାଇବାର ପ୍ରଲୋଭନ ଦେଇଥିଲେ। ସାମଗ୍ରୀ ପ୍ରଦାନ ପୂର୍ବରୁ ଏକ ବ୍ୟାଙ୍କ ଆକାଉଣ୍ଟକୁ ୨ଲକ୍ଷ ୩୫ ହଜାର ଟଙ୍କା ପଠାଇବାକୁ କହିଥିଲେ। ପରେ ସେ ଟଙ୍କା ପଠାଇଥିଲେ। ଏହାପରେ ତାଙ୍କର ସନ୍ଦେହ ହେବାରୁ ୟୁପିଆଇ ଜରିଆରେ ଉକ୍ତ ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯାଞ୍ଚ କରିଥିଲେ। ତେବେ ଜାଲ ବ୍ୟାଙ୍କ ଆକାଉଣ୍ଟ ବୋଲି ଜାଣିବାକୁ ପାଇଥିଲେ। ପୁଣି ଟଙ୍କା ଫେରସ୍ତ କରିବାକୁ ଫୋନ କରିଥିଲେ ସୁଦ୍ଧା କୋଣସି ଯୋଗାଯୋଗ ହୋଇନଥିଲା। ତେବେ ସାଇବର ଅପରାଧୀ ମାନଙ୍କ ଠକେଇ ଶିକାର ହୋଇ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## 'ଆବାସ' ନିର୍ମାଣରେ ପ୍ରତିବନ୍ଧକ ସାଜିଛନ୍ତି ରାଜ୍ୟ ସରକାର

# ଜେଏମ୍‌ଏମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୬ଦଫା ଦାବିପତ୍ର



**ବାରିପଦା, ୨୦।୫(ସମିସ):** ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି କରି ନିଜେ ରାଜ୍ୟ ବିଜେପି ସରକାର ପ୍ରତିବନ୍ଧକ ସାଜିଛନ୍ତି। ଫଳରେ ଗୃହ ନିର୍ମାଣରେ ବହୁ ସମସ୍ୟା ସୃଷ୍ଟି ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମଙ୍ଗଳବାର ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ପକ୍ଷରୁ ୬ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାରିପଦା ବିଡ଼ିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। ବାରିପଦା ବ୍ଲକରେ ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ କୌଣସି ସମାଧାନ ହେଉନାହିଁ। ଆବାସ ଯୋଜନା ଗୃହ ନିର୍ମାଣ ପାଇଁ ବାଲିର ଆବଶ୍ୟକତା ରହିଛି; କିନ୍ତୁ ବର୍ତ୍ତମାନ ବାଲିରେ ସରକାରୀ ରୟାଲଟି ଅହେତୁକ ଭାବେ ବୃଦ୍ଧି ହେତୁ ବାଲି କିଣିବା ଅସମ୍ଭବ ହୋଇପଡ଼ିଛି। ଆବାସ ଗୃହ ପାଇଁ ମିଳୁଥିବା ଅର୍ଥ ରାଶି ଅନୁଯାୟୀ ବାଲିର ଦର ଢେର୍ ଅଧିକ। ଫଳରେ ଲୋକେ ଗୃହ ନିର୍ମାଣ କରି ପାରୁନାହାଁନ୍ତି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଯୋଗୁଁ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା, ନିର୍ବାଚନ ଇସ୍ତିହାର ଅନୁଯାୟୀ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି, ବାରିପଦା ବ୍ଲକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ଶିକ୍ଷିତ ବେକାର ୟୁବକ/ୟୁବତୀଙ୍କୁ ସରକାରୀ ନିଯୁକ୍ତି, ଗ୍ରାମାଞ୍ଚଳରେ ସଠିକ ଭାବେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରିବା ଆଦି ଦାବି ରହିଛି। ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦଳ ନିବେଦନ କରିଛି। ଦାବି ପୂରଣ ନହେଲେ ଜେଏମଏମ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପରାନ ସୋରେନ, ରୋହିଦାସ ସିଂ, ସନାତନ ମୁର୍ମୁ, ଦିବାକର ସୋରେନ, ସୁଜିତ ବେହେରା, ତରେନ ସେନାପତି, ପାରାନ ହେମ୍ବ୍ରମ, ଚମ୍ପିୟାନ ହେମ୍ବ୍ରମ, କର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ଆନ୍ତଃ ସମନ୍ୱୟ କମିଟି ବୈଠକ

# ମେଲେରିଆ ପ୍ରବଣ ବ୍ଲକ୍‌ରେ ଶୀଘ୍ର ମଶାରୀ ବଣ୍ଟନ ନିର୍ଦ୍ଦେଶ

**ବାରିପଦା, ୨୦।୫(ସମିସ)**

ସ୍ୱାସ୍ଥ୍ୟ ବିଭାଗ ଅଧୀନ ଜିଲ୍ଲାସ୍ତରୀୟ ଆନ୍ତଃ ସମନ୍ୱୟ କମିଟିର ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ପ୍ରଭାତ କୁମାର ବେହେରା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ, ଦୁର୍ଗମ ଅଞ୍ଚଳରେ ମେଲେରିଆ ନିରାକରଣ ପାଇଁ ଦମନ-ଅଭିଯାନ ଏବଂ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ୧୦୮ ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟ ସେବାରେ କିପରି ଉନ୍ନତ ମାନର ସେବା ପ୍ରଦାନ କରାଯାଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ମେଲେରିଆ ପ୍ରବଣ ବ୍ଲକରେ ଶୀଘ୍ର ମଶାରୀ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦମନ କାର୍ଯ୍ୟକ୍ରମର ଠିକ ରୂପାୟନ ଉପରେ ଅନୁଧ୍ୟାନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଥିଲେ। ଏହା ପରେ ଡା ଶାନ୍ତନୁ କୁମାର ଦାଶ, ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ ଏବଂ ସମସ୍ତ ଜନସାଧାରଣ, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏଥିରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କହିଥିଲେ। ଏହି ସମୟ ଅବଧି ମଧ୍ୟରେ ସମସ୍ତେ ଖାଦ୍ୟ ଖାଇସାରି ଡ଼ିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ବଟିକା ଏକତ୍ର ଗୋଟିଏ ମାତ୍ରାରେ ବୟସ ଓ ଉଚ୍ଚତା ଅନୁସାରେ ଖାଇବା ପାଇଁ ଅନୁରୋଧ କରିଥିଲେ। ଏହା ପରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ପରିଚାଳକ ଅନିଲ କୁମାର ମହାନ୍ତି, ୧୦୮ ଆମ୍ବୁଲାନ୍ସ କିପରି ସଠିକ ଭାବରେ ଲୋକଙ୍କ ପାଖରେ ପହଞ୍ଚି ସାହାଯ୍ୟ କରିବା ସହିତ ସ୍ୱାସ୍ଥ୍ୟ ବିଭାଗରେ କିପରି ଉନ୍ନତମାନର ସେବା ପ୍ରଦାନ କରାଯାଇପାରିବ ସେ ନେଇ ବିବରଣୀ ଦେଇଥିଲେ। ବୈଠକରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ରବୀନ୍ଦ୍ର କୁମାର ମିଶ୍ର, ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ, ଜିଲ୍ଲା ପରିବାର କଲ୍ୟାଣ ଅଧିକାରିଣୀ ସୁନନ୍ଦା ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଘାସିରାମ ମୁର୍ମୁ, ଜୋନାଲ ସଂଯୋଜକ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ) ଡା ନିଶିତ କୁମାର ଦାଶ, ରାଜ୍ୟ ସଂଯୋଜକ (ଭେକ୍ଟର ବାହିତ ରୋଗ) ଆଲୋକ କୁମାର ପତିଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ୟୁବପିଢିଙ୍କୁ ମଞ୍ଚ ନାଟକ ପ୍ରତି ଆକର୍ଷିତ ପାଇଁ ଅଭିନବ ପ୍ରୟାସ



**ବାରିପଦା, ୨୦।୫(ସମିସ):** ଆଜିର ୟୁବପିଢି ରିଲ, ୱେବ ସିରିଜ, ଟିଭି ଓ ସିନେମାରେ ଅଭିନୟ କରି ଅଳ୍ପ ସମୟ ମଧ୍ୟରେ ଲୋକପ୍ରିୟତା ଓ ଟଙ୍କା ଉପାର୍ଜନ କରିବା ପାଇଁ ବ୍ୟତିବ୍ୟସ୍ତ; ମାତ୍ର ଏହା ସତ୍ୟ ଯେ ଥିଏଟରକୁ ଅଭିନୟର ଅନ୍ତୁଡ଼ିଶାଳ ବୋଲି କୁହାଯାଏ। ଗତ କିଛି ମାସ ମଧ୍ୟରେ ବାରିପଦା ସହିଦ ଭବନରେ ଅନେକ ନାଟକ ମଞ୍ଚସ୍ଥ ହୋଇଛି। ସେଥିରୁ ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ ପାଞ୍ଚାଳୀ ମଧ୍ୟ ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ବହୁ ନୂଆ ଅଭିନେତା/ଅଭିନେତ୍ରୀ ଅଭିନୟ କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ସହ ନାଟକ ସହ ଜଡିତ ସମସ୍ତଙ୍କୁ ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଡଃ କୁମରମଣି ନାୟକ ଯୋଗଦେଇ ୟୁବପିଢି ନାଟକ ପ୍ରତି ଆକୃଷ୍ଟ ହେଉଥିବାରୁ ସେ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ନାଟ୍ୟକାର ଇନ୍ଦୁଭୂଷଣ କାନୁନଗୋ, ନିର୍ଦ୍ଦେଶକ ଅଧ୍ୟାପକ ରାଜେଶ ଦାଶଙ୍କ ସମେତ ଆଦିତି ପ୍ରଧାନ, ସ୍ରିଷ୍ଟି ସାନଭି ପାତ୍ର, ରାଜେଶେନି ଜେନା, ଜ୍ୟୋତିର୍ମୟୀ ପଲେଇ, ହିମାଂଶୁ ସାହୁ, ଶୁଭମ ପ୍ରସାଦ, କ୍ରିଷ୍ଣା ମୋହନ ଦାସ, ଚିନ୍ମୟ ସେଜପଡ଼ା, ସୁଜୟ ମହାନ୍ତି, ଧର୍ମଜିତ ମହାପାତ୍ର, ଗୁହିରାମ ଜେନା, ରଣଜିତ ସାହୁ, ଜ୍ଞାନ ପଣ୍ଡା, ଗୋକୁଳ ଚନ୍ଦ୍ର ଦାସ, ପ୍ରସନ୍ନ କୁମାର ମହାନ୍ତି, ଖୁସବୁ ଦାଶ, ଦର୍ଶନା ଭଞ୍ଜଦେଓ, ଦୀପଶିଖା ବିନ୍ଧାଣି, ଦେବାନନ୍ଦ ପାତ୍ର ଓ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଟିମ୍ 'ସି' ବିଜୟୀ



**ବାରିପଦା, ୨୦।୫(ସମିସ):** ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ସି ୧୦ ଉଇକେଟରେ ଟିମ-ଏ'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ-ଏ ୧୧. ୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୯ ରନ ସଂଗ୍ରହ କରିଥିଲେ। ଗମ୍ଭୀର ପିଙ୍ଗୁଆ ୫ଟି ଉଇକେଟ ଅକ୍ତିଆର କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜବାବରେ ଟିମ-ସି ୫. ୫ ଓଭରରେ କୌଣସି ଉଇକେଟ ନ ହରାଇ ୪୨ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ।ଓ ଆଇନଜୀବୀ ତଥା ସମାଜସେବୀ ସଞ୍ଜୀବ ମହାନ୍ତି, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ଅମ୍ବିକା ରାଉତ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମିତାଭ ପଟ୍ଟନାୟକ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବୁଧବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଇ ଓ ଟିମ-ବି ମଧ୍ୟରେ ଖେଳ ଅନୁଷ୍ଠିତ ହେବ।






# ଆରଏସ୍‌ପି ଅଧିକାରୀଙ୍କ ପାଇଁ 'ସକ୍ଷମ୍ କୁଇଜ୍-୨୦୨୫'

**ରାଉରକେଲା, ୨୦।୫(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର ଏସ୍‌ପି)ର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଅଧିକାରୀମାନଙ୍କ ପାଇଁ ସେଲ୍‌ଫସ୍ତରୀୟ ମ୍ୟାନେଜମେଣ୍ଟ ଏବଂ ବିଜିନେସ କୁଇଜ୍ 'ସକ୍ଷମ୍ - ୨୦୨୫'ର ଏକ ପ୍ରାରମ୍ଭିକ ପର୍ଯ୍ୟାୟ ଆୟୋଜିତ ହୋଇଛି। ପ୍ରତିଯୋଗିତାରେ ମୋଟ୍ ୩୦ଟି ଦଳ ଅଂଶଗ୍ରହଣ କରିଥିଲେ।



କୁଇଜ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମଟି ଲିଖିତ ଏବଂ ଦ୍ୱିତୀୟଟି ମୌଖିକ ଥିଲା। ଛଅଟି ଦଳ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିମଧ୍ୟରୁ, ଡିଆଇସି-ସଚିବାଳୟର ଜିଏମ୍-ଟେକ୍ ଶ୍ରୀମନ୍ତ କୁମାର ମଲ୍ଲିକ, ଏବଂ ଏଜିଏମ୍ ରିକି ଅଗ୍ରୱାଲ ବିଜେତା ହୋଇଥିଲେ। କୋକ୍ ଓଭନ୍ସ ବିଭାଗର ଏଜିଏମ ସମ୍ପଦ ମିଶ୍ର ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଅଭିଷେକ କୁମାର ମିଶ୍ରଙ୍କ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହି ଦୁଇଟି ଦଳ ସେଲ୍‌ଫସ୍ତରୀୟ ଫାଇନାଲ୍ ରାଉଣ୍ଡରେ ଅଂଶଗ୍ରହଣ କରିବେ। ଏସ୍‌ଏମ୍‌ଏସ୍-୧ ବିଭାଗର ସିନିୟର ମ୍ୟାନେଜର ଏସ୍ ଶ୍ରୀନାଥ ଏବଂ ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ସିନିୟର ମ୍ୟାନେଜର ପୁଷ୍ପାଞ୍ଜଳି ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରିଫ୍ରାକ୍ଟୋରିଜ୍ ଏବଂ ଏଲଡିବିପି ବିଭାଗର ସିଜିଏମ ଏସ୍‌ଏସ୍. ପଣ୍ଡା ଏବଂ ଜଳପ୍ରବନ୍ଧନ ବିଭାଗର ଜିଏମ ଇନଚାର୍ଜ ଦେବଜିତ୍ ରାଭା କୁଇଜ୍ ମାଷ୍ଟର ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଚ୍‌ଆର ଏଲ୍‌ଆଣ୍ଡଡି ବିଭାଗର ଜିଏମ୍ ଚୈତାଳି ଦାସ ସଂଯୋଜନା କରିଥିଲେ। ଏହି ବାର୍ଷିକ କାର୍ଯ୍ୟକ୍ରମ କମ୍ପାନୀର କର୍ମଚାରୀମାନଙ୍କର ବ୍ୟବସାୟିକ ବିକାଶ, ନୂତନ ପରିଚାଳନା ଧାରଣା, ବ୍ୟବସାୟିକ ବ୍ୟକ୍ତିତ୍ୱ, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଇତିହାସ ଏବଂ ସେଲର ଐତିହ୍ୟ ଇତ୍ୟାଦି ବିଷୟରେ ଜ୍ଞାନ ଏବଂ ସଚେତନତା ବିକାଶ କରିବା ପାଇଁ ଉଦ୍ଦିଷ୍ଟ ଅଟେ।

# ଅବ୍ୟବସ୍ଥାରେ ଇଏସ୍‌ଆଇସି ମଡେଲ ହସ୍ପିଟାଲ

**ରାଉରକେଲା, ୨୦।୫(ସମିସ)**

ଅବ୍ୟବସ୍ଥା ଘେରରେ ରାଉରକେଲା ଇଏସ୍‌ଆଇସି ମଡେଲ ହସ୍ପିଟାଲ। ହସ୍ପିଟାଲର ବିଭିନ୍ନ ବିଭାଗରେ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହାର ତଦନ୍ତ ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ ଇଏସଆଇସି ମଡେଲ ହସ୍ପିଟାଲରେ ବିଗତ ଦୁଇବର୍ଷ ମଧ୍ୟରେ ଇଞ୍ଜିନିୟରିଂ ବିଭାଗରେ

**ନିମ୍ନମାନ କାର୍ଯ୍ୟର ତଦାରଖ ଦାବି**

ହୋଇଥିବା ସେଣ୍ଟ୍ରାଲ ଏୟାର କଣ୍ଡିସନସ୍ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ମାତ୍ର ୨୦ ଭାଗ କାର୍ଯ୍ୟ କରୁଥିବା ବେଳେ ୮୦ ଭାଗ ଖରାପ ଅଛି। ସୋଲାର ବିଦ୍ୟୁତ ଶକ୍ତି ଚାଲିଥିବା ବିଜୁଳି ବତି ରାତିରେ ମିଞ୍ଜି ମିଞ୍ଜି ହୋଇ ଜଳୁଛି, ଷ୍ଟ୍ରିଟ ଲାଇଟ, ଫ୍ୟାନ୍ସି ଲାଇଟିଂ ଏ ସମସ୍ତ କାମରେ ବ୍ରାଣ୍ଡେଡ୍ ଜିନିଷ ପରିବର୍ତ୍ତେ ପୋଲ, ତାର, ଲାଇଟ୍ ଓ ବାକ୍ସ ଲୋକାଲ ଲଗାଯାଇଛି। କଲୋନୀ ପାଇଁ ନୂତନ ଭାବେ ଲଗା ଯାଇଥିବା ୪୪୦ ଭୋଲ୍ଟେଜ କେବୁଲ୍ ବ୍ରାଣ୍ଡେଡ୍ ପରିବର୍ତ୍ତେ ଲୋକାଲ ଲଗାଯାଇଛି। ଏଥିସହିତ କଲୋନୀ ଓ ହସ୍ପିଟାଲରୁ ନିର୍ଗତ ଦୂଷିତପାଣିକୁ ୱେଷ୍ଟେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ସ୍ଥାପନ କରିବା ନିମନ୍ତେ ପ୍ରଥମେ ଫାଉଣ୍ଡେସନ କରିବା ପରେ ତାହା ଉପରେ ନିର୍ମାଣ କରିବା ଉଚିତ୍। କିନ୍ତୁ ବିନା କୌଣସି ପ୍ରକାର ଫାଉଣ୍ଡେସନରେ ତାହା ଇନଷ୍ଟଲ୍ କରାଯାଇଛି। ପଚାରିବାରୁ ପରେ ଫାଉଣ୍ଡେସନ ହେବ ବୋଲି ଯନ୍ତ୍ରୀ ଉତ୍ତର ଦେଇଥିଲେ। ଏଥି ସହିତ ରୋଗୀ ଓ ତାଙ୍କର ସହଯୋଗୀଙ୍କ ଥଣ୍ଡା ପିଇବା ପାଣି ବ୍ୟବହାର କରିବା ପାଇଁ ଆସିଥିବା ମେସିନ ଆସିବା ପରେ ଖରାପ, ଶ୍ରମିକଙ୍କଠାରୁ ଆଦାୟ ଅର୍ଥ ଦୁରୁପଯୋଗ ନହେବା ପାଇଁ ଅତି ମୋଟାଅଙ୍କର ମାସିକିଆ ଦରମାରେ ନିଯୁକ୍ତ ଏକମାତ୍ର



ଯନ୍ତ୍ରୀ ଏହାର ପ୍ରକୃତ ତତ୍ତ୍ୱାବଧାରକ। ଏଥିସହିତ ସୁପରିଟେଣ୍ଡେଣ୍ଟ ମଧ୍ୟ ସର୍ବୋଚ୍ଚ ତତ୍ତ୍ୱାବଧାରକ। ଏନେଇ ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ହସ୍ପିଟାଲ ସୁପରିଟେଣ୍ଡେଣ୍ଟଙ୍କୁ ଏକ ଚିଠି ଦ୍ୱାରା ଏହାର ଜରୁରୀକାଳୀନ ଭିତ୍ତିରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ନଚେତ୍ ସିବିଆଇ ତଦନ୍ତ କରିବାକୁ ସୁପାରିଶ କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି।

# କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବୀରଗାଥାକୁ ସମ୍ମାନ ଜଣାଇ ବିଶେଷ କାର୍ଯ୍ୟକ୍ରମ

**ରାଉରକେଲା, ୨୦।୫(ସମିସ):** ଦେଶର ବୀର ଯବାନଙ୍କ ବିରତ୍ୱକୁ ସମ୍ମାନ ଦେବା ଏବଂ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ଆଜି ରାଉରକେଲା ସେକ୍ଟର-୨୧ ନୟାବଜାର ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଯୋଗ ଦେବା ସହିତ ଏକ ଓଆର୍‌ଏସ୍ କେନ୍ଦ୍ର ସହ ଜଳଛତ୍ରର ଉଦ୍‌ଘାଟନ କରିଥିଲେ। ବିଶେଷ ଭାବେ ଦେଶର



ବୀର ଝିଅ ସୋଫିଆ କ୍ୟୁରେସିଙ୍କ ସମ୍ମାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରା ଯାଇଥିଲା। ଆଜି ଦେଶର ମହିଳା ସେନା ଅଧିକାରୀ ସୋଫିଆ କ୍ୟୁରେସିଙ୍କ ଚର୍ଚ୍ଚା ସବୁଆଡ଼େ ହେଉଛି। ତାଙ୍କର ଦେଶପ୍ରତି ତ୍ୟାଗ ଏବଂ ବିରତ୍ୱରେ ଅନୁପ୍ରାଣିତ ହୋଇ ଝିଅମାନେ ଭବିଷ୍ୟତରେ ତାଙ୍କ ପରି ହେବାକୁ ଲକ୍ଷ ରଖିଛନ୍ତି। ଛୋଟଛୋଟ ଝିଅମାନଙ୍କ ଏହି ସ୍ୱପ୍ନକୁ ସାକାର କରିବା ଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ପ୍ରଚେଷ୍ଟାରେ ପ୍ରଥମ ପର୍ଯ୍ୟାୟରେ ୧୦୦ଜଣ ଝିଅଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣରେ ମୁଖ୍ୟତଃ ମାର୍ସିଆଲ ଆର୍ଟ ସହ ଅନ୍ୟ ଟ୍ରେନିଂ ଦିଆଯିବାର ବ୍ୟବସ୍ଥା କରାଯାଉଛି।

**ପାଠପଢ଼ାରେ ଅର୍ଥ ସାଜିଥିଲା ବାଧକ**

# ଶିବାନୀ ମୁହଁରେ ହସ ଫୁଟିଲା

**ରାଉରକେଲା, ୨୦।୫(ସମିସ):** ପାଠ ପଢ଼ାଇ ଝିଅର ଭବିଷ୍ୟତ ଗଢ଼ିବାକୁ ମା' ଉଦ୍ୟମ କରୁଥିବାବେଳେ ଅର୍ଥ ସାଜିଥିଲା ବାଧକ। ଏହି ସମୟରେ ଯୁବ ସ୍ୱେଚ୍ଛାସେବୀଙ୍କ ଆର୍ଥିକ ସହାୟତା ବାଧକକୁ ଦୂରେଇ ଦେଇଛି। ଫଳରେ ଝିଅର ଭବିଷ୍ୟତ ଗଢ଼ିବାକୁ ନେଇ ମା'ର ଚିନ୍ତା ଦୂର ହୋଇଛି। ସୂଚନା ମୁତାବକ, ସେକ୍ଟର -୭ ସମଲେଶ୍ୱରୀ ବସ୍ତିଠାରେ ସୁଷମା ଦାସ ଓ ୧୦ ବର୍ଷର ଝିଅ ଶିବାନୀ ଦାସ ରୁହନ୍ତି। ଶିବାନୀ ୬ ମାସର ହୋଇଥିବା ବେଳେ ବାପା ଲଳିତ ନାରାୟଣ ଦାସ ଆରପାରିକୁ ଚାଲି ଯାଇଥିଲେ। ଏହି ଦୁଃଖଦ ସମୟରେ ସୁଷମା ନିଜକୁ ସମ୍ଭାଳି ଘରେ ଘରେ କାମ କରି ଅତି କଷ୍ଟରେ ଲାଳନ ପାଳନ କରିବା ସହ ପାଠ ପଢ଼ାଉଥିଲେ। ଝିଅକୁ ଏକ ବେସରକାରୀ ସ୍କୁଲରେ ପାଠ ପଢ଼ାଉଥିବା ବେଳେ ଝିଅ ତୃତୀୟ ଶ୍ରେଣୀ ପାସ କଲାପରେ ଚତୁର୍ଥ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିଲା। ମାତ୍ର ଆର୍ଥିକ ଅନାଟନ ଯୋଗୁଁ ଝିଅ ଶିବାନୀର ସ୍କୁଲ ଫି, ବହି ଖାତା ଓ ଡ୍ରେସ୍ ଦେଇ ପାଠ ପଢ଼ାଇବା ପାଇଁ ନିଜର ଅସମର୍ଥ ପ୍ରକାଶ କରିଥିଲେ। ଏ ବାବଦରେ ସେକ୍ଟର-୮ ଇସ୍ପାତ କ୍ଲବର ଉପଦେଷ୍ଟା ତଥା ସ୍ୱେଚ୍ଛାସେବୀ ଜିତେନ ମାଛଖଣ୍ଡ ଜାଣିବା ପରେ ନିଜର ସହଯୋଗୀ ନିଲୁ ବାରିକଙ୍କୁ ନେଇ ଝିଅ କିପରି ନିଃଶୁଳ୍କରେ ପାଠ ପଢ଼ି ପାରିବ ସେ ନେଇ ପ୍ରଚେଷ୍ଟା କରିଥିଲେ। ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପରିଚାଳିତ ଦୀପିକା ଇସ୍ପାତ ଶିକ୍ଷା ସଦନରେ ପାଠ ପଢ଼ାଇବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ନାମ ଲେଖାଇବା ପାଇଁ ଅନେକ ଗୁଡ଼ିଏ ସର୍ତ୍ତ ଓ ନିୟମାବଳୀ ଜଣାଇଥିଲେ। ଦୁଇ ସମାଜସେବୀ ଏ ନେଇ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ ଯୋଗାଡ଼ କରିଥିଲେ। ବିଧାୟକଙ୍କ ଠାରୁ ସହମତି ପତ୍ର ଆଣିଲେ ନାମଲେଖା ସମ୍ଭବ ହେବ ବୋଲି ପ୍ରଧାନ ଶିକ୍ଷକ କହିବାରୁ ଏ ନେଇ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ଯାଇ ଅନୁରୋଧ କରିଥିଲେ। ବିଧାୟକ ଛୋଟ ଝିଅର ଭବିଷ୍ୟତ, ମା' ଓ



ଯୁବ ସ୍ୱେଚ୍ଛାସେବୀଙ୍କ ଆଗ୍ରହ ଦେଖି ସହମତି ପତ୍ର ପ୍ରଦାନ କରିଥିଲେ। ଯାହାଦ୍ୱାରା ଆଜି ଝିଅ ଶୀବାନୀ ଦାସ ଦୀପିକା ଇସ୍ପାତ ଶିକ୍ଷା ସଦନରେ ପାଠ ପଢ଼ିବା ପାଇଁ ସୁଯୋଗ ପାଇ ପାରିଥିଲା। ସ୍କୁଲରେ ଆଜି ତାର ନାମଲେଖା ହେବା ପରେ ସୁଷମା ଦୁଇ ଯୁବ ସ୍ୱେଚ୍ଛାସେବୀ, ବିଧାୟକ ଓ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଥିଲେ।

# ପୋଖରୀରେ ବୁଡ଼ି ନାବାଳକ ମୃତ

**ବଣାଇଁ, ୨୦।୫(ସମିସ):** ବଣାଇଁ ଥାନା ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଘୋଷରା ଗ୍ରାମରେ ଜଣେ ନାବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛି। ମଙ୍ଗଳବାର ଅପରାହ୍ନରେ ଗ୍ରାମର ଦିଲ୍ଲୀପ କୁମାର ସାହୁଙ୍କ ପୁତ୍ର ସ୍ୱୟମ ପ୍ରକାଶ ସାହୁ (୧୧) ଗୋବିନ୍ଦପୁର ଗୌଡ଼ ବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲା। ଗାଧୋଇବା ସମୟରେ ଅସାବଧାନତା ହେତୁ ଗଭୀର ପାଣିରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହାଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ପୋଖରୀରେ ବହୁ ଖୋଜାଖୋଜି କରିବା ପରେ ନାବାଳକ ପୁଅକୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ବଣାଇଁ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଥିବା ଜଣାପଡ଼ିଛି।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା, ୨୦।୫(ସମିସ):** ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ଚାନ୍ଦିଆ ଗ୍ରାମର ମୂଳବାସିନ୍ଦା ବାଦଲ ଜେନା (୩୨)। ସେ ଗତକିଛି ଦିନ ହେବ ପାନପୋଷବସ୍ତିରେ ରହି ଆସୁଥିଲେ। ସୋମବାର ବିଳମ୍ବିତ ରାତିରେ ସେ ରଶି ଲାଗଇ ଆତ୍ମହତ୍ୟ କରିଥିଲେ। ପଡ଼ୋଶୀମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ। ହେଲେ ବାଦଲ କ'ଣ ପାଇଁ ଏହି ପଦକ୍ଷେପ ଗ୍ରହଣ କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ସେବା ସପ୍ତାହ ଉଦ୍‌ଯାପିତ



**ରାଉରକେଲା, ୨୦।୫(ସମିସ):** ରାଉରକେଲା ଇସ୍ପାତ କାରଖାନାରେ ମେ'୨୦ ତାରିଖ ଦିନ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ ଉତ୍ସବ ଉଦ୍‌ଯାପିତ ହେବାସହ ଏହି ଅବସରରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାରଖାନାର ଗୋପବନ୍ଧୁ ପ୍ରେକ୍ଷାଳୟରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା କାର୍ଥା ମଞ୍ଚାସୀନ ଥିଲେ। ଏହି ଅବସରରେ ବହୁ ସିଜିଏମ, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସମେତ ସେମାନଙ୍କର ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀ ପଲାଇ ସମାବେଶକୁ ସମ୍ବୋଧିତ କରି ସପ୍ତାହ ପାଳନ ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚଳିତବର୍ଷର ବିଷୟବସ୍ତୁ 'ଅଗ୍ନି ସୁରକ୍ଷିତ ଭାରତ ଗଠନ ପାଇଁ ଏକତ୍ରିତ ହୁଅନ୍ତୁ' ଉପରେ ଆଲୋକପାତ କରି ସେ 'ଶୂନ୍ୟ କ୍ଷତି' ଲକ୍ଷ୍ୟ ହାସଲ କରିବାରେ ସାମୂହିକ ଦାୟିତ୍ୱର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଅଗ୍ନି ନିରାପତ୍ତାକୁ କେବଳ ଗୋଟିଏ ସପ୍ତାହ ମଧ୍ୟରେ ସୀମିତ ନରଖି ସାରାବର୍ଷ ଅଭ୍ୟାସ କରାଯିବା ଉଚିତ। ଅତିଥିମାନେ ସହରାଞ୍ଚଳ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସ୍ୱଟପେଣ୍ଟିଂ କ୍ଷେତ୍ରରେ ତଥା କର୍ମଚାରୀ ଓ ଠିକା ଶ୍ରମିକମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଯଥା ଫାୟାର ମକ୍ ଡ୍ରିଲ, ଅଗ୍ନିଶମ ଓ ସାଧାରଣ କର୍ମଚାରୀଙ୍କ ପାଇଁ ସନ୍ତରଣ, ଆଥ୍‌ଲେଟିକ, ଭଲିବଲ, ପ୍ରବନ୍ଧ, ସ୍ଲୋଗାନ, ହାଉସ କିପିଂ ନିମନ୍ତେ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ବିଚାରକମଣ୍ଡଳୀ ଏବଂ ସପ୍ତାହବ୍ୟାପୀ କାର୍ଯ୍ୟକଳାପକୁ ସମନ୍ୱୟ କରିବାରେ ସାହାଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରରେ ୧୦ ୟୁନିଟ ରକ୍ତ ଦାନ କରିଥିବା କର୍ମଚାରୀମାନଙ୍କୁ ମଧ୍ୟ ପ୍ରଶଂସିତ କରାଯାଇଥିଲା। ଅଗ୍ନିଶମ ସେବା ବିଭାଗର ଜିଏମ୍ ଜୀବନ ବଲ୍ଲଭ ପଟ୍ଟନାୟକ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂହ, ଡେପୁଟି ମ୍ୟାନେଜର ସାବାଜ ଆସିଫ ଠାକୋର ଏବଂ ଶୁଭବ୍ରତ ସାହୁ ଉତ୍ସବ ପରିଚାଳନା କରିଥିଲେ।

# ନବନିଯୁକ୍ତ ବିଜେଡି ରାଜ୍ୟ ଉପସଭାପତି ଓ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ବଣାଇଁ, ୨୦।୫(ସମିସ)**




ଲହୁଣିପଡ଼ା ବ୍ଲକ ଛକ ସ୍ଥିତ କଲ୍ୟାଣମଣ୍ଡପଠାରେ ଲହୁଣିପଡ଼ା ବିଜୁ ଜନତା ଦଳ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନବନିଯୁକ୍ତ ରାଜ୍ୟ ଉପସଭାପତି ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ବିଜେଡି ରାଉରକେଲା ସାଙ୍ଗଠାନିକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠି ଜିଲ୍ଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ରାଉରକେଲା ପୂର୍ବତନ ଉପସଭାପତି ଜ୍ୟୋତିପ୍ରକାଶ ମହାନ୍ତି, ବରିଷ୍ଠ ଆଇନଜୀବୀ ଶିବାଜି ପଣ୍ଡା, ଯୁବନେତା ବାଣେଶ୍ୱର ସାହୁ, ଲହୁଣୀପଡ଼ା ଲ୍ୟାମ୍ପ ସଭାପତି କିଶୋର ଚନ୍ଦ୍ର ନାୟକ, ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ରଣଜିତ କିଷାନଙ୍କ ଅଧ୍ୟକ୍ଷତା ଓ କୁମାର ଗୌତମ ବାରିକଙ୍କ ମଞ୍ଚ ପରିଚାଳନାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖୁଟୁଗାଁ ଲ୍ୟାମ୍ପ ସଭାପତି ଅଜୟ କୁମାର ନାୟକ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲହୁଣୀପଡ଼ା ବ୍ଲକ ବିଜୁ ଜନତା ଦଳ ତରଫରୁ ରାଜ୍ୟ ଉପସଭାପତି ସାରଦା ପ୍ରସାଦ ନାୟକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠି ଏବଂ ଲହୁଣିପଡ଼ା ବ୍ଲକ ଦଳୀୟ ନିର୍ବାଚନ ଅଧିକାରୀ ସୁମିତ୍ରା ଚାରଦିଆଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଲହୁଣୀପଡ଼ା ବ୍ଲକ କାର୍ଯ୍ୟକାରୀ ସଭାପତି ଗୁରୁଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ନକୁଳ ମାହାନ୍ତ, ସାଧେଶ୍ୱରୀ ମାହାନ୍ତ, ମୀନା ମାହାନ୍ତ, ସ୍ମୃତି ରେଖା ମାହାନ୍ତ, ବିଜୁ ଜନତା ଦଳରେ ଯୋଗ ଦେଇଥିବାରୁ ଅତିଥି ମାନେ ଦଳିୟ ଉତରିୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସହୋଯୋଗ ସଭାପତି ଉମେଶ ରାୟ, ପୂର୍ବତନ ଜିଲ୍ଲାପରିଷଦ ଲକ୍ଷ୍ମୀ କିଷାନ, ସରପଞ୍ଚ ମାଳତୀ କିଷାନ, ସରପଞ୍ଚ ସିଙ୍ଗରାୟ ମୁଣ୍ଡା, ଅଶୋକ ବେହେରା, ସୁଶାନ୍ତ କୁମାର ମୁଣ୍ଡାରୀ, ହେମନ୍ତ ମାହାନ୍ତ, ଗଙ୍ଗା ମାହାନ୍ତ, ଦେବ କାନ୍ତ ଜୟସ୍ୱାଲ, ଲକ୍ଷ୍ମୀଧର ମାହାନ୍ତ, ଇନ୍ଦିରା ବୋଡ଼ା, ଅହଲ୍ୟା ନାୟକ, କାନ୍ଦୁର କିଷାନ, ବୈକୁଣ୍ଠ ମାହାନ୍ତ, ଭୁବନାନନ୍ଦ କିଷାନ ହରିହର ମାହାନ୍ତ, ରାକେଶ ରାୟଙ୍କ ସମେତ ବିଜୁ ଜନତା ଦଳର କର୍ମୀ ସହଯୋଗ କରିଥିଲେ।


## ADMISSION NOTICE

### COMMON ENTRANCE TEST- 2025

**FOR ADMISSION AT**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

**POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi

Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

**For details Log on to : https://admission.svnirtar.nic.in**

Director Cum Chairman,
CET & PGET-2025

■ ରଥଖଳାରୁ...

# ଚକରେ ପଡ଼ିଲା ନଡ଼ିଆ ଚାଞ୍ଚ



ପୁରୀ,୨୦।୫(ସମିସ): ଶ୍ରୀନଅର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ମଙ୍ଗଳବାର ସୁଦ୍ଧା ତିନିରଥର ମୋଟ ୪୨ ଚକ ମଧ୍ୟରୁ ୨୮ଟି ଚକ ପ୍ରସ୍ତୁତ ହୋଇଯାଇଛି। ଭୋଇ ସେବକମାନେ ୩୬ଟି ତୁମ୍ବରେ ସିଙ୍ଗଡ଼ାବାଡ଼ିଆ ଅର୍ଥାତ୍ ଅର ସଂଯୋଗ କରିସାରିଛନ୍ତି। ୨୮ଟି ଚକ ସମ୍ପୂର୍ଣ୍ଣ ହେବା ପରେ ଆଉ ୮ଟିରେ ମହାରଣା ସେବକ ପଇ ସଂଯୋଗ କରୁଛନ୍ତି। ସେହିପରି ରଥଚାଳିରେ ସମ୍ପୂର୍ଣ୍ଣ ହୋଇ ରହିଥିବା ଚକଗୁଡ଼ିକୁ ଭୋଇ ସେବକମାନେ ବାହାରକୁ ବାହାର କରିଛନ୍ତି। ବର୍ତ୍ତମାନ ପ୍ରବଳ ଖରା ହେଉଛି। ତେଣୁ ଖରାରେ ଚକ ଫାଟିବା ସମ୍ଭାବନା ଥିବାରୁ ତା' ଉପରେ ନଡ଼ିଆ ଚାଞ୍ଚ ପକାଯାଇଛି। ଅନ୍ୟପକ୍ଷରେ ଭୋଇ ସେବକମାନେ ତିନିରଥ ଚାଳିକୁ ନିରାଡ଼ି ପାଇଁ ୨୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଛନ୍ତି। ଏହାକୁ ମହାରଣା ସେବକ ଏହାକୁ ସାଇଜ୍ କରୁଛନ୍ତି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ରଥ ପାଇଁ ଅଖ କାଠ ଯୋଗାଇ ଦିଆଯାଇଛି। କ୍ରେନ୍ ସାହାଯ୍ୟରେ ୪୦ ଫୁଟିଆ କାଠକୁ ସତର୍କତାର ସହ ମହାରଣା ସେବକଙ୍କୁ ଦେଇଛନ୍ତି। ମହାରଣା ସେବକମାନେ ବାରିସୀରେ ଏହାକୁ ଚଉପଟ କରୁଛନ୍ତି। ସେହିପରି ମହାରଣାମାନେ ଖମ୍ବୀ ଓ ଚଉତା ସାଇଜ୍ କରୁଛନ୍ତି। ରୂପକାର ସେବକମାନେ ସାଲଗୁଜରେ ସିଂହବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଏହାପରେ ସିଂହାସନ, ମୁହାଁଟ, ନାଟଗୋଡ଼ କାର୍ଯ୍ୟ ଖୋଦେଇ କରିବେ ରୂପକାର ସେବକ। ଅନ୍ୟପକ୍ଷରେ ଦୋଳବେଦୀ ପରିସରରେ କମାର ସେବକମାନେ ୪୨ଟି ଯାକ ଚକ ପାଇଁ ଆବଶ୍ୟକ ୧,୩୪୪ଟି ଅରକଣ୍ଟା, ୮୪ଟି ପନ୍ଦାରି ଶେଷ କରିଛନ୍ତି। ବର୍ତ୍ତମାନ ପନ୍ଦାରି ଚାବି ଏବଂ ବଳା ତିଆରି କରୁଛନ୍ତି। ବୁଧବାର ୪୨ଟି ଯାକ ଚକ ପାଇଁ ପନ୍ଦାରି ଚାବି ଓ ବଳା ସମ୍ପୂର୍ଣ୍ଣ ହୋଇଯିବ।

## ୪୩ ପଞ୍ଚାୟତରେ ସରପଞ୍ଚ ଉପ ନିର୍ବାଚନ ଜୁନ୍ ୨୩ରେ

ଭୁବନେଶ୍ୱର,୨୦।୫(ସମିସ): ଆସନ୍ତା ଜୁନ୍ ୨୩ ତାରିଖରେ ୪୩ଟି ସରପଞ୍ଚ ଓ ୨୭୨ ୱାର୍ଡ ମେମ୍ବର ପଦବୀ ପାଇଁ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ୨୪ ତାରିଖରେ ଭୋଟ ଗଣତି ସହିତ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ମଙ୍ଗଳବାର ଏ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ୨୦ଟି ଜିଲ୍ଲାରେ ଖାଲିଥିବା ସରପଞ୍ଚ ଏବଂ ୨୩ ଜିଲ୍ଲାରେ ୱାର୍ଡ ମେମ୍ବର ପଦବୀ ପାଇଁ ନିର୍ବାଚନ ହେବ। ନିର୍ବାଚନ ପାଇଁ ଚଳିତ ମାସ ୨୦ ତାରିଖରୁ ଜୁନ୍ ୨୪ ଯାଏଁ ଉକ୍ତ ଅଞ୍ଚଳରେ ଆଦର୍ଶ ଆଚରଣ ବିଧି ବଳବତ୍ତର ରହିବ ବୋଲି ଜଣାପଡିଛି। ଚଳିତ ମାସ ୨୨ ତାରିଖରେ ନିର୍ବାଚନ ସମ୍ପର୍କରେ ଘୋଷଣା କରାଯିବ ଏବଂ ୨୬ରୁ ୩୧ ତାରିଖ ମଧ୍ୟରେ ନାମାଙ୍କନ ଦାଖଲ କରାଯିବ। ଜୁନ୍ ୪ ତାରିଖ ନାମାଙ୍କନ ପ୍ରତ୍ୟାହାର ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଜୁନ୍ ୨୩ ତାରିଖ ସକାଳ ୭ରୁ ଅପରାହ୍ନ ୧ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବ। ପରଦିନ ଭୋଟ ଗଣତି ଏବଂ ୨୫ ତାରିଖରେ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ।

**ସମ୍ବଲପୁର ମହାନଗର ନିଗମରେ ଠକେଇ**

# ଜାଲ୍ ଚେକ୍‌ରେ ୪ କୋଟି ହଡ଼ପ ଉଦ୍ୟମ

■ ଏସ୍‌ଏମସି କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ
■ କୋଲକାତାର ଏକ ଏଜେନ୍ସିକୁ ଯାଉଥିଲା ଟଙ୍କା

■ ସମ୍ବଲପୁର, ୨୦।୫ (ସମିସ): ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି)ରେ ଏକ ବଡ଼ ଠକେଇ ସାମ୍ନାକୁ ଆସିଛି। ଏସ୍‌ଏମ୍‌ସି ନାମରେ ଜାଲ ଚେକ୍ ଦେଇ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ପାଇଁ ଯୋଜନା ହୋଇଥିଲା। ଏପରିକି, ବ୍ୟସ୍ତବହୁଳ ଦିନରେ ବ୍ୟାଙ୍କରେ ଜମା ମଧ୍ୟ ହୋଇଥିଲା। କିନ୍ତୁ ବ୍ୟାଙ୍କ ମ୍ୟାନେଜର ସନ୍ଦେହ କରିବାରୁ ଚେକ୍ କ୍ଲିଅର କରିବା ପାଇଁ ଅଟକାଇ ଦେଇଥିଲେ। ଏସ୍‌ଏମ୍‌ସିକୁ ଜଣାଇବା ପରେ ଖୋଦ୍ କମିସନର୍ ଏନେଇ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି।

ଗତ ୧୬ ତାରିଖରେ ସମ୍ବଲପୁର କାଳିବାଡ଼ିସ୍ଥିତ ଏକ ବ୍ୟାଙ୍କରେ ଏସ୍‌ଏମସି ନାମରେ ଦୁଇଟି ଚେକ୍ ଜମା ହୋଇଥିଲା। ଗୋଟାଏ ଚେକ୍‌ରେ ୧କୋଟି ୯୩ ଲକ୍ଷ ୪୨୭୦୦ ଓ ଅନ୍ୟ ଚେକ୍‌ରେ ୨କୋଟି ୨୪ ଲକ୍ଷ ୯ ହଜାର ୩୦୦ ଟଙ୍କା ଲେଖା ହୋଇଥିଲା। କୋଲକାତାର ଏକ ସଂସ୍ଥା ନାମରେ ଏହି ଦୁଇଟି ଚେକ୍ ରହିଥିଲା। ଚେକ୍‌କୁ ନେଇ ଶାଖା ପରିଚାଳକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଚେକ୍‌ରେ ଦସ୍ତଖତ ଅଲଗା ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ସମ୍ବଲପୁର ମହାନଗର ନିଗମ ସହ ଯୋଗାଯୋଗ କରିଥିଲେ। କେହି ଜାଲିଆତି କରି ଟଙ୍କା ହଡ଼ପ କରୁଥିବା ଜାଣିବାକୁ ପାଇ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏସ୍‌ଏମସି ପକ୍ଷରୁ ଉକ୍ତ ଦୁଇ ଚେକ୍ ପ୍ରଦାନ କରାଯାଇନାହିଁ। ଏହା ପୁରୁଣା ଚେକ୍ ଯାହା ଦଲେଇପଡ଼ାସ୍ଥିତ ପୁରୁଣା ଏସଏମସି ବିଲ୍ଡିଂରେ ରହିଥିଲା। ଆକାଉଣ୍ଟ ସେକ୍ସନରୁ ଉଭୟ ଚେକକୁ କେହି ଚୋରି କରି ଏପରି କାଣ୍ଡ ଭିଆଇଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଚୋରି ପରେ ଅତିରିକ୍ତ ଆୟୁକ୍ତ ଜାଲ ଦସ୍ତଖତ କରି ଟଙ୍କା ହଡ଼ପ ପାଇଁ ଉଦ୍ୟମ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, ପୁରୁଣା ସମ୍ବଲପୁର ମ୍ୟୁନିସିପାଲଟି କାର୍ଯ୍ୟାଳୟରୁ କିଭଳି ଚେକ୍ ଚୋରି ହେଲା ଓ କେବେଠୁ। କାର୍ଯ୍ୟାଳୟ ପରିସରରୁ ବାହାର ଲୋକ ଚେକ୍ ଚୋରି କରିବା ଏକ ପ୍ରକାରର ଅସମ୍ଭବ। ତେଣୁ ଏହି ଠକେଇର ଏସ୍‌ଏମ୍‌ସି ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଏସ୍‌ଏମସି ଆୟୁକ୍ତଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

# ଛେଳି ପାଇଁ ବାଘ ଶିକାର; ୩ ଗିରଫ

**ଛାଲ, ବନ୍ଧୁକ, ଗୁଳି, ଜାଲ ଓ ଭୁଜାଲି ଜବତ**

ଗଣିଆ, ୨୦।୫ (ସମିସ): ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ଗଣିଆ ବନାଞ୍ଚଳ ନଚ୍ଛିପୁର ବିଟ୍ ହାଉସ୍ ଅଧୀନ ଖଳିସାହି ଓ କାଚପଲ୍ଲୀ ଗ୍ରାମରେ ଚଢ଼ଉ କରି ବନ ବିଭାଗ ଏକ କଲରାପତରିଆ ବାଘ ଚମଡ଼ା, ଗୋଟିଏ ଦେଶୀ ବନ୍ଧୁକ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ବନ ବିଭାଗ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଖଳିସାହି ଗ୍ରାମର ତ୍ରିନାଥ ପ୍ରଧାନ, କାଚପଲ୍ଲୀ ଗ୍ରାମର ବିମ୍ବାଧର ନାୟକ ଓ ରାମଚନ୍ଦ୍ର ଦଳବେହେରା। ସେମାନଙ୍କଠାରୁ ବାଘଛାଲ ସମେତ ଗୋଟିଏ ଦେଶୀ ବନ୍ଧୁକ, ଜାଲ, ଗୁଳି ଓ ଭୁଜାଲି ଜବତ ହୋଇଛି। ତେବେ ଏହି ଘଟଣାରେ ସଂପୃକ୍ତ ଅନ୍ୟ ୨ ଅଭିଯୁକ୍ତ ଫେରାର୍ ଅଛନ୍ତି। ଗତ ଜାନୁଆରୀରେ ବାଘଟି ତ୍ରିନାଥଙ୍କର ଗୋଟିଏ ଛେଳିକୁ ମାରି ଖାଇ ଦେଇଥିବାରୁ ପ୍ରତିଶୋଧପରାୟଣ ହୋଇ ସେ ବାଘକୁ ମାରି ଦେଇଥିବାରୁ ସ୍ୱୀକାର କରିଛି। ୫ ମାସ ତଳେ ଶିକାର କରାଯାଇଥିବା ଏହି କଲରାପତରିଆ ବାଘର ବୟସ ୩ରୁ ୪ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଜାଲ ଓ କରେଣ୍ଟ ଦ୍ୱାରା ଅଭିଯୁକ୍ତମାନେ ବାଘଟିକୁ ଶିକାର କରିଥିଲେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, କିଛି ଦିନ ତଳେ ବାଘଛାଲ ବିକ୍ରି ପାଇଁ ଶିକାରୀମାନେ ମସୁଧା ଚଳାଇଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବନକର୍ମଚାରୀମାନେ ଖଳିସାହି ଗ୍ରାମର ତ୍ରିନାଥଙ୍କ ଘରେ ଚଢ଼ଉ କରି ବାଘ ଛାଲ, ବନ୍ଧୁକ ଜବତ କରି ଗଣିଆ ବନବିଭାଗକୁ ଖବର ଦେଇଥିଲେ। ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗଣିଆ, ଦଶପଲ୍ଲା ବନାଞ୍ଚଳ ଓ ଛାମୁଣ୍ଡିଆ ବନାଞ୍ଚଳର ବନ କର୍ମଚାରୀମାନେ କାଚପଲ୍ଲୀ ଗ୍ରାମରେ ଚଢ଼ଉ କରି ବିମ୍ବାଧର ଓ ରାମଚନ୍ଦ୍ରଙ୍କୁ ଗିରଫ କରିଥିଲେ। ଉଲ୍ଲେଖଯୋଗ୍ୟ, ଗଣିଆ ବନାଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ବନକର୍ମଚାରୀମାନେ ପାଟ୍ରୋଲିଂ କରୁନଥିବାରୁ ବନ୍ୟଜନ୍ତୁ ଶିକାର ଦିନକୁ ଦିନ ବୃଦ୍ଧି ପାଉଥିବା ସ୍ଥାନୀୟ ଜନସାଧାରଣରେ ଚର୍ଚ୍ଚା ହେଉଛି।



# ଆଜି +୨ ପରୀକ୍ଷା ଫଳ

**ଅପରାହ୍ନ ୪ଟା ରେ ଘୋଷଣା**

**ୱେବସାଇଟ୍‌ରେ ୧ ଘଣ୍ଟା ପରେ ହେବ ଉପଲବ୍ଧ**

ଭୁବନେଶ୍ୱର, ୨୦।୫ (ସମିସ): +୨ ପରୀକ୍ଷାଫଳ ଆସନ୍ତାକାଲି ଅର୍ଥାତ୍ ବୁଧବାର ପ୍ରକାଶ ପାଇବ। ଅପରାହ୍ନ ୪ଟାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରାଯିବ। ଏହାର ଏକ ଘଣ୍ଟା ପରେ ପରୀକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷା ଫଳ https://results.odisha.gov.in ଏବଂ https://results.digilocker.gov.in ୱେବସାଇଟ୍‌ରେ ଜାଣିପାରିବେ। ସେହିପରି ଏକ ଘଣ୍ଟା ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ମଧ୍ୟ ସେମାନଙ୍କ ସାମଗ୍ରିକ ପରୀକ୍ଷା ଫଳ ଜାଣିପାରିବେ। ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ସାମ୍ସ-ଇସ୍ପେସ୍‌ରୁ ସେମାନଙ୍କର ଟାବୁଲେସନ୍ ରେଜିଷ୍ଟର୍ ପାଇପାରିବେ। ତତ୍କାଳ (ଇନ୍‌ଷ୍ଟାଣ୍ଟ) ପରୀକ୍ଷା ପାଇଁ ଫର୍ମପୂରଣ କରିବାରେ ଏହା ସହାୟକ ହେବ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସୂଚନା ଦେଇଛନ୍ତି। ଚଳିତବର୍ଷ ଏକା ସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ବାହାରିବ। ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ବର୍ଗରେ ମୋଟ୍ ୩ଲକ୍ଷ ୯୩ ହଜାର ୬୧୮ ପିଲା ପରୀକ୍ଷା ଦେଇଛନ୍ତି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ ଜଣ ପିଲା ଥିବା ବେଳେ ବିଜ୍ଞାନରେ ୧ଲକ୍ଷ ୧୪ହଜାର ୯୮୦, ବାଣିଜ୍ୟରେ ୨୫ହଜାର ୫୨୬ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୭୨୧ ଜଣ ପିଲା ରହିଛନ୍ତି।

ସୂଚନାଯୋଗ୍ୟ, ଚଳିତଥର ୪୨୯ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କପି କରି ଧରାପଡ଼ିଥିଲେ। ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତଙ୍କୁ କାଉନସେଲିଂ କରିବା ପରେ ତନ୍ମଧ୍ୟରୁ ୩୭୨ଜଣ କପି କରି ନଥିବା ଜଣାପଡ଼ିଛି। ତେଣୁ ସେମାନଙ୍କ ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇବ। ଅବଶିଷ୍ଟ ୫୭ଜଣ କପି କରିଥିବା ସ୍ପଷ୍ଟ ହେବା ପରେ ସେମାନଙ୍କୁ ଆସନ୍ତାବର୍ଷ ପୁଣିଥରେ ପରୀକ୍ଷା ଦେବାକୁ ପଡ଼ିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

## ଭୁବନେଶ୍ୱରରେ ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ



ଭୁବନେଶ୍ୱର, ୨୦।୫ (ସମିସ): ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ୍ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ତାଙ୍କୁ ସୋଆ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଦୀପ୍ତ କୁମାର ନନ୍ଦ, ଆଇଏନ୍‌ଏଇ ଓଡ଼ିଶା ଶାଖାର ଅଧ୍ୟକ୍ଷ ତଥା ସୋଆ ଆନ୍ତର୍ଜାତିକ ଉପଦେଷ୍ଟାମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର୍ ଦାମୋଦର ଆଚାର୍ଯ୍ୟ ଏବଂ ଆଇଟିଇଆର୍‌ର ନିର୍ଦ୍ଦେଶକ ପ୍ରଫେସର୍ ମାନସ କୁମାର ମଲ୍ଲିକ ସ୍ୱାଗତ ଜଣାଇଥିଲେ। ବୁଧବାର ସନ୍ଧ୍ୟାରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍-୨ ପରିସରରେ ଡ. ନାରାୟଣନ ସୋଆର ଫାକଲ୍ଟି ଏବଂ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତୃତା ପ୍ରଦାନ କରିବେ।

# ଭାଲୁ ସହ ଘଣ୍ଟାଏ ଲଢ଼ିଲେ

**ଜୀବନ ବଞ୍ଚାଇଲେ ବୃଦ୍ଧ**



ପଦ୍ମପୁର, ୨୦।୫ (ସମିସ): ଭାଲୁ ସହ ଦୀର୍ଘ ଘଣ୍ଟାଏ କାଳ ଲଢ଼ି ଜୀବନ ବଞ୍ଚାଇଲେ ବୃଦ୍ଧ। ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଗୁଡ଼ିଆବନ୍ଧ ପଞ୍ଚାୟତ ଅଞ୍ଚଳରେ ଘଟିଥିବା ଏପରି ଏକ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବୃଦ୍ଧଜଣଙ୍କ ହେଲେ, ରାଡୁ ଗ୍ରାମର ଗୁଭାଟି ରାମାରାଓ (୬୦)। ଏଥିରେ ଗୁଭାଟି ଗୁରୁତର ଆହତ ହୋଇଛନ୍ତି। ଭାଲୁଟି ତାଙ୍କ ଡାହାଣ ଗୋଡ଼କୁ କାମୁଡ଼ି କ୍ଷତବିକ୍ଷତ କରିଦେଇଛି। ଚିକିତ୍ସା ଲାଗି ତାଙ୍କୁ ରାୟଗଡ଼ା ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଗୁଭାଟି ଆଜି ପତ୍ନୀଙ୍କ ସହ ଜଙ୍ଗଲକୁ ଯାଉଥିବା ବେଳେ ଗୋଟିଏ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ଗୁଭାଟି ଭୟଭୀତ ନ ହୋଇ ଭାଲୁ ସହ ମୁହାଁମୁହିଁ ଲଢ଼େଇ କରିଥିଲେ। ପ୍ରାୟ ଏକ ଘଣ୍ଟ କାଳ ସେ ଭାଲୁ ସହ ମୁହାଁମୁହିଁ ଲଢ଼େଇ କରିଥିଲେ। ଭାଲୁଟିର ମୁହଁକୁ ଅତି ଜୋର୍‌ରେ ଏକ ବାଉଁଶରେ ବାଡ଼େଇ ଦେବାରୁ ଭାଲୁଟି ଗର୍ଜନ କରି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ଖବର ପାଇ ସ୍ଥାନୀୟ ଲୋକ ଗୁଭାଟିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ରାୟଗଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ସୁଦର୍ଶନ ପଣ୍ଡା ଏସ୍‌ଇଆଇଏଏ ଅଧ୍ୟକ୍ଷ ନିଯୁକ୍ତ



ଭୁବନେଶ୍ୱର,୨୦।୫(ସମିସ): ୧୯୮୭ ବ୍ୟାଚର ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ଡଃ ସୁଦର୍ଶନ ପଣ୍ଡା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ଏସ୍‌ଇଆଇଏଏ)ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ୨୦୨୧ ମସିହାରେ ସରକାରୀ ଚାକିରିରୁ ଅବସର ନେବା ପୂର୍ବରୁ ଡଃ ପଣ୍ଡା ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ନନ୍ଦନକାନନର ନିର୍ଦ୍ଦେଶକ, ଚିଲିକା ଉନ୍ନୟନ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ସେ କାର୍ଯ୍ୟ କରିଛନ୍ତି।

## ୪ ସରକାରୀ ଅଧିକାରୀଙ୍କୁ ଜେଲ ଦଣ୍ଡ

**ଦୁର୍ନୀତି ଏବଂ ଲାଞ୍ଚ ମାମଲାରେ ଭିଜିଲାନ୍ସ ଗିରଫ କରିଥିଲା**

ଭୁବନେଶ୍ୱର,୨୦।୫(ସମିସ): ଭିଜିଲାନ୍ସ ମାମଲାରେ ଧରା ପଡ଼ିଥିବା ୪ ସରକାରୀ ଅଧିକାରୀଙ୍କୁ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ୍ ପୂର୍ବତନ ଡିଜିଏମ୍ ବାବାଜୀ ଚରଣ ପୃଷ୍ଟି, ଓପିଟିସିଏଲ୍‌ର ପୂର୍ବତନ ସହାୟକ ପତ୍ନୀ ଖିରବାଳା ଦେଇଙ୍କୁ ଜେଲଦଣ୍ଡ ହୋଇଛି। ଦୁଇ ଜଣଙ୍କ ଦୁଇ ବର୍ଷ ଜେଲଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଭୟଙ୍କ ପେନସନ ବନ୍ଦ କରିବା ପାଇଁ ମଧ୍ୟ ଭିଜିଲାନ୍ସ ଚିଠି ଲେଖିଛି। ସେହିପରି ଅନ୍ୟ ଏକ ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକର ପୂର୍ବତନ ବିଡ଼ିଓ ସୁବାଷ ଚନ୍ଦ୍ର ମିଶ୍ରଙ୍କୁ ଜେଲଦଣ୍ଡ ମିଳିଛି। ତାଙ୍କୁ କଟକ ସ୍ପେଶାଲ ଭିଜିଲାନ୍ସ କୋର୍ଟ ୨ବର୍ଷ ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ପେନସନ ବନ୍ଦ କରିବାକୁ ମଧ୍ୟ ଭିଜିଲାନ୍ସ ଚିଠି ଲେଖିଛି।

ଅନ୍ୟପକ୍ଷରେ ଏକ ଲାଞ୍ଚ ମାମଲାରେ ବଲାଙ୍ଗୀର ଡିଏଫଓଙ୍କ କାର୍ଯ୍ୟାଳୟର ପୂର୍ବତନ ଜୁନିୟର ଆକାଉଣ୍ଟାଣ୍ଟ ଏବଂ ପିଅନ କାଳନ୍ଦୀ ଚରଣ ଭୂୟାଁଙ୍କୁ ଜେଲଦଣ୍ଡ ମିଳିଛି। ବଲାଙ୍ଗୀର ସ୍ପେଶାଲ ଭିଜିଲାନ୍ସ କୋର୍ଟ ୩ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପଛୁଆବର୍ଗଙ୍କୁ ପୂର୍ଣ୍ଣ ସାମ୍ବିଧାନିକ ଅଧିକାର ଦେବାକୁ ବିଜେପି ବଦ୍ଧପରିକର: ମନମୋହନ



ଭୁବନେଶ୍ୱର,୨୦।୫(ସମିସ): ନିର୍ବାଚନବେଳେ ସଂକଳ୍ପପତ୍ରରେ ବିଜେପି ପଛୁଆବର୍ଗଙ୍କ ଉନ୍ନତି ସମ୍ପର୍କରେ ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ତାହା ଏବେ ପୂରଣ ପ୍ରକ୍ରିୟା ଆରମ୍ଭ କରିଛି। ସରକାର ଗଠନର ମାତ୍ର ୧୧ ମାସ ମଧ୍ୟରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପାଇଁ ଐତିହାସିକ ନିଷ୍ପତ୍ତି ନେଇଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ସେମାନଙ୍କର ହକ୍ ଦେବାକୁ ସରକାର ବଦ୍ଧପରିକର ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ ନିକଟରେ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ବିଜେପି ସରକାର ନିଷ୍ପତ୍ତି ନେଇସାରିଛନ୍ତି। ଚାକିରୀ ଓ ଶିକ୍ଷାକ୍ଷେତ୍ରରେ ପଛୁଆବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଅଛି। ମାତ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କ ସବୁ ସଂରକ୍ଷଣ ମିଶି ୫୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ରାୟ ଶୁଣାଇଛନ୍ତି। ଏଣୁ ରାଜ୍ୟ ସରକାର ଅନୁସୂଚିତ ଜନଜାତି ପାଇଁ ୨୨.୫, ଅନୁସୂଚୀତ ଜାତି ୧୬.୨୫%, ଦିବ୍ୟାଙ୍ଗ ୫% ଓ ସେନାବାହିନୀ ପରିବାର ପାଇଁ ୧ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ୫୦ ପ୍ରତିଶତରୁ କମ୍ ନିୟମ ଆଧାରରେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ।

**ADMISSION NOTICE**

**COMMON ENTRANCE TEST- 2025**

**FOR ADMISSION AT**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

**POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

**For details Log on to : https://admission.svnirtar.nic.in**

Director Cum Chairman,
CET & PGET-2025

# ପରିତ୍ୟକ୍ତ କୂଅରେ ପଡ଼ିଲା ଭାଲୁ

ରାମଚନ୍ଦ୍ରପୁର,୨୦।୫(ସମିସ): ଗତକାଲି ରାତିରେ ମା' ଭାଲୁ ସହ ଆମ୍ବ ଖାଇବାକୁ ଆସି ସ୍ଥାନୀୟ ପୁରୁଣାବାଉଁଶିଆ ପଞ୍ଚାୟତ ସାହିର ଏକ ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲା ଏକ ଭାଲୁ ଛୁଆ। କୂଅ ଭିତରେ ଛୁଆ ଭାଲୁ ଏବଂ ବାହାରେ ମାଆ ଭାଲୁର ଗର୍ଜନ ଶୁଣି ଗାଁଲୋକେ ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବିଳମ୍ବିତ ରାତ୍ରୀରେ ସ୍ଥାନୀୟ ଫରେଷ୍ଟର କେଦାର ପାତ୍ର କର୍ମଚାରୀଙ୍କ ଉଦ୍ୟମକ୍ରମେ ଭାଲୁ ଛୁଆଙ୍କୁ କୂଅ ଭିତରୁ ଉଦ୍ଧାର କରିବା ସମୟରେ ମା' ଭାଲୁ ଘଟଣାସ୍ଥଳରେ ଜଗି ରହିଥିବା ଦେଖାଯାଇଥିଲା। ରାତି ପାହିବା ପରେ ଭାଲୁ ଛୁଆଟିକୁ ଜାଲ ପକାଇ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ ବନକର୍ମଚାରୀ ଓ ସହଯୋଗୀ। ଉଦ୍ଧାର ପରେ ଛୁଆ ଭାଲୁ ମା' ଭାଲୁ ସହ ସୁରକ୍ଷିତ ସ୍ଥାନୀୟ ବରାଙ୍ଗ ଜଙ୍ଗଲକୁ ଚାଲିଯାଇଥିବା ଦେଖିବାକୁ ମିଳିଥିଲା।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦୁଝର,୨୦।୫(ସମିସ): କେନ୍ଦୁଝର କୋର୍ଟ ଏଡିଜେ ମମିତା ଦାସ ଏକ ହତ୍ୟା ମାମଲାର ବିଚାର କରି ପଣ୍ଡାପଡା ଥାନା ଅନ୍ତର୍ଗତ ହୁଣ୍ଡବାଶପାଳ ଗ୍ରାମର ଅଭିଯୁକ୍ତ ଶଙ୍କର ବେହେରାଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡାଦେଶ ରାୟ ଦେଇଛନ୍ତି। ୨୦୧୯ ମଇ ମାସ ୨୭ ତାରିଖ ସନ୍ଧ୍ୟା ୭ଟାବେଳେ କାଳୁ ବେହେରାଙ୍କୁ ଶଙ୍କର ହତ୍ୟା କରିଥିଲା। ରାତିରେ କାଳୁ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ପରଦିନ ବାହୁଟିଆ ପୋଲ ନିକଟରେ ତାଙ୍କର କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନେଇ ମୃତକଙ୍କ କଡଭାଇ ଦର୍ଶନ ବେହେରା ପଣ୍ଡାପଡା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ହତ୍ୟାମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତ ଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କେନ୍ଦୁଝର ଏଡିଜେ ୨୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଫୁଲ୍ଲ ପାତ୍ର ମାମଲା ପରିଚାଳନା କରୁଥିଲେ।

## ଦେଶୀ ମହୁଲି ମଦ ଜବତ



ଡୁରୁମୁଙ୍ଗା, ୨୦।୫(ସମିସ): ପାଟଣା ଥାନା ମେଦିନାପୁର ଗ୍ରାମର ତନୟ ନାୟକ ସୋମବାର ରାତିରେ ତାଙ୍କ ଗ୍ରୋସେରି ଦୋକାନରେ ବେଆଇନ ଭାବେ ଦେଶୀ ମହୁଲି ମଦ ବିକ୍ରି କରୁଥିବା ବେଳେ ଧରାପଡ଼ିଛନ୍ତି। ସାହାରପଡ଼ା ଫାଣ୍ଡି ପୁଲିସ ଚଢ଼ଉ କରି ତାଙ୍କୁ ଗିରଫ କରିଛି। ତନୟଙ୍କଠାରୁ ମୋଟ ୨୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚଢ଼ଉ ଦଳରେ ସାହାରପଡ଼ା ଫାଣ୍ଡିଅଧିକାରୀ ପାର୍ଥ ଓରାମ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଜଳିଗଲା ପତ୍ର ଫଡ଼ି ଘର

ତେଲକୋଇ, ୨୦।୫(ସମିସ): ତେଲକୋଇ ବ୍ଲକ ସିରିଗିଡା ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଥିବା ପତ୍ର ଫଡି ଘର ଅଗ୍ନିକାଣ୍ଡ ଘଟି ପାଉଁଶ ହୋଇଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଥିବାବେଳେ ଲକ୍ଷାଧିକ ଟଙ୍କାର ଶୁଖିଲା କେନ୍ଦୁପତ୍ର ଜଳି ପାଉଁଶ ହୋଇଯାଇଛି। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଦୋଷୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦୁପତ୍ର ତୋଳାଳି ଦାବି କରିଛନ୍ତି।

# ନିମ୍ନମାନର ରାସ୍ତା କାମକୁ ବିରୋଧ; ଉପଜିଲ୍ଲାପାଳଙ୍କୁ ଫେରାଦ

ବେଲବାହାଲି, ୨୦।୫ (ସମିସ)





ରାସ୍ତା ପ୍ରଶସ୍ତୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାଲିଛି ରାସ୍ତା କାମ; ହେଲେ ନିମ୍ନମାନର କାମ ଯୋଗୁଁ ଏହାର ସ୍ଥାୟିତ୍ୱ ନେଇ ଲୋକଙ୍କ ମନରେ ଆଶଙ୍କା। ସଠିକ୍ ଭାବେ ନିର୍ମାଣ କାର୍ଯ୍ୟ ହେଉ ନଥିବା ଦେଖି ଉକ୍ତ ପଞ୍ଚାୟତବାସୀ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉନ୍ନତ ମାନର ନିର୍ମାଣ କାର୍ଯ୍ୟ କରିବା ପାଇଁ ଦାବି ଜଣାଇଛନ୍ତି। ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥ ବେଲବାହାଲିଠାରୁ ହରିଡ଼ାପାଳ ପଞ୍ଚାୟତ ପାଇକଚାଟ୍ରା ପର୍ଯ୍ୟନ୍ତ ରାସ୍ତା ସଂକୁଚିତ ହେବା ନେଇ ପୂର୍ବରୁ ବାରମ୍ବାର ଏ ସଂକ୍ରାନ୍ତ ଘଟଣା "ସକାଳ'ରେ ପ୍ରସାରଣ ହୋଇଥିଲା। ଏହି ରାସ୍ତାର ମରାମତି ତଥା ପ୍ରଶସ୍ତୀକରଣ ପାଇଁ ଅନୁମତି ମିଳିଥିଲେ ସୁଦ୍ଧା ନିମ୍ନମାନର କାମ ପାଇଁ ଅଞ୍ଚଳବାସୀ ଦୃଢ଼ ଭାବରେ ବିରୋଧ କରିଛନ୍ତି। ସରକାରଙ୍କ ଦ୍ୱାରା ପ୍ରଚଳିତ ଲକ୍ଷ୍ମୀ ବସ୍ ସେବା ସମେତ ଆମ୍ବୁଲାନସ ଗାଡି ପଞ୍ଚାୟତକୁ ଯାଉଥିଲେ ସୁଦ୍ଧା ହରିଡ଼ାପାଳ ପଞ୍ଚାୟତରେ ସଠିକ୍ ରାସ୍ତା ନଥିବାରୁ ବିଭିନ୍ନ ସମୟରେ ଉକ୍ତ ସେବାରୁ ବଞ୍ଚିତ ହୋଉଛନ୍ତି। ଉକ୍ତ ରାସ୍ତାରେ ଗୋଟିଏ ଗାଡ଼ି ଗଲେ ଅନ୍ୟ ଗାଡ଼ି ଯିବା ଅତ୍ୟନ୍ତ ମୁସ୍କିଲ। ଏଣୁ ଦୀର୍ଘ ଦିନ ହେବ ଲୋକଙ୍କ ନିବେଦନ ପରେ ସରକାରଙ୍କ ଦ୍ୱାରା ଗୃହୀତ କାର୍ଯ୍ୟ ହେବା ସମୟରେ ଲୋକଙ୍କ ଦ୍ୱାରା ନିମ୍ନମାନର କାର୍ଯ୍ୟ ଗ୍ରହଣ କରିବା ସମ୍ଭବ ନୁହେଁ। ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରି ରହିଲେ ପଞ୍ଚାୟତବାସୀ କାର୍ଯ୍ୟକୁ ବିରୋଧ କରିବା ସହ ଉକ୍ତ କାର୍ଯ୍ୟ ସହ ଜଡ଼ିତ ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ବିରୋଧରେ ଆନ୍ଦୋଳନ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## କନକ ଟ୍ରାନ୍ସପୋର୍ଟର ମନମୁଖୀ କାର୍ଯ୍ୟକୁ ବିରୋଧ



କେନ୍ଦୁଝର/ଡୁରୁମୁଙ୍ଗା, ୨୦।୫(ସମିସ): କେନ୍ଦୁଝର ଜିଲ୍ଲା ସୁଆକାଠି ଓଏମସି ଖଣିରୁ ଲୁହାପଥର ପରିବହନ କରୁଥିବା କନକ ଟ୍ରାନ୍ସପୋର୍ଟର ମନମୁଖୀ କାର୍ଯ୍ୟକୁ ନେଇ ପ୍ରତିବାଦ କରିଛି ଟ୍ରକ ମାଲିକ ସଙ୍ଘ। ଗତ ୧୩ ତାରିଖରେ ଗନ୍ଧମାର୍ଦ୍ଦନ ଖଣିରୁ ପରିବହନ ହୋଇଥିବା ୧୫୦-୨୦୦ ଗାଡିର ସାମଗ୍ରୀ କମ ପଡ଼ିଥିଲା। ଏହି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଟ୍ରକ ମାଲିକ ସଙ୍ଘ ପକ୍ଷରୁ ପରିବହନ କାର୍ଯ୍ୟ ବନ୍ଦ କରାଯିବା ନିଷ୍ପତ୍ତି ନିଆଯାଇଥିଲା। ତେବେ, ମନମୁଖୀ କାର୍ଯ୍ୟ କରୁଥିବା ଏବଂ ଲୋଡିଂ ସ୍ଲିପକୁ ଅନ୍ୟ ଗାଡି ମାଲିକଙ୍କୁ ଦେଉଥିବା ଅଭିଯୋଗ ଆଣି ଉକ୍ତ ସଂସ୍ଥାର ସମସ୍ତ ଗାଡ଼ିକୁ ୪୯ ନମ୍ବର ଜାତୀୟ ରାଜପଥର ହାତୀବାରି ଛକରେ ମଙ୍ଗଳବାର ସକାଳୁ ଅଟକ ରଖି ପ୍ରତିବାଦ କରିଛନ୍ତି ଟ୍ରକ ମାଲିକ। ଟ୍ରକ ମାଲିକ ସଙ୍ଘ ସଭାପତି ପଦ୍ମଲୋଚନ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ବାରିକ, ତପନ ବାରିକ, ସୁନୀଲ ବାରିକ, ବିଭୂରଞ୍ଜନ ପଲେଇ, ସୁଶାନ୍ତ କୁମାର ଗିରି, ରବୀନ୍ଦ୍ର ପୁହାଣ, କୁଳମଣି ସାହୁ, ବିଜୟ ବାରିକ, ପ୍ରତାପ ସାହୁ, ଉତ୍ତମ ଖଟୁଆ, ଦିଲ୍ଲୀପ କୁମାର ବଳ, ବିକାଶ ଜେନା ଚଗଲା କୁଅଁରଙ୍କ ସମେତ ଢେଙ୍କିକୋଟ ଆନନ୍ଦପୁର ହାଟଡ଼ିହି, ରାମଚନ୍ଦ୍ରପୁର ଘଟଗାଁ, କେନ୍ଦୁଝର, ଚମ୍ପୁଆ ଜୋନର ସମସ୍ତ ଗାଡି ମାଲିକ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି।

## ସିବିଏସ୍ଇ ପରୀକ୍ଷାରେ 'କ୍ଲାସେସ'ର କୃତିତ୍ୱ



ଆନନ୍ଦପୁର, ୨୦।୫ (ସମିସ): ସିବିଏସ୍ଇ ଓ ସିଏଚଏସଇ ଦଶମ ପରୀକ୍ଷା ଫଳକୁ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉତ୍ସାହ ପ୍ରକାଶ ପାଇଛି। ଆନନ୍ଦପୁର ସିନେମା ହଲ ଛକସ୍ଥିତ କ୍ଲାସେସ ଅନୁଷ୍ଠାନରେ ଅଧ୍ୟୟନରତ ଥିବା ସିବିଏସ୍ଇ ଛାତ୍ରଛାତ୍ରୀଙ୍କ ସଫଳତା ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଯଥେଷ୍ଟ ଆନନ୍ଦ ପ୍ରକାଶ ପାଇଛି। ଶିକ୍ଷାନୁଷ୍ଠାନର ଛାତ୍ରୀ ନିଶିପ୍ରଭା ରାଉତ ୮୩%, ସୁହାସିନୀ ବରାଳ ୮୧% ଓ ଅଂଶୁମାନ ଓଝା ୭୯% ପ୍ରତିଶତ ନମ୍ବର ରଖି ଅନୁଷ୍ଠାନର ଗୌରବକୁ ବୃଦ୍ଧି କରିଛନ୍ତି। ସେହିପରି ସମସ୍ତ ଛାତ୍ରଛାତ୍ରୀ ଆଶାଜନକ ସଫଳତା ପାଇଥିବାରୁ ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ କୃତିତ୍ୱକୁ ନେଇ ଶିକ୍ଷକ ମଳୟ ରଞ୍ଜନ ଜେନା, ଦେବାଶିଷ ବିନ୍ଧାଣି, ଅନାଦି ଚରଣ ଜେନା, ଶେଷରଶ୍ମି ନାୟକ, ତପସ୍ୱିନୀ ପାତ୍ର କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଦଧିବାମନଜୀଉଙ୍କ ଜମିରେ ଜାଲିବାଡ଼ ସହ ଲାଗିଲା ଗଛ

ଚମ୍ପୁଆ,୨୦।୫(ସମିସ): ଚମ୍ପୁଆ ପ୍ରଶାସନ ପକ୍ଷରୁ ବଡନଇ ପଞ୍ଚାୟତର ପଳସା ଗାଁରେ ଥିବା ଦଧିବାମନଜୀଉଙ୍କର ଜମି ପୁନଃ ନିର୍ଦ୍ଧାରଣ କରାଯାଇଛି। ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ଜମିକୁ ଚିହ୍ନଟ କରାଯିବା ସହିତ ଖୁଣ୍ଟ ପୋତା ଯାଇ ଜାଲି ବାଡ଼ କାର୍ଯ୍ୟ ତ୍ୱରାନିତ କରାଯାଇଛି। ପଳସାଠାରେ ଦଧିବାମନଙ୍କ ନାମରେ ଥିବା ଏକ ବିରାଟ ବନ୍ଧକୁ ମିଶାଇ ୨୦ ଏକରରୁ ଅଧିକ ସମ୍ପତ୍ତିକୁ ସ୍ଥାନୀୟ ଲୋକ ଚାଷାଦି କାର୍ଯ୍ୟ କରିଆସୁଥିବା ବେଳେ ଅନେକ ସ୍ଥାନ ବ୍ୟବହାର ନ ହୋଇ ଅପନ୍ତରା ଅବସ୍ଥାରେ ପଡିରହିଥିଲା। ଉପଜିଲ୍ଲାପାଳଙ୍କ ପ୍ରଚେଷ୍ଟାରେ ଏହି ଦେବୋତ୍ତର ସମ୍ପତ୍ତିକୁ ପ୍ରଥମେ ଚିହ୍ନଟ କରାଯିବା ପରେ ଜାଲିବାଡ଼ ଦିଆଯାଇ ତଥା ଜମିଗୁଡିକୁ ସମତୁଲ କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ରାଇକଳା ଗ୍ରାମର ଲକ୍ଷ୍ମଣ ଗିରି ଚମ୍ପୁଆସ୍ଥିତ ଦଧିବାମନ ମନ୍ଦିରକୁ କେଉଁ ଆଇମା କାଳରୁ ଦାନ କରିଥିଲେ। ଏହି ଜମିକୁ ସ୍ଥାନୀୟ ଲୋକମାନେ ବର୍ଷକର ଚାଷ କରି ଦେବୋତ୍ତର ବିଭାଗକୁ ପାଉଣା ପ୍ରଦାନ କରୁଥିଲେ। ପ୍ରଥମେ ଏହି ପାଉଣା ତହସିଲ ଅଫିସରେ ଜମା କରାଯାଉଥିବା ବେଳେ ପର ମୁହୂର୍ତ୍ତରେ ଉପଜିଲ୍ଲାପାଳଙ୍କ ଦେବୋତ୍ତର କାର୍ଯ୍ୟାଳୟରେ ହୋଇଆସୁଛି। ଏହି ଜମି ବ୍ୟବହାର କରୁଥିବା ଚାଷୀ ଡେସିମଲ ପିଛା ସୀମିତ ଅର୍ଥ ପ୍ରଦାନ କରିଆସୁଥିଲେ। ମାତ୍ର ୨୦୨୨-୨୩ରେ ଏହି ଜମିରେ ୨୯ ହଜାର ୪ଶହ ଟଙ୍କା ଓ ୨୦୨୩-୨୪ରେ ୨୫ ହଜାର ୩ଶହ ଟଙ୍କା ପାଉଣା ମିଳୁଥିଲା। ପ୍ରଥମେ ଏହା ସରେଇ ପଞ୍ଚାୟତରେ ରହିଥିବା ବେଳେ ପରେ କରଞ୍ଜିଆ ପଞ୍ଚାୟତ ଅଧିନକୁ ଏହି ଜମି ଯାଇଥିଲା। ପୁଣି କିଛି ବର୍ଷ ପରେ ଏହା ବଡନଇ ପଞ୍ଚାୟତରେ ସ୍ଥାନ ପାଇଥିଲା ବୋଲି ସ୍ଥାନୀୟ ଅଧିବାସୀ ବୃନ୍ଦାବନ ନାଏକ ସୂଚନା ଦେଇଛନ୍ତି। ଏନେଇ ଉପଜିଲ୍ଲାପାଳ ଶ୍ରୀ ପରିଡା କହିଛନ୍ତି ଯେ ଆମ୍ବ ଗଛ ଲୋଗାଇବା ଦ୍ୱାରା ବାର୍ଷିକ ୫-୧୦ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ରୋଜଗାର ହୋଇପାରିବ ଏବଂ ପୋଖରୀ ସ୍ଥାନୀୟ ଲୋକଙ୍କ ଜଳାଭାବକୁ ଦୂର କରିବ।

## ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

କେନ୍ଦୁଝର,୨୦।୫(ସମିସ): କେନ୍ଦୁଝର ଜିଲ୍ଲାସ୍ତରୀୟ ଯୋଗାସନ ଖେଳ ସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଯୋଗାସନ ପ୍ରତିଯୋଗିତା ହୋଇଛି। ଏଥିରେ ରାଜ୍ୟ ଯୋଗସଂଘ ଯୁଗ୍ମସମ୍ପାଦକ ଓଁଆଲୋକ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଯୋଗସଂଘ ଅଧୀନରେ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଯୋଗସଂଘର ଉପସଭାପତି ସୁଶ୍ରୀ ସଙ୍ଗୀତା ସାହୁ ବିଚାରକଙ୍କ ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଅଙ୍କିତା ମିଶ୍ର, ଲିପସିତା ଜେନା, ସୁଶ୍ରୀ ସଙ୍ଗୀତା ସାହୁ, ଓଁଆଲୋକ କୁମାର ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। କନିଷ୍ଠ ବାଳକ ବର୍ଗରେ ସୌହାର୍ଦ୍ୟ ଦାସ ପ୍ରଥମ, ଆୟୁଷ୍ମାନ ଗୁରୁ ଦ୍ୱିତୀୟ, ମୋଦନ ବାରିକ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କନିଷ୍ଠ ବର୍ଗରେ ବାଳିକା ବନିତା ଦାସ ପ୍ରଥମ, ଦିବ୍ୟାଂଶୀ ପରିଡା ଦ୍ୱିତୀୟ, ଅନ୍ୱେଷା ଶର୍ମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିୟରରେ ଶୁଭଶ୍ରୀ ପଢିଆରୀ ପ୍ରଥମ, ଜୟସ୍ମିତା ଜେନା ଦ୍ୱିତୀୟ, ଇପସିତା ଜେନା ଏବଂ ଶୁଭସ୍ମିତା ପଢିଆରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ପାଦକ ଲିପସିତା ଜେନା ଧନ୍ୟବାଦ ଦେଇଥିଲେ।

## ଅନ୍ତ୍ୟୋଦୟ ଗୃହ ନିର୍ମାଣ ନେଇ ବିଡିଓଙ୍କ ସହ ଆଲୋଚନା



ମୋରଡ଼ା,୨୦।୫(ସମିସ): ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତ ସରପଞ୍ଚଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ବିଡ଼ିଓ ଅଣାକର ନାୟକଙ୍କ ସହିତ ଅନ୍ତ୍ୟୋଦୟ ଯୋଜନାରେ ପକ୍କା ଘର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇଥିବା ୧୩ ଜଣ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସରକାର ଗତମାସ ଅନ୍ତ୍ୟୋଦୟ ଗୃହ ନିର୍ମାଣର କାର୍ଯ୍ୟାଦେଶ ଦେଇଥିଲେ ହେଁ ପ୍ରଥମ କିସ୍ତି ଟଙ୍କା ଆକାଉଣ୍ଟରେ ଜମା ହୋଇ ନ ଥିବାରୁ ହିତାଧିକାରୀ କାର୍ଯ୍ୟାଦେଶ ଫେରାଇ ଦେବେବୋଲି ସ୍ଥିର କରିଥିଲେ। ହେଲେ ତିନି ଦିନ ତଳେ ଆକାଉଣ୍ଟରେ ଟଙ୍କା ଜମା ହେବା ପରେ ଆଜି ବିଡ଼ିଓ ହିତାଧିକାରୀଙ୍କୁ ତିନିମାସ ମଧ୍ୟରେ ଗୃହ ନିର୍ମାଣ କଲେ ବୋନସ ଟଙ୍କା ମିଳିବ ବୋଲି କହିଛନ୍ତି। ଯେଉଁ ହିତାଧିକାରୀ ଘର ନିର୍ମାଣ କରିବା ପାଇଁ ଅସମର୍ଥ ସେମାନେ ବ୍ଲକ ଏବଂ ପଞ୍ଚାୟତ ପ୍ରଶାସନକୁ ଜଣାଇଲେ ତାଙ୍କ ଘରକୁ ଠିକାଦାର ଜରିଆରେ ନିର୍ମାଣ କରାଯିବ। ବୈଠକରେ ସହକାରୀ ଯନ୍ତ୍ରୀ ସୁଶାନ୍ତ ନାୟକ,ସରପଞ୍ଚ ମାଳତୀ ମାରାଣ୍ଡି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଧିକାରୀ ଏସ. ବିଦ୍ୟାଭାରତୀ ଉପସ୍ଥିତ ଥିଲେ।

## ୩ଟି ରେଳ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା ବୈଠକ



ବାରିପଦା, ୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ବହୁ ପ୍ରତୀକ୍ଷିତ ୩ଟି ରେଳ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଅଧିକାରୀଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭଦାବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଛନ୍ତି। ଜିଲ୍ଲାର ବାଦାମପାହାଡ଼-କେନ୍ଦୁଝର, ଗୋରୁମହିଷାଣୀ-ବାଙ୍ଗିରିପୋଷି ଓ ବୁଢ଼ାମରା-ଚାକୁଳିଆ ୩ଟି ପ୍ରମୁଖ ରେଳ ପ୍ରକଳ୍ପର ରାଷ୍ଟ୍ରପତିଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହାର କୋଣସି ଅଗ୍ରଗତି ହୋଇନାହିଁ। ଯାହାକୁ ନେଇ ରେଳ ବିଭାଗ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ରେଳ ଅଧିକାରୀ, ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସହ ସମୀକ୍ଷା କରି ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିନା ସୂଚନାଫଳକରେ ସରକାରୀ କାର୍ଯ୍ୟ; ବାଲି ପରିବର୍ତ୍ତେ ମାଟି



ଡୁରୁମୁଙ୍ଗା, ୨୦।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମରେ ବନ ସଂରକ୍ଷଣ ସମିତିର ଏକ ନିର୍ମାଣାଧୀନ ଗୃହ ପାଇଁ ଅନିୟମିତତା ପରିଲକ୍ଷିତ ହେଉଛି। ଏହା ବିନା ସୂଚନାଫଳକରେ ନିର୍ମାଣ ଚାଲିଥିବା ସହ ବାଲି ପରିବର୍ତ୍ତେ ସମ୍ପୃକ୍ତ ଠିକାଦାର ମାଟି ପକାଇ କାମ ସାରି ଦେଉଛନ୍ତି। ଯାହା କି ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛି। ଏପରିକି ଏହି କାର୍ଯ୍ୟରେ ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ଠିକାଦାର ମନମାନି କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟକୁ ନେଇ ଜନସାଧାରଣ ଅଜ୍ଞ ଥିବା ବେଳେ ପ୍ଲିନ୍ଥ କାର୍ଯ୍ୟରେ ଘୋର ଅବହେଳା କରାଯାଉଛି। କାର୍ଯ୍ୟ ସମୟରେ ଯନ୍ତ୍ରୀ ଉପସ୍ଥିତ ରହୁ ନଥିବା ଯୋଗୁଁ ଠିକାଦାର ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି, ଉକ୍ତ ଗୃହ ସାଢ଼େ ୮ ଲକ୍ଷରେ ହେଉଛି। କାର୍ଯ୍ୟ ପୂର୍ବରୁ ସୂଚନାଫଳକ ଲଗାଇବା ସରକାରୀ ନିୟମ ଥିବା ବେଳେ କିଭଳି ଠିକାଦାର ବିନା ସୂଚନାଫଳକରେ କାର୍ଯ୍ୟ କରୁଛନ୍ତି ସେନେଇ ତଦନ୍ତ କରାଯିବ।

## ରୋଗାକ୍ରାନ୍ତ ଉପେନ୍ଦ୍ରଙ୍କୁ ଜୟଦୁର୍ଗା ଟ୍ରଷ୍ଟର ସହାୟତା

ହାଟଡ଼ିହୀ/ସୋସୋ, ୨୦।୫(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ପନ୍ଦାଡ଼ୋ ଗ୍ରାମର ଉପେନ୍ଦ୍ର ସେଠୀଙ୍କୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମିଳିଛି ସହାୟତା। କିଛିମାସ ପୂର୍ବରୁ ତାମିଲନାଡୁରେ ରହି କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଦେହ ଅସୁସ୍ଥ ହେଇଥିଲା। ଏବେ ସେ ସମ୍ପୂର୍ଣ୍ଣ ରୋଗାକ୍ରାନ୍ତ ହୋଇ ଅର୍ଥ ପ୍ରତିବନ୍ଧକ ହେତୁ ଚିକିତ୍ସା ଅଭାବରୁ ଅତି ଅସହାୟ ଅବସ୍ଥାରେ ଘରେ ପଡ଼ି ରହିଛନ୍ତି। ଜୟଦୁର୍ଗା ଟ୍ରଷ୍ଟକୁ ଏହି ଖବରଟି ମିଳିବା ପରେ ଟ୍ରଷ୍ଟ ଅଧ୍ୟକ୍ଷା ଡ. ସୁରେଶ୍ୱରୀ ସାଗରିକା ଜେନା, ସଭାପତି ଅବିନାଶ ତ୍ରିପାଠୀ, କୋଷାଧ୍ୟକ୍ଷ ଶକ୍ତିକାନ୍ତ ରାଉତ, ସମ୍ପାଦକ ଦିବ୍ୟରଞ୍ଜନ ରାଉତ, ରାକେଶ ଜେନା, ବିଶ୍ୱନାଥ ଜେନା, ରୁଦ୍ରପ୍ରତାପ ଜେନା ଉକ୍ତ ବ୍ୟକ୍ତିଙ୍କୁ ଭେଟି ପ୍ରାଥମିକ ସ୍ତରରେ ଏକ ମାସର ରାସନ ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ବିଦ୍ୟୁତ୍ ବିଭାଗ ଚଢଉ; ୩ ଲକ୍ଷରୁ ଉର୍ଦ୍ଧ୍ୱ ଜରିମାନା

କୁଆମରା,୨୦।୫(ସମିସ): ବିଦ୍ୟୁତ ବିଭାଗ ପକ୍ଷରୁ ମଙ୍ଗଳବାର ମାଣତ୍ରୀ ବିଦ୍ୟୁତ ସେକ୍ସନ ଅଧୀନରେ ଥିବା ଚିଲିମା, ଆଗରପଡ଼ା, ସିକିଡ଼ିଆ, ଆରପଟା, ଖିରିପଦା ଆଦି ଗ୍ରାମରେ ଚଢଉ କରାଯାଇ ବେଆଇନଭାବେ ବିଜୁଳି ବ୍ୟବହାର କରୁଥିବା ୧୫ ଉପଭକ୍ତାଙ୍କ ଉପରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଛି। ଏହିସବୁ ଗାଁରେ ମିଟର ଟାମ୍ପିଂ, ବିପଦପୂର୍ଣ୍ଣ ହୁକ ଲଗାଇବା, ମିଟର ବାଇପାସ କରିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବାରିପଦା ବିଦ୍ୟୁତ ଭିଜିଲାନ୍ସ ବିଭାଗ ଅଧିକାରୀ ଉଦୟ ନାରାୟଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଖୁଣ୍ଟା ବିଦ୍ୟୁତ ବିଭାଗ ଏସଡିଓ ପ୍ରକାଶ ସାହୁ, ମାଣତ୍ରୀ ସେକ୍ସନ କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ବିହାରୀ ଜେନା, ଉଦଳା ବିଦ୍ୟୁତ ବିଭାଗ ଭିଜିଲାନ୍ସ ଟିମ, ଖୁଣ୍ଟା ଓ ମାଣତ୍ରୀ ବିଦ୍ୟୁତ ବିଭାଗ କର୍ମଚାରୀ ଚଢଉ କରିଥିଲେ।

## ଲକ୍ଷ୍ମୀଧର କଂଗ୍ରେସର ନୂତନ ସାଙ୍ଗଠନିକ ସମ୍ପାଦକ



କରଞ୍ଜିଆ, ୨୦।୫(ସମିସ): ରାଜ୍ୟରେ କଂଗ୍ରେସ ସଭାପତି ଦାୟିତ୍ୱ ନେବା ପରେ ରାଜ୍ୟ ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ କରାଯାଇଛି। କେ. ସି. ବେନୁଗୋପାଳ କେନ୍ଦ୍ର ସାଙ୍ଗଠନିକ ସଚିବଙ୍କ ପ୍ରସ୍ତୁତ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅନୁମୋଦନକ୍ରମେ ରାଜ୍ୟର ସାଙ୍ଗଠନିକ ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ଜଣେ କୋଷାଧ୍ୟକ୍ଷ, ୭ ଜଣ ଉପସଭାପତି, ୧୦ ଜଣ ସାଧାରଣ ସଂପଦକ ଓ ୧୨ ଜଣ ସମ୍ପାଦକଙ୍କ ତାଲିକା ପ୍ରସ୍ତୁତ ହୋଇଛି। କରଞ୍ଜିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀଧର ସିଂଙ୍କୁ ଅନ୍ୟତମ ସାଙ୍ଗଠନିକ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ଶ୍ରୀ ସିଂ ପ୍ରଥମ ଥର ଲାଗି ବିଧାନସଭା ପ୍ରାର୍ଥୀ ଭାବେ କଂଗ୍ରେସ ପକ୍ଷରୁ ଲଢିଥିଲେ। ସେ ଜେ.ଏନ.ୟୁରୁ ପାଠପଢି ଆଦିବାସୀଙ୍କ ହକ, ଅଧିକାର ଓ ସଂସ୍କାର କରିବା ଦିଗରେ କାମ କରୁଛନ୍ତି। ଜଣେ ଯୁବ ନେତା ଭାବେ ତାଙ୍କର ବେଶ୍ ପରିଚୟ ରହିଛି। ଏବେ ସେ ଦକ୍ଷିଣ ଓଡିଶା ଗସ୍ତରେ ଅଛନ୍ତି। ତାଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ନିମ୍ନମାନର କଂକ୍ରିଟ କାମକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ



କପ୍ତିପଦା,୨୦।୫(ସମିସ): ଜଡିଦା ପଞ୍ଚାୟତ ଜାମପଦା ଗ୍ରାମରେ ହୋଇଥିବା କଂକ୍ରିଟ କାମ ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଜାମପଦା ଗ୍ରାମରେ ଶତପ୍ରତିଶତ ଆଦିବାସୀ ବାସ କରନ୍ତି। ଗମନାଗମନ ପାଇଁ ରାସ୍ତା ନ ଥିବା ବେଳେ ପଞ୍ଚାୟତ ପକ୍ଷରୁ ଏକ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। ବର୍ତ୍ତମାନ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ସୂଚନା ଫଳକ ନ ଲଗାଇ ଠିକାଦାର ମନଇଚ୍ଛା କାମ କରିଛି। ଯେଉଁଠି କାମ ହେବା କଥା ସେହି ଜାଗାରେ ନ ହୋଇ ଅନ୍ୟଠି ହୋଇଛି। ଯଦିବା ଏହା ରାସ୍ତା ଉପରେ ହୋଇଛି, ଘର ପାଖରୁ କରିବା ପାଇଁ ଗ୍ରାମବାସୀ ନିବେଦନ କରିଥିଲେ ମଧ୍ୟ ଠିକାଦିର ନିଜକୁ ସୁହାଇଲା ଭଳି କାମ କରିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁଇ ପାଶ୍ୱର୍ରେ ଥିବା ପଥରକୁ ରାସ୍ତା ଉପରକୁ ଟାଣିଆଣି ବାଲି ଜାଗାରେ ମାଟି ପୂରାଇ ଅଳ୍ପ ସିମେଣ୍ଟ, ଚିପ୍ସ ଦେଇ ଅଳ୍ପ ଓସାର କରି ଅତି ନିମ୍ନମାନର କାମ ହୋଇଛି; ଯାହାକି ଟ୍ରାକ୍ଟର କିମ୍ବା ଭାରୀଯାନ ଗଲେ ରାସ୍ତା ସଂପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ରହି ବୋଲି ଗ୍ରାମର ସୁରେନ୍ଦ୍ର ବେଶ୍ରା, ରାମ ହାଁସଦା, ନାରାୟଣ ମାରଣ୍ଡି, ତିଲନାଏକ ଓ ସାଗ୍ରାମ ଟୁଡୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ (ଜେଇ)ଙ୍କୁ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଶେଷ ହେଲା ଓଲଟା ଚନ୍ଦନଯାତ୍ରା



ବାରିପଦା, ୨୦।୫(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରବିବାରଠାରୁ ଆରମ୍ଭ ହୋଇଥିବା ଶ୍ରୀ ଶ୍ରୀ ହରିବେଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ନୌକା ବିହାର (ଓଲଟା ଚନ୍ଦନ ଯାତ୍ରା) ସମ୍ପନ୍ନ ହୋଇଛି। ମନ୍ଦିର ପୁଷ୍କରିଣୀ ହେମସାଗରରେ ୩ଦିନ ଧରି ଉକ୍ତ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଶେଷ ଦିନରେ ୨୧ ଫେରା ନୌକା ବିହାର କରି ମନ୍ଦିରକୁ ବିଜେ କରିଛନ୍ତି ଶ୍ରୀଜୀଉ। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ଆରମ୍ଭ ହେବା ସହ ମହାପ୍ରଭୁ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶ୍ରୀକ୍ଷେତ୍ରଧାମ ପୁରୀଠାରେ ମହାପ୍ରଭୁ ଚନ୍ଦନ ପୁଷ୍କରିଣୀରେ ୨୧ଦିନ ଚାପ ଖେଳୁ ଥିବାବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶେଷ ତିନି ଦିନ ମହାପ୍ରଭୁ ପୁଷ୍କରିଣୀରେ ଚାପ ଖେଳର ରୀତିନୀତି ଓ ବିଧି ବ୍ୟବସ୍ଥା ପ୍ରଚଳିତ ରହିଆସିଛି। ତଦନୁଯାୟୀ ରବିବାରଠାରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ମଦନ ମୋହନ, ଦେବୀ ସରସ୍ୱତୀ ଓ ଦେବୀ ମହାଲକ୍ଷ୍ମୀ ବିଜେ କରିବା ସହିତ ସାନ (ବାଣ୍ଟିଆ) ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ମଦନମୋହନ ଓ ଦେବୀ ମହାଲକ୍ଷ୍ମୀ ବିଜେ ହୋଇଥିଲେ। ଏହାପରେ ସମସ୍ତେ ଏକତ୍ରିତ ହୋଇ ପୁଷ୍କରିଣୀରେ ଚାପ ଖେଳିଥିଲେ। ଚାପ ଖେଳ ଶେଷ କରି ପୁଷ୍କରିଣୀର ମଧ୍ୟ ଭାଗରେ ଠାକୁରମାନେ ସ୍ନାନ ସହ ସମସ୍ତ ପୂଜାନୀତି ପରେ ମନ୍ଦିରକୁ ବିଜେ କରିଛନ୍ତି। ଏହାପରେ ମଧ୍ୟ ରାତିରେ ବଡ଼ସିଂହାର ହୋଇ ପହଡରେ ଯାଇଛନ୍ତି। ପ୍ରଥମ ଦିନ ପଶ୍ଚିମ ଘାଟରୁ ୭ ଫେରା ଚାପ ଖେଳିଥିବା ବେଳେ ଦ୍ୱିତୀୟ ଦିନରେ ପୂର୍ବ ଘାଟରୁ ୧୪ ଫେରା ଓ ଶେଷ ଦିନରେ ଉତ୍ତର ଘାଟରୁ ୨୧ଫେରା ନୌକା ବିହାର କରିଥିଲେ। ପ୍ରତି ସନ୍ଧ୍ୟାରେ ଦକ୍ଷିଣ ଘାଟ ଦ୍ୱାରା ମନ୍ଦିରକୁ ବାହୁଡିବାର ପରମ୍ପରା ରହିଛି। ନୌକା ବିହାର ପରେ ପୁଷ୍କରିଣୀ ମଧ୍ୟରେ ବୁଡ଼ ପକାଇ ମନ୍ଦିରକୁ ଫେରି ଆସନ୍ତି ମହାପ୍ରଭୁ। ପରେ ମନ୍ଦିରରେ ବଡ଼ସିଂହାର ବେଶ ହୋଇ ପହଡ ପଡେ। ବୈଶାଖ ଓ ଜ୍ୟେଷ୍ଠ ମାସର ଅସହ୍ୟ ଗରମ ପ୍ରଭୁଙ୍କୁ ମଧ୍ୟ ବ୍ୟତିବ୍ୟସ୍ତ କରିଦିଏ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରଭୁ ଚନ୍ଦନଯାତ୍ରା ଆୟୋଜନ କରନ୍ତି। ଯେଉଁଥିରେ କି ପ୍ରଭୁଙ୍କର ଚନ୍ଦନ ଲାଗି ଓ ଚାପ ଖେଳର ପରମ୍ପରା ରହିଛି। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଏହି ଯାତ୍ରାରେ କିଛିଟା ଭିନ୍ନତା ପରିଲକ୍ଷିତ ହୁଏ। ବାରିପଦାରେ ଚନ୍ଦନଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ପ୍ରଥମ ୧୮ ଦିନ ନୌକା ବିହାର ନ କରି ପ୍ରତ୍ୟେକ ସନ୍ଧ୍ୟା କେବଳ ମନ୍ଦିର ନିକଟସ୍ଥ ପୁଷ୍କରିଣୀ କେବଳ ଜଳ ସ୍ପର୍ଶ କରି ମନ୍ଦିରଙ୍କୁ ଫେରି ଆସନ୍ତି ଏବଂ ଶେଷ ୩ ଦିନ ନୌକା ବିହାର କରନ୍ତି; ଯାହାକୁ ଓଲଟ ଚନ୍ଦନ ଯାତ୍ରା ମଧ୍ୟ କୁହାଯାଏ। ଏଥିରେ ବାଣ୍ଟିଆ ଜଗନ୍ନାଥ ମନ୍ଦିରର ପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଓ ମା' ଲକ୍ଷ୍ମୀ ମଧ୍ୟ ସାମିଲ ହୁଅନ୍ତି। ଚାପ ଖେଳ ଦେଖିବାକୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା।





# ସରକାରୀ ଘରେ ଚାଲିଥିଲା ବେପାର!

ଭୁବନେଶ୍ୱର, ୨୦।୫(ସମିସ)



ସରକାରୀ କର୍ମଚାରୀଙ୍କ ରହଣି ପାଇଁ କ୍ୱାର୍ଟର୍ସ ନିର୍ମାଣ କରିଥିଲା ସାଧାରଣ ପ୍ରଶାସନ(ଜିଏ) ବିଭାଗ। ବର୍ଷ ବର୍ଷ ଧରି ସେଠାରେ କର୍ମଚାରୀ ରହିଲେ। ଘରର ମରାମତି ଆବଶ୍ୟକ ପଡ଼ିବାରୁ ବିଭାଗ ପକ୍ଷରୁ କ୍ୱାର୍ଟର୍ସ୍ ଖାଲି କରିଥିଲା। ମାତ୍ର ମରାମତି କାମ ବିଳମ୍ବର ସୁଯୋଗ ନେଇ ଅସାଧୁ ବ୍ୟକ୍ତି ମାଡ଼ି ବସିଥିଲେ। କିଏ ସମ୍ମିଳନୀ କକ୍ଷ କରି ମୋଟା ଅଙ୍କର ମୁନାଫା କମାଉଥିଲା ତ ପୁଣି କିଏ ୱାର୍କ ସପ୍, ଗୋଦାମ ଭଳି ବ୍ୟବହାର କରୁଥିଲା। ଖୋଦ୍ ରାଜଧାନୀର ପ୍ରମୁଖ ଅଞ୍ଚଳ ୟୁନିଟ୍-୨ରେ ବର୍ଷ ବର୍ଷ ଧରି

■ ୟୁନିଟ୍-୨ରେ ହେଲା ବଡ଼ଧରଣର ଉଚ୍ଛେଦ
■ ବିଡିଏ, ବିଏମ୍‌ସି ଓ ଜିଏର ମିଳିତ ଚଢ଼ଉ

ଚାଲିଥିଲେ ବି ସାଧାରଣ ପ୍ରଶାସନ ବିଭାଗ ସବୁ ଜାଣି ଚୁପ୍ ବସିଥିଲା। ଏବେ ଏହା ଲୋକଲୋଚନକୁ ଆସିବା ପରେ ଆଜି ବିଡିଏ, ବିଏମ୍‌ସି ଓ ଜିଏର ମିଳିତ ଉଦ୍ୟମରେ ଏହି କ୍ୱାର୍ଟର୍ସରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ଜିଏ ପକ୍ଷରୁ ତାଲା ପକାଇ ସିଲ୍ କରାଯାଇଛି।

ସୂଚନାନୁସାରେ, ୨୦୨୩ ପରଠୁ ଭୁବନେଶ୍ୱର ୟୁନିଟ୍-୨ ଅଞ୍ଚଳରେ ଉନ୍ନତିକରଣ ପାଇଁ ୭୬୫ଟି କ୍ୱାର୍ଟର୍ସ୍ ଖାଲି କରାଯାଇଥିଲା। ଏଥିରୁ ପ୍ରାୟ ୨୨୨ଟି କ୍ୱାର୍ଟର୍ସକୁ ଜବରଦଖଲକାରୀମାନେ ମାଡ଼ି ବସି ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିଲେ। ସରକାରୀ କ୍ୱାର୍ଟର୍ସଗୁଡ଼ିକ ସହରର ପ୍ରମୁଖ ସ୍ଥଳରେ ହୋଇଥିବାରୁ ଫଳ ଗୋଦାମ, ଫର୍ଣ୍ଣିଚର କାରଖାନା, ବିବାହ ମଣ୍ଡପ ଭଳି ସୁବିଧା ଏଠି ଉପଲବ୍ଧ ଥିଲା। ଜିଏ ମାଲିକ ଥିବା ଏହି ଘରୁ ଜବରଦଖଲକାରୀ ମୋଟା ଅଙ୍କର ଟଙ୍କା ଆଦାୟ କରୁଥିଲା। ମଙ୍ଗଳବାର ସକାଳୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଏ, ବିଡିଏ ଏବଂ ବିଏମସିର ଉଚ୍ଛେଦ ସ୍କ୍ୱାଡ ମିଳିତ ଭାବେ ଆରମ୍ଭ ଚଢ଼ଉ କରି ସିଲ୍ କରିଥିଲେ। ତେବେ ଦୀର୍ଘଦିନ ଏସବୁ କ୍ୱାର୍ଟର୍ସ ଧରି ମରାମତ ନ ହୋଇ ଖାଲି ପଡ଼ିବାରୁ ଏହାକୁ ଅସାଧୁ ଲୋକମାନେ ମାଡ଼ି ବସିଥିଲେ। ସରକାରଙ୍କ ନାକ ତଳେ ତଥା ରାଜଧାନୀର ଛାତି ଉପରେ ଥିବା ଏ ମୂଲ୍ୟବାନ ଜାଗାରେ, ଗୋଟିଏ ପରେ ଗୋଟିଏ କ୍ୱାର୍ଟର୍ସର ତାଲା ଭାଙ୍ଗି ମାଡ଼ି ବସି ନିଜେ ରହିବା ସହ ଅନେକ ଘରକୁ ଭଡ଼ାରେ ଲଗାଇଥିଲେ କିଛି ଲୋକ। ପ୍ରାୟ ୨୦୦ରୁ ଅଧିକ କ୍ୱାର୍ଟର୍ସକୁ ନିଜ ଅଧିକାରକୁ ନେଇ ବ୍ୟବସାୟରେ ଲଗାଇ ଦେଇଥିଲେ ବହୁ ବ୍ୟକ୍ତି। ଆଉ ହଠାତ ଧରପଗଡ଼ କରାଯାଇ, କ୍ୱାର୍ଟର୍ସ ଖାଲି କରିବାକୁ ମିଳିତ ଚଢ଼ଉ ପରେ ଘର ଖାଲି କରିଛନ୍ତି ଅନଧିକୃତ ମାଲିକ। ଉଚ୍ଛେଦ ସମୟରେ ଅନେକ କ୍ୱାର୍ଟର୍ସରେ ତାଲା ପଡ଼ିଥିଲା। ସେସବୁ ତାଲା ଭାଙ୍ଗି ନୂଆ ତାଲା ପକାଇଛି ଜିଏ ବିଭାଗ। କ୍ୱାର୍ଟର୍ସକୁ ଦିଆଯାଇଥିବା ବେଆଇନ ବିଜୁଳି ଓ ପାଣି ସଂଯୋଗକୁ ମଧ୍ୟ ବିଚ୍ଛିନ୍ନ କରାଯାଇଛି।



## ଆରମ୍ଭ ହେଲା 'ପାର୍କ ପ୍ଲସ୍'

ଭୁବନେଶ୍ୱର, ୨୦।୫(ସମିସ): ଭାରତର ସର୍ବବୃହତ୍ ସ୍ମାର୍ଟ୍ ଯାନବାହନ ପରିଚାଳନା ବ୍ୟବସ୍ଥା ପ୍ରଦାନ କରୁଥିବା ସଂସ୍ଥା 'ପାର୍କ ପ୍ଲସ୍' ଆଜି ଭୁବନେଶ୍ୱରରେ ଏଆଇ ଜ୍ଞାନକୌଶଳଯୁକ୍ତ ବ୍ୟବସ୍ଥା ନୂଆକରି ଶୁଭାରମ୍ଭ କରିଛି। ଏହି ବ୍ୟବସ୍ଥା ଦ୍ୱାରା ଯାନବାହନ ନିୟନ୍ତ୍ରଣ, ପାର୍କିଂ ପାଇଁ ସ୍ଥାନ ନିରୂପଣ




■ ସ୍ମାର୍ଟ ହେବ ଯାନବାହନ ପରିଚାଳନା ବ୍ୟବସ୍ଥା

ଆଦି ସ୍ୱୟଂଚାଳିତ ଭାବେ ହେବ। ଏଥିରେ ଆର୍‌ଏଫ୍‌ଆଇଡି ବ୍ୟବସ୍ଥା ଉପଲବ୍ଧ ଥିବାରୁ ଗାଡ଼ି ନମ୍ବର ପ୍ଲେଟ୍‌କୁ ରିଡିଂ କରି ପ୍ରବେଶ ଓ ପ୍ରସ୍ଥାନର ସଠିକ ସମୟ ଜାଣିହେବ। ଏହି ସବୁ ଅତ୍ୟାଧୁନିକ ସୁବିଧା ଥିବା ଏହି ପାର୍କ ପ୍ଲସ୍ ଆବାସିକ ଅଞ୍ଚଳ, ମଲ୍, କର୍ପୋରେଟ୍ ଅଫିସ୍ ପାଇଁ ବେଶ ସହାୟକ ହେବ। ଏହାକୁ ବ୍ୟବହାର କରିବା ଦ୍ୱାରା ମାନବ ସମ୍ବଳ ବିନା ସମସ୍ତ କାର୍ଯ୍ୟ ସଠିକ ଭାବେ ସମ୍ପାଦନ କରାଯାଇ ପାରିବ। ଏଥିସହ 'ପାର୍କ ପ୍ଲସ୍' ଆପ୍ ବ୍ୟବହାର କରି ଗାଡ଼ି ମାଲିକମାନେ ଗାଡ଼ିର ସ୍ଥିତି ବିଷୟରେ ସହଜରେ ଜାଣିପାରିବେ।

'ପାର୍କ ପ୍ଲସ୍'ର ଏହି ବ୍ୟବସ୍ଥା ଏବେ ଭାରତର ୪୦ରୁ ଅଧିକ ସହର କାର୍ଯ୍ୟକ୍ଷମ ରହିଛି। ପାଖାପାଖି ୧୦ ହଜାରରୁ ଅଧିକ ଆବାସିକ ସୋସାଇଟି, ୬୦୦ କର୍ପୋରେଟ୍ ପାର୍କ, ୧୦୦ ମଲ୍‌ରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା କର୍ତ୍ତୃପକ୍ଷଙ୍କ ସମେତ ସାଧାରଣ ଲୋକ ବେଶ ଉପକୃତ ହେଉଛନ୍ତି। ଏନେଇ ଅନୁଷ୍ଠାନର ସିଇଓ ଅମିତ୍ ଲାଖୋଟିଆ କହିଛନ୍ତି, 'ପାର୍କ ପ୍ଲସ୍' ଆବାସିକ ସୋସାଇଟି, କର୍ପୋରେଟ୍ ପାର୍କ୍ ଏବଂ ମଲ୍‌ଗୁଡ଼ିକୁ କାର୍ ମାଲିକାନା ଦୃଷ୍ଟିକୋଣରୁ ସ୍ମାର୍ଟ ଏବଂ ସୁରକ୍ଷିତ କରିବା ପାଇଁ ସଚେତନ ପ୍ରଚେଷ୍ଟା କରିଆସୁଛି। ଏବେ ଆମେ ପ୍ରଥମକରି ଭୁବନେଶ୍ୱରରେ ଏହି ସେବା ଆରମ୍ଭ କରିଛୁ। ଏଥିରେ ଆମେ ଏବେ ନୂଆ କରି ଏକ ଫିଚର୍ ଯୋଡ଼ିଛୁ, ଯେଉଁଥିରେ ଅତ୍ୟଧିକ ଜଳନଗହିଳ ପୂର୍ଣ୍ଣ ସ୍ଥାନରେ ଗାଡ଼ି ଚଳାଚଳ ଓ ପାର୍କିଂ ପାଇଁ ଜାଗା ଚିହ୍ନଟ କରିବାରେ ଏହା ସକ୍ଷମ ହେବ। ଏଆଇ ଦ୍ୱାରା ଏହି ବ୍ୟବସ୍ଥାକୁ ଲାଗୁ କରାଯାଇଛି। ଏଥିସହ କାର୍ ପ୍ଲସ୍‌ର ଉପଭୋକ୍ତାମାନେ ଆପ୍ ବ୍ୟବହାର କରି ରିଚାର୍ଜ, କାର୍ ବୀମା ଅଫର୍ ଏବଂ କାର୍ ମେଣ୍ଟେନାନ୍ସ ପାର୍ଟନର୍ ପ୍ରଭୃତି ଖୋଜିବା, ରିହାତିଯୁକ୍ତ ଇନ୍ଧନ ଭାଉଚର କିଣିବା, କାର୍ ଲୋନ୍ ପାଇଁ ପଞ୍ଜୀକରଣ କରିବା ଏବଂ ସେମାନଙ୍କର ଚାଲାଣ ଟ୍ରାକ୍ ଇତ୍ୟାଦି କରିପାରିବେ।

■ ପ୍ରେମିକକୁ ଫସାଇବା ପାଇଁ ପ୍ରେମିକା ରଚିଥିଲା ଏସିଡ୍ ମାଡ଼ ନାଟକ

## ମାଡ଼ ମାରିବା ଅଭିଯୋଗରେ ୭ ଗିରଫ

ଭୁବନେଶ୍ୱର, ୨୦।୫(ସମିସ): ସୋମବାର ସହିଦନଗର ଥାନା ଅଞ୍ଚଳରେ ଘଟିଥିବା ଏସିଡମାଡ଼ ଘଟଣା ଏବେ ନୂଆ ମୋଡ଼ ନେଇଛି। ପ୍ରେମିକାଙ୍କୁ ଏସିଡ୍ ମାଡ଼ ନୁହେଁ। ବରଂ ପ୍ରେମିକଙ୍କୁ ଫସାଇବାକୁ କରିଥିଲେ ମିଛ ନାଟକ ପ୍ରେମିକା। ଶେଷ ଦେଖା କରିବା ବାହାନାରେ ଡାକି ଯୁବକଙ୍କୁ ଅପହରଣ କରି ମାଡ଼ ମାରିଥିଲେ। ଶେଷରେ ପ୍ରେମିକର ପରିବାର ଲୋକ ଅଭିଯୋଗ କରିବା ପରେ ପୁଲିସ ଆକ୍ରମଣ କରିଥିବା ଯୁବତୀଙ୍କ ସମେତ ୭ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଥରବନ୍ଧ ବସ୍ତିର ଜାନକୀ ବେହେରା, କବିତା ନାୟକ, ମାନସ କୁମାର ବେହେରା, ପଦ୍ମନାଭ ବେହେରା, ସୌମ୍ୟରଞ୍ଜନ ସାମଲ, ରମାକାନ୍ତ ବେହେରା ଏବଂ ଲୋକେସ ବେହେରା।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କର ପୁଅ ପୀଡିତ ସୁନୀଲଙ୍କ ସହିତ ଯୁବତୀଙ୍କ ପ୍ରେମ ସମ୍ପର୍କରେ ଥିଲା। ଜାତିଗତ ପାର୍ଥକ୍ୟ ଯୋଗୁଁ ବିବାହ କରିବାକୁ ଯୁବତୀ ମନା କରିଥିଲେ ମଧ୍ୟ ସୁନୀଲ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିବା ପରେ ସେମାନଙ୍କ ସମ୍ପର୍କ ପୁନର୍ବାର ଆରମ୍ଭ ହୋଇଥିଲା। ଯୁବତୀ ଜଣକ ସୁନୀଲଙ୍କଠାରୁ ଟଙ୍କା ଆଦାୟ କରୁଥିବାରୁ ଘରୋଇ କଳହ ଏବଂ ଶେଷରେ ସେ ତାଙ୍କ ସ୍ତ୍ରୀଙ୍କଠାରୁ ପୃଥକ ହୋଇଯାଇଥିଲେ। ସୋମବାର ଯୁବତୀଙ୍କ ଅନୁରୋଧର ଏକ ଶେଷ ସାକ୍ଷାତ ବାହାନାରେ ସୁନିଲ ତାଙ୍କ ମାଆଙ୍କୁ ଜଣାଇ ତାଙ୍କର ଜଣେ ବନ୍ଧୁଙ୍କ ସହିତ ପଥରବନ୍ଧ ବସ୍ତିକୁ ଯାଇଥିଲେ। ଯେଉଁଠାରେ ଯୁବତୀ ତାଙ୍କ ମାଉସୀ ଏବଂ ସହଯୋଗୀମାନଙ୍କ ସହିତ ମିଶି ତାଙ୍କୁ ଜୋରଜବରଦସ୍ତ ଏକ ପଡ଼ିଆକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ଗୁରୁତର ଆକ୍ରମଣ କରିଥିଲେ ଓ ଜାତିଭିତ୍ତିକ ଗାଳି ଦେଇ ତାଙ୍କ ମୋବାଇଲ୍ ଫୋନ୍ ଭାଙ୍ଗି ଦେଇଥିଲେ। ଏହି ଘଟଣା ପରେ ଅଭିଯୁକ୍ତମାନେ ଆହତ ସୁନିଲଙ୍କ ଦ୍ୱାରା ଆକ୍ରମଣ ହୋଇଥିବା ନେଇ ଥାନାରେ ମିଥ୍ୟା ଅଭିଯୋଗ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ପରେ ତଦନ୍ତରୁ ଜଣାପଡ଼ିଛି ଯେ, ସୋସିଆଲ ମିଡିଆରେ ଉଭୟ ଆହତ ସୁନିଲ ଓ ଯୁବତୀଙ୍କର ଫଟୋ ଭାଇରାଲ ହେବା ପରେ ଯୁବତୀଙ୍କ ସମ୍ପର୍କୀୟମାନେ ସୁନିଲଙ୍କୁ ଅପହରଣ ଏବଂ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲେ।

## ଫାଷ୍ଟଫୁଡ୍ ଦୋକାନରେ ନିଆଁ ଲଗାଇ ଯୁବକ ଗିରଫ

ଭୁବନେଶ୍ୱର, ୨୦।୫(ସମିସ): ଫାଷ୍ଟଫୁପ୍ ଦୋକାନରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେବା ଘଟଣାରେ ତମାଣ୍ଡୋ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପାତ୍ରପଡ଼ାର ଅଶୋକ କୁମାର ଜେନା। ଏନେଇ ତମାଣ୍ଡୋ ଥାନାରେ ଜ୍ଞାନେଜ କୁମାର ଦାସ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସୂଚନାଯୋଗ୍ୟ ଯେ, ଜ୍ଞାନେଜଙ୍କ କଳିଙ୍ଗ ବିହାର ଛକ ନିକଟରେ ମା ଭୂଆଶୁଣୀ ହୋଟେଲ ଏବଂ ଏକ ଫାଷ୍ଟଫୁଡ୍ ନାମରେ ଏକ ଦୋକାନ ରହିଛି। ତାଙ୍କ ଦୋକାନ ନିକଟରେ ଅଶୋକର ମଧ୍ୟ ଏକ ଫାଷ୍ଟଫୁଡ୍ ଷ୍ଟଲ ରହିଛି। ଗତ ୧୯ ତିରିଖ ଦିନ ପ୍ରାୟ ୩.୩୦ ସମୟରେ ଅଭିଯୋଗକାରୀ ତାଙ୍କର ଦୋକାନ ଆଗରେ ଥିବା ଷ୍ଟଲରେ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ, ଅଶୋକ ସେଠାକୁ ଏକ ପ୍ଲାଷ୍ଟିକ ବୋତଲର ପେଟ୍ରୋଲ ନେଇ ଆସି ଷ୍ଟଲରେ ନିଆଁ ଲଗାଇ ଦେଇଥିଲେ। ଅଭିଯୋଗକାରୀ ପ୍ରତିବାଦ କରିବା ସମୟରେ, ଅଭିଯୁକ୍ତ ଅଶୋକ ତାଙ୍କୁ ଖରାପ ଭାଷାରେ ଗାଳି କରି ଧମକ ଦେଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଉଭୟ ସମାନ ସ୍ଥାନରେ ସମାନ୍ତରାଳ ହୋଟେଲ ବ୍ୟବସାୟ ଚଳାଉଥିଲେ। ଅଭିଯୁକ୍ତ ଅଶୋକ ଜଣେ ସ୍ଥାନୀୟ ବାସିନ୍ଦା ହୋଇଥିବା ବେଳେ ଅଭିଯୋଗକାରୀ ବାହାରୁ ଆସି ସେଠାରେ ହୋଟେଲ ବ୍ୟବସାୟ କରୁଥିବାରୁ ସେ ତାଙ୍କ ପ୍ରତି ଦୀର୍ଘଦିନ ଧରି ଈର୍ଷାଭାବ ପୋଷଣ କରିଆସୁଥିଲେ। ଯେଉଁଥି ପାଇଁ ଦୋକାନରେ ନିଆଁ ଲଗାଇ ଦେଇଥିଲେ।




ଭୁବନେଶ୍ୱର ମହନଗର ନିଗମରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଦରମା ୨୬ ହଜାରକୁ ବୃଦ୍ଧି ସମେତ ୧୩ ଦଫା ଦାବି ନେଇ ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ପକ୍ଷରୁ ବିଏମସି କାର୍ଯ୍ୟାଳୟ ଘେରାଉ

ଜିଇଡି ବସ୍ତି ସୁଶାନ୍ତ ହତ୍ୟା ମାମଲା

## ପାଞ୍ଚ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ଭୁବନେଶ୍ୱର, ୨୦।୫(ସମିସ): କ୍ୟାପିଟାଲ ଥାନା ଜିଇଡି ବସ୍ତି ସୁଶାନ୍ତ ନାୟକ ହତ୍ୟା ମାମଲାରେ ୫ ଜଣ ହତ୍ୟାକାରୀଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି ଦ୍ୱିତୀୟ ଅତିରିକ୍ତ ସେସନ ଜଜ୍। ୧୮ ସାକ୍ଷ୍ୟ ସହିତ ୧୬ଟି ସାମଗ୍ରୀର ଯାଞ୍ଚ ଓ ୩୯ଟି ଦଲିଲ ଆଧାରରେ ଆସାମୀମାନଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା-୩୦୨/୩୪ ଆଧାରରେ ଆଜୀବନ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଲେଖାଏଁ ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ୧ ବର୍ଷର ଅତିରିକ୍ତ କାରାଦଣ୍ଡର ଆଦେଶ ମଧ୍ୟ ଶୁଣାଇଛନ୍ତି। ଆଜୀବନ କାରାଦଣ୍ଡ ପାଇଥିବା ହତ୍ୟାକାରୀମାନେ ହେଲେ ସୁଜିତ ନାୟକ, ସୁବାସ ନାୟକ, ଅଜିତ ନାୟକ, ବିଶାଳ ନାୟକ ଏବଂ ଟିକିଲି ନାୟକ।

**ଡ୍ରେନ୍ ଜଳ ନିଷ୍କାସନକୁ ନେଇ ହୋଇଥିଲା ବିବାଦ**

ପ୍ରକାଶ ଥାଉ କି ୨୦୨୩ ମେ ୨୪ ତାରିଖ ଭୋର ସମୟରେ ସୁଶାନ୍ତ ତାଙ୍କ ସ୍ତ୍ରୀଙ୍କୁ ଛାଡି ଘରକୁ ଫେରୁଥିଲେ। ଏହି ସମୟରେ ହତ୍ୟାକାରୀମାନେ ତାଙ୍କୁ ବସ୍ତି ରାସ୍ତାର ଏକ ମୋଡ଼ ନିକଟରେ ଅଟକାଇ ହଠାତ୍ ତାଙ୍କ ଉପରେ ନିର୍ମମ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ଏବଂ ସମ୍ପର୍କୀୟମାନେ ତାଙ୍କୁ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ଯେଉଁଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟା ପରେ ଅଭିଯୁକ୍ତ ସୁଜିତ ଓ ଟିକିଲି ଏକ ହଳଦିଆ ସ୍କୁଟିରେ ଏବଂ ବିଶାଳ ଓ ଅଜିତ ଏକ ନୀଳ ଆପାଚି ମୋଟର ସାଇକେଲରେ ଆକ୍ରମଣରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଧରି ପଳାଇଥିଲେ। ଏହି ଘଟଣା ପରେ ସୁଶାନ୍ତଙ୍କ ସ୍ତ୍ରୀ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲେ ଯେ, ସୁଶାନ୍ତ ଏବଂ ମୃତକ ଉଭୟଙ୍କ ପରିବାର ଦୀର୍ଘ ଦିନ ଧରି ଜିଇଡ଼ି ବସ୍ତିରେ ରହୁଥିଲେ। ମୂଳତଃ ସେମାନେ ଯଥାକ୍ରମେ ବଡ଼ପୋଖରିଆ (ଖୋର୍ଦ୍ଧା) ଏବଂ ନୟାଗଡ଼ ଜିଲ୍ଲାରୁ ଆସିଥିଲେ। ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ବିବାଦ। ମୁଖ୍ୟତଃ ଡ୍ରେନ୍ ଜଳ ନିଷ୍କାସନ ସମସ୍ୟାକୁ ନେଇ ଶତ୍ରୁତା ବଢ଼ିଥିଲା। ଏନେଇ କ୍ୟାପିଟାଲ ଥାନାରେ ବାରମ୍ବାର ମାମଲା ଏବଂ ପ୍ରତି-ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଏକ ଶତ୍ରୁତାପୂର୍ଣ୍ଣ ଭାବ ସୃଷ୍ଟି କରିଥିଲା। ଯାହା ଏହି ହତ୍ୟା ଘଟଣାରେ ପରିଣତ ହୋଇଥିଲା ବୋଲି ପୁଲିସ ଜାଣିବାକୁ ପାଇଥିଲା। ଘଟଣା ଦିନ ଅଭିଯୁକ୍ତମାନେ ପ୍ରଥମେ ବଡ଼ପୋଖରିଆର ଗ୍ରାମ ଜଙ୍ଗଲରେ ୪-୫ ଦିନ ପାଇଁ ଲୁଚି ରହିଥିଲେ। ପରେ କହ୍ନେଇପୁରର ମାଲୁଦାକୁ ଚାଲିଯାଇଥିଲେ। ସେଠାରେ ଆଉ ୩-୪ ଦିନ ରହିଥିଲେ। ପରବର୍ତ୍ତୀ ସମୟରେ, ଅଭିଯୁକ୍ତ ସୁଜିତ, କୋର୍ଟରେ ଆତ୍ମସମର୍ପଣ କରିଥିଲେ କିନ୍ତୁ ଅନ୍ୟ ଅଭିଯୁକ୍ତମାନେ ଅପରାଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଜଙ୍କିଆ ଥାନା ଅନ୍ତର୍ଗତ ମଲାଗୁଣି ନଦୀରେ ଫିଙ୍ଗି ଦେଇଥିଲେ। ସେଠାରୁ ସେମାନେ ଦାରିଙ୍ଗବାଡ଼ିକୁ ଚାଲି ଯାଇଥିଲେ। ଗୌରୀ ନାମକ ଏକ ହୋଟେଲରେ ରହିଥିଲେ। ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା କେସ ନମ୍ବର-୩୨୩/୨୦୨୩, ଭାରତୀୟ ନ୍ୟାୟ ସଂହିତାର ଧାରା- ୩୦୨/୩୪ ରେ ମାମଲା ରୁଜୁ ହୋଇଥିବା ବେଳେ, ଏହାର ତଦନ୍ତ ଦାୟିତ୍ୱ ତତ୍କାଳୀନ ଥନାଧିକାରୀ ପଦ୍ମନାଭ ପ୍ରଧାନ ନେଇଥିଲେ। ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଯେଉଁ ଆଧାରରେ ଅଭିଯୁକ୍ତଙ୍କୁ ସଜା ମିଳିଥିଲା।

## ଖଣ୍ଡାରେ ଆକ୍ରମଣ କରି ଲୁଟ୍; ଦୁଇ ଗିରଫ

ଭୁବନେଶ୍ୱର, ୨୦।୫(ସମିସ): ଖଣ୍ଡା ଏବଂ ଲୁହାଛଡ଼ରେ ଆକ୍ରମଣ କରିବା ଘଟଣାରେ ଭରତପୁର ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଫୁଲେଶ୍ୱରୀବସ୍ତି ରଶ୍ମିରଞ୍ଜନ ସେଠୀ ଏବଂ ବିକାଶ ଖୁଣ୍ଟିଆ। ଦୀପକ ପାତ୍ରଙ୍କ ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଗତ ୧୧ତାରିଖ ରାତି ପ୍ରାୟ ସାଢ଼େ ୯ଟା ସମୟରେ ଦୀପକ ଫୁଲେଶ୍ୱରୀ ହନୁମାନ ମନ୍ଦିର ରାସ୍ତା ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ରଶ୍ମିରଞ୍ଜନ ଓ ତାଙ୍କର ସହଯୋଗୀ ଦୀପକଙ୍କୁ ଅଟକାଇ ବାଇକ୍ ଚାବି ମାଗିଥିଲେ। ସୁନା ମୁଦି ଓ ପର୍ସ ଛଡ଼ାଇ ନେଇଥିଲେ। ଏହାକୁ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ ଏବଂ ଖଣ୍ଡା ଏବଂ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଦୀପକ କୌଶଳକ୍ରମେ ଖସି ପଳାଇବାରେ ସଫଳ ହୋଇଥିଲେ ଏବଂ ତାଙ୍କ ମାମୁଁ ଘରେ ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ସମୟରେ, ଯେତେବେଳେ ଅଭିଯୋଗକାରୀ ଦୀପକଙ୍କ ଭାଇ ଏହି ଘଟଣା ବିଷୟରେ ଅଭିଯୁକ୍ତଙ୍କୁ ପଚରାଉଚରା କରିଥିଲେ। ସେହି ଗୋଷ୍ଠୀ ପ୍ରାୟ ୧୦ ଜଣ ସହଯୋଗୀଙ୍କ ସହିତ ପୁନର୍ବାର ଫୁଲେଶ୍ୱରୀ ବସ୍ତିର ନୃସିଂହ ମନ୍ଦିର ନିକଟରେ ଏକାଠି ହୋଇଥିଲେ। ପୁଣି ଥରେ ଅଭିଯୋଗକାରୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଖଣ୍ଡା ଏବଂ ଲୁହା ଛଡ଼ରେ ହତ୍ୟା କରିବା ଉଦ୍ଦେଶ୍ୟରେ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ। ଫଳସ୍ୱରୂପ, ଅଭିଯୋଗକାରୀ ଦୀପକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କର ଜଣେ ସମ୍ପର୍କୀୟ ମଧ୍ୟ ଆହତ ହୋଇଥିଲେ।

■ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ଘଟଣା

## ସମ୍ପର୍କୀୟ ଭାଇ ଓ ପୁତୁରା ଗିରଫ

ଭୁବନେଶ୍ୱର, ୨୦।୫(ସମିସ): ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଆଜବେଷ୍ଟସ୍ ଖଣ୍ଡରେ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଣ୍ଡାକୁଦିଆ ବସ୍ତିର ନିରଞ୍ଜନ ଡାକୁଆ ଏବଂ ରାଜା ଡାକୁଆ। ସୂଚନାଯୋଗ୍ୟ ଯେ, ନିରଞ୍ଜନ ଏବଂ ରାଜା ଦୁହେଁ ଅଭିଯୋଗକାରୀଙ୍କ ସମ୍ପର୍କୀୟ ଭାଇ ଓ ପୁତୁରା। ଗତ ୧୪ ତାରିଖ ରାତି ପ୍ରାୟ ୯:୦୦ ଟା ସମୟରେ ଅଭିଯୋଗକାରୀ ଏବଂ ନିମ୍ନୋକ୍ତ ଅଭିଯୁକ୍ତଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେହି ସମୟରେ ଉଭୟ ଅଭିଯୁକ୍ତ ତାଙ୍କ ଘରକୁ ଆସି ଏକ ସାର୍ବଜନୀନ ସ୍ଥାନରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ ସ୍ୱାମୀ ରଞ୍ଜନ ଡାକୁଆଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆଜବେଷ୍ଟସ୍ ଖଣ୍ଡରେ ଆକ୍ରମଣ କରିଥିଲେ। ଅଭିଯୋଗକାରୀଣୀଙ୍କର ସ୍ୱାମୀଙ୍କ ମୁଣ୍ଡ ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏହି ଘଟଣା ପରେ ଅଭିଯୋଗକାରିଣୀ ଭରତପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଅଣାଯାଇଥିଲା। ପଚରାଉଚରା ବେଳେ ଦୁହେଁ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ।

## ଭିଏସ୍ଏସ୍ ସ୍ୱାସ୍ଥ୍ୟ ମନ୍ଦିରରେ ରକ୍ତ ପରୀକ୍ଷା ବନ୍ଦ

ଭୁବନେଶ୍ୱର, ୨୦।୫(ସମିସ): ଭିଏସ୍ଏସ୍ ନଗର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଗତ ଦୁଇମାସ ହେଲା ରକ୍ତ ପରୀକ୍ଷା ବନ୍ଦ ହେବା ପ୍ରତିବାଦରେ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳବାସୀ ଧାରଣା ଦେଇଥିଲେ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଭୁବନେଶ୍ୱରର ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ନାମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ହେବା ପରେ ପ୍ରଥମେ ଏଠାରୁ ଲାବରେଟୋରୀ ଟେକନିସିଆନ ଓ ସହାୟିକାଙ୍କୁ ଚାକିରିରୁ ବାହାର କରି ପରୀକ୍ଷାଗାର (ଲାବରେଟୋରୀ)କୁ ବନ୍ଦ କରି ଦିଆଗଲା। ଫଳରେ ଜନ ଅସନ୍ତୋଷ ଯୋଗୁଁ ୨୦୨୪ ସେପ୍ଟେମ୍ବରରେ ବୀର ସୁରେନ୍ଦ୍ର ନଗରବାସୀଙ୍କ ପକ୍ଷରୁ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ମହାନଗର ନିଗମ ୨୦୨୪ ନଭେମ୍ବରରେ ନିଷ୍ପତ୍ତି ନେଲେ ଯେ, ଭିଡ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଲାବରେଟୋରୀ ଟେକନିସିଆନଙ୍କୁ ପୁନଃନିଯୁକ୍ତି ପ୍ରଦାନ କରାଯାଇ ଲାବରେଟୋରୀ ପୂର୍ବଭଳି କାର୍ଯ୍ୟକ୍ଷମ କରାଯିବ। ଏହା ପରେ ଲାବରେଟୋରୀ କାର୍ଯ୍ୟକ୍ଷମ ପର୍ଯ୍ୟନ୍ତ ଡାକ୍ତରଖାନାରୁ ରକ୍ତ ସଂଗ୍ରହ ହୋଇ ଏକ ଘରୋଇ ଲାବରେଟୋରୀକୁ ରକ୍ତ ପରୀକ୍ଷା ପାଇଁ ଯାଉଥିଲା। ଏବେ ଦୁଇ ମାସ ହେବ ଘରୋଇ ଲାବରେଟୋରୀକୁ ରକ୍ତ ପରୀକ୍ଷା ପାଇଁ ଯାଉଥିବା ବ୍ୟବସ୍ଥାକୁ ମଧ୍ୟ ବନ୍ଦ କରି ଦିଆଯାଇଛି। ଏପଟେ ଲାବରେଟୋରୀ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ରୋଗୀମାନେ ନିଜର ରକ୍ତ ପରୀକ୍ଷା କରି ପାରୁନାହାଁନ୍ତି। ମାତ୍ର ଏଠାରେ ଲାବରେଟୋରୀ କରିବା ବଦଳରେ ଏଠାରୁ ସମ୍ପୂର୍ଣ୍ଣ ପରୀକ୍ଷା ବନ୍ଦ କରି ଦିଆଯାଇଛି ବୋଲି ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ପ୍ରକାଶ ଥାଉ କି ଭୁବନେଶ୍ୱରରେ କାମ କରୁଥିବା ୧୮ ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ମଧ୍ୟରୁ ଭିଏସ୍ଏସ୍ ନଗର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ଉପରେ ସବୁଠାରୁ ଅଧିକ ସଂଖ୍ୟକ ରୋଗୀ ନିର୍ଭର କରୁଛନ୍ତି।










# ମୁଖ୍ୟମନ୍ତ୍ରୀ ବସ୍ ସେବା ଡ୍ରାଇଭର ସଂଘର ଧର୍ମଘଟ



ଖପ୍ରାଖୋଲ,୨୦।୫ (ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ବସ୍ ସେବା ଡ୍ରାଇଭର ସଂଘ ୫ ଦଫା ଦାବି ନେଇ ଷ୍ଟିୟରିଂ ଛାଡ ଅନିର୍ଦ୍ଦିଷ୍ଟ କାଳ ପାଇଁ ମଙ୍ଗଳବାର ଧର୍ମଘଟକୁ ଓହ୍ଲାଇଛି। ଡ୍ରାଇଭର ମାନଙ୍କ ପାଞ୍ଚ ଦଫା ଅନୁଯାୟୀ ସେମାନଙ୍କର ବେତନ ବୃଦ୍ଧି, ଡ୍ରାଇଭର ସଂଖ୍ୟା ବୃଦ୍ଧି କରାଯିବା, ଦରମା ନ କାଟି ମେଡିକାଲ ଛୁଟି ଦିଆଯିବା, ଦରମା ଠିକ ସମୟରେ ଦିଆଯିବା, ମଧ୍ୟାହ୍ନ ଭୋଜନ ପାଇଁ ଠିକ ସମୟର ବ୍ୟବସ୍ଥା ଭଳି ୫ ଦଫା ଦାବି ନେଇ ଆନ୍ଦୋଳନର ଡାକରା ଦେଇଛି ଡ୍ରାଇଭର ସଂଘ। ଡ୍ରାଇଭର ସଂଘର ଏସବୁ ଦାବି ଗୁଡ଼ିକ ସଂପର୍କରେ ରାଜ୍ୟ ସରକାରଙ୍କୁ ମହାସଂଘ ପକ୍ଷରୁ ବାରମ୍ବାର ଅବଗତ କରାଯାଇଛି। କିନ୍ତୁ ଫଳପ୍ରଦ ନହେବାରୁ ଆଜିଠାରୁ ରାଜ୍ୟର ପାଞ୍ଚଟି ଜିଲ୍ଲାରେ ଷ୍ଟିୟରିଂ ଛାଡି ମୁଖ୍ୟମନ୍ତ୍ରୀ ବସ୍ ସେବାର ଖପ୍ରାଖୋଲ ବ୍ଲକ୍ ଡ୍ରାଇଭରମାନେ ଧର୍ମଘଟକୁ ଓହ୍ଲାଇଛନ୍ତି। ଏହି ଧର୍ମଘଟରେ ଶେଷଦେବ ଧରୁଆ, ରାଧେଶ୍ୟାମ ନାଗ, ଦୁର୍ଲ୍ଲଭ ମଲ୍ଲିକ, ବିସିକେଶନ ମହାଲିଙ୍ଗ, ସରୋଜ ରଣା ପ୍ରମୁଖ ଧର୍ମଘଟରେ ବସିଛନ୍ତି।

# ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା



ବଲାଙ୍ଗିର,୨୦।୫(ସମିସ): ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସନ୍ତରଣଗାରରେ ବଲାଙ୍ଗିର ଜିଲ୍ଲା ସନ୍ତରଣ ସଂଘ ତରଫରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସ୍‌ପି ଆଲୋକ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟପ୍ରକାଶ ମିଂଜ, ପ୍ରଦୀପ କୁମାର ପାତ୍ର,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ଅନିଲ କୁମାର ଆକାଶବାନ ପୂର୍ତ୍ତ ବିଭାଗ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳି ଯୋଗଦେଇ ଥିଲେ।୪ ଟି ବର୍ଗରେ ୭୯ ଟି ଇଭେଣ୍ଟ ଫିନା ନିୟମ ଆଧାରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ତଥା ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଂଜନ ପୁରୋହିତ, ସନ୍ତରଣ କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ତରୁଣ ସେଠ, ବାଳକୁମାର ମିଲୁଆର, ସିମରନ ବେହେରା, ଶୈଳେନ୍ଦ୍ରୀ ବର୍ଗତି, ସୁଶୀଳା ବିଶ୍ୱାଳ, ସୁରୁଜିତ ସିଂହ କ୍ରୀଡା ଶିକ୍ଷକ ହେଲେ ବୁଦ୍ଧିରାଜ ବିଶ୍ୱାଳ, ସ୍ୱପ୍ନା ସେଠ ପୁରେନ୍ଦ୍ରର ସେଠ, ସସ୍ମିତା ଗଡ଼ତିଆ, ବୀରେନ୍ଦ ସୁନା,ଜିତେନ୍ଦ୍ର ନାଏକ, ସଙ୍କେତ ଯୋଶୀ, ସଂଗୀତା ନାଏକ, ଅରୁଣ କୁମାର ନାଏକ, ନୀଳମଣି ପଟେଲ, ଅନ୍ୱେଷା ରାଉତ, ରୋଶନ ସାହୁ, କୈଳାଶ ମାଝୀ, ମୁନୁ ବେହେରା ଯୋଗ ଦେଇଥିଲେ।

## ବଜ୍ରପାତରୁ ବର୍ତ୍ତିବାକୁ ତାଳ ଗଛ ଭରସା

# ଲକ୍ଷେ ତାଳ ଗଛରୁ ଗୋଟିଏ ବି ଦିଶୁନି

ବଲାଙ୍ଗିର,୨୦।୫(ସମିସ): ସରକାରଙ୍କୁ ଘାରିଛି ପ୍ରାକୃତିକ ବିପର୍ଯ୍ୟୟ ବଜ୍ରପାତର ଚିନ୍ତା। ଗତ କିଛି ବର୍ଷ ଭିତରେ ବଜ୍ରପାତରେ ଅନେକ ଲୋକଙ୍କ ଜୀବନହାନି ଘଟିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀସ୍ତରରେ ବନ ବିଭାଗ ପକ୍ଷରୁ ତାଳଗଛ ଲଗାଇବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ପୂର୍ବ ବର୍ଷମାନଙ୍କରେ ମଧ୍ୟ ବନ ବିଭାଗ ତାଳଗଛ ଲଗାଇଥିବା ବେଳେ ଏହାର ସଫଳତା ହାର ନୈରାଶ୍ୟଜନକ ରହିଛି। ଚଳିତ ବର୍ଷ ପୁଣି ତାଳଗଛ ପାଇଁ ୬ କୋଟି ଟଙ୍କା ରାଜ୍ୟରେ ଖର୍ଚ୍ଚ କରାଯିବ ବୋଲି ସରକାର କହିଛନ୍ତି। ତେବେ ଏହି ପରପେକ୍ଷୀରେ ଯଦି ବଲାଙ୍ଗିର ଜିଲ୍ଲା ବିଷୟରେ ଆଲୋଚନା କରିବା ତେବେ ଏହି ତାଳଗଛ ପ୍ରକଳ୍ପ କେତେ ସଫଳତା ଦେଇଛି ଓ ଦେବ ତାହା ସ୍ପଷ୍ଟ ହେବ। ଜିଲ୍ଲାରେ ପୂର୍ବ ବର୍ଷ ଲଗାଯାଇଥିବା ଗଛରୁ କେତେ ପରିମାଣର ଗଛ ବଞ୍ଚିଛି ତାହାର ହିସାବ ମଧ୍ୟ ବନ ବିଭାଗ ପାଖରେ ନାହିଁ। ଯେଉଁ ଉଦ୍ଦେଶ୍ୟ ନେଇ ଯୋଜନା ଆରମ୍ଭ କରାଯାଇଥିଲା ବନ ବିଭାଗରେ କାର୍ଯ୍ୟରତ କିଛି ଅସାଧୁ କର୍ମଚାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଏହା ଫେଲ୍ ହୋଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସମୟରେ ବଜ୍ରପାତ ଏକ ବଡ ପ୍ରାକୃତିକ ବିପର୍ଯ୍ୟୟ ସାଜିଛି। କିଛି ବର୍ଷ ହେଲେ ନିୟମିତ ଭାବେ ବଜ୍ରପାତ ଯୋଗୁଁ ଲୋକ ମୃତ୍ୟୁବରଣ କରୁଛନ୍ତି। ବଜ୍ରପାତ ର ଶିକାର ହେଲେ ନିଶ୍ଚିତ ମୃତ୍ୟୁ ହେଉଥିବାରୁ ନିହାତି ଭାବେ ଏହା ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲା ପାଇଁ ଏକ ବଡ ଦୁଃଖର କାରଣ ପାଲଟିଛି। ବର୍ଷକୁ ବର୍ଷ ଏହି



ସଂଖ୍ୟା ବଢୁଥିବାରୁ ଏହାକୁ ରୋକିବାକୁ ରାଜ୍ୟ ସରକାର ତାଳଗଛ ଲଗାଇବାକୁ ଯୋଜନା କଲେ। ପ୍ରତ୍ୟେକ ବନଖଣ୍ଡ ଅଞ୍ଚଳରେ ତାଳଗଛ ଲଗାଇବାକୁ କିଛି ବର୍ଷ ପୂର୍ବରୁ ଯୋଜନା କରିଥିଲେ।ଏଥିପାଇଁ ରାଜ୍ୟ ସରକାର ବନ ବିଭାଗ ଜରିଆରେ ସ୍ୱତନ୍ତ୍ର ଯୋଜନା କରିଥିଲେ। ଏହିକ୍ରମରେ ୨୦୨୩-୨୪ ଆର୍ଥିକ ବର୍ଷରେ ବଲାଙ୍ଗିର ବନଖଣ୍ଡକୁ ତାଳ ଗଛ ଲଗାଇବା ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିଲା। ସେହି ଅର୍ଥରେ ଏହି ଡିଭିଜନ ଅଧିନରେ ଥିବା ୧୧ଟି ରେଞ୍ଜ ଅଞ୍ଚଳରେ ସର୍ଭେ ଅନୁସାରେ କିଏ କେତେ ତାଳଗଛ ଲଗାଇବେ ସେହି ହିସାବରେ ଅନୁଦାନ ପ୍ରଦାନ ଦିଆଯାଇଥିଲା। କିନ୍ତୁ ଜିଲ୍ଲାରେ ଏହି ତାଳଗଛ ରୋପଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଯେଉଁ ଯେଉଁ ସ୍ଥାନରେ ତାଳଗଛ ଲଗାଯାଇଥିବା ଦର୍ଶାଯାଇଛି ସେଠାରେ ତାଳଗଛ ହିଁ ନଥିବା ଅଭିଯୋଗ ହୋଇଛି। ଯାହାକି ଏହି ଯୋଜନାର ୫୦ ଲକ୍ଷ ଟଙ୍କାର ଅନୁଦାନ ଅର୍ଥକୁ ମିଥ୍ୟା ବିଲ କରି ଚଳୁ କରିଥିବା ଅଭିଯୋଗ ହୋଇଛି। ବନବିଭାଗ ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ତାଳଗଛ ରୋପଣ ପାଇଁ ବଲାଙ୍ଗିର ବନଖଣ୍ଡକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ସେଥିରେ ଜିଲ୍ଲାର ବିଭିନ୍ନ ରେଞ୍ଜ ଅଞ୍ଚଳରେ ୧ଲକ୍ଷ ତାଳଗଛ ରୋପଣ କରାଯିବାର ଥିଲା।

## ମିଥ୍ୟା ବିଲ୍ କରି ୫୦ ଲକ୍ଷ ହଡ଼ପ

ସେହିକ୍ରମରେ ରେଞ୍ଜକୁ ଅର୍ଥ ପ୍ରଦାନ କରାଯାଇଥିଲା। ରେଞ୍ଜରମାନେ ଫରେଷ୍ଟର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ବନୀକରଣ କରିଥିବା ବିଲ ଭାଉଚରରେ ଦର୍ଶାଇ ବିଲ କରିଛନ୍ତି। କିନ୍ତୁ ଉକ୍ତ ୧ ଲକ୍ଷ ତାଳଗଛ ଗଲା କୁଆଡେ ସତରେ ତାଳ ଗଛ ରୋପଣ ହୋଇଥିଲା ନା ମିଛ ବିଲ କରି ବନ ବିଭାଗର ବାବୁ ମାନେ ପକେଟ୍ ଗରମ କରିଛନ୍ତି ତାକୁ ନେଇ ବଡ ପ୍ରଶ୍ନ ଉଠିଛି। ରେଞ୍ଜଗୁଡ଼ିକୁ ଦିଆଯାଇଥିବା ଅନୁଦାନରେ ତାଳମଞ୍ଜି ସଂଗ୍ରହ କରାଯାଇ ତାକୁ ରେଞ୍ଜକୁ ଅଣାଯାଇ ରଖାଯାଇଥିଲା ଓ ପରେ ତାକୁ ଫିଲ୍ଡକୁ ନିଆଯାଇ ରୋପଣ କରାଯାଇଥିଲା ବୋଲି ବନବିଭାଗ ଉତ୍ତର ରଖୁଛି। ଜଙ୍ଗଲଗୁଡ଼ିକର ସୀମାରେଖାରେ ଏହି ତାଳଗଛ ଲଗାଇଥିବା ବନବିଭାଗ ଦର୍ଶାଇଛି। କିନ୍ତୁ କୌଣସି ଜଙ୍ଗଲର ସୀମାରେ ତାଳ ଗଛ ଅଛି ନା ନାହିଁ ତାହାର ତଦାରଖ ମଧ୍ୟ କରାଯାଇନଥିବା ଅଭିଯୋଗ ହୋଇଛି। ଗୋଟିଏ ମଧ୍ୟ ଗଛ ଥିବା ଦେଖାଯାଉନାହିଁ।ବଲାଙ୍ଗିର ରେଞ୍ଜରେ ସର୍ବାଧିକ ୧୨,୭୨୬ଟି, ବଙ୍ଗୋମୁଣ୍ଡା ରେଞ୍ଜରେ ୬୨୯୦ଟି, ଦେଓଗାଁ ରେଞ୍ଜରେ ୭୦୦୦ଟି, ହରିଶଙ୍କର ରେଞ୍ଜରେ ୯୬୮୦ଟି, କଣ୍ଟାବାଞ୍ଜି ରେଞ୍ଜରେ ୯୦୦୦ଟି, ଲାଠୋର ରେଞ୍ଜରେ ୮୪୫୦ଟି,ଲୋଇସିଂହା ରେଞ୍ଜରେ ୮୬୦୦ଟି,ମୁରିବାହାଲ ରେଞ୍ଜରେ ୬୫୨୦ଟି, ପାଟଣାଗଡ ରେଞ୍ଜରେ ୧୦, ୭୦୦ଟି, ସଇଁତଳା ରେଞ୍ଜରେ ୭୩୨୦ଟି ଓ ଟିଟିଲାଗଡ ରେଞ୍ଜରେ ୬୯୫୦ଟି ଏଭଳି ମୋଟ ୯୩,୨୩୬ଟି ତାଳଗଛ ଲଗାଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି।ତେବେ ବିଭାଗର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ତାଳଗଛ ମଞ୍ଜି ରୋପଣ କରାଯାଇଥିଲା କିନ୍ତୁ ଠିକ୍ ଭାବେ ତାହା ଉଠିଲା ନାହିଁ ବୋଲି କହିଛନ୍ତି। ଏଠି ପ୍ରଶ୍ନ ଏତେ ପରିମାଣର ମଞ୍ଜିରୁ ଯଦି ଗଛ ବାହାରିଲା ନାହିଁ ତେବେ ଯାହା ପାଖରୁ ମଞ୍ଜି ଅଣାଯାଇଥିଲା ତାଙ୍କ ବିରୋଧରେ ବନ ବିଭାଗ କଣ ପଦକ୍ଷେପ ନେଇଛି ତାହା ବଡ ପ୍ରଶ୍ନ। ତେବେ ପୁଣି ରାଜ୍ୟ ସରକାର ତାଳଗଛ ଲଗାଇବା ପାଇଁ ପଦକ୍ଷେପ ନେଇଥିବା ବେଳେ ଚଳିତ ବର୍ଷ ପୂର୍ବ ବର୍ଷ ଭଳି ନ ହେବ ତାହା କିଏ କହିପାରିବ। କିଛି ଲାଭଖୋର ମନୋଭାବ ରଖୁଥିବା ଅଧିକାରୀଙ୍କ ଯୋଗୁଁ ଏହି ଯୋଜନାର ସଫଳତା ମିଳିନଥିବା ବେଳେ ଚଳିତ ବର୍ଷ ତାଳଗଛ ରୋପଣ ଯୋଜନା ଆରମ୍ଭ ପୂର୍ବରୁ ଏ ଦିଗରେ ଠୋସ୍ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଟ୍ରେଡ୍ ୟୁନିୟନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ବଲାଙ୍ଗିର,୨୦।୫(ସମିସ): ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧିନ ଫେଡେରେସନ ଆହ୍ୱାନରେ ଦେଶ ବ୍ୟାପି ବିକ୍ଷୋଭ ଅବସରରେ ମଙ୍ଗଳବାର ଏଆଇଟିୟୁସି ଓ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଇଛି। ବଲାଙ୍ଗିର ଜିଲ୍ଲା ପକ୍ଷରୁ କୋଶଳ କଳା ମଣ୍ଡଳ ପଡିଆରୁ ରାଲିରେ ଭାଗରଥି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମିକ ବିରୋଧି ୪ଟି ଶ୍ରମ କୋଡ ପ୍ରତ୍ୟାହାର, ସ୍କିମ ୱାର୍କର ଯଥା ଆଶାକର୍ମୀ ଅଙ୍ଗନୱାଡି କର୍ମୀ ଓ ସହାୟିକା, ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାଙ୍କୁ ସରକାରୀ କର୍ମ.ରୀ ମାନ୍ୟତା, ମାସିକ ଭତ୍ତା ସର୍ବନିମ୍ନ ୨୬ହଜାର ଟଙ୍କା ପ୍ରଦାନ, କୃଷିଜାତ ଦ୍ରବ୍ୟର ଆଇନ ମାନ୍ୟତା ଦରବୃଦ୍ଧି ନିୟନ୍ତ୍ରଣ, ଏନ୍‌ପିଏସ୍ ୟୁପିଏସ୍ ବାତିଲ କରି ପୁରୁଣା ପେନସନ ସ୍କିମ ପ୍ରଚଳନ, ସମାନ କାମକୁ ସମାନ ଦରମା, ୨୦୨୨ ବିଦ୍ୟୁତ୍ ସଂଶୋଧନ ପ୍ରତ୍ୟାହାର, ପ୍ରିପେଡ ସ୍ମାର୍ଟ ମିଟର ବାତିଲ, ରାଷ୍ଟ୍ରାୟତ ଓ ସରକାରୀ ସଂସ୍ଥାର ଘରୋଇ କରଣ ବନ୍ଦ କରିବା ଓ ଜାତୀୟ ଶିକ୍ଷାନିତି ୨୦୨୦ ବାତିଲ ଆଦି ୧୭ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଟିୟୁସି ଜିଲ୍ଲାସଭାପତି ତୀର୍ଥ ପଧାନଙ୍କ ସଭାପତିତ୍ୱରେ ବିକ୍ଷୋଭ ସଭାରେ ବକ୍ତବ୍ୟ ରଖିଥିଲେ ଏଆଇୟୁଟିୟୁସି ରାଜ୍ୟ କମିଟି ସଭ୍ୟ ଅଶୋକ ମିଶ୍ର। ନିଖିଳ ଓଡିଶା ଆଶା କର୍ମୀ ସଂଘ ସଭାପତି ଦମୟନ୍ତି ମହାନନ୍ଦ, ସଂଜୁ ବାଗ, ପ୍ରଭାସିନି ରାୟ, ବଲାଙ୍ଗିର ବ୍ଲକ୍ ସଂଘ ସଂପାଦିକା ବାସନ୍ତି ସେଠ, ମିନାକ୍ଷି ଜେନା, ମମତା ଜେନା, ପାଚିକା ସହାୟିକା ମାଧବୀ କଲତା, ବଲ୍ଲବି ସିଂ, ନିର୍ମାଣ ଶ୍ରମିକ ରୁ ପୁରୁଷୋତ୍ତମ କର୍ମୀ, ଜଗବନ୍ଧୁ ବେହେରା, ଗ୍ରା.ପ. ଶ୍ରମିକ ସଂଘ ବିଦୁର କୁମ୍ଭାର, ପ୍ରଫୁଲ୍ଲ କୁମ୍ଭାର, ଏଆଇଡିଏସ୍‌ଓ ଜିଲ୍ଲା ସଭାପତି ମଧୁସୁଦନ ବାଗ, ସଂପାଦିକା ଗୌରୀ ରାଉତ, ଏଆଇଡିୱାଇଓ ଜିଲ୍ଲା ସଂପାଦକ ତାମସ ବେହେରା ସହ ଶତାଧିକ କର୍ମୀ ସାମିଲ ହେବା ସହ ବକ୍ତବ୍ୟ ରଖିଥିଲେ। ଏଆଇଟିୟୁସି ଜିଲ୍ଲା ସହସଂପାଦକ ସାଏବୁ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି

ଟିଟିଲାଗଡ଼,୨୦।୫(ସମିସ):ଟିଟିଲାଗଡ ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ସ୍ଥାନୀୟ ପ୍ରହରୀ ମଣ୍ଡପ ପରିସରରେ ଶୀତଳଷଷ୍ଠୀ ଉତ୍ସବ ପାଳନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଶେଖର ଦାସଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଚଳିତ ଥର ଉତ୍ସବ ପାଳନ ୨୫ ବର୍ଷରେ ପଦାର୍ପଣ କରିଥିବାରୁ ଏହାକୁ ମହାଆଡମ୍ବରରେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।ଚଳିତ ଥର ହାଟପଦାପଡାର ସୀତାରାମ ବେହେରା ଓ ତାଙ୍କ ଧର୍ମ ପତ୍ନୀ ରେଣୁକା ବେହେରା କନ୍ୟାପକ୍ଷ ଏବଂ ଶିରଭଟାପଡା ନିବାସୀ ଦମ୍ପତି ମହେନ୍ଦ୍ର ରାଉତ ଓ ମେନକା ରାଉତ ବର ପକ୍ଷରୁ ଦାୟିତ୍ୱ ତୁଲାଇବା ପାଇଁ ସୌଭାଗ୍ୟ ଲାଭ କରିଛନ୍ତି।

ଏହି ବୈଠକରେ କମିଟି ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧିର ଘଡେଇ,କୋଷାଧ୍ୟକ୍ଷ ପ୍ରଭାକର ସରାଫ,ଉପଦେଷ୍ଟା ଲିଙ୍ଗରାଜ ସାହୁ, ଟିକେଲାଲ ବେହେରା,କୃଷ୍ଣ ଚନ୍ଦ୍ର ସରାଫ,ସଞ୍ଜୀବ ତ୍ରିପାଠୀ ପ୍ରମୁଖଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।



# ଡଙ୍ଗରମୁଣ୍ଡା-କଅଁସର ପିଚୁ ରାସ୍ତା ନିମ୍ନମାନର



## ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

ସଇଁତଲା,୨୦।୫(ସମିସ): ସଇଁତଲା ବ୍ଲକ୍ ଅନ୍ତର୍ଗତ କଅଁସର ଗ୍ରାମରୁ ଡ଼ଙ୍ଗରମୁଣ୍ଡା ଗ୍ରାମ। ରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ଦେଢ଼ କିମି ରାସ୍ତାଟି ପଚୁ କାମ କରାଯାଇଛି। ପିଚୁ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ରାସ୍ତା କଡ଼ରେ ମାଟି ପୋତି ରାସ୍ତା ଅଧା ପୋତି ଦିଆଯାଇଛି। ଯାହାଫଳରେ ଉକ୍ତ ରାସ୍ତା ଦେଇ ଗମନାଗମନ କରୁଥିବା ଜନସାଧାରଣ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଗ୍ରାମବାସୀ ଠିକାଦାରଙ୍କ ବିରୋଧରେ ବୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାକୁ ନେଇ ବାରମ୍ବାର ଖବର ପ୍ରସାରଣ ହେବାପରେ ମଧ୍ୟ ଅଦ୍ୟାବଧି ଯନ୍ତ୍ରୀ ଉକ୍ତ ସ୍ଥାନକୁ ପରିଦର୍ଶନରେ ଯାଇନାହାନ୍ତି। କିମ୍ବା ଠିକାସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ଯାହାକୁ ନେଇ ସାଧାରଣରେ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବାରୁ ପ୍ରଶାସନ ତରଫରୁ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ନେବାରେ ଅବହେଳା। କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନା ମତେ ସଇଁତଲା ବ୍ଲକ୍ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କଅଁସର ଗ୍ରାମ ଶେଷ ମୁଣ୍ଡରୁ ଡ଼ଙ୍ଗରମୁଣ୍ଡା ଘୁନସର ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟ ଚଳିତ ବର୍ଷ ପିଚୁ କରାଯାଇଛି। ପୂର୍ବରୁ ଥିବା ପିଚୁ ଉପରେ ପୁନଃ ପିଚୁ ପକାଇ ରାସ୍ତା ନିର୍ମାଣ କରାଯାଇଛି। ନିୟମ ଅନୁସାରେ ପୂର୍ବରୁ ଥିବା ପିଚୁ ରାସ୍ତାକୁ ଖୋଳି ତା ଉପରେ ନୂତନ ଭାବରେ ପିଚୁ କରାଯିବା କଥା। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ଉପରେ କେବଳ ପିଚୁ ପକାଇ କାମ କରାଯାଇଛି। ଉକ୍ତ ରାସ୍ତାରେ ନିର୍ମିତ ନୂତନ ପିଚୁକୁ ଟିକିଏ ହାତରେ ଖୋଳିଦେଲେ ତାହା ଉଠି ଯାଉଛି। ଏହାର ସ୍ଥାୟୀତ୍ୱକୁ ନେଇ ଗ୍ରାମବାସୀ ସନ୍ଦେହ ଘେରରେ ରହିଛନ୍ତି। ପୁନଃ ନୂତନ ଭାବରେ ନିର୍ମିତ ପିଚୁ ରାସ୍ତା ଉପରେ ମାଟି ପଡ଼ିଥିବାରୁ ଗ୍ରାମବାସୀ ଗମନାଗମନ କରୁଥିବା ବେଳେ ପଡି ଆହତ ହେଉଥିବା ଜଣାଯାଇଛି। ଏନେଇ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥବା କହିଛନ୍ତି। ଏ ବିଷୟରେ ବାରମ୍ବାର ଖବର ପ୍ରଶାସନ ହେବାପରେ ମଧ୍ୟ ପ୍ରଶାସନ ତରଫରୁ ଅଦ୍ୟାବଧ ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି



ମୁରିବାହାଲ,୨୦।୫(ସମିସ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିପିଡିଓ ଗଙ୍ଗାଧର ଛତର, ସମିତି ସଭ୍ୟ ଛକ୍ରଧର ହେର୍ଣ୍ଣା, ବିଏସଏସଓ ରିଙ୍କୁ ମେହେର, ଏପିଓ ପ୍ରେମାନନ୍ଦ ମିଶ୍ର , ଏଓ ବିଶ୍ୱରଞ୍ଜନ ବେହେରା, ବିପିସି ରବୀନ୍ଦ୍ର ବେହେରା , ପିଇଓ ପ୍ରକାଶ କୁମାର ପନିକା, ଆଇସିଡ଼ିଏସ ସୁପରଭାଇଜର କୁନି ନାଏକ, ବିଆରସି ଶ୍ରୀକାନ୍ତ ଜେନା, ଏମଆଇ (ଡିଓ) ହରିହର ବାଗ, ଏଡିଇଓ ଥନାସୁନ୍ଦର ଖୁଟୁଲା ପ୍ରମୁଖ ଉପସ୍ଥିତ ଥିଲେ। ୨୧ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ଗାଁର ସମସ୍ୟା ଭତ୍ତା, ଆବାସ ଗୃହ, ରାସନକାର୍ଡ ଆଦି ସମସ୍ୟା ବିଷରେ ଗ୍ରୀଭାନ୍ସ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଓଟେକ ଜେମାକାନ୍ତ ବେନିଆ, ଯୋଗାଣ ସହାୟକ ଅଜନ୍ତୁଳା ବନଛୋର, ଗିରିଧାରୀ ଛତ୍ରିଆ, ପୁରନ୍ଧର ମୋହାଲିଙ୍ଗ, ସୁମନ୍ତ ମୋହାଲିଙ୍ଗ, ତୁଳସୀ ସାହୁ ଓ ପଞ୍ଚାୟତ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜେଇ ସହ ବାଇକ୍ ଜବତ,୨ ଗିରଫ

ପାଟଣାଗଡ଼,୨୦।୫(ସମିସ):ପାଟଣାଗଡ଼ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ସକାଳେ ପାଟ୍ରୋଲିଂ କରୁଥିବା ସମୟରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଠାରୁ ୧୨ କେଜି ୭ ଶହ ଗଞ୍ଜେଇ ଓ ଗୋଟିଏ ପୁରୁଣା ବାଇକକୁ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ପାଟଣାଗଡ଼ ଥାନା ପଣ୍ଡାମୁଣ୍ଡା ଗ୍ରାମର ସୁଶୀଲ ଦୀପ ଓ ରମେଶ କୁମ୍ଭାର। ସୂଚନାନୁସାରେ ପାଟଣାଗଡ଼ ଅବକାରୀ ଅଧିକାରୀ ରାଜକୁମାର ବେହେରାଙ୍କ ନେତୃତ୍ୱରେ ଅବକାରୀ ବିଭାଗର କର୍ମଚାରୀ ମଙ୍ଗଳବାର ବିନ୍ଧନପଦର କେନ୍ଦୁମୁଣ୍ଡି ରାସ୍ତାରେ ପ୍ରାଟ୍ରୋଲିଂ କରୁଥିବା ଦୁଇ ଜଣ ବାଇକ୍ ଆରୋହୀଙ୍କୁ ସନ୍ଦେହରେ ଯାଞ୍ଚ କରିବାରୁ ସେମାନଙ୍କ ପାଖରେ ଜରି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଅବକାରୀ ବିଭାଗ ଉକ୍ତ ଗଞ୍ଜେଇ ସହ ବାଇକ୍‌କୁ ଜବତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବିଭାଗ ପକ୍ଷରୁ ପିଆର କେଶ ନଂ ୩୦/୨୦୨୫-୨୬ ରେ ମାମଲା ରୁଜୁ କରି ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟକୁ ଚାଲାଣ କରିଥିବା ବେଳେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟକୁ ବିଚାର ବିଭାଗୀୟ ହାଜତ କୁ ପଠାଇ ଦିଆଯାଇଥିବା ଜଣାପଡିଛି।ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୭ ହଜାର ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ରାଜକୁମାର ବେହେରା ପାଟଣାଗଡ଼ ସୂଚନା ଦେଇଛନ୍ତି।








● ଭାଗବତ ଟୁଙ୍ଗିର ପୁନଃଉଦ୍ଧାର କାମରେ ଅନିୟମିତତା

# ବିନା ପିଲରରେ ଛାତପକା

ସମ୍ବଲପୁର,୨୦।୫(ସମିସ):ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୩୭ ନକ୍ସାପାଲିରେ ଥିବା ୪୦ ବର୍ଷିୟ ପୁରୁଣା ଭାଗବତ ଟୁଙ୍ଗିର ପୁନଃଉଦ୍ଧାର କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ



ମାନେଶ୍ୱର ଠାରେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ମୁଖ୍ୟମନ୍ତ୍ରୀ କର୍ମତପ୍ର ଯୋଜନା ଅଧିନରେ ୪ ଲକ୍ଷ ଟଙ୍କା ଏହି କାର୍ଯ୍ୟ ପାଇଁ ଆସିଥିଲା। ବ୍ଲକ କର୍ତ୍ତୃପକ୍ଷ ପୁନଃଉଦ୍ଧାର କାର୍ଯ୍ୟ ପାଇଁ ମହେନ୍ଦ୍ର ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଦେଇଥିଲେ। କିନ୍ତୁ ସେ କାମ ନ କରି ଅନ୍ୟ ଜଣଙ୍କୁ ହସ୍ତାନ୍ତର କରିଥିଲା। ବର୍ତ୍ତମାନ କାମ କରୁଥିବା ବ୍ୟକ୍ତି କମ ଟଙ୍କା ଖର୍ଚ୍ଚ ପାଇଁ ବିନା ପିଲରରେ ଛାତ ପକାଇବାକୁ ଆରମ୍ଭ କରୁଛି। ସରକାର ଦେଇଥିବା ଟଙ୍କାର ବ୍ୟବହାର ଠିକ ଭାବେ ହେଉନାହିଁ। ସରକାରୀ ଟଙ୍କା ବାଟମାରଣ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଯଥା ଶୀଘ୍ର ଏହି କାର୍ଯ୍ୟର ତଦନ୍ତ କରି ସମ୍ପୃକ୍ତ ଠିକାଦର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

■ ସୁବର୍ଣ୍ଣପୁରସାହିରେ ବଡ଼ପୁଅକୁ ହତ୍ୟା

# ଅଭିଯୁକ୍ତ ମାଆ, ଭଉଣୀ ଓ ଭାଇ ଗିରଫ

ରେଢ଼ାଖୋଲ,୨୦।୫(ସମିସ): ପାରିବାରିକ କଳହରୁ ଜନ୍ମକଲା ମାଆ ଜଣେ ପୁଅ ଏବଂ ଦୁଇ ଝିଅ ସହ ମିଶି ବଡ ପୁଅକୁ ହତ୍ୟା କରିଥିବା ଅଭିଯୋଗରେ ମଙ୍ଗଳବାର ଅଭିଯୁକ୍ତ ମାଆ ସହିତ ଦୁଇ ଭଉଣୀ ଓ ଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲେ ରେଢ଼ାଖୋଲ ଥାନା ଡ଼ଇଞ୍ଚା ଗ୍ରାମ ସୁବର୍ଣ୍ଣପୁର ସାହିର ବାସିନ୍ଦା ମୃତକ ବାଦଲ ପ୍ରଧାନଙ୍କ ମାଆ ଚମ୍ପା ପ୍ରଧାନ(୫୦), ଦୁଇ ଭଉଣୀ ରଜନୀ(୨୮), ଗଙ୍ଗା ବୁରମାନ ଓରଫ ଗୁଡିଆ(୩୦) ଓ ଭାଇ କାହ୍ନା(୨୦)। ଗତ ୧୫ ତାରିଖ ରାତିରେ ମୃତ ବାଦଲ ମାଆ ଚମ୍ପା ପ୍ରଧାନକୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲା। ମନା କରିବାରୁ ବାଦଲ ମାଆ ସହ ଦୁଇ ଭଉଣୀକୁ ଗାଲିଗୁଲଜ କରିଥିଲା। ପୂର୍ବରୁ ମଧ୍ୟ ବାଦଲ ମଦ ପିଇ ପରିବାର ଲୋକଙ୍କୁ ଗାଲିଗୁଲଜ କରିବା ସହ ମାରପିଟ୍ କରୁଥିଲା। ଏନେଇ ଉଭୟଙ୍କ ମଧ୍ୟରେ କଳହ ସୃଷ୍ଟି ଲାଗି ରହିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବାଦଲଙ୍କ ମାଆ ସମେତ ଦୁଇ ଭଉଣୀ ଓ ଭାଇ ବାଦଲକୁ ଏକ ଶାଢିରେ ତଣ୍ଟି ଚିପିବା ସହିତ ଏକ ଲୁହା ରଡ଼ରେ ଆକ୍ରମଣ କରି ହତ୍ୟା କରିଥିଲେ। ହତ୍ୟାକୁ ଲୁଚାଇବା ପାଇଁ ଘର ପଛ ପଟରେ ୪ ଫୁଟର ଗାତ ଖୋଳି ମୃତଦେହ ପୋତି ଦେଇଥିଲେ। ଖବର ପାଇ ରେଢ଼ାଖୋଲ ପୁଲିସ ମାଟି ଖୋଳି ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରି ନିଜ ପରିବାର ଲୋକେ ବାଦଲକୁ ହତ୍ୟା କରିଥିବା ଜାଣିବାକୁ ପାଇଥିଲା। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ କେସ ନଂ ୧୨୫/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ହତ୍ୟାକାରୀ ମାଆ, ଦୁଇ ଭଉଣୀ ଓ ଭାଇକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ର ମୋହନ ସିଂ ପ୍ରେସ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।



ଉଦ୍‌ଘାଟନ ଅପେକ୍ଷାରେ ଭିମ୍‌ସାର ସୁପରସ୍ପେସାଲିଟି ହସ୍ପିଟାଲ୍

# କାର୍ଯ୍ୟକ୍ଷମ ନ ହେଲେ ଭିମସାର୍ ଘେରଉ

ସମ୍ବଲପୁର,୨୦।୫(ସମିସ)

ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭିମସାରରେ ସୁପରସ୍ପେସାଲିଟ ହସପିଟାଲ ନିର୍ମାଣ ହେଲା। କିନ୍ତୁ ବାରମ୍ବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତସାହଙ୍କ ସମ୍ବଲପୁର ଗସ୍ତ ବାତିଲ ହେଉଥିବାରୁ ଏହାକୁ ଉଦ୍‌ଘାଟନ କରାଯାଇ ପାରୁନାହିଁ। ଯାହାକୁ ତୀବ୍ର ବିରୋଧ କରିଛି ବୁର୍ଲା କଂଗ୍ରେସ। ଆଗମୀ ୭ ଦିନ ଭିତରେ ଯଦି ହସପିଟାଲ କାର୍ଯ୍ୟକ୍ଷମ ନ ହୁଏ ତାହାଲେ ଭିମସାରକୁ ଘେରିବା ନେଇ ଚେତାବନୀ ଦେଇଛି କଂଗ୍ରେସ। ସୂଚନା ଅନୁସାରେ ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମେରୁଦଣ୍ଡ କୁହାଯାଉଥିବା ଭିମସାର ଉପରେ ନିର୍ଭରଶୀଳ ହଜାର ହଜାର ଲୋକଙ୍କ ଉପଯୁକ୍ତ ଚିକିତ୍ସା ସୁବିଧାକୁ ଆହୁରି ଉନ୍ନତ ପ୍ରଣାଳୀରେ କରିବାକୁ ଭିମ୍‌ସାର ସୁପରସ୍ପେସାଲିଟି ହସ୍ପିଟାଲ୍ ନିର୍ମାଣ ପରିକଳ୍ପନା କରାଯାଇଥିଲା। ତେବେ ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବାର ବହୁ ମାସ ଅତିବାହିତ ହୋଇ ସାରିଥିବା ବେଳେ ଏ ପର୍ଯ୍ୟନ୍ତ ଏହା ଉଦ୍‌ଘାଟନ ଅପେକ୍ଷାରେ ରହିଛି। ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଏଭଳି ସ୍ଥିତି ରହିଛି। ଭିମସାର ସୁପରସ୍ପେସାଲିଟି ଡାକ୍ତରଖାନାରେ ୨୨୨ ଶଯ୍ୟା, ୫୦ ଆଇସିୟୁ ଓ ୧୨ ଡାଏଲିସିସ୍ ମେସିନ ଖତଖାଉଛି। ତେବେ ବାରମ୍ବାର ଏହାର ଉଦ୍‌ଘାଟନ ତାରିଖ ଘୁଞ୍ଚି ଘୁଞ୍ଚି ଯାଉଛି। ପ୍ରଥମେ ମାର୍ଚ୍ଚ ୨୨ ଓ ପରେ ଏପ୍ରିଲ ୨୧ ଦୁଇଥର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମ୍ବଲପୁର ଗସ୍ତ ଅବସରରେ ଏହି ସୁପରସ୍ପେସାଲିଟି ଡାକ୍ତରଖାନା ଉଦଘାଟନର ନିଷ୍ପତ୍ତି ହୋଇଥିଲା। ମାତ୍ର ମନ୍ତ୍ରୀଙ୍କ ଗସ୍ତ ବାତିଲ ହୋଇଯିବାରୁ ସୁପରସ୍ପେସାଲିଟି କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ।

ପୂର୍ବରୁ ଦୁଇଥର ଏହି ସୁପରସ୍ପେସାଲିଟି ହସ୍ପିଟାଲ୍ ଉଦ୍‌ଘାଟନକୁ ବିଭିନ୍ନ କାରଣରୁ ବାତିଲ କରାଯାଇଛି। ତେବେ ଭିମସାର ଉପରେ ପଶ୍ଚିମ ଓଡ଼ିଶା ସମେତ ପଡୋଶୀ ରାଜ୍ୟରୁ ମଧ୍ୟ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଉପଯୁକ୍ତ ଚିକିତ୍ସା ଅଭାବରୁ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଯାଇ ବଡ଼ ଘରୋଇ ମେଡିକାଲରେ ଅଯଥା ଖର୍ଚ୍ଚାନ୍ତ ହେବାର ବହୁ ଉଦାହରଣ ଅଛି। ଅନ୍ୟ ପକ୍ଷରେ ଭିଭିଆଇପି ମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ ନହେବା କାରଣରୁ ଭିମ୍‌ସାର ସୁପରସ୍ପେସାଲିଟି ହସ୍ପିଟାଲ୍ ଠାରେ ସବୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ତଥା ମେସିନ ଥାଇ ବହୁ ଅସହାୟ ରୋଗୀ ଉନ୍ନତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଏହି ପ୍ରସଙ୍ଗରେ ବୁର୍ଲା ସହର କଂଗ୍ରେସ କମିଟି ଆଗକୁ ଆନ୍ଦୋଳନ କରିବାକୁ ଆଗକୁ ଆସିଛି। ବୁର୍ଲା ସହର କଂଗ୍ରେସ କମିଟି ସଭାପତି ଗିରିଜା ନାୟକ କହିଛନ୍ତି ଯେ ରାଜ୍ୟ ସରକାର ଭିଭିଆପି ମନ୍ତ୍ରୀଙ୍କ ଦ୍ୱାରା ଭିମ୍‌ସାର ସୁପରସ୍ପେସାଲିଟି ହସ୍ପିଟାଲ୍ ଉଦଘାଟନ କରି ଅଯଥାରେ ବାଃ ବାଃ ନେବା ଛାଡ଼ି ଗରିବ ତଥା ଅସହାୟଙ୍କ ରୋଗୀଙ୍କ କଥା ଚିନ୍ତା କରି ଏହାକୁ ତୁରନ୍ତ ଉଦ୍‌ଘାଟନ କରିବାକୁ ସେ ଦାବି କରିଛନ୍ତି। ତେବେ ଆଗାମୀ ୭ ଦିନ ମଧ୍ୟରେ ଯଦି ଏହାକୁ ଉଦ୍‌ଘାଟନ କରାନଯାଏ ତେବେ ବୁର୍ଲା କଂଗ୍ରେସ ସାଧାରଣ ଜନସାଧାରଣ ଓ ହଜାର ହଜାର ରୋଗୀମାନଙ୍କ ସ୍ୱାର୍ଥ ପାଇଁ ଭିମସାର ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରି ଭିମସାରରେ ଆନ୍ଦୋଳନ କରାଯିବ ବୋଲି ବୁର୍ଲା ସହର କଂଗ୍ରେସ କମିଟି ପକ୍ଷରୁ ସଭାପତି ଗିରିଜା ନାୟକ ଏକ ପ୍ରେସ ରିଲିଜ ମାଧ୍ୟମରେ ଚେତାବନୀ ଦେଇଛନ୍ତି।

କୁସୁମୀ ବଳରାମ ହାଇସ୍କୁଲ

# ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗର ତଦନ୍ତ

କୁଚିଣ୍ଡା,୨୦।୫(ସମିସ): ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ କୁସୁମୀ ଗ୍ରାମର ବଳରାମ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲିଲି ପୁନମ ସୋରେଙ୍ଗଙ୍କ ବିରୋଧରେ ସ୍କୁଲର ପରିଚାଳନା କମିଟିର ସଦସ୍ୟ ଏବଂ ଗ୍ରାମବାସୀ ବିଭିନ୍ନ ଅଧିକାରୀଙ୍କୁ କରିଥିବା ଅଭିଯୋଗର ତଦନ୍ତ ମଙ୍ଗଳବାର ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, କୁସୁମୀର ବଳରାମ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଲିଲି ପୁନମ ସୋରେଙ୍ଗ ଗତ ମସିହା ୨୦୨୦ ମସିହାରେ ସ୍କୁଲରେ ଯୋଗଦାନ କରିବା ଦିନ ଠାରୁ ନିଜର ଏକଛତ୍ରବାଦ ଶାସନ ଚଳାଇଛନ୍ତି। ଏହା ସହିତ ସ୍କୁଲକୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ମିଥ୍ୟା ବିଲ, ଭାଉଚର ଦେଇ ଆତ୍ମସାତ ସହ ବିଭିନ୍ନ ଅଭିଯୋଗ ସ୍କୁଲ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ପ୍ରଥମେ କୁଚିଣ୍ଡା ବିଇଓ, ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେମାନେ ପରେ ଜଣଶୁଣାଣି ପୋର୍ଟାଲ ମାଧ୍ୟମରେ



ଟିକେଟ ନମ୍ବର ସଏମ୨୦୨୫୧୧୭୪୫୮୯ରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଏହା ପରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶକ୍ରମେ ତାଙ୍କର ଚିଠି ନଂ୪୧୪୧/୧୬.୦୫.୨୦୨୫ରେ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀଙ୍କୁ ଏହାର ତଦନ୍ତ ପାଇଁ ସୂଚନା ଦେଇ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ମଙ୍ଗଳବାର ଦିନ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଉଜାଗର ପ୍ରଧାନ, ମୁଖ୍ୟ କିରାଣୀ ପ୍ରହ୍ଲାଦ ରୋହିଦାସ ଓ କୁଚିଣ୍ଡା ବିଇଓ ଗିତାରାଣୀ ପ୍ରଧାନ ପ୍ରମୁଖ କୁସୁମୀ ବଳରାମ ହାଇସ୍କୁଲକୁ ଆସି ଅଭିଯୋଗର ତଦନ୍ତ କରି ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ଫେରି ଯାଇଛନ୍ତି। ଏବାବଦରେ ମତାମତ ପାଇଁ କୁଚିଣ୍ଡା ବିଇଓ ଗିତାରାଣୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଆମ ବ୍ଲକ୍‌ର ବିଷୟ ଏଣୁ ମୁଁ ସାଥୀରେ ଥିଲି ମାତ୍ର ସେମାନେ ତଦନ୍ତ କରିଛନ୍ତି ଏବଂ ସାତ ଦିନ ଭିତରେ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସେ ଯାହା ପଦକ୍ଷେପ ନେବା କଥା ନେବେ।

# ସିରିଜ ଦୁର୍ଘଟଣାକାରୀ ଅଟୋକୁ ଧରିଲା ପୁଲିସ

ସମ୍ବଲପୁର,୨୦।୫(ସମିସ):ଅଭିଯୁକ୍ତକୁ ଫିଲ୍ମ ଷ୍ଟାଇଲରେ ଦୌଡାଇଲା ପୁଲିସ। ସମ୍ବଲପୁର ବୁଢାରଜା ଅଂଚଳରୁ ବାଇକ ଯୋଗେ ଅଟୋ ଡ୍ରାଇଭରକୁ ଦୌଡାଉଥିବାର ଚିତ୍ର ସାମ୍ନାକୁ ଆସିଛି। ପୁଲିସକୁ ଚକମା ଦେଇ ଅଟୋ ଡ୍ରାଇଭର ପଳାଉଥିବାବେଳେ ପୁଲିସ ବି ନଛୋଡ ବନ୍ଧା। ଶେଷରେ ଲୋକଙ୍କ ସହାୟତାରେ ଅଭିଯୁକ୍ତକୁ କାବୁ କରିଛି। ଓଭରବ୍ରିଜ ଉପରେ ସିରିଜ ଦୁର୍ଘଟଣା



ଘଟାଇ ପୁଣି ଗାଡି ବୁଲାଇ ଫେରାର ମାରୁଥିଲା ଅଟୋ(ଓଆର୧୫ପି୪୫୫୬) ଡ୍ରାଇଭର। ତେବେ ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଧରିବାକୁ ଚେଷ୍ଟା କରିଥିଲେ। ତେବେ ପୁଲିସ ମଧ୍ୟ ଘଟଣାକ୍ରମ ଦେଖିବା ପରେ ସମ୍ବଲପୁର ବିଚ୍ ରାସ୍ତାରେ ଦୌଡାଇ ଅଭିଯୁକ୍ତ ଅଟୋ ଡ୍ରାଇଭରକୁ ଗରିଫ କରିଛି।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆକୁ ଲୋଡା ସେଣ୍ଟ୍ରାଲ ପ୍ରେସର

ସମ୍ବଲପୁର,୨୦।୫(ସମିସ):ସମ୍ବଲପୁର ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷେତରାଜପୁର ଶାଖାରେ ବାଘ ନଥିଲେ ମିରିଗି ନାଟ ଚାଲିଛି। ଯାହା ଏବେ ହାଟରେ ପଡି ଦାଣ୍ଡରେ ଗଡୁଥିବା ବେଳେ ସେଣ୍ଟ୍ରାଲ ପ୍ରେସର କାଟ୍ କରୁନି। ସପ୍ତାହେ ହେବ କ୍ଷେତରାଜପୁର ଶାଖାରେ ବ୍ରାଞ୍ଚ ମ୍ୟାନେଜର ନାହାନ୍ତି। ଫଳରେ ଦାୟିତ୍ୱରେ ଥିବା ବାବୁ ଏବେ ଚୌକିରେ ଗୋଡ ଉପରେ ଗୋଡ ପକାଇ ମୌକାରେ ଚୌକା ମାରୁଛନ୍ତି। ଗ୍ରାହକ ଆସିଲେ କେତେ, ସେବା ପାଇଲେ କେତେ ତାଙ୍କୁ ଫରକ ପଡୁନି। ଫାଇଲ ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଯାଉନଥିବା ଗ୍ରାହକମାନେ କହିଲେଣି। ଏପରି ସ୍ଥିତିରେ ଭରସା କରି ସେଠାରେ ବ୍ୟବସାୟିକ କାରବାର କରୁଥିଲେ ଲୋକେ ବି ଖାତା ଅନ୍ୟ ବ୍ରାଞ୍ଚକୁ ସ୍ଥାନାନ୍ତର ପାଇଁ ଚିନ୍ତା କଲେଣି। ଏନେଇ ରିଜିଓନାଲ ମ୍ୟାନେଜରଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ତାହା କାଟ୍ କରୁନାହିଁ। ଫଳରେ ଆଗକୁ ବ୍ରାଞ୍ଚ ଚାଲିବ ନା ନାହିଁ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଲାଣି। ଫଳରେ ରିଜିଓନାଲ ମ୍ୟାନେଜରଙ୍କ ଦ୍ୱାରା କୌଣସି ସମାଧାନ ନହେବାରୁ ସେଣ୍ଟ୍ରାଲ ପ୍ରେସର ଦରକାର ବୋଲି ଲୋକେ ଗ୍ରାହକ କହୁଛନ୍ତି।

# ରେଳ ଧାରଣାରୁ ମୃତଦେହ ଉଦ୍ଧାର

ସମ୍ବଲପୁର,୨୦।୫(ସମିସ):ସମ୍ବଲପୁରରୁ ସମ୍ବଲପୁର ସିଟି ରେଳ ଷ୍ଟେସନ ମଧ୍ୟରେ ରେଳ ଧାରଣା ଉପରେ ଜଣେ ଯୁବକଙ୍କ ଦେହରୁ ମୁଣ୍ଡ ଅଲଗା ହୋଇ ଯାଇଛି। ସେ ହେଉଛନ୍ତି ଜଗତସିଂହପୁର ଜିଲା ନିବାସୀ ଶିବ ପ୍ରସାଦ ବାରିକ(୨୮)। ଜିଆରପି ସୂଚନା ଅନୁଯାୟୀ, ସ୍ଥାନୀୟ ଖୁଲିଆ ଗ୍ରାମ ଦେଇ ଯାଇଥିବା ରେଳ ଧାରଣା ଉପରେ ମଙ୍ଗଳବାର ସକାଳ ସମୟରେ ଜଣେ ଯୁବକଙ୍କ ମୃତଦେହ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇ ପଡିଥିବାର ଖବର ମିଳିଥିଲା। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ହୋଇଥିବା ନେଇ ଜିଆରପି ଅନୁମାନ କରିଛି।

● ଠିକାଦାରଙ୍କୁ ଠିକା କାମର ଟଙ୍କା ମିଳୁନି

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ରେଙ୍ଗାଲି ବିଧାୟକ

ସମ୍ବଲପୁର,୨୦।୫(ସମିସ):ଜିଲ୍ଲାର ଉନ୍ନତି ପାଇଁ କାମ କରିଲେ। ନିଜ ହାତରୁ ଟଙ୍କା ମଧ୍ୟ ସାରିଲେ। କିନ୍ତୁ ପ୍ରକଳ୍ପ ବାବଦକୁ ଥିବା ରାଶି ଆଉ ମିଳିଲାନି। କାରଣ ସେମାନେ ବିରୋଧୀ ଦଳ ପ୍ରତି ଆଗ୍ରହ ରଖନ୍ତି। ଏଥି ପାଇଁ ଜିଲ୍ଲା ପ୍ରଶାସନ ଠିକା ଟଙ୍କା ଦେଉନଥିବା ଅଭିଯୋଗ କରିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ସେ ଏ ନେଇ ସମ୍ବଲପୁର ଜିଲ୍ଲାପାଳଙ୍କୁ କହିଛନ୍ତି, ଧନକଉଡ଼ା ବ୍ଲକର ଅନେକ ଠିକାଦାର ଠିକା ବାବଦକୁ ଟଙ୍କା ପାଇ ନାହାନ୍ତି। କାହିକି ଏପରି କରାଯାଉଛି ତାହାର ସେ ଉତ୍ତର ମାଗିଛନ୍ତି। ବିରୋଧୀ ଦଳ ପ୍ରତି ଆଗ୍ରହ ଥିବା ଠିକାଦାରମାନଙ୍କୁ ହଇରାଣ କରିବା କ'ଣ ବର୍ତ୍ତମାନ ସରକାରଙ୍କ ନୀତି? ନା ସରକାର ପାଣ୍ଠି ଅଭାବରୁ ଏପରି ସମସ୍ୟା ଦେଖାଦେଇଛି। ବ୍ଲକ ପ୍ରଶାସନର ଏପରି ଅମାନବୀୟ ଆଭିମୁଖ୍ୟକୁ ଜିଲ୍ଲା ପ୍ରଶାସନ କିପରି ସମର୍ଥନ କରିପାରିବ। ଏଥିରେ ଜିଲ୍ଲା ପ୍ରଶାସନ ନା ବ୍ଲକ ପ୍ରଶାସନର ଦାୟିତ୍ୱହୀନତା ରହିଛି ତାହା ସମସ୍ତେ ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ଶୀଘ୍ର ଠିକାଦରଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

● ଧୋକା ଦେଉଛି ଟିପିଡିବ୍ଲ୍ୟୁଓଡିଏଲ୍

# ରାତି ୧୨ଟାରୁ ଗରମରେ ଛଟପଟ ଡାକ୍ତରୀ ଛାତ୍ରୀ

ସମ୍ବଲପୁର,୨୦।୫(ସମିସ):ଖରା ଦିନେ କାଳବୈଶାଖୀର ପ୍ରଭାବରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥାଏ। ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ବିଦ୍ୟୁତ୍ ସଠିକ ସମୟରେ ଯୋଗାଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ନେଇ କମ୍ପାନୀ ପକ୍ଷରୁ ସୂଚନା ଦେଇଥିଲେ। ହେଲେ ଲାଇନ କଟିଲେ ଠିକ ଭାବେ ଏହାର ମୁକାବିଲା କରିପାରୁନାହିଁ। ବୁର୍ଲାସ୍ଥିତ ଭିମସାର୍‌ରେ ଟିପିଡବ୍ଲ୍ୟୁଓଡିଏଲ ଲୁଚକାଳି ଖେଳ ଖେଳିଥିଲା। ଏହି ଲୁଚକାଳି ଖେଳ ପାଇଁ ଯନ୍ତ୍ରଣା ଭୋଗିଥିଲେ ଡାକ୍ତରୀ ଛାତ୍ରୀ। ୧୭ତାରିଖ ରାତି ସାଢେ ୧୨ଟାରୁ ବିଦ୍ୟୁତ୍ ସେବା ବ୍ୟାହତ ହେବା ପରେ ୧୮ ତାରିଖ ଅପରାହ୍ନ ୨ଟାରେ ସମ୍ପୂର୍ଣ୍ଣ ଲାଇନ ସେବା କାର୍ଯ୍ୟକ୍ଷମ ହୋଇଥିଲା। ସୂଚନା ଅନୁସାରେ ରାତି ୧୧ଟା ପରେ ଭିମସାର ସ୍ଥିତ ଦେବଜାନୀ ଓ ଆନନ୍ଦି ଛାତ୍ରୀନିବାସରେ ଲୋ ଭୋଲଟେଜ ସମସ୍ୟା ଦେଖା ଦେଇଥିଲା। ରାତି ୧୨ଟା ପରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ହଷ୍ଟେଲରୁ କଟିଯାଇଥିଲା। ଉକ୍ତ ଦୁଇ ଛାତ୍ରୀନିବାସରେ ଉଭୟ ପିଜି ଓ ୟୁଜି ଡାକ୍ତରୀ ଛାତ୍ରୀ ରହିଥାନ୍ତି। ରାତିରେ ଲାଇନ୍ କଟିଯିବା ଫଳରେ ଛାତ୍ରୀମାନେ ଅସହ୍ୟ ଗରମରେ ଛଟପଟ ହୋଇଥିଲେ। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲେ। ସକାଳୁ ପୁଣି ଲାଇନ ଆସିଥିଲା। କିନ୍ତୁ ଲୋଭୋଲଟେଜ ରହିଥିଲା। ଫଳରେ ଦିନତମାମ ଛାତ୍ରୀମାନେ ହନ୍ତସନ୍ତ ହୋଇଥିଲେ। ଶେଷରେ ଅପରାହ୍ନରେ ବିଦ୍ୟୁତ୍ ସେବା ପୁଣି ଆରମ୍ଭ ହୋଇଥିଲା। ଏଠାରେ ପ୍ରଶ୍ନ ଉଠୁଛି, କାଳବୈଶାଖୀ କ୍ଷତି ପାଇଁ ଟିପିଡବ୍ଲ୍ୟୁଓଡିଏଲ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛି। ଏପରିକି ୬ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବା ପୁନଃ ଆସିଯିବ ବୋଲି ମଧ୍ୟ କୁହାଯାଇଥିଲା। ଖରା ଦିନେ ବିଦ୍ୟୁତ୍ ସେବା ବ୍ୟାହତ ହେଲେ ତୁରନ୍ତ କାମ କରି ଲାଇନ ଦେବାକୁ ମଧ୍ୟ କମ୍ପାନୀକୁ କୁହାଯାଇଛି। ହେଲେ ବୁର୍ଲା ଭିମସାର ଛାତ୍ରୀନିବାସରେ ଏହାର ବ୍ୟତିକ୍ରମ ଦେଖା ଦେଇଥିଲା।

# ଜି-୨୦ ସେରପା ଅମିତାଭ କାନ୍ତଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୨୦।୫(ସମିସ):ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସିଛନ୍ତି ଜି-୨୦ ସେରପା ତଥା ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ। ସେ ସମ୍ବଲପୁର ପହଞ୍ଚି ପ୍ରଥମେ ମାଁ ସମଲେଇ ମନ୍ଦିର ଗସ୍ତ କରିଥିଲେ। ସମଲେଇ ମନ୍ଦିର ଗସ୍ତ କରି ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଛିନ୍ତି। ସମ୍ବଲପୁର ଜିଲ୍ଲାର ବିକାଶ ନେଇ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରଙ୍କ ସହ ଆଲୋଚନା ହେବା ନେଇ ଯୋଜନା ରହିଛି। ଶିକ୍ଷା, ବ୍ୟବସାୟ, ଅର୍ଥନୀତି, ପର୍ଯ୍ୟଟନରେ ସମ୍ବଲପୁରର ବିକାଶ କେମିତି ହେବ ତାର ରୂପରେଖ ତିଆରି ବୋଲି ଶ୍ରୀ କାନ୍ତ ଦର୍ଶନ ପରେ ଏହି ପ୍ରତିକ୍ରିୟା ରଖିଛନ୍ତି। ଦେଶର ବିକାଶରେ ସମ୍ବଲପୁର ଜିଲ୍ଲାର ଭାଗିଦାରୀ ହେବ ସେନେଇ ଆଲୋଚନା ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା ପରେ ସେ ତାଙ୍କୁ ସମ୍ବଲପୁର ପଠାଇଥିବା କହିଛନ୍ତି। ବିକଶିତ ଭାରତ, ଜିଡିପି ବଢାଇବା, ମୁଣ୍ଡପିଛା ଆୟ ବଢାଇବା ପାଇଁ କଣ କରାଯିବା ଆବଶ୍ୟକ ସେନେଇ ସେନେଇ ସମ୍ବଲପୁରର ଯୋଗଦାନ ଉପରେ ଆଲୋଚନା ହେବ। ଆସନ୍ତାକାଲି ସମ୍ବଲପୁର ଓ ବରଗଡ଼ ପ୍ରଶାସନ ସହ ଆରଡିସି କାର୍ଯ୍ୟାଳୟରେ ବୈଠକ ହେବ। ସମ୍ବଲପୁର ଆଇଆଇଏମ ଓ ବୁର୍ଲା ଭିସୁଟ ଗସ୍ତ କରି ସେଠାରେ ମଧ୍ୟ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।

## ଆଇଆଇଏମ୍ ସମ୍ବଲପୁର ପରିଦର୍ଶନ

# 'ବିକଶିତ ଭାରତ' ପାଇଁ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ବୃଦ୍ଧି ଆବଶ୍ୟକ

ଭାରତର ଜି-୨୦ ସେରପା ଏବଂ ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ ଆଇଆଇଏମ୍ ସମ୍ବଲପୁର ପରିଦର୍ଶନ କରିଛନ୍ତି। ଏହି ସମୟରେ ଶ୍ରୀ କାନ୍ତ ଆଇଆଇଏମ୍ ସମ୍ବଲପୁରର ଶିକ୍ଷକ, ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ସହ ଏକ ଆଲୋଚନାରେ ଯୋଗ ଦେଇଥିଲେ ଏବଂ ବିଶ୍ୱ ପରିବର୍ତ୍ତନ ଓ ଏଥିରେ ଭାରତର ବୃଦ୍ଧିପାଉଥିବା ଭୂମିକା ବିଷୟରେ ଆଲୋଚନା କରିଥିଲେ। ସେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବା ଏବଂ ଭାରତର ଭବିଷ୍ୟତ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ଦେବା ପାଇଁ ପ୍ରେରଣା ଦେଇଥିଲେ। ସେ ଏହି ଅଞ୍ଚଳର କୌଶଳଗତ ଗୁରୁତ୍ୱକୁ ମଧ୍ୟ ଉଲ୍ଲେଖ କରିଥିଲେ। ଆଲୁମିନିୟମ୍ ଏବଂ ବିଦ୍ୟୁତ୍ ଉତ୍ପାଦନରେ ଭାରତର ଅର୍ଥନୈତିକ ବୃଦ୍ଧିର ଏକ ପ୍ରମୁଖ ଚାଳକ ଏବଂ ଭାରତର ଅର୍ଥନୈତିକ ବୃଦ୍ଧିରେ ତାହାର ଉଲ୍ଲେଖନୀୟ ପ୍ରଭାବ ରହିଛି ବୋଲି କହିଥିଲେ। କ୍ୟାମ୍ପସ୍ ପରିସରକୁ ପ୍ରଶଂସା କରି ସେ କହିଥିଲେ ଯେ, "ଦ୍ରୁତ ଅର୍ଥନୈତିକ ବିକାଶର ଏହି ଯୁଗରେ, ସମ୍ବଲପୁରରେ ଆଇଆଇଏମ୍



ଭଳି ଏକ ଉତ୍କୃଷ୍ଟ ଅନୁଷ୍ଠାନ ଥିବା ଅତ୍ୟନ୍ତ ମୂଲ୍ୟବାନ। ଆପଣ ସବୁ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ଏହି ଅଦ୍ଭୁତ ଅନୁଷ୍ଠାନର ଏକ ଅଂଶ ହୋଇଥିବା ପାଇଁ ଭାଗ୍ୟବାନ। ମୁଁ ପ୍ରାୟ ସମସ୍ତ ଆଇଆଇଟି ଏବଂ ଆଇଆଇଏମ୍ ପରିଦର୍ଶନ କରିଛି, କିନ୍ତୁ ଆଇଆଇଏମ୍ ସମ୍ବଲପୁରର ଏକ ଆକର୍ଷଣୀୟ କ୍ୟାମ୍ପସ୍। ଏହାର ସ୍ଥାପତ୍ୟ ଅତ୍ୟନ୍ତ ଅନନ୍ୟ ଏବଂ ସ୍ଥାୟୀ ଯାହା କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଦେଶ ପାଇଁ ଏକ ଆଦର୍ଶ। ବିଶ୍ୱସ୍ତରୀୟ ଆହ୍ୱାନ ଏବଂ କୃତ୍ରିମ ବୁଦ୍ଧିମତା ଏବଂ କ୍ୱାଂଟମ୍ କମ୍ପ୍ୟୁଟିଂର ବିକାଶ ବିଷୟରେ ସେ କହିଥିଲେ ଯେ, ଭାରତକୁ "ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବା ପାଇଁ ୪ ଟ୍ରିଲିୟନ୍ ଡଲାରରୁ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ବୃଦ୍ଧି ହେବାକୁ ପଡିବ। ଯାହାର ଅର୍ଥ ହେଉଛି ଭାରତକୁ ଜିଡିପିରେ ୯ ପ୍ରତିଶତ, ମୁଣ୍ଡପିଛା ଆୟରେ ୮ ପ୍ରତିଶତ ଏବଂ ଉତ୍ପାଦନରେ ୧୬ପ୍ରତିଶତ ବୃଦ୍ଧି କରିବାକୁ ପଡିବ। ଏଥିରେ ଆଇଆଇଟି ଏବଂ ଆଇଆଇଏମ ଗୁଡିକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସେହିପରି, ଭାରତର ବୃଦ୍ଧି ଏବଂ ବିକାଶ ପାଇଁ ଆଇଆଇଏମ୍ ସମ୍ବଲପୁରକୁ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପଡିବ ବୋଲି ସେ ପରାମର୍ଶ ଦେଇଥିଲେ। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ୍ ଶ୍ରୀ କାନ୍ତଙ୍କୁ ଏହି ପରିଦର୍ଶନ ପାଇଁ କୃତଜ୍ଞତା ଜଣାଇଥିଲେ।

# ନିମ୍ନମାନର ଦୋକାନ ଗୃହ ନିର୍ମାଣକୁ ନେଇ ଅସନ୍ତୋଷ

କୁଚିଣ୍ଡା,୨୦।୫(ସମିସ):କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ ପାରୁଆଭାଡ଼ି ପଞ୍ଚାୟତର ପତ୍ରାପାଲି ଛକରେ ନିର୍ମାଣ ହେଉଥିବା ଦୋକାନର ଗୃହ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପାରୁଆଭାଡ଼ି ପଞ୍ଚାୟତ ପକ୍ଷରୁ ପତ୍ରାପାଲି ଛକରେ ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ ଦୋକାନ ଘର ନିର୍ମାଣ ହେଉଛି। ସୂଚନା ଫଳକରେ ଏହାର ଅଟଳନ ମୂଲ୍ୟ ୧୦ ଲକ୍ଷ ଟଙ୍କା ଉଲ୍ଲେଖ




ରହିଥିବା ବେଳେ ପୁଣି ସେଥିରୁ ଗୋଟିଏ ଶୁନକୁ ଲିଭାଇ ଦିଆଯାଇଛି, ତେଣୁ ଏହାର ପ୍ରକୃତ ମୂଲ୍ୟକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ବର୍ତ୍ତମାନ ଏହାର କାନ୍ଥ ଯୋଡାଇ କାମ ଚାଲିଥିବା ବେଳେ ଏଥିରେ ବାଲି ଓ ସିମେଣ୍ଟର ମିଶ୍ରଣ ଠିକ ଅନୁପାତରେ ହେଉ ନ ଦେଖିବାକୁ ମିଳୁଛି। ଏହା ବ୍ୟତୀତ ଦୋକାନ ଗୃହର ବେସରେ ବାଲି ଭର୍ତ୍ତି କରିବା ବଦଳରେ ପାଉଁଶ ଗୁଣ୍ଡ ଭର୍ତ୍ତି କରାଯାଉଥିବା ଦେଖିବାକୁ ମିଳିଛି। ଯଦି ଜାତୀୟ ରାଜପଥ ପାଶ୍ୱର୍ରେ ଏହିପରି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଛି ତେବେ ଆଭ୍ୟନ୍ତରୀଣ ଅଞ୍ଚଳରେ କିପରି କାମ ହେଉଥିବ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ବାବଦରେ ମତାମତ ପାଇଁ କୁଚିଣ୍ଡା ପଞ୍ଚାୟତ ସମିତିର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରିମିତା ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, କାମ ବାବଦରେ ମୁଁ କୌଣସି ଅଭିଯୋଗ ପାଇ ନାହିଁ, ତେବେ ମୁଁ ନିଜେ ଯାଇ କାମଟି ଦେଖିବି ଏବଂ କାମଟି ଠିକ ଭାବରେ କରାହେବ ଏବଂ ଦୋକାନ ଘର ଭିତରୁ ପାଉଁଶ କଢ଼ା ହେବ ଏବଂ ନିଶ୍ଚିତ ଭାବେ ବାଲି ଭର୍ତ୍ତି କରାଯିବ ବୋଲି କହିଛନ୍ତି।






## ଖଣି ବିଭାଗ ଓ ପ୍ରଶାସନ ନିରବଦ୍ରଷ୍ଟା

# ଭେଡେନ ନଦୀରୁ ବାଲି ଚାଲାଣ

**କୁଚିଣ୍ଡା, ୨୦।୫(ସମିସ):**



ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଓ କୁଚିଣ୍ଡା ବ୍ଲକ୍ ସୀମାନ୍ତ ଦେଇ ପ୍ରବାହିତ ଭେଡ଼େନ ନଦୀର ଲଇଡ଼ା ନିକଟରୁ ଦିନରାତି ବେଆଇନ ବାଲି ଉତ୍ତୋଳନ ଓ ପରିବହନ କରାଯାଉ ଥିବାବେଳେ ଖଣି ବିଭାଗ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ଜିଲ୍ଲା ପରିଷଦ ସଭ୍ୟ ଦେନାରାୟଣ ତିୱାରୀ ଅଭିଯୋଗ କରିଛନ୍ତି। ଏ ନେଇ ସେ ଖଣି ଅଧିକାରୀ ଓ ତହସିଲଦାରଙ୍କୁ ଫୋନ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣାରେ ମନ୍ତ୍ରୀଙ୍କ ପାଖ ଲୋକଙ୍କ ସମ୍ପୃକ୍ତି ଥିବା ଓ ସେ ବାଲି ଚାଲାଣରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିବା ଜିଲ୍ଲା ପରିଷଦ ସଭ୍ୟ ତିୱାରୀ କହିଛନ୍ତି। ବାଲି ମାଫିଆଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମଧଚନ୍ଦ୍ରିକା ଯୋଗୁଁ ମାଫିଆମାନେ ବାଲି ଚାଲାଣ କରି ମାଲେମାଲ ହେଉଥିବା ଶ୍ରୀ ତିୱାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ହା ଦ୍ୱାରା ସରକାରଙ୍କ ରାଜସ୍ୱହାନି ହେଉଛି।ଏହି ରାସ୍ତାଦେ ଦେଇ ଜିଲ୍ଲାପାଳ ପାଳ, ଉପଜିଲ୍ଲାପାଳ, ତହସିଲଦାର ଯାତାୟାତ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ନଜର ନ ପଡ଼ିବା ଆଶ୍ଚର୍ଯ୍ୟଜନକ ବୋଲି ସେ କହିଛନ୍ତି। କିଛି ଦିନ ତଳେ ନଦୀ ତଟବର୍ତ୍ତୀ ଅଞ୍ଚଳର କେତେକ ସଚେତନ ନାଗରିକ ବାଲି ଚୋରାଚାଲାଣକୁ ନେଇ ଖଣି ବିଭାଗ ଅଧିକାରୀଙ୍କୁ ଫୋନରେ ସୂଚନା ଦେଇଥିଲେ।କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ କରାନଯିବାରୁ ଗ୍ରାମବାସୀ ଏକଜୁଟ୍ ହୋଇ ବାଲି ପରିବହନକାରୀ ଗାଡିଗୁଡିକୁ ଅଟକ ରଖୁଥିଲେ। ଏହାପରେ କିଛି ଦିନ ବାଲି ଚାଲାଣ ବନ୍ଦ ରହିଥିଲା। କିନ୍ତୁ ପୁଣି ବାଲିମାଫିଆମାନେ ସକ୍ରିୟ ହୋଇ ଦିନସାରା ବାଲି ଉତ୍ତୋଳନ କରି ଚୋରାଚାଲାଣ ଆରମ୍ଭ କରିଦେଲେଣି ଓ ଭେଡ଼େନ ନଦୀରେ ଲଇଡ଼ା କୁଚିଣ୍ଡା ଓ କତରବଗା ଥାନା ସୀମାନ୍ତରେ ରହିଥିବା ବେଳେ ନଦୀତଟ ମାଟି କାଟି ନଦୀପଠାକୁ ରାସ୍ତା ନିର୍ମାଣ କରାଯାଇଛି। ବଡ ବଡ ମେସିନରେ ନଦୀରୁ ବାଲି ଉତ୍ତୋଳନ କରାଯାଇ ହାଇୱା ଓ ଟ୍ରାକ୍ଟର ମାଧ୍ୟମରେ ଚୋରାଚାଲାଣ କରାଯାଉଛି। ବିଗତ ଦିନରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ଉପରେ ଜୋରଦାର ଚଢଉ ହୋଇଥିଲା। କିନ୍ତୁ ଭେଡ଼େନ ନଦୀର ଲଇଡ଼ା ନିକଟରୁ ନିୟମିତ ବ୍ୟବଧାନରେ ବ୍ୟବସାୟିକ ଭିତ୍ତିରେ ବାଲି ଚୋରାଚାଲାଣ ହେଉଥିଲେ ମଧ୍ୟ ପୁଲିସ କିମ୍ବା ଖଣି ବିଭାଗ ଚୁପ୍ ରହିଛି। ଏହା ଉପରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଶ୍ରୀ ତିୱାରୀ ପ୍ରଶ୍ନକରିଛନ୍ତି।

## ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଜମୁଛି ନର୍ଦ୍ଦମାପାଣି

● ଅଭିଯୋଗ ପରେ ବି ଶୁଣୁନି ପୂର୍ତ୍ତ ବିଭାଗ



ପାଇକମାଳ, ୨୦।୫(ସମିସ): ପାଇକମାଳ ବ୍ଲକର ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଖରା ଦିନେ ଆଣ୍ଠୁଏ ନର୍ଦ୍ଦମା ପାଣି ଜମି ରହୁଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନର୍ଦ୍ଦମା ପାଣି ଜମିବା ଯୋଗୁଁ ବିଦ୍ୟାଳୟ କମ୍ପ୍ଲେକ୍ସରେ ରହିଥିବା ଦୋକାନୀମାନେ ଦୁର୍ଗନ୍ଧରେ ଅସ୍ତବ୍ୟସ୍ତ ହୋଇପଡୁଥିବା ଅଭିଯୋଗ କରିଛନ୍ତି। ଏ ବିଷୟରେ ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡାଙ୍କୁ ପଚାରିବାରୁ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଏନେଇ ଦୀର୍ଘ ଦିନ ଧରି ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନଥିବା କହିଛନ୍ତି। ଏନେଇ ପାଇକମାଳ ସରପଞ୍ଚ ତୁଳବତି ତାଣ୍ଡିଙ୍କୁ ଅଭିଯୋଗ କଲା ପରେ ସେ ୪ଟ୍ରିପ ମୁରୁମ ପକାଇ ଚୁପ୍ ବସିଯାଇଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷାଦିନ ଆସୁଥିବା ବେଳେ ବିଦ୍ୟାଳୟ ଖୋଲିଲେ ଛାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖିନ ହେବାର ଆଶଙ୍କା ରହିଛି। ବର୍ଷା ଆରମ୍ଭ ପୂର୍ବରୁ ବିଦ୍ୟାଳୟ ସମ୍ମୁଖରେ ଥିବା ଡ୍ରେନର ପୁନଃ ନିର୍ମାଣ କରା ନଗଲେ ଛାତ୍ରୀ ଓ ଅଭିଭାବକମାନଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ନେଇ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ନେଇ ଜିଲ୍ଲାପାଳଙ୍କୁ ଫେରାଦ୍



ଝାରସୁଗୁଡା, ୨୦।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ବାଗଡ଼ିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜର ଡ୍ରେସିଂ କରାଇବାକୁ ଯାଇଥିବା ବେଳେ ଚିକିତ୍ସା ଅବହେଳା ଯୋଗୁଁ ଜଣେ ରୋଗୀଙ୍କୁ ପ୍ରାଣ ହରାଇବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର ଦିନ ଗ୍ରାମବାସୀଙ୍କ ସମେତ ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ସହଯୋଗରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଡାକ୍ତରଙ୍କ ଅବହେଳିତ ଚିକିତ୍ସା ସେବା ଏବଂ ବିନା କୌଣସି ପରିକ୍ଷାରେ ନର୍ସଙ୍କ ଇଞ୍ଜେକ୍ସନ ଦେଲା ପରେ ରୋଗୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ରୋଗୀ ବାଗଡ଼ିହି ଷ୍ଟେସନପଡ଼ାର କନ୍ହେଇ ମହାନନ୍ଦିଆ ହୋଇଥିବା ବେଳେ ତାଙ୍କର ଅକାଳ ମୃତ୍ୟୁ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। କନ୍ହେଇଙ୍କ ମୃତ୍ୟୁ ସରକାରୀ ଡାକ୍ତରଖାନାରେ ଚିକିତ୍ସା ଅବହେଳା ଯୋଗୁଁ ହୋଇଥିବାରୁ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଛି। ଘା ସଫା କରାଇବାକୁ ଯାଇଥିବା ଜଣେ ବ୍ୟକ୍ତି ଇଞ୍ଜେକ୍ସନ ଦେବା ପରେ କ୍ଷଣିକ ସମୟରେ ପ୍ରାଣହରାଇବା ଘଟଣାର ଉଚିତ ତଦନ୍ତ ହେବାକଥା ବୋଲି ଦୀପାଳି କହିଛନ୍ତି।ଡାକ୍ତରଖାନା କର୍ତ୍ତୃପକ୍ଷ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇବା ପାଇଁ ଝାରସୁଗୁଡ଼ାକୁ ପଠାଉଥିବା ବେଳେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଶବକୁ ଅଟକାଇ କ୍ଷତିପୂରଣ ଦାବି କରିଥିଲେ। ହେଲେ କେହି କର୍ଣ୍ଣପାତ କରିନଥିଲେ। ମଙ୍ଗଳବାର ଦୀପାଳି ଦାସଙ୍କ ସହିତ ବିଜୁ ଜନତା ଦଳର ଜିଲ୍ଲା ସଭାପତି ହରିଶ ଗଣତ୍ରା, ବରିଷ୍ଠ ନେତା ଜଗନ୍ନାଥ ଜେନା, ନକୁଳ ସାହୁ, ମାନସ ସାହୁ ପ୍ରଭୃତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଇ ଏହି ଦୁଃଖଦ ଘଟଣାପାଇଁ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଏବଂ ଉପଯୁକ୍ତ କ୍ଷତିପୁରଣ ଦେବା ପାଇଁ ଦାବି କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୨୦।୫(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌର ପରିଷଦରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସହରୀ ୨.୦ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବାସ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ସମ୍ମାନିତ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ଆବାସ ସହରୀ ୨.୦ ଆବେଦନ ପ୍ରକ୍ରିୟା ବିଷୟରେ ପୌରପରିଷଦର ସଭ୍ୟସଭ୍ୟା, ଅଧିକାରୀଙ୍କୁ ଅବଗତ କରାଯାଇଛି। ଆବାସ ଘର ପାଇବାରୁ ଯୋଗ୍ୟ ହିତାଧିକାରୀ ଯେମିତି ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ପ୍ରମୁଖଙ୍କ ସହ ପୌର କର୍ମଚାରି, ଅଧିକାରୀ ଉପସ୍ଥିତ ଥିଲେ।



● ବାହାରିଲାନି ସିବିଏସ୍‌ଇ ମାଟ୍ରିକ୍ ପରୀକ୍ଷା ଫଳ

## ଆମରଣ ଅନଶନରେ ବସିବେ ଛାତ୍ରଛାତ୍ରୀ, ଅଭିଭାବକ



**ପଦ୍ମପୁର, ୨୦।୫(ସମିସ):** ପଦ୍ମପୁର ଉପଖଣ୍ଡର କେନ୍ଦ୍ରୀୟ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଅଧୀନରେ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶନ ହୋଇ ନଥିବାରୁ ଅଭିଭାବକ, ଛାତ୍ରଛାତ୍ରୀମାନେ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ମଙ୍ଗଳବାର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଛାତ୍ରଛାତ୍ରୀ ଓ ଅଭିଭାବକ କେନ୍ଦ୍ରୀୟ ଶିକ୍ଷା ବୋର୍ଡ ନିୟନ୍ତ୍ରକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଫ୍ରେଜରପୁର, ବାନ୍ଧୁପାଲି, ସୋହେଲା, ଗାଇସିଲେଟ, ପଦ୍ମପୁର ଜେନିଥ ପବ୍ଲିକ ସ୍କୁଲ, ଗୁରୁକୁଳର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇ ନାହିଁ। ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ମାନସିକ ଚାପର ଶିକାର ହୋଇଛନ୍ତି। ଏ ସମ୍ପର୍କରେ ବାରମ୍ବାର ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ଆଗାମୀ ୨ରୁ ୩ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ନ କଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଚେତାବନୀ ଦେଇଛନ୍ତି।

■ ଭେଡେନ୍ ପଞ୍ଚାୟତ କ୍ରିକେଟ୍ ଲିଗ୍

## ରୟାଲ୍ ଇଲେଭେନ୍ ବିଜୟୀ

ଭେଡେନ, ୨୦।୫(ସମିସ): ଭେଡେନ ସ୍ଥିତ ରନଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ରୟାଲ୍ ଇଲେଭେନ୍ ଓ ମୟେ ଇଲେଭେନ୍ କୁତପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରୟାଲ୍ ଇଲେଭେନ୍ ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା। ମୟେ ଇଲେଭେନ୍ କୁତପାଲି ପ୍ରଥମେ ବ୍ୟାଟିଂ କରି ୧୧ ଓଭରରେ ସମସ୍ତ ୱିକେଟ୍ ହରାଇ ୮୬ ରନ୍ ସଂଗ୍ରହ କରିଥିଲା।। ଜବାବ୍‌ରେ ରୟାଲ୍ ଇଲେଭେନ୍ ୧୧.୧ ଓଭରରେ ୬ ୱିକେଟ୍ ହରାଇ ୮୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ରୟାଲ୍ ଇଲେଭେନ୍‌ର ମହମ୍ମଦ ରକିବ୍ ୩ ଓଭରରେ ୯ ରନ୍ ଦେଇ ୫ ୱିକେଟ୍ ନେଇ ମେନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନୁଷ୍ଠିତ ମ୍ୟାଚରେ ଅତିଥିଭାବରେ ମାନସ ରଥ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳକୁ ସୁନୀଲ୍ ଅଦାବର୍ ଓ ପ୍ରସନ୍ନ ଦାଶ୍ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବରେ ମହମ୍ମଦ ରାଜୁ ଓ ଯୁବରାଜ୍ ତନସନା ଦାୟିତ୍ୱ ତୁଲାଇଥିଲେ।



# ଅଧିକ ନିଶା ପାଇଁ ମଦରେ ଅପମିଶ୍ରଣ

**କୋଲାବିରା, ୨୦।୫(ସମିସ):**



ଝାରସୁଗୁଡା ଜିଲ୍ଲା କୋଲାବିରା ଅଞ୍ଚଳ ଚୋରାମଦ କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଗୋଟିଏ ପଟେ ସାରା ଜିଲ୍ଲାରେ ବେଆଇନଭାବେ ଚୋରା ମଦ ପ୍ରସ୍ତୁତି ହୋଇ ବିକ୍ରି ହେଉଥିବା ବେଳେ ବିଦେଶୀ ମଦ ମଧ୍ୟ ଚୋରା ଚାଲାଣ ଯୋର ଧରିଛି। ଗାଁ ଗାଁରେ ନୂଆ ନୂଆ ପଦ୍ଧତିରେ ମଦରନ୍ଧା କରାବାର ଚାଲିଛି। ଅତ୍ୟଧିକ ନିଶା କରିବା ପାଇଁ ଏଥିରେ ୟୁରିଆ, ବ୍ୟାଟେରୀ ତଥା ବିଭିନ୍ନ ପ୍ରକାର ରାସାୟନିକର ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି।

ମଦକୁ ଅତ୍ୟଧିକ ନିଶା କରିବାକୁ ୟୁରିଆ, ବ୍ୟାଟେରୀ ତଥା ବିଭିନ୍ନ ପ୍ରକାର ରାସାୟନିକର ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି। ସରକାରୀ ଦୋକାନ ଓ ଭାଟିରେ ମଦ ଅଧିକ ଦାମରେ ମିଳୁଥିବାରୁ ମଦୁଆମାନେ ଶସ୍ତାରେ ମୁଳୁଥିବା ବିଷାକ୍ତ ମଦ ପାଇଁ ପାଗଳଙ୍କ ପରି ଘୁରିବୁଲୁଛନ୍ତି। ଏପରି ଲୋକଙ୍କ ଠାରୁ ଦାମ ନେଇ ଚୋରାମଦ ବେପାରୀ ଦେଶୀ ଓ ବିଦେଶୀ ଉଭୟ ମଦ ଯୋଗାଉଥିବା ଦେଖାଯାଉଛି। ପଡୋଶି ଜିଲ୍ଲାରୁ ମଧ୍ୟ ପ୍ରଚୁର ପରିମାଣରେ ରନ୍ଧାମଦ ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ବିଭଗ ଏଥିରେ ରୋକ ଲଗାଇବାରେ ସଫଳ ହେଉନି। ଅଞ୍ଚଳରେ ଅଧିକାଂଶ ଲୋକ ଆଦିବାସୀ ହରିଜନ

● ଜୀବନ ନେଇପାରେ

ଶ୍ରେଣୀର ସହ ପ୍ରାୟ ଦାରିଦ୍ର ସୀମାରେଖା ତଳେ ରହି ଦୟନୀୟ ଜୀବନଯାପନ କରୁଛନ୍ତି। ଏହାର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି ଅସତ ପନ୍ଥା ଅବଲମ୍ବନ କରି ରୋଜଗାର କରିବା ପାଇଁ ଗ୍ରାମରେ ଖଜୁରୀତାଡି, ଚାଉଳରେ ତିଆରି କୁସୁନା(ହାଣ୍ଡିଆ) ଏପରିକି ବିଷାକ୍ତ ଦେଶୀମଦ ରାନ୍ଧି ଗ୍ରାମରେ ବିକ୍ରି କରୁଛନ୍ତି। ଯଦ୍ୱାରା ନିରିହ ଗରିବ ଗ୍ରାମବାସୀ ସେମାନଙ୍କ ପାଖରୁ ସହଜରେ ଏବଂ ଧାର ଉର୍ଦ୍ଧାର କରି ନିଶାଦ୍ରବ୍ୟ ପାଇପାରୁଛନ୍ତି। ଫଳରେ ସେମାନେ ରୋଜଗାର ପାଇଁ କାମଧନ୍ଦାକୁ ଯାଉନାହାଁନ୍ତି ଏବଂ ପରିବାର ଲୋକଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟ, ଶିକ୍ଷାଦୀକ୍ଷା ପ୍ରତି ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ କରିଛନ୍ତି।ସେହିପରି ନିକଟରେ ସହଜରେ ମଦ ମିଳୁଥିବାରୁ ନିଶା ସେବନ କରି ଅନେକ ସମୟରେ ଝଗଡ଼ା, ହାଣକାଟ ହୋଇ ଥାନାପୁଲିସ କୋର୍ଟ କଚେରି ହେବା ସହିତ ଗ୍ରାମର ଶାନ୍ତି ଭଙ୍ଗ ହେଉଛି।


**ADMISSION NOTICE**

**COMMON ENTRANCE TEST- 2025**

**FOR ADMISSION AT**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

**POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi

Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

**For details Log on to : https://admission.svnirtar.nic.in**

Director Cum Chairman,
CET & PGET-2025

## ସମୁଦ୍ରରେ ଡଙ୍ଗା ଓଲଟି ଜଣେ ନିଖୋଜ

ବ୍ରହ୍ମପୁର,୨୦।୫(ସମିସ): ଗୋପାଳପୁର ଜେଟି ନିକଟରେ ଆଜି ଭୋର ସମୟରେ ମାଛ ମାରିବାକୁ ସମୁଦ୍ର ଭିତରକୁ ଡଙ୍ଗାରେ ୫ଜଣ ଯାଉଥିବା ବେଳେ ଜଣେ ନିଖୋଜ ହୋଇଛନ୍ତି। ଆଉ ଚାରିଜଣ ବର୍ତ୍ତି ଥିବା ଜଣାପଡ଼ିଛି। ନିଖୋଜ ଥିବା ବ୍ୟକ୍ତି ଜଣକ ହେଲେ ଗୋପାଳପୁର



ସତ୍ୟ ସାଇବାବା ସାହିର ବି.ଜେଙ୍ଗମେୟା (୩୮)। ସୂଚନାଯୋଗ୍ୟ ଯେ, ଭୋର ପ୍ରାୟ ସାଢେ ୫ଟା ସମୟରେ କାତ ଡ଼ଙ୍ଗା ସାହାଯ୍ୟରେ ମାଛ ମାରିବାକୁ ୫ଜଣ ବି.ଜେଙ୍ଗମେୟା, ବି.ବାସୁ, ଏ.ଚିନା, କେ.ଚିନେୟା ଓ ପି.ସିମାଦ୍ରୀ ସମୁଦ୍ର ଭିତରକୁ ଯାଉଥିବା ବେଳେ ପ୍ରାୟ ୧୦୦ ମିଟର ଦୂରତାରେ ଏକ ଉଚ୍ଚ ଜୁଆର ମାଡ଼ ଦେବାରୁ ଡ଼ଙ୍ଗାଟି ଓଲଟି ଯାଇଥିଲା। ସେଥିରୁ ଚାରିଜଣ ବର୍ତ୍ତି ଯାଇ କୂଳକୁ ଫେରିଥିଲେ। କିନ୍ତୁ ବି.ଜେଙ୍ଗମେୟା କୂଳକୁ ଫେରିନଥିଲେ। ପରେ ପୂର୍ବରୁ ମାଛ ମାରିବାକୁ ଯାଇଥିବା ଡ଼ଙ୍ଗା ଜାଲ ବିଛାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜା ଖୋଜି କରାଯାଇଥିଲା। କିନ୍ତୁ କୌଣସି ସନ୍ଧାନ ନ ମିଳିବାରୁ ଅପରାହ୍ନରେ ନିଖୋଜର ପତ୍ନୀ ବି.ପୋତାମ୍ମା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଶାନ୍ତି ମିଶ୍ର ହତ୍ୟା ମାମଲା, ଦୁର୍ଦ୍ଧାନ୍ତ ମୌଜକୁ ଆଜୀବନ ଜେଲ୍

ବ୍ରହ୍ମପୁର,୨୦।୫(ସମିସ): ଶାନ୍ତି ମିଶ୍ର ହତ୍ୟାକାଣ୍ଡ ମାମଲାର ଚୂଡ଼ାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜିଲ୍ଲା ଦୌରାଜଜ ଡ. ଭାଗ୍ୟଲକ୍ଷ୍ମୀ ରଥ ଏହି ହତ୍ୟା ମାମଲାର ଅଭିଯୁକ୍ତ ସତୀଶ କୁମାର ମିଶ୍ର ଓରଫ ମୌଜ ମିଶ୍ରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଟୋ ଚାଳକ ଗଣେଶ ସାହୁ ଓ ଶାନ୍ତି ମିଶ୍ର ଭଳି ୨ଟି ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ ବେଳେ ଅଭିଯୁକ୍ତ ସତୀଶ କୁମାର ମିଶ୍ର ଓରଫ ମୌଜ କୋର୍ଟରେ ଅନୁପସ୍ଥିତ ଥିଲେ। ଫଳରେ କୋର୍ଟ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ଗୋଷାଣିନୁଆଗାଁ ଥାନା ପୁଲିସ ୨୦୨୫ ଏପ୍ରିଲ ୧୪ ତାରିଖରେ ଜଟଣୀରୁ ଫେରାର ତଥା ଦୁର୍ଦ୍ଧାନ୍ତ ମୌଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତ ୨୦୨୪ମସିହା ନଭେମ୍ବର ୭ତାରିଖରେ ଶାନ୍ତି ମିଶ୍ର ହତ୍ୟା ମାମଲାର ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଥିଲା। ଏହି ମାମଲାରେ ୧୧ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ରାୟ ପ୍ରକାଶ ବେଳେ ଅନ୍ୟତମ ଅଭିଯୁକ୍ତ ସତୀଶ କୁମାର ମିଶ୍ର ଓରଫ ମୌଜ କୋର୍ଟରେ ଅନୁପସ୍ଥିତ ଥିଲେ। ସେହିଭଳି ୨୦୦୬ମସିହା ଅକ୍ଟୋବର ୬ତାରିଖରେ ବ୍ରହ୍ମପୁର ରେଳଷ୍ଟେସନ ନିକଟରେ ହୋଇଥିବା ଅଟୋ ଚାଳକ ଗଣେଶ ସାହୁ ହତ୍ୟା ମାମଲାର ୨୦୨୧ମସିହାରେ ଜିଲ୍ଲା କୋର୍ଟରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ରାୟ ବେଳେ ମଧ୍ୟ ଅଭିଯୁକ୍ତ ମୌଜ ମିଶ୍ର ଅନୁପସ୍ଥିତ ଥିଲେ। ଏହି ମାମଲାରେ କୋର୍ଟ ୪ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଦୀର୍ଘବର୍ଷ ଧରି ଫେରାର ଥିବା ଦୁର୍ଦ୍ଧାନ୍ତ ଅପରାଧୀ ମୌଜ ଗିରଫ ପରେ ପ୍ରଥମେ ଏପ୍ରିଲ ୨୪ତାରିଖରେ ଗଣେଶ ସାହୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ୍‌ରେ ଦଣ୍ଡିତ ହୋଇଥିଲେ। ସେହିଭଳି ଗତ ୨୦୨୩ମସିହା ଜାନୁଆରୀ ୨୯ ତାରିଖ ସକାଳ ୮ଟାରେ ଶାନ୍ତି ମିଶ୍ର ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନାରେ ହାଜିରା ଦେଇ ଫେରୁଥିବା ବେଳେ ମୌଜ ଓ ଅନ୍ୟ ସହଯୋଗୀଙ୍କ ସଂଘବଦ୍ଧ ଆକ୍ରମଣ ଓ ବୋମାମାଡରେ ଶାନ୍ତି ମିଶ୍ରଙ୍କ ମୃତ୍ୟୁ ହୋଇଥିଲା। ୨୦ ତାରିଖ ମଙ୍ଗଳବାର ଶାନ୍ତି ମିଶ୍ର ହତ୍ୟା ମାମଲାର ଦ୍ୱିତୀୟ ପର୍ଯ୍ୟାୟ ରାୟ ପ୍ରକାଶ ବେଳେ ପୁଲିସ ବ୍ରହ୍ମପୁର ଜେଲରୁ ମୌଜକୁ କଡା ସୁରକ୍ଷା ବଳୟମଧ୍ୟରେ ଆଣି କୋର୍ଟରେ ହଜାର କରିଥିଲା। ବିଚାରଣା ବେଳେ ମୋଟ ୨୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଉପଯୁକ୍ତ ପ୍ରମାଣ ଥିବା ଦର୍ଶାଇ କୋର୍ଟ ଅଭିଯୁକ୍ତ ମୌଜ ମିଶ୍ରକୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡ଼ା ଏବଂ ପିପି ଦାୟିତ୍ୱରେ ଥିବା ବିକ୍ରମ କୁଣ୍ଡ ମକଦ୍ଦମା ପରିଚାଳନା କରୁଥିଲେ।



# ‘ସେନାପତି’ ଗ୍ୟାଙ୍ଗ କବ୍‌ଜାରେ ବାହାନା ନାଳ

- ନାଳ ଉପରେ ନିର୍ମାଣ ହୋଇଛି ବ୍ରିଜ୍
- ଜଳଉସ୍ବର ଗତିପଥ ରୋକିବାକୁ ଉଦ୍ୟମ
- ଜଳମଗ୍ନ ହେଉଛି ଅଞ୍ଚଳ : କର୍ପୋରେଟର
- ଖୁବ୍‌ଶୀଘ୍ର ଭଙ୍ଗାଯିବ ଘରୋଇ କଲଭର୍ଟ : ନିର୍ବାହୀଯନ୍ତ୍ରୀ

ବ୍ରହ୍ମପୁର,୨୦।୫(ସମିସ): ସହରର ଚର୍ଚ୍ଚିତ ‘ସେନାପତି’ ଗ୍ୟାଙ୍ଗର ନଜରରୁ ବାଦ୍ ପଡ଼ିନି ପ୍ରମୁଖ ନାଳ ‘ବାହାନା ନାଳ’। ଡ୍ରେନେଜ୍ ବିଭାଗ ଅଧୀନରେ ଥିବା ପ୍ରାୟ ୧୨କିଲୋମିଟରର ଏହି ପ୍ରମୁଖ ନାଳର ଗତିପଥକୁ ରୋକାଯାଇଛି। ବିନା ଅନୁମତିରେ ତଥା ବେନିୟମ ଭାବେ ନାଳ ଉପରେ କଲଭର୍ଟ ନିର୍ମାଣ କରି ନାଳକୁ ସଙ୍କୁଚିତ କରାଯାଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ନାଳ ଜରିଆରେ ଜଳ ନିଷ୍କାସନ ହୋଇନପାରି ସମ୍ପୃକ୍ତ ଅଞ୍ଚଳ ଜଳମଗ୍ନ ହେଉଛି। ବାରମ୍ବାର ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଖୋଦ୍ ପୂର୍ବତନ କର୍ପୋରେଟର ତଥା ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ। ସମ୍ପୃକ୍ତ ଅଞ୍ଚଳ ବିଏମ୍‌ସିର ୪ନମ୍ବର ୱାର୍ଡ ଅଧୀନରେ ଥିବାବେଳେ ସ୍ଥାନୀୟ କର୍ପୋରେଟର ଅଛନ୍ତି ଅଶୋକ ଶୁକ୍ଳଙ୍କ ପତ୍ନୀ ସନ୍ଧ୍ୟାରାଣୀ ଶୁକ୍ଳ। ଏ ନେଇ ବ୍ରହ୍ମପୁର ଡ୍ରେନେଜ୍ ବିଭାଗର ନିର୍ବାହୀଯନ୍ତ୍ରୀ ଇଂ. ବିଷ୍ଣୁ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏଭଳି ଅଭିଯୋଗର ସତ୍ୟାସତ୍ୟ ଥିବା ସେ ସ୍ୱୀକାର କରିଛନ୍ତି। ଏ ନେଇ ପୂର୍ବରୁ ଯଦିଓ ନୋଟିସ୍ ଜାରି କରାଯାଇଥିଲା, ତେବେ ପ୍ରତିପକ୍ଷ ବା ଜବରଦଖଲକାରୀଙ୍କ ପକ୍ଷରୁ କୌଣସି ପ୍ରତ୍ୟୁତ୍ତର ବା ଜବାବ ମିଳିନଥିଲା। ଏଣୁ ବର୍ତ୍ତମାନ ଆଗକୁ ବର୍ଷା ଦିନ ଆସୁଥିବାରୁ ଯେତେଶୀଘ୍ର ହେବ ନାଳ ଉପରେ ବେନିୟମ ଭାବେ ନିର୍ମାଣ ହୋଇଥିବା କଲଭର୍ଟକୁ ଭଙ୍ଗାଯାଇ ନାଳକୁ ଜବରଦଖଲ ମୁକ୍ତ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାଦ୍ୱାରା



ନାଳ ସଙ୍କୁଚିତ ହେବା ସହିତ ନାଳର ଗତିପଥରେ ସମସ୍ୟା ଉପୁଜୁଛି।

ପ୍ରକାଶ ଯୋଗ୍ୟ ଯେ, ନାଳ ସଂଲଗ୍ନ ପ୍ରାୟ ୨୭ ଶହରୁ ଅଧିକ ଡେସିମିଲ ଜମି ଯାହା ବଡ଼ବଜାର ଅଞ୍ଚଳର ପ୍ରତିଷ୍ଠିତ ରଥ ପରିବାରର ମାଲିକାନାରେ ରହିଛି। ତେବେ ଉକ୍ତ ଜମିକୁ ‘ସେନାପତି’ ଗ୍ୟାଙ୍ଗ ବଳପୂର୍ବକ ନିଜ ଅକ୍ତିଆରକୁ ନେଇ ପାଚେରି ବୁଲାଇବା ସହ ଯାତାୟତ ପାଇଁ ନାଳ ଉପରେ କଲଭର୍ଟ ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷାଦିନ ଆସୁଥିବାବେଳେ ବର୍ଷା ପୂର୍ବରୁ ପ୍ରତିବର୍ଷ ଭଳି ଡ୍ରେନେଜ୍ ବିଭାଗ ପକ୍ଷରୁ ବାହାନା ନାଳ, ସାପୁଆ ନାଳ ଓ ଧୋବାନାଳର ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଇଥାଏ।

ସହର ମଧ୍ୟ ଦେଇ ପ୍ରବାହିତ ହେଉଥିବା ବାହାନା ନାଳକୁ ବିଭିନ୍ନ ସ୍ଥାନରେ ଜବରଦଖଲ କରାଯାଇଥିବା ବେଳେ ଏଥିରୁ ବାଦ ପଡ଼ିନି ‘ସେନାପତି’ ଗ୍ୟାଙ୍ଗ। ବାହାନା ନାଳକୁ ଫାଷ୍ଟଗେଟ୍ ଶ୍ମଶାନ ନିକଟରେ ଜବରଦଖଲ କରାଯାଇଥିବା ନଜରକୁ ଆସିବା ପରେ ଏହାକୁ ତୁରନ୍ତ ଭଙ୍ଗାଯାଇ ଜବରଦଖଲ ମୁକ୍ତ କରାଯିବ ବୋଲି ଡ୍ରେନେଜ୍ ବିଭାଗ ପକ୍ଷରୁ କୁହାଯାଇଛି।

## ଯୁକ୍ତ ଦୁଇ ଫଳ ଆସିନି / ବଢ଼ିଲା ଯୁକ୍ତ ତିନି ନାମଲେଖା ଆବେଦନ ଅବଧି

ବ୍ରହ୍ମପୁର,୨୦।୫(ସମିସ): ଯୁକ୍ତତିନି ନାମଲେଖା ଆବେଦନ ଲାଗି ମଙ୍ଗଳବାର ଶେଷ ଦିନ ଥିଲା। ତାହା ଏବେ ଜୁନ୍ ୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ବର୍ତ୍ତମାନ ଯାଏଁ ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ପାଇନଥିବାବେଳେ ଯୁକ୍ତ ତିନି ପାଇଁ ଆବେଦନ ଅବଧି ଶେଷ ହେବା ଉଭୟ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଦ୍ୱନ୍ଦରେ ପକାଇଛି। ଫଳରେ ଅସନ୍ତୋଷ ଦେଖିବାକୁ ମିଳିଛି। ନିଜ ମାର୍କ ନଜାଣି ଆଶାୟୀମାନେ ଯୁକ୍ତତିନି ନାମଲେଖା ଲାଗି ଆବେଦନ କରିଛନ୍ତି। ଯାହାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଭଳି ଅସନ୍ତୋଷ ଦେଖିବାକୁ ମିଳିଛି। ପୂର୍ବରୁ ଏଭଳି କେବେ ହୋଇନଥିବା ବେଳେ ଚଳିତଥର ପ୍ରଥମଥର କରି ଆଗୁଆ ଆବେଦନ ହୋଇଛି। ଯାହାକୁ ନେଇ ବିଦ୍ୟାର୍ଥୀଙ୍କ ଦ୍ୱନ୍ଦ ବୃଦ୍ଧି ପାଇଛି। ସୂଚନା ପ୍ରକାରେ ସାମ୍‌ସ ଜରିଆରେ ଯୁକ୍ତଦୁଇ ପରୀକ୍ଷା ଦେଇ ସାରିଥିବା ବିଦ୍ୟାର୍ଥୀ ଯୁକ୍ତ ତିନି ପାଠ୍ୟକ୍ରମ ଲାଗି ଆବେଦନ କରୁଛନ୍ତି। ଏମାନଙ୍କ ପରୀକ୍ଷାଫଳ ପ୍ରକାଶ ପାଇନଥିବାରୁ କେତେ ମାର୍କ ଜାଣି ପାରୁନାହାନ୍ତି। ପୂର୍ବରୁ ପ୍ରଥମେ ପରୀକ୍ଷା ଫଳ ପ୍ରକାଶ ପାଉଥିବା ପରବର୍ତ୍ତୀ ସମୟରେ ଆବେଦନ ହେଉଥିଲା। ସମ୍ପ୍ରତି ଏହି ନିୟମ ପରିବର୍ତ୍ତନ କରି ସରକାର ଆଗୁଆ ଆବେଦନକୁ ଗୁରୁତ୍ୱ ଦେଇଛନ୍ତି। ଏଣେ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ବିଦ୍ୟାର୍ଥୀମାନେ ପୁନଃ ଉକ୍ତ ସାମସ୍ ଜରିଆରେ ମାର୍କ ଅପଡ଼େଟ କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୪୦ଟି ସରକାରୀ କଲେଜ ଓ ୧୦ରୁ ଉର୍ଦ୍ଧ୍ୱ ବେସରକାରୀ ଅନୁଷ୍ଠାନରେ ଯୁକ୍ତତିନି ପଢିବାର ସୁଯୋଗ ରହିଛି। ଏହିକ୍ରମରେ ଜିଲ୍ଲାରେ ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୁକ୍ତତିନି ବା ଯୁଜିର କଳା, ବାଣିଜ୍ୟ ଓ ବିଜ୍ଞାନ ସମେତ ବିଭିନ୍ନ ସ୍ରୋତରେ ପାଠ ପଢିପାରିବେ। ସେହିଭଳି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମେତ ଅନ୍ୟ ସରକାରୀ ଓ ସରକାରୀ ଏଡ଼ଡ଼େଡ଼ କଲେଜ ଗୁଡ଼ିକରେ ଯୁକ୍ତତିନି ପାଠ୍ୟକ୍ରମ ରହିଥିବା ବେଳେ ଏହା ବିଦ୍ୟାର୍ଥୀଙ୍କ ପ୍ରମୁଖ ପସନ୍ଦ ପାଲୋଟିଥିବା କୁହାଯାଉଛି। ତେବେ ଚଳିତବର୍ଷ ଆଗୁଆ ଆବେଦନକୁ ବହୁ ବିଦ୍ୟାର୍ଥୀ ଗ୍ରହଣ କରିପାରୁନଥିବା ବେଳେ ଫଳାଫଳ ପ୍ରକାଶ ପାଇବା ପରେ ଆଶ୍ୱସ୍ତି ମିଳିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତଦୁଇ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇବ। ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ପ୍ରକାଶ ପାଇବ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଅପରାହ୍ଣ ୪ଟାରେ ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଚଳିତବର୍ଷ ୩.୮୫ ଲକ୍ଷ ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷା ଦେଇଛନ୍ତି। ଫେବ୍ରୁଆରି ୧୮ ତାରିଖରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହୋଇ ୨୭ ତାରିଖରେ ପରୀକ୍ଷା ସରିଥିଲା। ଦକ୍ଷିଣାଞ୍ଚଳ ଅନ୍ତର୍ଗତ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ୧୪ଟି ମାନୁଆଲ୍ ଓ ୫ଟି ଇ-ମୂଲ୍ୟାୟନ କେନ୍ଦ୍ର ସ୍ଥାପନ ହୋଇଥିଲା। ଅପ୍ରେଲ୍ ୨ତାରିଖରୁ ଅପ୍ରେଲ୍ ୧୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ଅପ୍ରେଲ୍ ୧୫ ତାରିଖରୁ ଅପ୍ରେଲ୍ ୨୬ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହୋଇଥିଲା। ଗଞ୍ଜାମ ଜିଲ୍ଲାରେ ୫ଟି ମାନୁଆଲ୍ ଓ ୨ଟି ଇ-ମୂଲ୍ୟାୟନ କେନ୍ଦ୍ର ସ୍ଥାପିତ ହୋଇଥିଲା।

## ଶିଶୁକୁ କର୍ପୋରେଟର୍‌ଙ୍କ ସହାୟତା



ବ୍ରହ୍ମପୁର,୨୦।୫(ସମିସ): ସ୍ଥାନୀୟ ୨୬ ନଂ ୱାଡର୍ ନୀଳକଣ୍ଠନଗର ୬ଷଷ୍ଠ ଲାଇନ୍ ବାସିନ୍ଦା ସାହିସ୍ତା ଖାତୁନ ୮ବର୍ଷର ଜଣେ ଶିଶୁ ରୋଗାଗ୍ରସ୍ତ ହୋଇଥିଲେ। ଏନେଇ ପରିବାର ଲୋକେ କର୍ପୋରେଟର ଧୀରେଶ ସାବତଙ୍କୁ ଜଣାଇଥିଲେ। ସେ ସେଠାରେ ପହଞ୍ଚି ଶିଶୁଟିର ମେଡ଼ିକାଲ ଚିକିତ୍ସା କ୍ଷେତ୍ରରେ ସମସ୍ତ ଖର୍ଚ୍ଚ ବହନ କରିବା ସହିତ ଅନ୍ୟନ୍ୟା ସହଯୋଗ ମଧ୍ୟ ପ୍ରଦାନ କରିଥିଲେ। ସେହିଭଳି ବିନୋଦିନୀ ପାଣିଗ୍ରାହି ନାମକ ଜଣେ ବୃଦ୍ଧା ମା’ଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ମେଡ଼ିକାଲ ବ୍ୟବସ୍ଥା ସହ ଆର୍ଥିକ ସହାୟତା ଦେଇଥିଲେ କର୍ପୋରେଟର।

## ଶ୍ରମ ସଂହିତା ବାତିଲ ଦାବିରେ ଆନ୍ଦୋଳନ

ବ୍ରହ୍ମପୁର,୨୦।୫(ସମିସ): କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନମାନଙ୍କ ଦ୍ୱାରା ଦିଆଯାଇଥିବା ମଇ ୨୦ ସର୍ବଭାରତୀୟ ବନ୍ଦ ଡାକରା ଦେଶରେ ଯୁଦ୍ଧ ପରିସ୍ଥିତିକୁ ଦେଖି ବାତିଲ କରାଯାଇଥିବା ବେଳେ ସର୍ବଭାରତୀୟ ଶ୍ରମିକ ସଂଗଠନ, ଇଣ୍ଡିଆନ ଫେଡେରେସନ ଅଫ ଟ୍ରେଡ଼ ୟୁନିଅନ୍ସ (ଇଫଟୁ) ଦ୍ୱାରା ଏହାକୁ ସର୍ବଭାରତୀୟ ଡାକରା କ୍ରମେ ପ୍ରତିବାଦ ଦିବସ ଭାବେ ପାଳନ କରାଯାଇଛି। ଇଫଟୁ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ନୀତି ସମୁହକୁ ବିରୋଧ କରାଯିବା ସହ ଶ୍ରମିକ ସଂହିତାକୁ ବାତିଲ କରି ପୂର୍ବ ଶ୍ରମ ଆଇନଗୁଡିକୁ ଲାଗୁ କରିବାକୁ ଦାବି ହୋଇଛି। ଏମକେସିଜି ମେଡିକାଲ କ୍ୟାମ୍ପସରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ ଯୋଗଦେଇ ମୋଦି ସରକାରଙ୍କ ନୀତି ଗୁଡିକୁ ସମାଲୋଚନା କରିଥିଲେ। ସେହିଭଳି ଏଭଳି ପ୍ରତିବାଦ ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଥିବା ବେଳେ ଏଥିରେ ଇଫଟୁ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ ପରିଛା, ଉତ୍ତମ ନାୟକ, ସ୍ୱାସ୍ଥ୍ୟ କର୍ମଚାରୀ ନେତା ବିଚିତ୍ର ସାହୁ, ନମିତା ନାୟକ, ଆଶୁତୋଷ ଘଡ଼ାଇ, ପୌର କର୍ମଚାରୀ ନେତା ରାହୁଲ ନାୟକ, ଟୁନା ରଥ, ସୁଜାତା ନାୟକ, ସୁରେନ୍ଦ୍ର ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପ୍ରତିରକ୍ଷା ପ୍ରତିଷ୍ଠାନକୁ ଉନ୍ନତ ବିଜୁଳି ସେବା ଯୋଗାଣ

ବ୍ରହ୍ମପୁର,୨୦।୫(ସମିସ): ଟିପିଏସ୍‌ଓଡିଏଲ୍ ପକ୍ଷରୁ ଗୋପାଳପୁର ସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜକୁ ସଂଯୋଗ ହୋଇଥିବା ୩୩ କେଭି ବିଦ୍ୟୁତ ଲାଇନର ଉନ୍ନତିକରଣ କରାଯାଇଛି। ଯାହା ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଅନୁଷ୍ଠାନକୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ। ଓଡ଼ିଶା ଉପକୂଳରେ ଥିବା ଆର୍ମି ଏୟାର ଡିଫେନ୍ସ କଲେଜ ଭାରତୀୟ ପ୍ରତିରକ୍ଷା ବଳର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏଭଳି ଏକ ପ୍ରମୁଖ ଜାତୀୟ ପ୍ରତିଷ୍ଠାନରେ ତାଲିମ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା କାର୍ଯ୍ୟ ସୁରୁଖୁରୁରେ ଚାଲିବା ପାଇଁ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଚଳିତବର୍ଷ ଏହି ଉନ୍ନତିକରଣ ପ୍ରକଳ୍ପ ଶେଷ ହୋଇଛି। ଏଥିରେ ୭.୦ ସର୍କିଟ କିମି ଦୀର୍ଘ ୩୩ କେଭି ବିଜୁଳି ଲାଇନକୁ ଉନ୍ନତ କରାଯାଇଛି। ଏହି ପଦକ୍ଷେପରେ ପୁରୁଣା କଣ୍ଡକ୍ଟରଗୁଡ଼ିକୁ ବଦଳାଇବା ସହ ନଷ୍ଟ ହୋଇଯାଇଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ବାହାର କରି ୧୨୦ ଟି ନୂଆ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଛି। ଏହାବ୍ୟତୀତ ୩୩ କେଭି ଲାଇନରେ ବାର୍ଡ ଗାର୍ଡ ଲଗାଯାଇଛି, ଯାହା ଫଳରେ ପକ୍ଷୀଙ୍କ ସ୍ପର୍ଶ ଯୋଗୁଁ ବିଜୁଳି ସେବା ବାଧାପ୍ରାପ୍ତ ହେବାକୁ ରୋକାଯାଇପାରିବ। ଏହି ଭିତ୍ତିଭୂମି ଉନ୍ନତିକରଣ ପରେ ପୂର୍ବରୁ ଥିବା ସମସ୍ୟା ଦୂର ହେବା ସହ ଆର୍ମି ଏୟାର ଡିଫେନ୍ସ କଲେଜକୁ ସ୍ଥାୟୀ ଏବଂ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଏହି ପ୍ରତିରକ୍ଷା ପ୍ରତିଷ୍ଠାନର ବିଜୁଳି ଚାହିଦା ପୂରଣ ହୋଇପାରିବ। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, “ସୁଦୃଢ଼ ବିଦ୍ୟୁତ ଭିତ୍ତିଭୂମି ମାଧ୍ୟମରେ ଜାତୀୟ ସ୍ତରର ଅନୁଷ୍ଠାନକୁ ଉନ୍ନତ ସେବା ଯୋଗାଇବା ହେଉଛି ଆମର ଏକ ମୁଖ୍ୟ ଉଦ୍ଦେଶ୍ୟ। ଏହି ପ୍ରକଳ୍ପ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁଦୃଢ଼ ଭିତ୍ତିଭୂମି ନିର୍ମାଣ ଏବଂ ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ବିଜୁଳି ସେବା ଯୋଗାଣ ଉପରେ ଟିପିଏସ୍‌ଓଡିଏଲର ଗୁରୁତ୍ୱକୁ ଏହା ପ୍ରତିଫଳିତ କରେ। ଉପଭୋକ୍ତା ସନ୍ତୁଷ୍ଟି ଏବଂ ୨୪ଘଣ୍ଟିଆ ଭରସାଯୋଗ୍ୟ ବିଜୁଳି ସୁନିଶ୍ଚିତ କରିବା ସହ ଟିପିଏସ୍‌ଓଡିଏଲ୍ ପରିସରଭୁକ୍ତ ଅଞ୍ଚଳରେ ବିଦ୍ୟୁତ ବିତରଣ ନେଟୱାର୍କକୁ ଉନ୍ନତ କରିବା ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଛି।



### ବ୍ରହ୍ମପୁରରେ ଅପରେସନ ‘ଖୋଜ୍’

## ୧୦ ଅପରାଧୀଙ୍କ ଠାରୁ ୪ ବନ୍ଧୁକ ଜବତ



ବ୍ରହ୍ମପୁର, ୨୦।୫ (ସମିସ): ଭେଟେରାନ ଅପରାଧୀଙ୍କ କୁଣ୍ଡଳୀ ଯାଞ୍ଚ କରୁଛି ବ୍ରହ୍ମପୁର ପୁଲିସ। କିଏ କେଉଁ ଅପରାଧରେ କେତେଥର ଗିରଫ ହୋଇଛି ଏବଂ ବର୍ତ୍ତମାନ ସେମାନଙ୍କ ଚାଲିଚଳନ କିଭଳି ରହିଛି ତାହା ଉପରେ ରହିଛି ନଜର। ସହରରେ ବୃଦ୍ଧି ପାଉଥିବା ଅପରାଧିକ କାର୍ଯ୍ୟକଳାପକୁ ରୋକିବା ପାଇଁ ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଜାରି ରହିଛି ଅପରେସନ ‘ଖୋଜ୍’। ସବୁ ଥାନା ଅଧିକାରୀଙ୍କୁ ସହରର ତଥା ପୁଲିସ ଜିଲ୍ଲାର ଭେଟେରାନ୍ ଅପରାଧିଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ଟ୍ରାକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ବିଭିନ୍ନ ଥାନାରେ ଗତ କିଛିଦିନ ହେଲା ଅପରାଧୀଙ୍କୁ ଥାନାରେ ମାରାଥନ ଜେରା କରାଯାଉଛି। ମାଉଜର, ପିସ୍ତଲ ଓ ବନ୍ଧୁକ ଭଳି ମାରଣାସ୍ତ୍ର କାହା ପାଖରେ ମହଜୁଦ ରହିଛି ଏବଂ ସେଗୁଡିକ କେଉଁଠାରୁ ଆମଦାନୀ ହେଉଛି ତାହାର ଖୋଳତାଡ କରୁଛି ପୁଲିସ। ଦିଗପହଣ୍ଡି ଥାନା ପୁଲିସ ପଦ୍ମନାଭପୁର ଗ୍ରାମର ଦୁର୍ଦ୍ଧାନ୍ତ ଅପରାଧୀ ଅଜିତ ସେଠୀ ଓରଫ ବଳିଆକୁ କାବୁ କରି ତା ନିକଟରୁ ଗୋଟିଏ ବନ୍ଧୁକ ଜବତ କରିଥିବା ଜଣାପଡିଛି। ବଳିଆ ନାମରେ ପୂର୍ବରୁ ହତ୍ୟା ଉଦ୍ୟମ ଓ ଡକାୟତି ଭଳି ଏକାଧିକ ସଙ୍ଗୀନ ମାମଲା ରହିଛି। ଅନ୍ୟପକ୍ଷରେ ଗୋଷାଣିନୂଆଗାଁ ଓ ଗୋଳନ୍ଥରା ଥାନା ପୁଲିସ ପକ୍ଷରୁ ମିଳିତ ଭାବେ ଚଢଉ କରି ଦୁଇ ଭେଟେରାନ ଅପରାଧୀଙ୍କୁ କାବୁ କରାଯାଇଥିବା ସୂଚନା ମିଳିଛି। ଉଭୟ ଅପରାଧିଙ୍କ ଠାରୁ ମଧ୍ୟ ଦୁଇଟି ବନ୍ଧୁକ ଜବତ ହୋଇଛି। ସାନକୁଶସ୍ଥଳୀ ଅଞ୍ଚଳର ପ୍ରଦୀପ ସେଠୀଙ୍କ ସମେତ ସିଦ୍ଧାର୍ଥ ନଗର, ଗଜପତି ନଗର ଓ ବିଭିନ୍ନ ସ୍ଥାନରୁ ପ୍ରାୟ ୫ରୁ ଉର୍ଦ୍ଧ୍ୱ ଅପରାଧୀଙ୍କୁ ଥାନାକୁ ଆଣି ପୁଲିସ ଜେରା କରୁଥିବା ଜଣାପଡିଛି। ସେହିପରି ନିମଖଣ୍ଡି ଥାନା ପୁଲିସ ମଧ୍ୟ ବନ୍ଧୁକ ଜବତ କରିବାରେ ସଫଳତା ହାସଲ କରି ଏକାଧିକ ଅପରାଧିଙ୍କୁ ଜେରା କରୁଥିବା ଜଣାପଡିଛି। ଏହି କ୍ରମରେ ପୁଲିସ କିଛି ଅପରାଧୀଙ୍କ ଠାରୁ ଖେଳନା ବନ୍ଧୁକ ମଧ୍ୟ ଜବତ କରିଛି। ଗତ ଡିସେମ୍ବର ୨୮ତାରିଖ ବିଳମ୍ବିତ ରାତିରେ ଗଜପତିନଗର ୧୧ଲାଇନରେ ଉମେଶ ରଥଙ୍କ ଘର ସମ୍ମୁଖରେ ମୁଖା ପିନ୍ଧା ଦୁଇଜଣ ଦୁର୍ବୃତ୍ତ ଜନୈକ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ମୁନରେ ହତ୍ୟା ଧମକ ଦେଇଥିଲେ। ଯାହାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଭାଇରଲ ଭିଡିଓକୁ ନେଇ ପୁଲିସ ତନାଘନା କରୁଥିବା ବେଳେ ଏଯାବତ ବନ୍ଧୁକଧାରୀ ଦୁଇ ମୁଖାପିନ୍ଧା ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ଏପରିକି ମୁଖା ପିନ୍ଧା ଅଭିଯୁକ୍ତଙ୍କୁ ପୁଲିସ ଚିହ୍ନଟ ମଧ୍ୟ କରିପାରିନଥିବା ଜଣାପଡିଛି। ସମ୍ପ୍ରତି ଉକ୍ତ ଘଟଣା ଶୀତଳ ପଡ଼ିବାକୁ ପଡିବାକୁ ଥିବାବେଳେ କିଛି ଦୁର୍ବୃତ୍ତ ବନ୍ଧୁକ ଜରିଆରେ ଲୁଟ୍‌ପାଟ କରୁଥିବା ନଜରକୁ ଆସିଛି। ଗଞ୍ଜାମ ପୁଲିସ ଜିଲ୍ଲାରେ ବହୁ ସଂଖ୍ୟାରେ ମାଉଜର ଧରାପଡ଼ିବା ପରେ ଗିରଫଦାରୀ ଭୟରେ ବହୁ ଅପରାଧୀ ଜିଲ୍ଲାପାର ହୋଇଯାଇଛନ୍ତି। ତଥାପି ବ୍ରହ୍ମପୁର ପୁଲିସ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଅପରାଧୀଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢଉ ଜାରି ରଖିଛି।


# ADMISSION NOTICE

## COMMON ENTRANCE TEST- 2025
## FOR ADMISSION AT

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist.- Cuttack-754010 (Odisha)
Website: **https://svnirtar.nic.in,** E-Mail: **dasvnirtar@gmail.com**

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: **https://nild.nic.in**, E-Mail: **mail@nioh.in**

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: **https://niepmd.nic.in**, E-Mail: **niepmd@gov.in**

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: **https://pdunippd.nic.in**, E-Mail: **diriph@nic.in**

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam 781 032
Website: **https://crcguwahati.nic.in**, E-Mail: **crcsreguwahati@gmail.com**

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

## POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi

Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

**For details Log on to : https://admission.svnirtar.nic.in**

Director Cum Chairman,
CET & PGET-2025

# ଶ୍ରୀକ୍ଷେତ୍ର ସିଟି

୨୦/୫/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୯୫,୪୧୦/- ସୁନା: ୦୧.୪୫୦ ଗ୍ରାମ୍ ରୁପା: ୦୬.୭୦୦ ଗ୍ରାମ୍





■ ରଥଖଳାରୁ...

## ଚକରେ ପଡ଼ିଲା ନଡ଼ିଆ ଚାଞ୍ଚ



ପୁରୀ,୨୦।୫(ସମିସ): ଶ୍ରୀନଅର ସମ୍ମୁଖ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ମୁଖ୍ୟ ମହାରଣାଙ୍କ ନେତୃତ୍ୱରେ ଚକ, ଅଖ ଏବଂ ଅନ୍ୟାନ୍ୟ କାମ କରାଯାଉଛି। ମଙ୍ଗଳବାର ସୁଦ୍ଧା ତିନିରଥର ମୋଟ ୪୨ ଚକ ମଧ୍ୟରୁ ୨୮ ଟି ଚକ ପ୍ରସ୍ତୁତ ହୋଇଯାଇଛି। ଭୋଇ ସେବକମାନେ ୩୬ଟି ତୁମ୍ବରେ ସିଙ୍ଗଡ଼ାବାଡ଼ିଆ ଅର୍ଥାତ୍ ଅର ସଂଯୋଗ କରିସାରିଛନ୍ତି। ୨୮ ଟି ଚକ ସମ୍ପୂର୍ଣ୍ଣ ହେବା ପରେ ଆଉ ୮ ଟିରେ ମହାରଣା ସେବକ ପଇ ସଂଯୋଗ କରୁଛନ୍ତି। ସେହିପରି ରଥଚାଳିରେ ସମ୍ପୂର୍ଣ୍ଣ ହୋଇ ରହିଥିବା ଚକଗୁଡ଼ିକୁ ଭୋଇ ସେବକମାନେ ବାହାରକୁ ବାହାର କରିଛନ୍ତି। ବର୍ତ୍ତମାନ ପ୍ରବଳ ଖରା ହେଉଛି। ତେଣୁ ଖରାରେ ଚକ ଫାଟିବା ସମ୍ଭାବନା ଥିବାରୁ ତା' ଉପରେ ନଡ଼ିଆ ଚାଞ୍ଚ ପକାଯାଇଛି। ଅନ୍ୟପକ୍ଷରେ ଭୋଇ ସେବକମାନେ ତିନିରଥ ଚାଳିକୁ ନିରାଡ଼ି ପାଇଁ ୨୦ ଫୁଟିଆ ଧଉରା କାଠ ଯୋଗାଇ ଦେଇଛନ୍ତି। ଏହାକୁ ମହାରଣା ସେବକ ଏହାକୁ ସାଇଜ୍ କରୁଛନ୍ତି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ରଥ ପାଇଁ ଅଖ କାଠ ଯୋଗାଇ ଦିଆଯାଇଛି। କ୍ରେନ୍ ସାହାଯ୍ୟରେ ୪୦ ଫୁଟିଆ କାଠକୁ ସତର୍କତାର ସହ ମହାରଣା ସେବକଙ୍କୁ ଦେଇଛନ୍ତି। ମହାରଣା ସେବକମାନେ ବାରିସୀରେ ଏହାକୁ ଚଉପଟ କରୁଛନ୍ତି। ସେହିପରି ମହାରଣାମାନେ ଖମ୍ବା ଓ ଚଉତା ସାଇଜ୍ କରୁଛନ୍ତି। ରୂପକାର ସେବକମାନେ ସାଲଗୁଜରେ ସିଂହବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଏହାପରେ ସିଂହାସନ, ମୁହାଁଟ, ନାଟଗୋଡ଼ କାର୍ଯ୍ୟ ଖୋଦେଇ କରିବେ ରୂପକାର ସେବକ। ଅନ୍ୟପକ୍ଷରେ ଦୋଳବେଦୀ ପରିସରରେ କମାର ସେବକମାନେ ୪୨ଟି ଯାକ ଚକ ପାଇଁ ଆବଶ୍ୟକ ୧,୩୪୪ଟି ଅରକଣ୍ଟା, ୮୪ଟି ପଦାରି ଶେଷ କରିଛନ୍ତି। ବର୍ତ୍ତମାନ ପଦାରି ଚାବି ଏବଂ ବଳା ତିଆରି କରୁଛନ୍ତି। ବୁଧବାର ୪୨ଟି ଯାକ ଚକ ପାଇଁ ପଦାରି ଚାବି ଓ ବଳା ସମ୍ପୂର୍ଣ୍ଣ ହୋଇଯିବ।

## ଭଟିମୁଣ୍ଡା ଘଣ୍ଟୁଆଙ୍କ ବିବାଦ ସମାଧାନ

ପୁରୀ,୨୦।୫(ସମିସ): ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା କିପରି ଶୃଙ୍ଖଳିତ ହେବ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ସେହିପରି ବିଗତବର୍ଷରେ ଯେଉଁସବୁ ସେବାକୁ ନେଇ ବିବାଦ ରହିଛି ତାହାର କିପରି ସମାଧାନ ହେବ ସେ ସଂକ୍ରାନ୍ତରେ ମଧ୍ୟ ଚାଲିଛି ଉଦ୍ୟମ। ଦୀର୍ଘବର୍ଷ ହେବ ଭଟିମୁଣ୍ଡା କଂସାରୀ ଘଣ୍ଟ ସେବା ନିଯୋଗ ମଧ୍ୟରେ ବିବାଦ ରହିଆସିଛି। ତେଣୁ ରଥଯାତ୍ରାରେ ଘଣ୍ଟ ବାଦ୍ୟକୁ ନେଇ ଯେପରି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ସେଥିପାଇଁ ଗତ ୧୭ ତାରିଖରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏଥିରେ ଭଟିମୁଣ୍ଡା କଂସାରୀ ଘଣ୍ଟୁଆ ସେବକ ନିଯୋଗର ତିନିଦଳର ସଭାପତି, ସମ୍ପାଦକ ଯୋଗଦେଇଥିଲେ। ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରାରେ ଶ୍ରୀଜୀଉଙ୍କର ଘଣ୍ଟସେବା ଯେଭଳି ଶୃଙ୍ଖଳିତ ସମ୍ପାଦନ ହେବ ଆଲୋଚନା କରାଯାଇଥିଲା। ସମସ୍ତ ବିବାଦକୁ ଭୁଲିଯାଇ ଆପୋଷ ବୁଝାମଣା ମଧ୍ୟରେ ତିନିଦଳର ସଭାପତି ଓ ସମ୍ପାଦକମାନଙ୍କର ଦସ୍ତଖତ ସମ୍ବଳିତ ବୁଝାମଣାପତ୍ର ତଥା ସେବକମାନଙ୍କର ତାଲିକା ଆସନ୍ତା ୨୨ରେ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ପ୍ରଦାନ କରାଯିବା ଲାଗି ସ୍ଥିର କରାଯାଇଛି।

ମାନସ ମନ୍ଥନରେ ମତ

# ଶ୍ରୀମନ୍ଦିର ପ୍ରବେଶରେ ପୁରୀବାସୀଙ୍କୁ ମିଳୁ ସ୍ୱତନ୍ତ୍ର ସୁବିଧା

ପୁରୀ,୨୦।୫(ସମିସ): ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ପ୍ରତିଟି ମାଙ୍ଗଳିକ କାର୍ଯ୍ୟରେ ମହାପ୍ରଭୁଙ୍କ ମହାପ୍ରସାଦଠୁ ଆରମ୍ଭ କରି ଲଡୁ ମାହାର୍ଦ୍ଦର ଆବଶ୍ୟକତା ପଡ଼ିଥାଏ। ନିର୍ବନ୍ଧ ହେଲେ ମାହାର୍ଦ୍ଦ ଟେକିବା ପାଇଁ ସୂର୍ଯ୍ୟ ମନ୍ଦିର ହେଉ ଅବା ସାବିତ୍ରୀରେ ଲକ୍ଷ୍ମୀ ମନ୍ଦିରକୁ ଅଥବା ମିଳିମିଳା ବା ହାଡ଼ଫୁଟି ପାଇଁ ଶୀତଳାଙ୍କ ପାଖକୁ ଯିବାକୁ ପଡ଼ିଥାଏ। ଏତଦ୍‌ବ୍ୟତୀତ ଅନେକ ପୁରୀବାସିନ୍ଦା ଶ୍ରୀମନ୍ଦିରକୁ ଏକାଧିକଥର ଦର୍ଶନ ପାଇଁ ଯାଇଥା'ନ୍ତି। ଏସବୁକୁ ବିଚାରକୁ ନେଇ ଅନ୍ତତଃ ପୁରୀବାସୀଙ୍କୁ ସ୍ଥାୟୀ ପରିଚୟପତ୍ର ପ୍ରଦାନ ପୂର୍ବକ ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ସ୍ୱତନ୍ତ୍ର ସୁବିଧା ମିଳୁ। ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ହୋଟେଲ ହଲିଡେ ରିସୋର୍ଟରେ 'ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ଦର୍ଶନ ସୁବିଧା ପ୍ରସ୍ତାବମୂଳକ ମାନସ ମନ୍ଥନ' କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ସେମାନଙ୍କ ମତାମତ ଦେଇଥିଲେ।



ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ ରଥଙ୍କ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକୀ ମଠ ମହନ୍ତ ବିଜୟ ନାରାୟଣ ରାମାନୁଜ ଦାସ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଓ ଡ. ଭାସ୍କର ମିଶ୍ର, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବାନାମ୍ବର ସେନାପତି, ବିନୋଦ ପଣ୍ଡା, ଆଦିତ୍ୟ ହୃଦୟ ମିଶ୍ର, ଲୋକନାଥ ପାଣି, ଦେବୀପ୍ରସନ୍ନ ନନ୍ଦ, ଯୁଗବ୍ରତ କର, ରାଜକିଶୋର ପାତ୍ର, ଶରତ କୁମାର ରାୟଗୁରୁ, ଅବନୀଶ ରଥ, ମଧୁସୂଦନ ପାଢ଼ୀ, ବଦ୍ରି ମିଶ୍ର, ଚିତ୍ତରଞ୍ଜନ ବିଶ୍ୱାଳ, ମଧୁସୂଦନ ମିଶ୍ର, ଗିରିଜା ଶଙ୍କର ପାଢ଼ୀ, ପୁଷ୍ପିତା ପଟ୍ଟନାୟକ, ସିଦ୍ଧାର୍ଥ ରାୟ, ପୁଷ୍ପା ପାତ୍ର, ଡ. ବଳରାମ ଦାଶ, ସୁକାନ୍ତ ପଣ୍ଡା ପ୍ରମୁଖ ମତ ରଖିଥିଲେ। ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶହ ଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତି ସ୍ୱପ୍ନ ପାଲଟି ଯାଇଛି। ତେଣୁ ଏହାର ସମାଧାନ ପାଇଁ ପୁରୀବାସୀଙ୍କୁ ଶ୍ରୀମନ୍ଦିରକୁ ସ୍ୱତନ୍ତ୍ର ପ୍ରବେଶ ସୁବିଧା ପ୍ରଦାନ, ମୁଦୁଲି ଦ୍ୱାର ଦେଇ ପ୍ରବେଶ ବ୍ୟବସ୍ଥା, ଭିତର କାଠ ଦର୍ଶନ ସମୟ ବୃଦ୍ଧି ଓ ଶୃଙ୍ଖଳା ରକ୍ଷା, ପୁଲିସ ଓ ସେବାୟତଙ୍କ ଆଚରଣରେ ଶୁଦ୍ଧତା, ଆଧାର ପରିଚୟପତ୍ର ମାଧ୍ୟମରେ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ, ଆନନ୍ଦବଜାରରୁ ଅବଢ଼ା କିଣିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ସ୍ୱର ଉଠିଥିଲା।

କାର୍ଯ୍ୟକ୍ରମରେ ପଣ୍ଡିତ ଦୟାନିଧି ପଣ୍ଡା ବେଦପାଠ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ସଚିବ ବିଜୟ କୃଷ୍ଣ ବ୍ରହ୍ମା। ଉତ୍କଳ ବିଦ୍ୱତ୍ ପରିଷଦର ଏହି ଉଦ୍ୟମକୁ ଉପସ୍ଥିତ ସାଧୁସନ୍ଥ ଓ ବିଶିଷ୍ଟ ବ୍ୟକ୍ତିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ, ସଦସ୍ୟ ସିସେନ୍ ପ୍ରତିହାରୀ, ଚନ୍ଦନ ବ୍ରହ୍ମା, ଦିବ୍ୟରଞ୍ଜନ ଦାଶ, ବିରଞ୍ଚି ନାରାୟଣ ମିଶ୍ର, ସୌମ୍ୟଶ୍ରୀ ଆଶୀର୍ବାଦ, ଶିବ ଶଙ୍କର ପ୍ରଧାନ, ମିଳନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଗୀତିନାଟ୍ୟ ଦେଖି ମୁଗ୍ଧ ହେଲେ ଦର୍ଶକ

ପୁରୀ,୨୦।୫(ସମିସ): ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ କଟକ ଜିଲ୍ଲା ଆଠଗଡ଼ର ଶ୍ରୀଶ୍ରୀ ଜଗନ୍ନାଥଜୀଉ ରାମଲୀଳା



ନାଟ୍ୟ ସଂସ୍ଥା ଗୀତିନାଟ୍ୟ ପରିବେଷଣ କରିଥିଲେ। ଏହି ସଂସ୍ଥା ୧୯୬୪ ମସିହାରେ ପ୍ରତିଷ୍ଠା ହୋଇ ବିଭିନ୍ନ ସ୍ଥାନରେ ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟ ପରିବେଷଣ କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ସହ ମନୋରଞ୍ଜନ ଯୋଗାଇ ଆସିଥା'ନ୍ତି। ତେବେ ଶ୍ରୀକ୍ଷେତ୍ର ମାଟିରେ କେବେ ପରିବେଷଣର ସୁଯୋଗ ପାଇ ନ ଥିଲେ। ଚଳିତବର୍ଷ ମୁକ୍ତାକାଶ ରଙ୍ଗମଞ୍ଚରେ ଏହା ପରିବେଷଣ କରି ସମସ୍ତ କଳାକାର ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ମହୀରାବଣ ବଧ ଗୀତିନାଟ୍ୟ ପରିବେଷଣ କରିଥିଲେ, ଯାହାକୁ ଶହ ଶହ ସଂଖ୍ୟାରେ ଦର୍ଶକ ଦେଖି ଖୁସି ଅନୁଭବ କରିଥିଲେ। ଏହି ଗୀତିନାଟ୍ୟକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଉଦ୍‌ଘାଟନ ସହ କଳାକାରମାନଙ୍କୁ ଉତ୍ସାହିତ ଓ ସମ୍ବର୍ଦ୍ଧିତ କରିଥିଲେ। ଗୀତିନାଟ୍ୟ ଏକ ପ୍ରାଚୀନ ଲୋକକଳା। ଏହା ଲୋକଙ୍କୁ ମନୋରଞ୍ଜନ ସହ ଧାର୍ମିକ, ନୈତିକ ଓ ଚରିତ୍ରର ଶିକ୍ଷା ପ୍ରଦାନ କରିଥାଏ। ଏହି କଳା ହଜି ଯାଉଥିବାବେଳେ ଆଠଗଡ଼ର ଶ୍ରୀଶ୍ରୀ ଜଗନ୍ନାଥଜୀଉ ରାମଲୀଳା ନାଟ୍ୟ ସଂସ୍ଥା ଏହାକୁ ଦୀର୍ଘବର୍ଷ ଧରି ବଞ୍ଚାଇ ରଖିବା ଅତ୍ୟନ୍ତ ଗୌରବର କଥା ବୋଲି ସେମାନେ କହିଥିଲେ।

## ମନୋଜଙ୍କୁ ଓଡ଼ିଶା ଯୁବ କଂଗ୍ରେସ ସୋସିଆଲ ମିଡିଆ ରାଜ୍ୟ କନ୍‌ଭେନର ଦାୟିତ୍ୱ

ପୁରୀ,୨୦।୫(ସମିସ): ମଙ୍ଗଳବାର ଓଡ଼ିଶା ଯୁବ କଂଗ୍ରେସ ସୋସିଆଲ ମିଡିଆକୁ ପୁନର୍ଗଠନ କରାଯାଇଛି। ଏଥିରେ ପୁରୀର ମନୋଜ କୁମାର ବେହେରାଙ୍କୁ ରାଜ୍ୟ କନ୍‌ଭେନର ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ସହିତ ସୋସିଆଲ ମିଡିଆରେ ଯୁବ କଂଗ୍ରେସର ସକ୍ରିୟତା ଏବଂ ରାଜ୍ୟସ୍ତରରେ ଯୁବକମାନଙ୍କ ସହ ଯୋଗାଯୋଗ ବଢ଼ିବା ଆଶା କରାଯାଉଛି। ମନୋଜ ଏହି ଦାୟିତ୍ୱ ପାଇଁ ତାଙ୍କ ଉପରେ ଭରସା ରଖିଥିବା ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ, ମନୁ ଜୈନ୍ (ସୋସିଆଲ ମିଡିଆ ସଭାପତି), ଓଡ଼ିଶାର ବିଭିନ୍ନ ଅଧିକାରୀ ଓ ନେତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ସୌରଭ ପାୱାର (ରାଷ୍ଟ୍ରୀୟ ସମ୍ପାଦକ), ଦୁଲାଲ ଶର୍ମା (ଓଡ଼ିଶା ସୋସିଆଲ ମିଡିଆ ପ୍ରଭାରୀ), ଭକ୍ତ ଚରଣ ଦାସ (ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି), ଅଜୟ କୁମାର ଲାଲୁ (ପ୍ରଦେଶ ପ୍ରଭାରୀ), କୃଷ୍ଣ ଚନ୍ଦ୍ର ମହାନ୍ତି (ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି), ଡ. ବିଶ୍ୱରଞ୍ଜନ ମହାନ୍ତି, ଡ. ସ୍ମୃତିରଞ୍ଜନ ଲେଙ୍କା, ଅଭିଳାଷ ପତି, ଛବିନ୍ଦ୍ର ପଡ଼ିଆରୀ, ସୁଜିତ ମହାପାତ୍ର, ଅଞ୍ଜନ ସିଂହ ଓ ଦେବାଶିଷ ଦଇତାପତିଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି ମନୋଜ। ମନୋଜ କହିଛନ୍ତି, ଏହି ଦାୟିତ୍ୱ ମୋ ପାଇଁ ଗୌରବର ବିଷୟ। ଯୁବକମାନଙ୍କ ସହ ସଂଯୋଗ ବଢ଼ାଇବା, ସଠିକ୍ ସୂଚନା ବଣ୍ଟନ କରିବା ଓ ଯୁବ କଂଗ୍ରେସର ଭବିଷ୍ୟତ ଉଜ୍ଜ୍ୱଳ କରିବା ମୋର ପ୍ରାଥମିକ ଲକ୍ଷ୍ୟ ରହିବ।



ସରିଲା ବାହାର ଚନ୍ଦନ ଯାତ୍ରା

## ଆଜିଠୁ ଭିତର ଚନ୍ଦନ

ପୁରୀ,୨୦।୫(ସମିସ): ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ୨୧ଦିନବ୍ୟାପୀ ବାହାର ଚନ୍ଦନ ଯାତ୍ରା ମଙ୍ଗଳବାର ଶେଷ ହୋଇଛି। ବୁଧବାରଠାରୁ ଆରମ୍ଭ ହେବ ଭିତର ଚନ୍ଦନ ଯାତ୍ରା। ଅପରାହ୍ଣରେ ଚନ୍ଦନ ଯାତ୍ରା ପାଇଁ ଶ୍ରୀମନ୍ଦିରରୁ ବିଅଁ ବିଜେ ହୋଇଥିଲେ। ଦେବଦେବୀ ନରେନ୍ଦ୍ର ପୁଷ୍କରିଣୀ ଚକଡ଼ାରେ ପହଞ୍ଚିବା ପରେ ଭିତରଛ ମହାପାତ୍ର ଜଳଲାଗି କରିଥିଲେ। ପରେ ବିଅଁ ଚାପକୁ ବିଜେ ହୋଇଥିଲେ। ଚାପରେ ମୁଦିରସ୍ତ ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରସାଦ ଲାଗି କରିଥିଲେ। ଏହାପରେ ଦିନଚାପ ଆରମ୍ଭ ହୋଇଥିଲା। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରା ଚାପରେ ରାମକୃଷ୍ଣ ଓ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ଏକଘେରା ବୁଲି ଜଳକ୍ରୀଡ଼ା କରିଥିଲେ। ଦିନ ଚାପ ନୀତି ସରିବା ପରେ ନନ୍ଦା ଓ ଭଦ୍ରା ଚାପକୁ ଏକାଠି ଯୋଡ଼ି କରି ରଖାଯାଇଥିଲା। ରାମକୃଷ୍ଣ ମଦନମୋହନଙ୍କ ଚାପକୁ ବିଜେ ହୋଇଥିଲେ। ମୁଦିରସ୍ତ ସେବକ ହଳଦୀ ପାଣି ପିଚ୍‌କାରୀ ମାରି ବିଅଁଙ୍କ ଶ୍ରୀପୟର ଧୋଇଥିଲେ। ଭିତରଛ ବନ୍ଦାପନା କରିସାରିବା ପରେ ମୁଦିରସ୍ତ ସେବକ ଚାମର ଆଲଟ କରି ରାଜନୀତି ସମ୍ପନ୍ନ କରିଥିଲେ। ଏହାପରେ ବିଅଁ ଚନ୍ଦନ ମଣ୍ଡପ ଗର୍ଭଗୃହକୁ ବିଜେ ହୋଇଥିଲେ। ସେଠାରେ ମଇଲମ ହୋଇ ସାଦା ବେଶ ହେବା ପରେ ଶୀତଳ ଭୋଗ ବଢ଼ିଥିଲା। ପରେ ଝୁଲଣ କୁଞ୍ଜ ଲାଗି ହୋଇ ଠାକୁରଙ୍କ ବେଶ ହୋଇଥିଲା। ପରେ ବିଅଁ ମାଣ୍ଡୁଅ ଭୋଗ ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ସୂଚନାଯୋଗ୍ୟ, ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରାରେ ମହାପ୍ରଭୁ ନିଜେ ବିଜେ ନ କରି ତାଙ୍କର ପ୍ରତିନିଧି ଭାବେ ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବିଜେ କରିଥାନ୍ତି। ସେମାନଙ୍କ ସହିତ କ୍ଷେତ୍ରର ପଞ୍ଚମହାଦେବ ତଥା ପଞ୍ଚୁପାଣ୍ଡବ ବିଜେ କରନ୍ତି। ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ। ଏହାକୁ ବାହାର ଚନ୍ଦନ ଯାତ୍ରା କୁହାଯାଏ। ଏହାପରେ ଭିତର ଚନ୍ଦନ ଆହୁରି ୨୧ ଦିନ ଧରି ଅନୁଷ୍ଠିତ ହୁଏ। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ, ଭିତର ଚନ୍ଦନ ଯାତ୍ରା ମଧ୍ୟରେ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଏବଂ ରୁକ୍ମିଣୀ ହରଣ ଏକାଦଶୀ ଏହି ଚାରିଦିନ ହିଁ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ହୋଇଥାଏ।



କୋର୍ଟ ସ୍ଥାନାନ୍ତର ବିରୋଧରେ ଶୋଭାଯାତ୍ରା

## ସିଂହଦ୍ୱାରରେ ଓକିଲଙ୍କ ମାନବଶୃଙ୍ଖଳ




ପୁରୀ,୨୦।୫(ସମିସ): ପୁରୀ ଜିଲ୍ଲା କୋର୍ଟ ବାଲୁଖଣ୍ଡ ଅଭୟାରଣ୍ୟ ନିକଟକୁ ସ୍ଥାନାନ୍ତରଣ ହେବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ୫ ଏକର ଜମି ଆଇନ ବିଭାଗକୁ ହସ୍ତାନ୍ତର କରାଯାଇଛି। ହେଲେ ଏହାକୁ ବିରୋଧ କରି ଆଇନଜୀବୀ କହିଛନ୍ତି, ପୁରୀ ଜିଲ୍ଲା ଜଜ୍ କୋର୍ଟ ପରିସର ଏକ ଐତିହ୍ୟ କୋଠା। ଏହା ୧୬୦ ବର୍ଷ ଧରି ଲୋକଙ୍କୁ ସେବା ଦେଇଆସୁଛି। ବର୍ତ୍ତମାନ ପୁରୀ ଜିଲ୍ଲା କୋର୍ଟକୁ ବାଲୁଖଣ୍ଡକୁ ସ୍ଥାନାନ୍ତର କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ବିରୋଧ କରି ପୁରୀ ଜିଲ୍ଲା ଓକିଲ ସଂଘ ଗତ ଫେବୃଆରୀ ୨୮ରୁ ସତ୍ୟାଗ୍ରହ ଆରମ୍ଭ କରିଛି। କୋର୍ଟ ନିକଟରେ ତହସିଲ୍, ଡିଆର୍‌ଡିଏ ଓ ଉପଜିଲ୍ଲାପାଳ କୋଠା ଭଗ୍ନ ଅବସ୍ଥାରେ ରହିଛି। ଏହି ଜମିକୁ ସରକାର ଦେଲେ କୋର୍ଟ ପାଇଁ ଆବଶ୍ୟକ ଜମି ମିଳିପାରିବ। ଏଥିଲାଗି ସଂଘ ପୂର୍ବରୁ ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ସାଂସଦଙ୍କୁ ଦାବିପତ୍ର ଦେଇଛି। ଭୁବନେଶ୍ୱର, ଗଞ୍ଜାମ କୋର୍ଟ କିଛି ସରକାରୀ ଅଫିସକୁ ନେଇ ସମ୍ଭବ ହୋଇଥିବାବେଳେ ପୁରୀ କୋର୍ଟ କାହିଁକି ଏହି ସ୍ଥାନରେ ନ ହେବ ତାକୁ ନେଇ ସଂଘ ଦାବି ଉଠାଇଛି। ଯେପର୍ଯ୍ୟନ୍ତ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତି ବାତିଲ୍ ନ ହୋଇଛି ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସଂଘ କହିଛି। ତେବେ ଏହାକୁ ବିରୋଧ କରି ମଙ୍ଗଳବାର ଶହ ଶହ ଓକିଲ ଶୋଭାଯାତ୍ରାରେ ବାହାରି ସିଂହଦ୍ୱାରରେ ପହଞ୍ଚି ମାନବଶୃଙ୍ଖଳ କରି ରାଜ୍ୟ ସରକାରଙ୍କୁ ସେମାନଙ୍କ ଅସନ୍ତୋଷ ଜାହିର୍ କରିଛନ୍ତି। ଏହି ଶୋଭାଯାତ୍ରାରେ ପୁରୀ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସମ୍ପାଦକ ଶରତ ରାୟଗୁରୁ, ଜୟଦେବ ମିଶ୍ର, ଅନିଲ ରାୟ, ଆଦିତ୍ୟ ମିଶ୍ର, ଜ୍ୟୋତି ପ୍ରକାଶ ମିଶ୍ର, ରୁଦ୍ର ନନ୍ଦନ ମିଶ୍ର, ପୁଷ୍କର ମହାପାତ୍ର, ଶୁଭେନ୍ଦୁ ଦାଶ, ରମେଶ ପ୍ରସାଦ ସିଂ, ସୋମନାଥ ଦାସ, ସାରଦା ପ୍ରସାଦ ସାମଲ, ଭାଗବତ ପ୍ରସାଦ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ସମୀର ଘୋଷ, ଜ୍ୟୋତି ରାଉତରାୟ, ବିଭୂତି ତ୍ରିପାଠୀ, ସୁଶାନ୍ତ ମିଶ୍ର, ବିମଳେନ୍ଦୁ ଦାସ, ରମେଶ ପ୍ରଧାନ, କାଳୀ ନାୟକ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ସୁକାନ୍ତ ପ୍ରଧାନ, ପ୍ରିୟଦର୍ଶନ ପଟ୍ଟନାୟକ, ଗୋପାଳ ପଣ୍ଡା, ଶ୍ରୀକାନ୍ତ ପରିଜା ପ୍ରମୁଖ ଯୋଗଦେଇଥିଲେ।


# ADMISSION NOTICE

## COMMON ENTRANCE TEST- 2025

FOR ADMISSION AT

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist.- Cuttack-754010 (Odisha)
Website: **https://svnirtar.nic.in**, E-Mail: **dasvnirtar@gmail.com**

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: **https://nild.nic.in**, E-Mail: **mail@nioh.in**

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: **https://niepmd.nic.in**, E-Mail: **niepmd@gov.in**

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: **https://pdunippd.nic.in**, E-Mail: **diriph@nic.in**

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam 781 032
Website: **https://crcguwahati.nic.in**, E-Mail: **crcsreguwahati@gmail.com**

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

**POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi

Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

**For details Log on to : https://admission.svnirtar.nic.in**

Director Cum Chairman,
CET & PGET-2025

# ପ୍ରାଣୀ ଚିକିତ୍ସାଳୟ ଅବହେଳିତ

ବନ୍ତ/ଆଗରପଡ଼ା,୨୦।୫(ସମିସ): ପ୍ରତିଷ୍ଠାକୁ ୭୨ ବର୍ଷ ପୂରି ଯାଉଛି; କିନ୍ତୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ ଆଗରପଡ଼ା ପ୍ରାଣୀ ଚିକିତ୍ସାଳୟର ପାରିପାର୍ଶ୍ୱିକ ପରିସ୍ଥିତିରେ କୌଣସି ପରିବର୍ତ୍ତନ ନହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ଉକ୍ତ ଅବହେଳିତ ଅବସ୍ଥାରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକୀୟ କର୍ମଚାରୀଙ୍କ ଅଭାବ ଯୋଗୁଁ ଚିକିତ୍ସା ସେବା ପ୍ରାଣୀମାନେ ଠିକ୍ ଭାବେ ପାଇପାରୁ ନାହାନ୍ତି ବୋଲି ଅଭିଯୋଗ ହେଉଛି । ୧୯୫୨ରେ ପ୍ରତିଷ୍ଠିତ ଏହି ଚିକିତ୍ସାଳୟ ଉପରେ ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ବିଟିପୁର, ପୁରୁଷଣ୍ଡ, ମହାନ୍ତିପଡ଼ା,



ବଡ଼ମହିଁଷଗୋଠ, ଅଣିଜୋ, ଗୋପୀନାଥପୁର ସମେତ ଆଡ଼ିଆ ପରି ପଂ.ୟତ ଅଞ୍ଚଳ ନିର୍ଭର କରିଥାଏ । ଓଡ଼ଙ୍ଗ, କାଦବରାଙ୍ଗ, ଆଡ଼ିଆ ଓ ଅଣିଜୋ ଆଦି ସ୍ଥାନରେ ପ୍ରାଣୀଧନ ସହାୟକ କେନ୍ଦ୍ରମାନ ରହିଛି । ଗୋପୀନାଥପୁରଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ସହାୟକ କେନ୍ଦ୍ର ଗୃହ ନିର୍ମାଣ ହୋଇ ବର୍ଷାଧିକ କାଳ ପଡ଼ି ରହିବା ନେଇ ଲୋକମାନଙ୍କ ମନରେ ସରକାରଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗରପଡ଼ା ଚିକିତ୍ସାଳୟରେ ଏଲଆଇ, ପିଅନ ଓ ଆଟେଣ୍ଡାଣ୍ଟ ପଦ ଖାଲିଥିବାରୁ ପ୍ରାଣୀମାନଙ୍କୁ ଆୟତ୍ତ କରି ଚିକିତ୍ସା କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି । ଜଣେ ସ୍ଥାୟୀ ଭିଏଏସଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି । କେବଳ ଜଣେ ଭିଏଏସ ଓ ଚୌକିଦାରଙ୍କ ସହାୟତାରେ ଚାଲିଛି ପ୍ରାଣୀ ସେବା । ଏହାର ସଂଲଗ୍ନରେ ଥିବା ଏକ ପରିତ୍ୟକ୍ତ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହାକୁ ଭାଙ୍ଗିବାର କୌଣସି ବ୍ୟବସ୍ଥା କରାଯାଇନାହିଁ । ଖାଲି ବିଭାଗୀୟ ଅଧିକାରୀମାନେ ପରିଦର୍ଶନ କରି ଭାଙ୍ଗିବାର ପ୍ରତିଶ୍ରୁତି ଦେବା ଯାହା ସାର ହୋଇଛି । ଭିଏଏସ କ୍ୱାର୍ଟର ନଥିବାରୁ ସେ ବାହାର ଭଡ଼ାଗୃହରେ ରହୁଛନ୍ତି; ଯଦ୍ୱାରା ତତ୍କାଳ ଚିକିତ୍ସା ପାଇବାରୁ ପ୍ରାଣୀମାନେ ବଞ୍ଚିତ ହେଉଛନ୍ତି । ଏହା ଅଧୀନରେ ଥିବା ସହାୟକ କେନ୍ଦ୍ରଗୁଡ଼ିକରେ କୌଣସି ଆଟେଣ୍ଡାଣ୍ଟ ନାହାନ୍ତି । ସ୍ଥାନୀୟ ଅଞ୍ଚଳରେ ଗୋ-ଚାଷୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିଲେ ସୁଦ୍ଧା ଆବଶ୍ୟକ ଭିତ୍ତିଭୂମି ଓ କର୍ମଚାରୀମାନଙ୍କ ଅଭାବ ଯୋଗୁଁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ନାନାଦି ସମସ୍ୟା ସୃଷ୍ଟି ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# କବି ନଟବର ରାଉଳ ସମ୍ମାନିତ

ଭଣ୍ଡାରିପୋଖରୀ/ବାରିକପୁର, ୨୦।୫(ସମିସ) ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ନେନ୍ତିପୁର (କୁରିକଣା) ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ, ବିଶିଷ୍ଟ ସମାଜସେବୀ ଓ ବର୍ଷିୟାନ ସାହିତ୍ୟିକ ତଥା କବି ନଟବର ରାଉଳଙ୍କୁ ସାହିତ୍ୟ କୃତି ପାଇଁ ସମ୍ମାନିତ କରାଯାଇଛି । ଆନ୍ତର୍ଜାତିକ ଘଡିଆ ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟ ଭୁବନେଶ୍ୱର ଶାଖା ପକ୍ଷରୁ ଆନ୍ଧ୍ରପ୍ରଦେଶର ପୁଟପର୍ତିଠାରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।୨୦୨୫ରେ ପ୍ରକାଶିତ 'ମନର ଦେବତା ମୋର' କବିତା ସଙ୍କଳନ ଏବଂ ଉତ୍କୃଷ୍ଟ ସମାଜ ସେବା ପାଇଁ ଶ୍ରୀ ରାଉଳଙ୍କୁ ଟ୍ରଷ୍ଟ ପକ୍ଷରୁ ଡକ୍ଟରେଟ ଉପାଧିରେ ଭୂଷିତ କରାଯାଇଛି । ମୁଖ୍ୟ ଅତିଥି



ମିସ୍ ଏଲିନା, କେ କ୍ରିଷ୍ଣା ରାଓ, କେଏସ ଆଚରା ପ୍ରମୁଖ କବି ଶ୍ରୀ ରାଉଳଙ୍କ ଅନୁପସ୍ଥିତିରେ ତାଙ୍କ ସୁପୁତ୍ର ସରୋଜ କୁମାରଙ୍କୁ ଏହି ସମ୍ମାନଜନକ ଉପାଧି ପ୍ରଦାନ କରିଥିଲେ । ଏହା ପୂର୍ବରୁ ୨୦୧୬ ମସିହାରେ ବାଲେଶ୍ୱରସ୍ଥିତ ପଦ୍ମଲୋଚନ ପାଠାଗାର ପକ୍ଷରୁ କବି ପଦ୍ମ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଅନୁଷ୍ଠାନ ପକ୍ଷରୁ 'ଡଙ୍ଗରାର ଡାକ' ଓ ଆଖି ଆଇନାରେ କବିତା ସଙ୍କଳନ ଏବଂ କାହାଣୀ ଆଜି କାଲି ପାଇଁ ସମ୍ମାନିତ କରାଯାଇଥିଲା ।

# ଭାତ-ଡାଲମା ଦେଇ ୩ ଲକ୍ଷ ୯୧ ହଜାର ୩୪୦ ଟଙ୍କା ନେଇଗଲେ

ଭଦ୍ରକ, ୨୦।୫(ସମିସ): ଲୋକଙ୍କୁ ଫ୍ରିକି ଚେନରେ ଭାତ-ଡାଲମା ଦେଇ ୩ଲକ୍ଷ ୯୧ହଜାର ୩୪୦ଟଙ୍କାର ବିଲ୍ ଉଠାଇ ନେବାକୁ ନେଇ ଭଦ୍ରକ ବ୍ଲକରେ ଜୋରଦାର ଚର୍ଚ୍ଚା ଚାଲିଛି । ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତରେ ଏହି ଟଙ୍କା ହଡପ ହୋଇଥିବା ଅଭିଯୋଗ ଉଠିଛି । ଆରଟିଆଇ ତଥ୍ୟାନୁଯାୟୀ, ଗତ ବର୍ଷ ଅକ୍ଟୋବରରେ ଆସିଥିବା ବାତ୍ୟା "ଦାନା"ରେ ଲୋକଙ୍କ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଅର୍ଣ୍ଣପାଳ ପଞ୍ଚାୟତର ୬ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ସରକାରଙ୍କ ତରଫରୁ ଖୋଲା ଯାଇଥିଲା । ଅର୍ଣ୍ଣପାଳରେ ଥିବା ଭକ୍ତିବ୍ରହ୍ମପୁର ୟୁଜିଏମଇ ସ୍କୁଲ, ରାଜୁଆଳିବିନ୍ଧା ନୋଡାଲ ସ୍କୁଲ, ଶୁଶୁଆ ବାତ୍ୟା ଆଶ୍ରୟସ୍ଥଳ, ଆଙ୍କପଦା ଉପ୍ରା ସ୍କୁଲ, ଦେଉଳପାଳ ଅଙ୍ଗନବାଡି କେନ୍ଦ୍ର ଓ ରାଜମୁକୁନ୍ଦପୁର ବିଦ୍ୟାଳୟରେ ମୋଟ ୨୫୦୮ ଜଣ ଲୋକଙ୍କ ରଖାଯାଇଥିଲା । ସେମାନଙ୍କୁ ଭାତ, ଡାଲମା ଖାଇବାକୁ ୨ ଦିନ ଦିଆଯାଇଥିଲା । ଏବାବଦକୁ ୩ଲକ୍ଷ ୯୧ହଜାର ୩୪୦ଟଙ୍କା ଖର୍ଚ୍ଚ ହୋଇଥିବା ଆରଟିଆଇ ତଥ୍ୟରୁ ସ୍ପଷ୍ଟ ହୋଇଛି । ମାତ୍ର ୨ଦିନ ଦୁଇ ଓଳି ଭାତ ଡାଲମା ବ୍ୟତୀତ ଆଉ କିଛି ଖାଇବା ବ୍ୟବସ୍ଥା ହୋଇ ନଥିଲା ଏବଂ ଯେତେ ଲୋକଙ୍କ ତାଲିକା ଦିଆଯାଇଛି ସେତିକି ଲୋକ ବି ପ୍ରକୃତରେ ନଥିଲେ । ହେଲେ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, କେମିତି ତିନି ଲକ୍ଷ ଏକାନବେ ହଜାର ତିନିଶହ ଚାଳିଶ ଟଙ୍କାର ବିଲ୍ ହେଲା ଏଥିନେଇ ସ୍ୱତଃ ସନ୍ଦେହ ଜାତ ହୋଇଛି । ଅନ୍ୟପକ୍ଷରେ ଏଥିରେ ସଂପୃକ୍ତ ଅଧିକାରୀଙ୍କୁ ତଦନ୍ତ ପରିସରକୁ ଆଣିପାରିଲେ ପ୍ରକୃତ ସତ୍ୟ ଉନ୍ମୋଚିତ ହୋଇପାରନ୍ତା ବୋଲି ଦାବି ହୋଇଛି ।

# ଦଳାଙ୍ଗ ମୋ ପୋଖରୀ ଖୋଳାରେ ଦୁର୍ନୀତି ଅଭିଯୋଗ



ଦୋବଲ,୨୦।୫(ସମିସ): ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତରେ ମୋ ପୋଖରୀ ଯୋଜନାରେ ୧ ଲକ୍ଷ ୬୬ ହଜାର ଏଷ୍ଟିମେଟ କରାଯାଇ ଚାଷୀ ଅଜୟ ମଲିକଙ୍କୁ ଧାମନଗର ପଞ୍ଚାୟତସମିତି ପକ୍ଷରୁ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେଥିମଧ୍ୟରୁ ୧ ଲକ୍ଷ ୫୦ ହଜାର ଟଙ୍କାରେ ବିଲ ପାଇଁ ପ୍ରସ୍ତୁତି ହୋଇଛି ଏବଂ ୨୪ ଜଣ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ । ମାତ୍ର ଉକ୍ତ ପୋଖରୀଟି ଗେଙ୍ଗୁଟି ନଦୀ ଭିତରେ କରା ଯାଉଛି ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ବେଳେ ଏନେଇ ବ୍ଲକରେ କେହି ଅଭିଯୋଗ କରିନାହାନ୍ତି । ଏହା ଆମ ଚାଷ ଜମିରେ ଓ ନିଜସ୍ୱ ଜାଗାରେ ପୋଖରୀ ଖୋଳା ହେଉଛି ବୋଲି ଅଜୟ ମଲିକ କହିଛନ୍ତି । ଏ ସଂପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ସାମଲଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ପୋଖରୀ ଖୋଳିବାରେ କୌଣସି ଦୁର୍ନୀତି ହୋଇନାହିଁ । ଆବଶ୍ୟକ କାଗଜପତ୍ର ରଖାଯାଇ କାର୍ଯ୍ୟ ହୋଇଛି । ଏନେଇ ମଧ୍ୟ ବ୍ଲକରୁ ବିଡ଼ିଓ, ସହକାରୀ ଯନ୍ତ୍ରୀ କାର୍ଯ୍ୟର ତଦନ୍ତ କରିଛନ୍ତି । ଦୁର୍ନୀତି ସଂପର୍କରେ କେହିବି ଅଭିଯୋଗ କରିନାହାନ୍ତି । ତେବେ ବଦନାମ କରିବା ପାଇଁ ଏପରି ଚକ୍ରାନ୍ତ କରାଯାଉଛି ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ସାମଲ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ପ୍ରଶାସନ ଶୁଣିଲାନି; ସମାଜସେବୀଙ୍କ ଉଦ୍ୟମରେ ବିଶ୍ରାମାଗାର ନିର୍ମାଣ



ବନ୍ତ/ଆଗରପଡ଼ା,୨୦।୫(ସମିସ): ବାରମ୍ବାର ଖବର ପ୍ରକାଶ ପରେ ମଧ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଆନ୍ତରିକତା ପ୍ରକାଶ କଲେ ନାହିଁ । ଶେଷରେ ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଧୋବାଗଡ଼ିଆ ଗ୍ରାମର ଜଣେ ସମାଜସେବୀ ଦିଲ୍ଲିପ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅର୍ନ୍ତଗତ ଜାମବଣୀ ଛକରେ ଭୂତକୋଠି ସଦୃଶ ପାଲଟିଥିବା ବିଶ୍ରାମାଗାରଟିକୁ ଭଙ୍ଗା ଯାଇ ନୂତନ ବିଶ୍ରାମାଗାରର ନିର୍ମାଣ କାର୍ଯ୍ୟ ଚାଲିଥିବାର ଜଣାପଡ଼ିଛି । ବନ୍ତ ବ୍ଲକ୍ ସହକାରୀ ଯନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେବାସହ ଆଗାମୀ ଦିନରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଥିବା ବିଶ୍ରାମାଗାରକୁ ସଂପୂର୍ଣ୍ଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବାର ମଧ କହିଥିଲେ । କିନ୍ତୁ ୪ବର୍ଷ ବିତିଯାଇଥିଲେ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭରୁ ଅଟକିଥିବା ଜଣାପଡ଼ିଥିଲା । କାରଣ ଉକ୍ତ ବିଶ୍ରାମାଗାର ଭଦ୍ରକ ବ୍ଲକ ଅଧିନରେ ଥିବାରୁ ଏହାର ମରାମତିର କୌଣସି ସ୍ଥାୟୀ ସମାଧାନ ହୋଇପାରି ନଥିଲା । ତେଣୁ ଅର୍ଥ ମହଜୁଦ ଥାଇ ମଧ ବିଶ୍ରାମାଗାର ନିର୍ମାଣ ହୋଇପାରୁ ନଥିଲା । ପରେ ବର୍ଷ ୨୦୨୩ ମେ ମାସରେ ତତ୍କାଳୀନ ବିଧାୟକଙ୍କ ପ୍ରତିନିଧି ପ୍ରୟାସ କାନ୍ତି ସାମଲ ଓ ସାଂସଦଙ୍କ ପ୍ରତିନିଧି ଶ୍ରୀନାଥ ମହାନ୍ତି ଓଡ଼ଙ୍ଗ ପଞ୍ଚାୟତର ନେତୃବୃନ୍ଦଙ୍କ ସମେତ ଘଟଣାସ୍ଥଳକୁ ଯାଇ ସମସ୍ୟାର ତଦାରଖ କରିବା ସହ ଆଗାମୀ ଦିନରେ ଏଠାରେ ସ୍ଥାୟୀ ବିଶ୍ରାମାଗାର ନିର୍ମାଣ ପାଇଁ ବିହିତ ପଦକ୍ଷେପ ନେବାର ସୂଚନା ମଧ ପ୍ରଦାନ କରିଥିଲେ କିନ୍ତୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଅର୍ଥ ମହଜୁଦ ଥାଇ ଏହାର ନିର୍ମାଣ କାର୍ଯ୍ୟ ହୋଇପାରି ନଥିଲା । ଉକ୍ତ ଛକରେ ବିଶ୍ରାମାଗାରର ଆବଶ୍ୟକ ଥିବାରୁ ଶ୍ରୀ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ବିଶ୍ରାମାଗାରଟିଏ ନିର୍ମିତ ହେଉଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଉଛି ।

# ରାଜ୍ୟ ଯୋଗ ଅଲିମ୍ପିଆଡ୍‌କୁ ତମଶା ମନୋନୀତ



ବନ୍ତ/ଆଗରପଡ଼ା, ୨୦।୫(ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ତମଶା ନାଥ ରାଜ୍ୟ ଯୋଗ ଅଲମ୍ପିଆଡ ପାଇଁ ମନୋନୀତ ହୋଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଏହା ୩ ଦିନ ଧରି ଚାଲିବ । ପ୍ରଧାନଶିକ୍ଷକ ଚିତ୍ତରଂଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ୍ ରାଉଳ, ପରିଚାଳନା କମିଟି ସଭାନେତ୍ରୀ ବର୍ଷାରାଣୀ ମଲ୍ଲିକ, ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ, ସହକାରୀ ଶିକ୍ଷକ ଭୀମସେନ ପାଲ୍, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, କୈଳାସ ପଣ୍ଡା, ସାଗରୀକା ମହାନ୍ତି, ସାବିତ୍ରୀ ଦାଶ, ପ୍ରମୋଦିନୀ ସାହୁ, ରଂଜିତା ଶିଅଳ, ବିଦ୍ୟୁତଲତା ଦାସ, ସୁଶାନ୍ତ ଜେନା ପ୍ରମୁଖ ତମଶାଙ୍କ ସଫଳତା କାମନା କରିଛନ୍ତି ।

# ରାମକୃଷ୍ଣ ତ୍ରିପାଠୀଙ୍କ ସ୍ମୃତିସଭା

ଅସୁରାଳି,୨୦।୫(ସମିସ): କଟସାହି ପଞ୍ଚାୟତ ଅନ୍ତର୍ଗତ ସିମୁଳିଆଠାରେ ସ୍ୱର୍ଗତ ରାମକୃଷ୍ଣ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରବଚକ ସୁବାସଚନ୍ଦ୍ର ନାୟକ ସ୍ୱର୍ଗତ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପୂର୍ବତନ ସରପଞ୍ଚ ଶଶଧର ସାମଲ, ସରପଞ୍ଚ ପ୍ରତିନିଧି ବିଷ୍ଣୁମୋହନ ଜେନା, ପୂର୍ବତନ ସରପଞ୍ଚ ରଘୁନାଥ ଲେଙ୍କା, ସୁଧାକର ସାହୁ, ରାଧାକୃଷ୍ଣ ପଣ୍ଡା, ନରେନ୍ଦ୍ର ସାହୁ, ଗୌରମୋହନ ପାଢି ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ରାମକୃଷ୍ଣ ତ୍ରିପାଠୀ ଥିଲେ ଜଣେ ମେଳାପୀ, ଦରଦୀ ମଣିଷ ଥିଲେ । ତାଙ୍କ ପରି ପରୋପକାରୀ ମଣିଷକୁ ହରାଇ ସମାଜରେ ଅପୂରଣୀୟ କ୍ଷତି ଘଟିଛି ବୋଲି ସଭାରେ ଉପସ୍ଥିତ ବ୍ୟକ୍ତି ମତ ପ୍ରକାଶ କରିଥିଲେ ।

■ ପ୍ରଜ୍ଞା ପ୍ରବାହର ବୁଦ୍ଧିଜୀବୀ ସମ୍ମିଳନୀ

# 'ସ୍ୱଧର୍ମ, ସ୍ୱରାଜ, ସ୍ୱଦେଶୀ ଆଧାରରେ ଭାରତର ବିକାଶ ସମ୍ଭବ'

ଭଦ୍ରକ,୨୦।୫(ସମିସ): ମୁନୀ, ଯୋଗୀ, ଋଷି ମାନଙ୍କର ଦେଶ ଭାରତ ଅତୀତରେ ସମସ୍ତ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିଲେ ହେଁ ଶହଶହ ବର୍ଷର ବିଦେଶୀ ଆକ୍ରମଣ ଓ ଶାସନରେ ନିଜର ପ୍ରଗତି, ଗୌରବ ପ୍ରତିହତ ହୋଇଥିଲା । ଭାରତ ନିଜର ପରାକାଷ୍ଠା ଓ




ପରାକ୍ରମ ବୃଦ୍ଧି ପୂର୍ବକ ୨୦୪୭ ସୁଦ୍ଧା ବିକଶିତ ଦେଶ ହୋଇ ବିଶ୍ୱଗୁରୁ ହେବାର ସ୍ୱପ୍ନ ସାକାର କରିବାକୁ ଯାଉଛି ବୋଲି ଭଦ୍ରକ ପ୍ରଜ୍ଞା ପ୍ରବାହ ଦ୍ୱାରା ଆହୁତ ବୁଦ୍ଧିଜୀବୀ ସମ୍ମିଳନୀରେ ମତ ପ୍ରକାଶ ପାଇଛି । ନିମନ୍ତ୍ରିତ ମୁଖ୍ୟବକ୍ତା ଅଖିଳ ଭାରତୀୟ ସଂଯୋଜକ ଜେ. ନନ୍ଦକୁମାର ଯୋଗ ଦେଇ କହିଥିଲେ ଯେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ବିଶ୍ୱରେ ରହିଛି । ଏହି ପରିଚୟକୁ ପୁନଃ ପ୍ରତିଷ୍ଠା କରି ସ୍ୱଧର୍ମ, ସ୍ୱରାଜ ଏବଂ ସ୍ୱଦେଶୀ ନୀତି ଅବଲମ୍ବନ କରି ପାରିଲେ ଭାରତର ପ୍ରକୃତ ବିକାଶ ହେବ । ମାତ୍ର ୪ଦିନ ଯୁଦ୍ଧରେ ଶତ୍ରୁ ଦେଶର ଆତଙ୍କବାଦ ଗଡ଼ ଧ୍ୱସ୍ତବିଧ୍ୱସ୍ତ କରି ସ୍ୱଦେଶୀ ଜ୍ଞାନ କୌଶଳରେ ସାମରିକ ସଫଳତା ବିଶ୍ୱକୁ ଆଶ୍ଚର୍ଯ୍ୟ କରିବା ଏହାର ପ୍ରମାଣ । ପ୍ରଜ୍ଞାପ୍ରବାହ ଭଦ୍ରକ ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଗୋବର୍ଦ୍ଧନ ସାମଲ ସଭାପତିତ୍ୱ କରିଥିଲେ । ରାଜ୍ୟ ସଂଯୋଜକ ରବିନାରାୟଣ ପଣ୍ଡା ସାରା ଓଡ଼ିଶାରେ ଚର୍ଚ୍ଚାକେନ୍ଦ୍ର ମାଧ୍ୟମରେ ହେଉଥିବା ରାଷ୍ଟ୍ରୀୟ ସମସ୍ୟା ସମ୍ବନ୍ଧୀୟ ଆଲୋଚନାଚକ୍ରଗୁଡ଼ିକର ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକର୍ତ୍ତା ମିଲି ମହାନ୍ତି ସ୍ୱାଗତ ଏବଂ ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସଂଯୋଜକ ସଂଗ୍ରାମ କିଶୋର ମହାନ୍ତି ବିବରଣୀ ପ୍ରଦାନ କରିଥିଲେ । ନଗର ସଂଯୋଜକ ଡା. ନୀଳକଣ୍ଠ ପଣ୍ଡା, ଗିରିଧାରୀ ପାତ୍ର, ଶ୍ରୀହର୍ଷ ସ୍ୱାଇଁ, ଟି.ଭି. ରାଜଲକ୍ଷ୍ମୀ, ଶ୍ରଦ୍ଧାଞ୍ଜଳି ସ୍ୱୟଂସିଦ୍ଧା, ସୁରେନ୍ଦ୍ର ଦାସ, ସୂର୍ଯ୍ୟନାରାୟଣ ମହାନ୍ତି, ଶୁଭେନ୍ଦୁ ବରାଳ ପରିଚାଳନା କରିଥିଲେ । ଶଶିଶେଖର କରଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

■ ଠକେଇର ଶିକାର ହେଉଛନ୍ତି ଗ୍ରାହକ

# ଅକାମି ପାଲଟିଛି ମାପ ଓଜନ ମେସିନ

ବନ୍ତ/ଆଗରପଡ଼ା,୨୦।୫(ସମିସ):



ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ବିଭିନ୍ନ ସାମଗ୍ରୀର ଓଜନରେ ଠକେଇ ଖାଉଟିଙ୍କ ଲାଗି ବୋଝ ଉପରେ ନଳିତା ବିଡା ସଦୃଶ ହୋଇଥିବା ପରିଲକ୍ଷିତ ହେଉଛି । ଖାଲି ସେତିକି ନୁହେଁ କମ୍ପାନୀ ପ୍ୟାକେଟରେ ସାମଗ୍ରୀ ପରିମାଣରେ ତାରତମ୍ୟ ମଧ୍ୟ ପରିଲକ୍ଷିତ ହେଉଛି । ଆଖି ସାମ୍ନାରେ ଏହି ସବୁ ପରିଲକ୍ଷିତ ହେଉଛି ସତ କିନ୍ତୁ ଯେଉଁ ଓଜନ ନିକିତି ବା ମେସିନ କରାଯାଉଛି, ତାହା କେତେ ଠିକ ତାକୁ ଦେଖିବାକୁ କେହିବି ନାହାନ୍ତି । ଏହିପରିସ୍ଥଳେ ବୈଧମାପ ବିଜ୍ଞାନ ବା ଲିଗାଲ ମେଟ୍ରୋଲୋଜି ବିଭାଗ ଦୃଢ଼ ପଦକ୍ଷେପ ନେଉ ନଥିବାରୁ ଦିନକୁ ଦିନ ଠକେଇ ବଢିବାରେ ଲାଗିଛି । ଏଥିରେ କିଛି ଅସାଧୁ ବ୍ୟବସାୟୀ ମାଲେମାଲ ହେଉଥିବା ବେଳେ ଖାଉଟି ତଳି ତଳାନ୍ତ ହେବାରେ ଲାଗିଛନ୍ତି । କେତେକ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁ ଲୁଟି ବେଶ ଲାଭବାନ ହେଉଥିଲା ବେଳେ ସେମାନଙ୍କୁ ଦଣ୍ଡିତ କରିବା ତ ଦୂରର କଥା ଯାଞ୍ଚ କାର୍ଯ୍ୟ ବି ଠିକ ଢ଼ଙ୍ଗରେ ହେଉନାହିଁ । ପରିବା ଦୋକାନ, ଫଳ ଦୋକାନ, ଆମିଷ ଏବଂ ରାସନ ଦୋକାନରେ ମାତ୍ରାଧିକ ଓଜନରେ ଠକେଇ ହେଉଥିବା ଅଭିଯୋଗ ହେଉଛି । କେତେକ ବ୍ୟବସାୟୀଙ୍କ ନିକଟରେ ନିକିତି ଥିବା ବେଳେ ଆଉ କେତେକ ବ୍ୟବସାୟୀଙ୍କ ପାଖରେ ଡିଜିଟାଲ ଓଜନ ମେସିନ ରହିଛି ଯାହା ଫଳରେ ନିକିତିରେ ଗ୍ରାହକଙ୍କୁ ଠକେଇ କରିବା ସୁବିଧା ହେଉଛି । ଗ୍ରାହକଟି ଟିକିଏ ଅନ୍ୟମନସ୍କ ହେଲେ ଠକିଯିବାର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ନିକିତି ତଳେ ଚୁମ୍ବକ ଲଗାଇ ଓଜନରେ ଠକେଇ କରାଯାଉଥିବା ବେଳେ ସଠିକ ବଟକରା ବଦଳରେ ଘୋରି ହୋଇଯାଇଥିବା ଦଟକରା ବ୍ୟବହାର କରାଯାଉଛି । ଯେଉଁମାନେ ଡ଼ିଜିଟାଲ ଓଜନ ମେସିନ ରଖିଛନ୍ତି, ସେଥିମଧ୍ୟରୁ କେତେକ ମେସିନରେ ଓଜନ ଦେଖାଉଥିବା ସଂଖ୍ୟା (ଡିସପ୍ଲେ) ଖରାପ କିମ୍ବା ଠିକ୍ ଭାବେ ଦେଖାଯାଉ ନଥିଲେ ବି ସେହି ମେସିନ କଣ୍ଟାରେ ଓଜନ କରାଯାଉଛି । ରାସନ ଦୋକାନରେ ବହୁ ବ୍ୟବସାୟୀ ଗ୍ରାହକଙ୍କୁ ବିଭିନ୍ନ ଅସଦ ଉପାୟ ଅବଲମ୍ବନ କରି ଠକେଇ କରୁଥିବାର ଅଭିଯୋଗ ମଧ୍ୟ ହେଉଛି । ବିଶେଷ କରି ବନ୍ତ ବ୍ଲକରେ ୨୫ଗୋଟି ପଂଚାୟତର ବିଭିନ୍ନ ଗାଁ ଏବଂ ଗଳିକନ୍ଦିରେ ଥିବା ଦୋକାନଗୁଡିକରେ ଅଧିକାଂଶ ଠକେଇ ହେଉଥିବା ଦେଖିବାକୁ ମିଳୁଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଥିବା ବୈଧମାପ ବିଜ୍ଞାନ ବିଭାଗ ନିଷ୍କ୍ରିୟ ପାଲଟିଛି । ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ମାଡ଼ରେ ଗ୍ରାହକ ହନ୍ତସନ୍ତ ହେଉଥିଲା ବେଳେ ମାନ ଓଜନରେ ଠକେଇ ଗ୍ରାହକଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳୁଛି ।

ADMISSION NOTICE
COMMON ENTRANCE TEST- 2025
FOR ADMISSION AT

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

NATIONAL INSTITUTE FOR LOCOMOTOR DISABILITIES (NILD)
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

All above Institutes under DEPwD (Divyangjan), Ministry of Social Justice and Empowerment, Govt. of India

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)
Eligibility : 10+2 Science

POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)
AND
1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form : 17.05.2025
Closing date of online receipt of Application form : 13.06.2025
Date of Entrance Test : 22.06.2025

For details Log on to : https://admission.svnirtar.nic.in

Director Cum Chairman,
CET & PGET-2025





# ରାଜଧାନୀ ବଜାରରେ ନକଲି ସମ୍ବଲପୁରୀ କପଡ଼ା

ଭୁବନେଶ୍ୱର, ୨୦।୫(ସମିସ)

ସମ୍ବଲପୁରୀ କପଡ଼ା ପାଇଁ ଓଡ଼ିଶା ଆଜି ସାରା ବିଶ୍ୱରେ ପରିଚିତ ହୋଇପାରିଛି। ଅନ୍ୟ ରାଜ୍ୟ ସମେତ ଦେଶ ବିଦେଶରେ ମଧ୍ୟ ନାଁ କରିପାରିଛି। ଦେଶ ବିଦେଶର ଲୋକମାନେ ସମ୍ବଲପୁରୀ କପଡ଼ାକୁ ମଗାଇ ନିଜ ଦେଶକୁ ମଧ୍ୟ ନେଉଛନ୍ତି। ହେଲେ ଏହି ସମ୍ବଲପୁରୀ କପଡ଼ା ଭଳି ଦେଖାଯାଉଥିବା ଅବିକଳ ନକଲି ସମ୍ବଲପୁରୀ କପଡ଼ା ବଜାରରେ ଉପଲବ୍ଧ ହେଉଛି। ଫଳରେ ନକଲି କପଡ଼ା ଅସଲି ଉପରେ ଭାରି ପଡ଼ିବା ସହ ଲୋକେ କମ୍ ଦାମ୍ ଦେଖି ନକଲି କପଡ଼ା କିଣି ନେଉଛନ୍ତି।

ରାଜଧାନୀକୁ ଅନେକ ପ୍ରତ୍ୟେକ ଦିନ ଶହ ଶହ ଲୋକ ଆସୁଛନ୍ତି। ପୂଜା ପର୍ବ ହେଉ ଅବା ବିବାହ ଓ ବ୍ରତ କାର୍ଯ୍ୟ ପାଇଁ ସହରର ବଡ଼ ମାର୍କେଟ ୟୁନିଟ୍ ୨ ରୁ ବିଭିନ୍ନ ପ୍ରକାରର ପୋଷାକ କିଣାକିଣି କରିଥାନ୍ତି। ହେଲେ ଜଣେ ଲୋକ ଯଦି ପ୍ରଥମ କରି ଅବିକଳ ସମ୍ବଲପୁରୀ କପଡ଼ା ଭଳି ଦେଖାଯାଉଥିବା କପଡ଼ାକୁ ଦେଖିବ ତେବେ ବିଶ୍ୱାସ ହେବ ନାହିଁ କି ଏହି କପଡ଼ା ସମ୍ବଲପୁରୀ ପରି ଦେଖାଯାଉଥିଲେ ମଧ୍ୟ ତାହା ନକଲି। ହେଲେ



ମାର୍କେଟରେ ଏବେ ଅଧାରୁ ଅଧିକାଂଶ ଦୋକାନରେ ନକଲି ସମ୍ବଲପୁରୀ କପଡ଼ା ବିକ୍ରି ହେଉଛି। ବିଶେଷ କରି ଝିଅ ମାନଙ୍କର ପୋଷାକ ଅଧିକ ମାତ୍ରାରେ ରହିଛି। ଏହି ଡ୍ରେସ୍‌ର ମୂଲ୍ୟ ୨୦୦ ଟଙ୍କା ଓ ୩୦୦ ଟଙ୍କା ରହିଛି। ନକଲି ସମ୍ବଲପୁରୀ କପଡ଼ାର ପୋଷାକ୍ ସବୁ ସୁରତରୁ ଆସୁଥିବା ବେଳେ କେସ୍ପୁର, ପୁରା, ନୟାଗଡ଼ ଅଞ୍ଚଳରୁ ମଧ୍ୟ ନକଲି କପଡ଼ା ଆସୁଛି। ଯାହାଦ୍ୱାରା ସାଧାରଣ ବର୍ଗର ମହିଳାମାନେ ଏହି ନକଲି କପଡ଼ା ପ୍ରତି ଆକର୍ଷିତ ହେବା ସହ ଦାମ୍ ମଧ୍ୟ କମ୍ ରହିଥିବାରୁ ଅସଲି ସମ୍ବଲପୁରୀ କପଡ଼ା ଭାବି କିଣୁଛନ୍ତି। ଅଧିକାଂଶ ରାଜ୍ୟ ବାହାରରୁ ତଥା ବିଦେଶୀମାନେ ଏଭଳି ନକଲି କପଡ଼ା ଚିହ୍ନି ନ ପାରି କିଣି ନେଉଛନ୍ତି।

ତେବେ କେସ୍ପୁରରେ ଏକ ଫ୍ୟାକ୍ଟ୍ରି ରହିଥିବା ଜଣାପଡ଼ିଛି। ଏହି ଫ୍ୟାକ୍ଟ୍ରିକୁ ବାହାରରୁ ପ୍ଲେନ୍ କପଡ଼ା ଆସେ। ଏଠାରେ ମେସିନରେ ସମ୍ବଲପୁରୀ ଚିତ୍ର ପ୍ରିଣ୍ଟ ହୋଇଥାଏ ବୋଲି ୟୁନିଟ୍ ୨ ର ଜଣେ ଦୋକାନୀ କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି ୨୦୦ ଟଙ୍କା କପଡ଼ା ଟିକେ ମୋଟା ଆସେ। ସେହିପରି ୩୦୦ଟଙ୍କାର କପଡ଼ା ଟିକେ ନରମ ଆସୁଛି ବୋଲି କହିଛନ୍ତି। ୟୁନିଟ୍ ୨ରେ ଥିବା ବୟନିକାର ଜଣେ ବ୍ୟବସାୟୀ କୁହନ୍ତି। ଏହି ନକଲି ପ୍ରିଣ୍ଟ ଡ୍ରେସ୍ ଆସିବାରୁ ବେପାର କମିଯାଇଛି। କିନ୍ତୁ ଯେଉଁମାନେ ଏସବୁ ନକଲି ବୋଲି ଜାଣିଛନ୍ତି ସେମାନେ କିଣୁନାହାନ୍ତି। ଅସଲି ସମ୍ବଲପୁରୀ ମହିଳା ଓ ଝିଅ ମାନଙ୍କର କପଡ଼ା ଗୋଟେ ମିଟରକୁ ୬୦୦ ରୁ ୭୦୦ ଟଙ୍କା ଆସୁଥିବା ବେଳେ କୁର୍ତ୍ତି ୧୨୦୦ଟଙ୍କାରୁ ଆରମ୍ଭ ହେଉଛି। ତଥାପି ବାହାରେ ମିଳୁଥିବା ଡ୍ରେସ୍‌କୁ ଅନେକ ଲୋକ ସବୁ ଅସଲି କପଡ଼ା ଭାବିକି କିଣୁଛନ୍ତି। ଯାହାଦ୍ୱାରା ଅସଲି କପଡ଼ାର ମାନ କମିଯାଉଛି ବୋଲି କହିଛନ୍ତି।

**■ ଅସଲି ୬ ଶହ ଥିବା ବେଳେ ନକଲି ଦାମ୍ ୨ ଶହ**
**■ କମ୍ ଦାମ୍ ଦେଖି ନକଲି ମାଲ୍ କିଣି ନେଉଛନ୍ତି ଲୋକେ**

# ଓଡ଼ିଶା ପୂର୍ବପ୍ରାନ୍ତ ମହିଳା ସମନ୍ୱୟ ପକ୍ଷରୁ 'ଶୌର୍ଯ୍ୟ ଯାତ୍ରା'



ଭୁବନେଶ୍ୱର, ୨୦।୫(ସମିସ): 'ଅପରେସନ୍ ସିନ୍ଦୂର'ରେ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାକିସ୍ଥାନ ଭିତରେ ପଶି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଛନ୍ତି ଭାରତୀୟ ସେନା ବାହିନୀ। ଏଣୁ ଭାରତୀୟ ଯବାନଙ୍କ ଶୌର୍ଯ୍ୟକୁ ସମ୍ମାନ ଜଣାଇ ଓଡ଼ିଶା ପୂର୍ବପ୍ରାନ୍ତ ମହିଳା ସମନ୍ୱୟ ପକ୍ଷରୁ 'ଶୌର୍ଯ୍ୟ ଯାତ୍ରା' ଆଜି ଅନୁଷ୍ଠିତ ହୋଇଛି। ରାଜମହଲ ଛକରୁ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନରେ ପହଞ୍ଚିବା ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଦୀପ୍ତିମୟୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସେନା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଏଏସିସି ରାଜ୍ୟ ଉପସଭାପତି ସୁସ୍ମିତା ମହାପାତ୍ର, ମୁଖ୍ୟବକ୍ତା ଭାବେ ଦୁର୍ଗାବାହିନୀର ରାଷ୍ଟ୍ରୀୟ ସଂଯୋଜିକା ପ୍ରଜ୍ଞା ମାହାଲା ପ୍ରମୁଖ ସେନାର ଶୌର୍ଯ୍ୟ ଓ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଜ୍ଞା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରିୟଙ୍କା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରଘୁନାଥପୁର ପଞ୍ଚାୟତରେ ପରାକ୍ରମ ଶୋଭାଯାତ୍ରା



ନନ୍ଦନକାନନ, ୨୦।୫ (ସମିସ) : ଅପରେସନ ସିନ୍ଦୂର ସଫଳତା ଓ ଦେଶର ସୈନ୍ୟ ଶକ୍ତି ପରାକାଷ୍ଠା ପ୍ରଦର୍ଶନ, ଭାରତୀୟ ସେନାର ସାହସ, ବୀରତ୍ୱ ଓ ପରାକ୍ରମକୁ ସମ୍ମାନ ଓ ସମର୍ଥନ ଜଣାଇ ଉତ୍ତର ଭୁବନେଶ୍ୱର ବିଜେପି ସୋମନାଥ ମଣ୍ଡଳ ଦ୍ୱାରା ଏକ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତଙ୍କ ନେତୃତ୍ୱରେ ମଙ୍ଗଳବାର ଅପରାହ୍ନ ସମୟରେ ହୋଇଥିବା ଶୋଭାଯାତ୍ରାରେ ସ୍ଥାନୀୟ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏକ ଅଭିନବ ସମାହାର ବୋଲି କହିବା ସହ ଆମର ବୀର ଜବାନମାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି କହିଥିଲେ। ରଘୁନାଥପୁର ଗ୍ରାମ ପଞ୍ଚାୟତରୁ ଏହି ଶୋଭାଯାତ୍ରା ବାହାରି ମା' ଦୁଲାଦେଇ ମନ୍ଦିର ଠାରେ ଶେଷ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ମଣ୍ଡଳ ସଭାପତି ସଞ୍ଜୟ ପତି, ଦାଡ଼ା ସରପଞ୍ଚ ନିଶିପଦ୍ମା କାଣ୍ଡି, ରଘୁନାଥପୁର ସରପଞ୍ଚ ଖୁଲଣା ମାଝୀ, ରଘୁନାଥପୁର ଗ୍ରାମ ମୁରବି ରତ୍ନାକର ପରିଡ଼ା, ବସନ୍ତ ରାଉତ, ସମେତ ୫ପଞ୍ଚାୟତର ଶତାଧିକ ଲୋକେ ସାମିଲ ହୋଇଥିଲେ।

## ଭୁବନେଶ୍ୱର ସ୍ୱଦେଶୀ ଜାଗରଣ ମଞ୍ଚର ବିକ୍ଷୋଭ

# ତୁର୍କୀ ଓ ଚୀନ ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ



ଭୁବନେଶ୍ୱର, ୨୦।୫(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ତୁର୍କୀ ଏବଂ ଚୀନ ସାମଗ୍ରୀ ବର୍ଜନ ଅଭିଯାନକୁ ସମର୍ଥନ କରି ରସୁଲଗଡ଼ ଛକରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତ ପାକିସ୍ତାନ ଉତ୍ତେଜନା ସମୟରେ ତୁର୍କୀ ଓ ଚୀନ୍ ସାମରିକ ଡ୍ରୋନକୁ ବ୍ୟବହାର କରି ପାକିସ୍ଥାନ ଭାରତକୁ ଆକ୍ରମଣ କରିଥିଲା। ଏହି ଦେଶଗୁଡ଼ିକ ଭାରତର ସାର୍ବଭୌମତ୍ୱ ଓ ସୁରକ୍ଷା ଚିନ୍ତାକୁ ସମ୍ମାନ ନକରିବା ଯାଏ ସେହି ଦେଶକୁ ପର୍ଯ୍ୟଟନ ଯାତ୍ରା ଓ ସେମାନଙ୍କ ସହ ସବୁ ପ୍ରକାର ବ୍ୟବସାୟରୁ ଦୂରେଇ ରହିବାକୁ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଜାରା, ଆଡିଡ଼ାସ, ନାଇକ ଆଦି ବିଦେଶୀ କମ୍ପାନୀଗୁଡ଼ିକ ଦ୍ୱାରା ତୁର୍କୀରେ ତିଆରି ରେଡିମେଡ ପୋଷାକକୁ ଭାରତରେ ହେଉଥିବା ବିକ୍ରି ଉପରେ ରୋକ ଲଗାଇବା ଏବଂ ମାର୍ବଲ, ପ୍ରସାଧନ ସାମଗ୍ରୀ, ସହିତ ତୁର୍କୀରୁ ଆମଦାନୀ ସମସ୍ତ ଫଳ ସାମଗ୍ରୀ ଉପରେ ରୋକ ଲଗାଇବାକୁ ନାଗରିକମାନଙ୍କୁ ଆହ୍ୱାନ କରାଯାଇଛି। ରାଷ୍ଟ୍ରକୁ ସର୍ବପ୍ରଥମ କରି ଶତ୍ରୁ ଦେଶର ଆର୍ଥିକ ମାନଦଣ୍ଡକୁ ଭାଙ୍ଗି ଦେବାକୁ ଭାରତବର୍ଷ ଆବାଳ ବୃଦ୍ଧ ବନିତା ଆଗେଇ ଆସିବାକୁ ସଚେତନ କରାଯାଇଛି। ବିକ୍ଷୋଭ ପରେ ମଞ୍ଚର ପ୍ରାନ୍ତ ପ୍ରଚାର ପ୍ରମୁଖ ବିଜୟ ରାଉତରାୟ, ଭୁବନେଶ୍ୱର ସଂଯୋଜକ ଦୁଃଶାସନ ପ୍ରଧାନ, କୁମୁଦ ଚନ୍ଦ୍ର ମହାନ୍ତ, ଚନ୍ଦ୍ରଶେଖର ସିଂ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ପିଜିଟି ଶିକ୍ଷକଙ୍କ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୨୦।୫(ସମିସ): ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ସ୍ନାତକୋତ୍ତର (ପିଜିଟି) ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦୁଇ ଦିନିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଛି। କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ଏହି କର୍ମଶାଳାର ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର ଯୋଗ ଦେଇଥିଲେ। ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ ସମନ୍ୱୟ ଓ ଉତ୍ତରଦାୟିତ୍ୱ ଭିତ୍ତିକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିବାବେଳେ ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ବନ୍ଦନା ମହାପାତ୍ର, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବୋଧଗମ୍ୟ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୂଚନାଯୋଗ୍ୟ, ଏହି କର୍ମଶାଳାରେ ବିଦ୍ୟାଳୟ ପରିଚାଳନା, ପରୀକ୍ଷା ପରିଚାଳନା, ଅନଲାଇନ୍ ଏକାଡେମିକ୍ ସପୋର୍ଟ ପ୍ରୋଗାମ୍, ଏଚ୍ଆର୍ଏମ୍ଏସ୍, ଆଇଏଫ୍ଏମ୍ଏସ୍ ଆଦି ସମ୍ପର୍କରେ ପ୍ରଶିକ୍ଷଣ ସହ ଇ-ଆଡମିଶନ, ଛାତ୍ରବୃତ୍ତି, ଡିଜିଟାଲ୍ କ୍ଲାସ୍ ରୁମ୍ ବ୍ୟବହାର ସମ୍ପର୍କରେ ତାଲିମ୍ ଦିଆଯାଉଛି।

# ସାହିତ୍ୟରେ ନୂତନ ଧାରାର ପ୍ରବର୍ତ୍ତକ ଥିଲେ ସଚ୍ଚି ରାଉତରାୟ



ଭୁବନେଶ୍ୱର, ୨୦।୫(ସମିସ): ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥିତଯଶା ଶିଳ୍ପୀ ସଚ୍ଚିଦାନନ୍ଦ ରାଉତରାୟ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଏକ ନୂତନ ଧାରା ସୃଷ୍ଟି କରିପାରିଛନ୍ତି। କବିତାରେ ଶକ୍ତି ପରୀକ୍ଷା କରୁକରୁ କଥାସାହିତ୍ୟରେ ମଧ୍ୟ ସେ ଆରମ୍ଭ କରିଦେଇଥିଲେ ପରୀକ୍ଷା ନିରୀକ୍ଷା। ତାଙ୍କର ଲେଖନୀ ଓଡ଼ିଆ ସାହିତ୍ୟରେ ନବଯୁଗର ସୂତ୍ରପାତ କରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ସାହିତ୍ୟ ଆଲୋଚନାଚକ୍ରରେ ମେ' ମାସରେ ଜନ୍ମ ନେଇଥିବା ସାହିତ୍ୟିକ ସଚ୍ଚିଦାନନ୍ଦ ରାଉତରାୟଙ୍କ ସାହିତ୍ୟ ସମ୍ଭାର ଉପରେ ଆଲୋଚନାଚକ୍ର ସମିତିର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ସାହିତ୍ୟିକା ବନଜ ଦେବୀ, 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ପ୍ରଶାସକ ସୁକାନ୍ତ ପ୍ରଧାନ, ବାଳକୃଷ୍ଣ ସାହୁ, ଗବେଷକ ସିଦ୍ଧାର୍ଥ କାନୁନ୍‌ଗୋ, ସାହିତ୍ୟିକା ମିନତୀ ଷଡ଼ଙ୍ଗୀ, ଅପର୍ଣ୍ଣା ନାୟକ, ନିଶାକର ରାଉତ, ଉମାକାନ୍ତ ରାଉତ, ପିତାମ୍ବର ରଥ ଓ ଆଶିଷ କୁମାର କର ଯୋଗଦେଇ ସଚ୍ଚି ରାଉତରାୟଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉପସଭାପତି ଡକ୍ଟର ପ୍ରେମଲତା ଦେବୀ ସଚ୍ଚିଦାନନ୍ଦଙ୍କ କବି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରୁ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସଭ୍ୟ ରାମନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସଂସ୍କୃତି ଓ ସଂସ୍କୃତି ପକ୍ଷରୁ 'ଆର୍ଟ ଅଫ୍ ଗିଭିଙ୍ଗ'




ଭୁବନେଶ୍ୱର, ୨୦।୫(ସମିସ): 'ଆର୍ଟ ଅଫ୍ ଗିଭିଙ୍ଗ' ଏକ ଲୋକପ୍ରିୟ ସାମାଜିକ ଆନ୍ଦୋଳନରେ ପରିଣତ ହେବା ସଙ୍ଗେ ସଙ୍ଗେ ସେବା, ତ୍ୟାଗ, ପରୋପକାର ଓ ଭାଇଚାରା ମନୋଭାବ ସୃଷ୍ଟି କରିବାରେ ସହାୟକ ହୋଇଛି ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ପଡ଼ୋଶୀଙ୍କ ପ୍ରତି ସହଯୋଗ ଓ ଭାଇଚାରା ସମସ୍ତଙ୍କ ଧ୍ୟେୟ ହେଉ ବୋଲି ସେମାନେ କହିଛନ୍ତି। 'ସଂସ୍କୃତି ଓ ସଂସ୍କୃତି' ଏବଂ ସଚେତନ ନାଗରିକ ଫୋରମ ପକ୍ଷରୁ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଆୟୋଜିତ 'ଆର୍ଟ ଅଫ୍ ଗିଭିଙ୍ଗ'ର ଦ୍ୱାଦଶ ବାର୍ଷିକ ଉତ୍ସବରେ ଅତିଥି ଓ ବକ୍ତାମାନେ ସମାଜସେବୀ ତଥା 'କିଟ୍'ର ଓ 'କିସ୍'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପରିକଳ୍ପିତ ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି ଉତ୍ସବରେ ପ୍ରିୟଦର୍ଶୀ ମିଶ୍ର, ମହାବୋଧି ସୋସାଇଟି ଓଡ଼ିଶାର ସମ୍ପାଦକ ଡ. ସୌରେନ୍ଦ୍ର ମହାପାତ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ, କଳା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଦାଶ, ଶାସ୍ତ୍ରୀୟ ସଙ୍ଗୀତଗୁରୁ ଚିତ୍ତ ରଞ୍ଜନ ପାଣି, ଯୁବ ସଂଗଠକ ଡ. ଚିନ୍ମୟ ସ୍ୱାଇଁ, ଶିକ୍ଷାବିତ୍ ଡ. ମିନାକ୍ଷୀ ଦାସ ଓ କୈଳାସ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଦିଲ୍ଲୀପ ହାଲି ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ବୁଦ୍ଧ ମନ୍ଦିରଠାରେ 'ନିଷାଦ' ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସମାଜସେବୀ ଜଗନ୍ନାଥ ପ୍ରଧାନ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ।

# ଲୀନା ନନ୍ଦଙ୍କୁ 'ଚତୁର୍ଥ ପଦ୍ମାବତୀ ସମ୍ମାନ'

ଭୁବନେଶ୍ୱର, ୨୦।୫(ସମିସ): ସୁନୟନା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ଚତୁର୍ଥ ପଦ୍ମାବତୀ ସମ୍ମାନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଲୀନା ନନ୍ଦଙ୍କୁ 'ଚତୁର୍ଥ ପଦ୍ମାବତୀ ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା। ଏଥିରେ ବିଧାୟକ ବାବୁ ସିଂ, ଏମ୍‌ଜିଏମ୍ ମିନେରାଲ୍ସ ନିଃ.ର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଓ ମର୍ଦ୍ଦଳ ଗୁରୁ ସତଚିତ୍ତାନନ୍ଦ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଓଡିଶୀନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଲୀନା ନନ୍ଦ ଏତତ ନୃତ୍ୟ ପରିବେଷଣ କରିଥିବା ବେଳେ କଳାବିକାଶ କେନ୍ଦ୍ରର ନୃତ୍ୟଶିଳ୍ପୀ ଓ ନୃତ୍ୟାଙ୍ଗନାର କଳାକାରମାନେ ବୃନ୍ଦ ନୃତ୍ୟ ପରିବେଷଣ କରିଥିଲେ। ଅରୁଣଜ୍ୟୋତି ଏକକ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ନିର୍ଦ୍ଦେଶିକା ଗୁରୁ ସାଗରିକା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବିଶ୍ୱଜିତ୍ ବଳିଆରସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



## ବାବା ତ୍ରିବେଣୀଶ୍ୱର କ୍ରିକେଟ୍ କ୍ଲବ ଟୁର୍ଣ୍ଣାମେଣ୍ଟ

# ବାଲିପାଟଣାକୁ ହରାଇ ସରିପୁର ଚାମ୍ପିଅନ୍




ବାଲିଅନ୍ତା, ୨୦।୫(ସମିସ): ବାଲିଅନ୍ତା ବ୍ଲକ ଲୁଣା ଖେଳପଡ଼ିଆରେ ବାବା ତ୍ରିବେଣୀଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସୋମବାର ଏକ ଦିବସୀୟ ନାଇଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସରିପୁର କ୍ରିକେଟ କ୍ଲବ ବାଲିପାଟଣାକୁ ହରାଇ ଚାମ୍ପିୟନ ହୋଇଛି। ସରିପୁର କ୍ରିକେଟ କ୍ଲବ ୩ ଓଭରରେ ୪୦ ରନ କରିଥିଲା। ବାଲିପାଟଣା ୪ ଉଇକେଟ ହରାଇ ୩୫ ରନ କରି ପରାଜିତ ହୋଇଥିଲା। ସମାଜସେବୀ ସଞ୍ଜୟ ପ୍ରଧାନ ଓ ଶତ୍ରୁଘ୍ନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ସରିପୁର କ୍ରିକେଟ କ୍ଲବକୁ ୮ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅଫ ବାଲିପାଟଣା କ୍ରିକେଟ କ୍ଲବକୁ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ସୂର୍ଯ୍ୟକାନ୍ତ ନାୟକ, ଦେବରାଜ ସାହୁ, ବିଷ୍ଣୁ ପ୍ରସାଦ ନାୟକ, ବିଶ୍ୱରଞ୍ଜନ ପ୍ରଧାନ, ଅରୁଣ ସାହୁ, ସାଗର ସାହୁ, ସୁଶାନ୍ତ ନାୟକ, ହିତେଶ ନାୟକ ଓ ସାଇ ପ୍ରସାଦ ସାହୁ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୪ ଦଳ ଖେଳିଥିଲେ।

# ଜାଗୃତି ସାଂସ୍କୃତିକ ପରିଷଦର ଦୁଇଦିନିଆ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର, ୨୦।୫(ସମିସ): ଜାଗୃତି ସାଂସ୍କୃତିକ ପରିଷଦର ଦୁଇଦିନିଆ ୨୩ ତମ ବର୍ଷିକ ଉତ୍ସବ ତଥା ଜଗୃତି ଜାତୀୟ ନୃତ୍ୟ ମହୋତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ସଂଧ୍ୟାରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ସାହିତ୍ୟ ଏକାଡେମିର ସଚିବ ଡ. ଚନ୍ଦ୍ର ଶେଖର ହୋତା, ମର୍ଦ୍ଦଳ ବାଦକ ଓ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ମିନାକ୍ଷୀ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ଗୁରୁ ଘନଶ୍ୟାମ ପଣ୍ଡା ଏବଂ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଜାଗୃତି ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୌରୀଶଙ୍କର ଦାଶଙ୍କୁ ଜାଗୃତି ଯୁବ ସମ୍ମାନ ୨୦୨୫ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଅନେକ ସୁନାମଧନ୍ୟ କଳାକାରମାନେ ସେମାନଙ୍କର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଉତ୍ସବରେ ବିଭିନ୍ନ ବର୍ଗର ଦର୍ଶକ ଯଥା ବିଦ୍ୟାର୍ଥୀ, କଳାକାର, କଳା ସମୀକ୍ଷକ, କଳା ଗବେଷକ, ଗୁରୁ, ପ୍ରଶାସନିକ ଅଧିକାରୀ ଆଦି ଯୋଗ ଦେଇଥିଲେ। ଉତ୍ସବଟି ଗୁରୁ ନିରଞ୍ଜନ ସାହୁ, ଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁ ଏବଂ ଗୁରୁ ତ୍ରିଲୋଚନ ସାହୁଙ୍କ ମିଳିତ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉତ୍ସବକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

## ଓବିସି ଛାତ୍ରଛାତ୍ରୀଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦାବି

# ମୁଖ୍ୟମନ୍ତ୍ରୀ ବାସଭବନ ଆଗରେ ଛାତ୍ର କଂଗ୍ରେସର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, ୨୦।୫(ସମିସ): ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦାବିରେ ବିଶାଳ ମଶାଲ ଶୋଭାଯାତ୍ରା କରିଛି ଛାତ୍ର କଂଗ୍ରେସ। ମାଷ୍ଟର କ୍ୟାଣ୍ଟିନଠାରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସ ପର୍ଯ୍ୟନ୍ତ ଶତାଧିକ ଛାତ୍ର କଂଗ୍ରେସ କର୍ମୀ ରାଲିରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଥିଲେ ଯେ, ଓବିସି ଓ ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ବ୍ୟବସ୍ଥିତ ସଂରକ୍ଷଣ ଏବଂ ସାମାଜିକ ନ୍ୟାୟ ନୀତିଗୁଡ଼ିକର ତୁରନ୍ତ କାର୍ଯ୍ୟକାରୀ କରାଯାଉ। ମୁଖ୍ୟତଃ ଓବିସି ଓ ଏସ୍‌ଇବିସି ସମ୍ପ୍ରଦାୟଙ୍କୁ ତାଙ୍କର ନାର୍ଯ୍ୟ ସୁଯୋଗରୁ ବଞ୍ଚିତ କରାଯାଉଛି। ବୈଷୟିକ ଶିକ୍ଷାରେ ଆଇନ ପ୍ରଦତ୍ତ ସଂରକ୍ଷଣ ଉଲଙ୍ଘନ କରାଯାଉଛି। ଆର୍ଥିକ ସୁଯୋଗ ପ୍ରଦାନକାରୀ ଅନୁଷ୍ଠାନ ଗୁଡ଼ିକରେ ଏସ୍.ସି ଓ ଏସ୍‌ଟି, ଓବିସି ଏବଂ ମାଇନରୋଟି ମାନଙ୍କୁ ସୁଯୋଗ ଦେବାରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି। ଓଡ଼ିଶାରେ ଓବିସି ଓ ଏସ୍‌ଇବିସି ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ହୋଇଥିଲେ ବି ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଦୌ ସଂରକ୍ଷଣ ଦିଆଯାଉନାହିଁ। କେବଳ ଚାକିରି କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ମାତ୍ର ଏହି ସବୁଥିରେ ୨୭ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଯାହା ଫଳରେ ଏହି ବର୍ଗର ହଜାର ହଜାର ଛାତ୍ର ସେମାନଙ୍କୁ ମିଳିଥିବା ୨୭ ପ୍ରତିଶତ ସଂରକ୍ଷଣ ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ବର୍ଗର ପ୍ରାୟ ୫୦ ହଜାର ନିଯୁକ୍ତି ଅନୁସନ୍ଧାନକାରୀ ସେମାନଙ୍କର ନ୍ୟାୟଗତ ଅଧିକାର ପାଇପାରୁନାହାନ୍ତି। ଫଳରେ ଏହି ବର୍ଗଙ୍କର ଉଦ୍ୟୋଗ କ୍ଷେତ୍ରରେ ପ୍ରଗତି ହେଉପାରୁନାହିଁ। ତେଣୁ ତୁରନ୍ତ ସରକାର ଓବିସି ଓ ଏସ୍‌ଇବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଚଳିତ ବର୍ଷରୁ ଘୋଷଣା ନ କଲେ ରାଜ୍ୟବ୍ୟାପି ଛାତ୍ର ଆନ୍ଦୋଳନ ତିବ୍ର କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ଚେତାଇ ଦେଇଛନ୍ତି।



## ରାଜସ୍ୱ ବଙ୍ଗଳା ଏବେ ଉପଖଣ୍ଡ ମୁଖ୍ୟଙ୍କ ସ୍ଥାୟୀ ଠିକଣା

# ୭ ବର୍ଷ ପରେ ବି ସମ୍ପୂର୍ଣ୍ଣ ହୋଇନି ସରକାରୀ ବାସଭବନ

ଉଦଳା, ୨୦।୫(ସମିସ): କପ୍ତିପଦା ଉପଖଣ୍ଡରେ ବିକାଶର ଧାରା କେମିତି ଚାଲିଛି ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କପ୍ତିପଦା ଉପଖଣ୍ଡର ପ୍ରଶାସନିକ ମୁଖିଆ ତଥା ଉପଜିଲ୍ଲାପାଳଙ୍କ ବାସଭବନ ପୁନରୁଦ୍ଧାର କ୍ଷେତ୍ରରେ। ଦୀର୍ଘ ୭ ବର୍ଷରୁ ଅଧିକ ସମୟ ହେଲା ଉପଜିଲ୍ଲାପାଳଙ୍କ ସରକାରୀ ବାସଭବନର ଏକ ଅଂଶ ଭାଙ୍ଗି ଯାଇଥିଲା। ବାସଭବନକୁ ମରାମତି ନ କରି କେବଳ ପୁନରୁଦ୍ଧାର ପାଇଁ ପତ୍ରାଳାପ ଚାଲିଛି। ଏପରିକି କିଛି ମାସ ଡାକବଙ୍ଗଳାରେ ଉପଜିଲ୍ଲାପାଳ ଅସ୍ଥାୟୀ ବାସଭବନରେ କାମ ଚଳାଇନେଇଥିଲେ। ତେବେ ଚିଠି ପରେ ଚିଠି ସତ୍ତ୍ୱେ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା। ଫଳରେ ବାଧ୍ୟ ହୋଇ ହାଇସ୍କୁଲ ଛକ ନିକଟ ରାଜସ୍ୱ ବିଭାଗ ବଙ୍ଗଳାକୁ କଳେବର କରାଯାଇ ଅସ୍ଥାୟୀ ବାସଭବନ ତିଆରି କରାଯାଇଛି। ଇତିମଧ୍ୟରେ ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ରାଜାରାଜୁଡା ଅମଳର ଏହି କୋଠାଟି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହେବାରୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଗଲା। ସହରର ପ୍ରମୁଖ ସ୍ଥାନରେ ଥିବା ଏହି ସରକାରୀ କୋଠାର ରାଜକୀୟ ନିର୍ମାଣ ଶୈଳୀ ସାଧାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ରହିଥିଲା ଏବଂ ଆଭିଜାତ୍ୟ ସହରର ଭ୍ରମ ସୃଷ୍ଟି କରୁଥିଲା। ତେବେ ୨-୫ବର୍ଷ ପରେ ପ୍ରାୟ ୫୮ ଲକ୍ଷ ବ୍ୟୟ ଅଟକଳରେ ନୂତନ ବାସଗୃହ ନିର୍ମାଣ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ହେଁ କାର୍ଯ୍ୟ ସମ୍ପୂର୍ଣ୍ଣ ସତ୍ତ୍ୱେ ଉପଖଣ୍ଡ ମୁଖିଆଙ୍କ ଅସ୍ଥାୟୀ ବାସସ୍ଥାନ ସ୍ଥାୟୀ ହୋଇପଡ଼ିଛି। ଅପରପକ୍ଷରେ ଉପଖଣ୍ଡ ମୁଖ୍ୟଙ୍କ ସରକାରୀ ବାସଭବନରେ ଏକ ୨୪ ଘଣ୍ଟିଆ ଆବାସିକ କାର୍ଯ୍ୟାଳୟ କାର୍ଯ୍ୟ କରିବାର ବ୍ୟବସ୍ଥା ରହିଥିଲେ ହେଁ ଏବେ ଏହା ବନ୍ଦ ହୋଇରହିଛି। ବିଶେଷ କରି ପ୍ରାକୃତିକ ବିପର୍ଯ୍ୟୟ ନେଇ ଏହି କାର୍ଯ୍ୟାଳୟର ଭୂମିକା ଗୁରୁତ୍ୱ ରହିଥାଏ। ମାତ୍ର ସ୍ଥାୟୀ ବାସଭବନ ଅବସ୍ଥା ଏଭଳି ହେବା ନଜିର ମଧ୍ୟ ରହିଛି। ପୂର୍ବ ବିଭାଗର ଉପଖଣ୍ଡ ପ୍ରଶାସନିକ ମୁଖ୍ୟ ତଥା କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା କାର୍ଯ୍ୟର ମନ୍ଥର ଧାରା ଉପଖଣ୍ଡର ବାସ୍ତବତାର ମୂକସାକ୍ଷୀ ସାଜିଛି ବୋଲି ଆଲୋଚନା ଜୋର ଧରିଛି। ଇତିମଧ୍ୟରେ ପୂର୍ବ ଉପଜିଲ୍ଲାପାଳ ୪ ବର୍ଷ କାଳ ରହି ବଦଳି ହୋଇଛନ୍ତି। ବର୍ତ୍ତମାନର ଉପଜିଲ୍ଲାପାଳ ମଧ୍ୟ ଦୁଇ ବର୍ଷରୁ ଅଧିକ ସମୟ ରହିସାରିଥିବା ବେଳେ କେବେ ତାଙ୍କର ବାସଭବନ ସମ୍ପୂର୍ଣ୍ଣ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।





## ବାଳିକା ଆଶ୍ରମ ବିଦ୍ୟାଳୟରେ ପୁରୁଷ ସିସିଏ ନିଯୁକ୍ତ

# ଅନ୍ତେବାସିନୀଙ୍କ ସୁରକ୍ଷା ନେଇ ପ୍ରଶ୍ନ

ବୈଶିଙ୍ଗା, ୨୦।୫(ସମିସ): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଉତ୍ତରପାଳରେ ଆଦିବାସୀ ବାଳିକା ପାଇଁ ଏକ ଆଶ୍ରମ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମେ ଛାତ୍ରବାସରେ ୪୦ ଜଣ ଛାତ୍ର ଥିଲେ। ୪୦ ଜଣ ଛାତ୍ରଙ୍କ ପାଇଁ ଜଣେ ପୁରୁଷ ରୋଷେୟା ନିଯୁକ୍ତି ହେଇଥିଲେ। ପରବର୍ତ୍ତୀ ସମୟରେ ଆଶ୍ରମ ବିଦ୍ୟାଳୟଟି ୧୮୦ ଜଣ ଅନ୍ତେବାସିନୀଙ୍କୁ ନେଇ ୩ଟି ଛାତ୍ରୀନିବାସ ଚାଲୁଛି। ଏଠାରେ ୧୮୦ ଜଣ ବାଳିକାଙ୍କ ସମେତ ୪୦ ଜଣ ବାଳକ ରହୁଛନ୍ତି। ସେ ସମୟରେ ଉଭୟ ପିଲାଙ୍କୁ ରୋଷେଇ କରିବା ନିମନ୍ତେ ସିସିଏ ରୂପେ ପ୍ରଫୁଲ୍ଲ ଲ୍ଲ ଚନ୍ଦ୍ର ସିଂଙ୍କୁ ନିଯୁକ୍ତି ଦିଆ ଯାଇଥିଲା। ଏହା ବାଳିକା ଅନ୍ତେବାସୀ ହେବା ପରେ ପୁରୁଷ ସିସିଏ ରହିପାରିବେ ନାହିଁ; କିନ୍ତୁ ପ୍ରଫୁଲ୍ଲ ସିଂ ରହିଥିଲେ। ଅନ୍ତେବାସିନୀଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ପ୍ରଶାସନ ପୁରୁଷ ରୋଷେୟାଙ୍କ ବଦଳ ରେ ଜଣେ ମହିଳାଙ୍କୁ ନିଯୁକ୍ତି ଦେବାକଥା। ବଡସାହି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ତଦନ୍ତ ପରେ ପୁରୁଷ ରୋଷେୟାଙ୍କୁ ବଦଳାଇ ଜଣେ ମହିଳାଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରଶାସନକୁ ଜଣାଇଥିଲେ। ଏହାର ବିଚାର କରି ସମନ୍ୱିତ ଚିଠି ନମ୍ବର ୭୮୮ ଏବଂ ୩.୩.୨୦୨୫ ତାରିଖରେ ଶ୍ରୀ ସିଂଙ୍କୁ ସାରସକଣା ବ୍ଲକର ପାଲବଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ସିସିଏ ଭାବେ ୭ ଦିନ ମଧ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଶ୍ରୀ ସିଂ କାର୍ଯ୍ୟରେ ଯୋଗ ଦେଇନଥିଲେ। ବାରିପଦା ଆଦିବାସୀ ସମନ୍ୱିତ ଉନ୍ନୟନ ସଂସ୍ଥା ଚିଠି ନଂ ୧୧୨୫, ୧୬.୫.୨୦୨୫ରେ ଦୁଇ ମାସ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ବଦଳି ଆଦେଶକୁ ରଦ୍ଦ କରି ପୁଣି ଉତ୍ତରପାଳ ବିଦ୍ୟାଳୟରେ ବାଳିକା ବିଦ୍ୟାଳୟରେ ଶ୍ରୀ ସିଂଙ୍କୁ କାହା ଚାପରେ ଥଇଥାନ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପଙ୍କରେ ଘଣ୍ଟାଏ ଫସିରହିଲା ଲକ୍ଷ୍ମୀ ବସ୍



ବୈଶିଙ୍ଗା, ୨୦।୫(ସମିସ): ବେତନଟୀ ବ୍ଲକ ସଇତପୁର-କୁରାଡିକ ରାସ୍ତା ପାର୍ଶ୍ୱରେ ବଡପୋଖରୀର ପଙ୍କୋଦ୍ଧାର କାମ ଚାଲୁ ରହିଛି। ହେଲେ ରାସ୍ତା ଉପରେ ପଙ୍କ ପଡ଼ି ରହିଥିବାରୁ ଲକ୍ଷ୍ମୀବସ ଦୁର୍ଘଟଣାଗ୍ରସ୍ତ ହୋଇ ସୋମବାର ଘଣ୍ଟାଏ ଧରି ଅଟକି ରହିଥିଲା। ଦୀର୍ଘଦିନ ଧରି କାର୍ଯ୍ୟ ଚାଲୁ ରହିଥିବା ବେଳେ ରାସ୍ତା ଉପରେ ପଙ୍କର ମୋଟା ଆସ୍ତରଣ ପଡ଼ି ରହୁଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପଙ୍କିଳ ରାସ୍ତା ପାଇଁ ସୋମବାର ଅପରାହ୍ନରେ ଲକ୍ଷ୍ମୀବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ପଙ୍କିଳ ରାସ୍ତା ପାଇଁ ବସ ଉପରୁ ଚାଳକ ନିଜର ନିୟନ୍ତ୍ରଣ ହରାଇ ବସିଥିବା ବେଳେ ବସର ପଛଚକ ରାସ୍ତା ତଳକୁ ଖସି ପଳାଇଥିଲା। ଫଳରେ ବସ୍ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଏକଘଣ୍ଟା ଧରି ନାକେଦମ ହେବାକୁ ପଡ଼ିଥିଲା। ଶେଷରେ ବହୁ ଚେଷ୍ଟାପରେ ବସକୁ ଗାତରୁ ଉଦ୍ଧାର କରାଯାଇଥିଲା। ବ୍ଲକ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ଘର ଭାଙ୍ଗିଲା ଦନ୍ତା; ଅଳ୍ପକେ ବର୍ତ୍ତିଲା ଶିଶୁ



ବେତନଟୀ, ୨୦।୫(ସମିସ): ଦହିକୋଟୀ ପଞ୍ଚାୟତ ଭାଲିଆ ଗାଁକୁ ଖାଦ୍ୟ ଅନ୍ୱେଷଣରେ ପଶିଆସିଥିବା ଏକ ଗୋଠଛଡା ଦନ୍ତା ଜଣକର ଘର ଭାଙ୍ଗି ଦେଇଛି। ହେଲେ ଘରେ ଶୋଇଥିବା ବାକଶକ୍ତିହୀନ ୫ବର୍ଷର ଶିଶୁ ଚିତ୍କାର କରିପାରି ନ ଥିଲେ ହେଁ ଅଳ୍ପକେ ବର୍ତ୍ତି ଯାଇଛି। ଭାଲିଆ ଗ୍ରାମର ସାଧୁ ଦେହୁରୀଙ୍କ ପୁଅ କାଲୁ ଦେହୁରୀ ଭୁବନେଶ୍ୱର ଅଞ୍ଚଳକୁ କାମ କରିବାକୁ ଯାଇଥିବା ବେଳେ ଘରେ ସ୍ତ୍ରୀ ସୋନିଆ ଦେହୁରୀ ଦୁଇ ଛୁଆଙ୍କୁ ନେଇ ରହୁଛନ୍ତି। ରବିବାର ରାତିରେ ସୋନିଆ ଘର ଅଗଣାରେ ପତ୍ର ଟିପୁଥିବା ବେଳେ ଘରଭିତରେ ଦୁଇପୁଅ ଶୋଇଥିଲେ। ହାତୀ ବାଡ ଭାଙ୍ଗି ଘର ଆଡକୁ ମାଡିଆସିବାରୁ ସୋନିଆ ଭୟରେ ଚିତ୍କାରକରି ଜୀବନ ବଞ୍ଚାଇ ଦୌଡିଥିଲେ; ହେଲେ ଘରେ ଶୋଇଥିବା ବଡପୁଅ ମଧ୍ୟ କୌଣସି ପ୍ରକାରେ ବର୍ତ୍ତି ଯାଇଥିଲା। କିନ୍ତୁ ୫ବର୍ଷର ସାନପୁଅ କଥାକହିପାରୁନଥିବା ବେଳେ ହାତୀ ଆକ୍ରମଣ କରି କାନ୍ଥ ଭାଙ୍ଗୁଥିବା ସତ୍ତ୍ୱେ ସେ ଚିତ୍କାର କରି ସାହାଯ୍ୟ ମାଗିପାରି ନ ଥିଲା। ପରେ ସୋନିଆ ଗ୍ରାମବାସୀଙ୍କୁ ଜଣାଇବାରୁ ତାକୁ ଉଦ୍ଧାରକରି ହାତୀ ଆକ୍ରମଣରୁ ବଞ୍ଚାଇ ଆଣିଥିଲେ। ହାତୀ ଆକ୍ରମଣରେ ସୋନିଆଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ପରେ ଗ୍ରାମବାସୀ ନିଆଁ ଜଳାଇବାପରେ ଗୋଠଛଡା ଦନ୍ତା ଜଙ୍ଗଲକୁ ପଳାଇଥିଲା।

## ଟିକରଗଡ଼ିଆରୁ ଶାଳଗଣ୍ଡି ଜବତ

ବୈଶିଙ୍ଗା, ୨୦।୫(ସମିସ): ବେତନଟୀ ରେଞ୍ଜ ଅଧୀନ ନଡପୁର ପଞ୍ଚାୟତର ଟିକରଗଡ଼ିଆ ଗ୍ରାମରେ ବେଆଇନ ଭାବରେ କଟାଯାଇଥିବା ମୂଲ୍ୟବାନ ଶାଳଗଛର ଏକାଧିକ ଗଣ୍ଡିକୁ ସୋମବାର ଅପରାହ୍ନରେ ଜବତ କରିଛି ବନବିଭାଗ। ସୂଚନା ମୁତାବକ ଟିକରଗଡ଼ୀଆ ଗ୍ରାମରେ ବନବନିଭାଗର ବିନା ଅନୁମତିରେ ବେଆଇନ ଭାବରେ ଗଛ କଟାଯାଇଥିବା ଖବରପାଇ ବନପାଳ ପ୍ରଶାନ୍ତ ସିଂସାମନ୍ତ ସଦଳବଳ ଚଢଉ କରିଥିଲେ।ଲ ଚଢାଉ କରିଥିଲେ। ଚଢଉ ସମୟରେ ବିଭିନ୍ନ ମୋଟେଇର ୫ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡିକୁ ଜବତକରି ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ବନବିଭାଗ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

କୁଆମରା, ୨୦।୫(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କା, ସ୍ଥାନୀୟ ସରପଞ୍ଚ ସୁପ୍ରଭାତୀ ସିଂ, ଜିପିଓ ଶରତ ଚନ୍ଦ୍ର ମାଝୀ, ପିଏସ୍ଏସ୍ଓ ଦେବାଶିଷ ବେହେରା, କନିଷ୍ଠ ଯନ୍ତ୍ରୀ ଅନିଲ କୁମାର ଦେ'ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ରାସନ, ଭତ୍ତା, ଗୃହ ଯୋଜନା, ପାନୀୟ ଜଳ ସମସ୍ୟା ଆଦି ୧୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ତେବେ ପାନୀୟ ଜଳ ସମସ୍ୟା କୁ ଅଧିକ ଗୁରୁତ୍ୱ ଦେବାକୁ ସହକାରୀ ଯନ୍ତ୍ରୀ ଶ୍ରୀ ଲେଙ୍କା ନିର୍ଦ୍ଦେଶ ଦେଇଛନ୍ତି। ରାସନ ସମସ୍ୟାର ୱେବସାଇଟ ନ ଖୋଲିବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି।

## ଜବରଦଖଲ ଉଚ୍ଛେଦ; ଭଙ୍ଗାଗଲା ବେଆଇନ ନିର୍ମାଣ



ବେତନଟୀ, ୨୦।୫(ସମିସ): ବେତନଟୀ ଉପକଣ୍ଠ ଇନ୍ଦିରାନଗର ଶୁଖିଲାହାର ସାମିଲ ମହୁଲିଆ ମୌଜାରେ ଦେବୋତ୍ତର ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଶ୍ରୀଶ୍ରୀହରିବଳଦେବ ଜୀଉଙ୍କ ଶହଶହ ଏକର ସମ୍ପତ୍ତି ଜବରଦଖଲରେ ଥିବାବେଳେ ଖାତାନଂ ୧୫ ଏବଂ ପ୍ଲଟନଂ ୧୩୪୭ରେ ବିନା ଅନୁମତିରେ ବେଆଇନଭାବେ ନିର୍ମାଣାଧୀନ ମସଜିଦକୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁସାରେ, ଦେବୋତ୍ତର ଜମିରେ ବେଆଇନଭାବେ ନିର୍ମାଣାଧୀନ ମସଜିଦ ବିରୋଧରେ ଜୟଶ୍ରୀରାମସେନା ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଶେଷରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଅଞ୍ଚଳରେ ଧାରା ୧୪୪କୁ ବଳବତ୍ତର କରାଯାଇଥିବା ବେଳେ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ପୂର୍ବରୁ ଏ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଥିଲା। ଏହାପରେ ସୋମବାର ପୂର୍ବାହ୍ନରେ ମାଜିଷ୍ଟ୍ରେଟ ଭାବେ ବିଡିଓ ସୁଶାନ୍ତ କୁମାର ସୂତାର, ଅତିରିକ୍ତ ତହସିଲଦାର ଇଶ୍ୱରଚନ୍ଦ୍ର ରଣା, ରାଜସ୍ୱ ଅଧିଦର୍ଶକ ଜଗନ୍ନାଥ ସିଂ, ରାଜସ୍ୱ ନିରୀକ୍ଷକ ରତନ ହେମ୍ବ୍ରମଙ୍କ ଉପସ୍ଥିତିତିରେ ନିର୍ମାଣାଧୀନ ମସଜିଦ୍‌କୁ ଉଚ୍ଛେଦ କରାଯାଇଛି। ବତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ଆଇଆଇସି ସସ୍ମିତା ମହାନ୍ତ, ବଡସାହି ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ସମେତ ୩ପ୍ଲାଟୁନ ପୁଲିସ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନାଁରେ ମିଳୁଛି ଗୋଳିଆ ପାଣି

ଉଦଳା, ୨୦।୫(ସମିସ): ଉଦଳା ଏନଏସିରେ ସ୍ୱଚ୍ଛ ଜଳଯୋଗାଣ ନାଁରେ ଲୋକଙ୍କୁ ମିଳୁଛି ଗୋଳିଆ ପାଣି। ଏ ନେଇ ଅସନ୍ତୋଷ କୁହୁଳୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ଜାଣି ନ ଜାଣିଲା ପରି ରହୁଛି। ବିଭିନ୍ନ ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାଣିର ମାନ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ଅରୁଚିକର। ପାନୀୟ ଜଳ ନେଇ ସହରର ବିଭିନ୍ନ ୱାର୍ଡରେ ଅଭିଯୋଗ ହେଉଥିଲେ ମଧ୍ୟ ପଦକ୍ଷେପ ଶୂନ। ନଦୀ ପାଣି ଯେମିତି ପାଇପ ପାଣି ମଧ୍ୟ ସେମିତି ରଙ୍ଗର ଆସୁଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରୀଷ୍ମପ୍ରବାହ ପାଇଁ ୪ନଂ ୱାର୍ଡରେ ଯୋଗାଣ ହେଉଥିବା ପାଣି ଗୋଳିଆ ବୋଲି ଅଭିଯୋଗ ଆଣିଛନ୍ତି ୱାର୍ଡବାସୀ। ସୋନ ନଦୀରୁ ଆସୁଥିବା ପାଣିକୁ ଆଦୌ ପ୍ରକ୍ରିୟାକରଣ କରାନଯାଇ ଯୋଗାଣ ହେଉଛି। ରାଜ୍ୟ ସରକାରଙ୍କ ୨୪ ଘଣ୍ଟା ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନା ଉଦଳା ସହର ପାଇଁ ସ୍ୱପ୍ନ ପାଲଟିଛି। କାରଣ ୫୨ ବର୍ଷ ସହର ଉଦଳାକୁ ଏପର୍ଯ୍ୟନ୍ତ ସ୍ୱଚ୍ଛ ପିଇବା ପାଣି ଯୋଗାଣ ହୋଇପାରିନାହିଁ। ଫଳରେ ଲୋକେ ଗୋଳିଆ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି; ହେଲେ କାରଣ ଖୋଜି ପାଉନାହାନ୍ତି ସହରବାସୀ। ବିଭିନ୍ନ ୱାର୍ଡରେ ସ୍ୱଚ୍ଛ ଭୂତଳ ଜଳ ପାଇଁ ବୋରିଂ ଖୋଳାଯାଇଥିଲେ ହେଁ ସେଗୁଡିକର ବ୍ୟବହାର ସମ୍ପର୍କରେ କିଛି ଜଣାପଡୁନାହିଁ। ଏପରିକି ଉକ୍ତ ବୋରିଂଗୁଡିକ ପରିତ୍ୟକ୍ତ ଅବସ୍ଥାରେ ରହିଛି। ନିକଟରେ ଥିବା ଯନ୍ତ୍ରାଂଶ ଗୃହ ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଅପରପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱରେ ରହିଥିବାର ସେ ଗୁରୁତ୍ୱ ଦେଉନାହାନ୍ତି ବୋଲି ସହରବାସୀ ଅଭିଯୋଗ କରିଛନ୍ତି।

## ଡୁଙ୍ଗୁରିସାହିରେ ଜଳ ଯନ୍ତ୍ରଣା; ମୁନ୍ଦେ ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ

ରାଇରଙ୍ଗପୁର, ୨୦।୫(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଶଶ ପଞ୍ଚାୟତ କୁଲଗି ଗାଁର ଡୁଙ୍ଗୁରିସାହିରେ ଏବେ ପାନୀୟଜଳ ଉତ୍କଟ ଦେଖାଦେଇଛି। ସରକାରଙ୍କ ବସୁଧା ଯୋଜନା ଗ୍ରାମବାସୀଙ୍କ ପାଇଁ ଅପହଞ୍ଚ ହୋଇରହିଛି। ଗାଁରେ ଥିବା କୂଅ ଗୁଡିକ ସବୁ ଶୁଖି ଗଲାଣି। ଏକମାତ୍ର ନଳକୂପ ଦୀର୍ଘ ମାସ ହେଲା ଅଚଳ ଅବସ୍ଥାରେ ରହିଥିବାରୁ ଲୋକେ ପାଣି ମୁନ୍ଦେ ପାଇଁ ହନ୍ତସନ୍ତ ହେଉଛନ୍ତି। ଲୋକେ ଅନ୍ୟ ଗାଁକୁ ପ୍ରାୟ ୧ କିମି ଦୂର ମୁରୁଡଘୁଟି ସାହିକୁ ପ୍ରତିଦିନ ପାନୀୟ ଜଳ ଆଣିବା ପାଇଁ ପ୍ରଚଣ୍ଡ ଖରାରେ ଯାଆନ୍ତି। ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ବହଳଦା ବ୍ଲକ ବିଡ଼ିଓଙ୍କୁ ଗୁହାରି କରିଛନ୍ତି; କିନ୍ତୁ ଫଳ




ଶୂନ। ଏ ପର୍ଯ୍ୟନ୍ତ ପାଣି ସମସ୍ୟାର ସମାଧାନ ହୋଇପାରିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ୩ ସହ ମିଟର ଦୂରରେ ରହିଥିବା ବସୁଧା ଯୋଜନାରେ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଦାବି କରିଛନ୍ତି। ଶୀଘ୍ର ଦାବି ପୂରଣ ନ ହେଲେ ଗ୍ରାମବାସୀ ବହଳଦା ବ୍ଲକ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଗାଁରେ ୧୩ଟି ପରିବାର ବସବାସ କରୁଛନ୍ତି।

### କ'ଣ କହନ୍ତି ଗ୍ରାମବାସୀ...



ପାନୀୟ ଜଳ ପାଇଁ ଅନେକ ଅସୁବିଧାହେଉଛି। ନଳକୂପଅଚଳ ହୋଇଯାଇଛି। ଘରେ ଥିବା କୂଅ ଗୁଡିକ ଶୁଖିଯାଇଛି। ଅନ୍ୟ ସାହିକୁ ୧ କିଲୋମିଟର ଯାଇ ପାଣି ଆଣିବା ପାଇଁ ପଡୁଛି। ଅନେକ ଥର ଅଭିଯୋଗ ପରେ ମଧ୍ୟ କେହି ଶୁଣୁ ନାହାନ୍ତି। ପାନୀୟ ଜଳର ଶୀଘ୍ର ସମାଧାନ ନ ହେଲେ ବ୍ଲକ ସମ୍ମାରେ ଧାରଣା ଦେବୁ।

- ମାଳତୀ ଗିରି, ଡୁଙ୍ଗୁରିସାହି



ପ୍ରତିଦିନ ପାନୀୟ ଜଳ ଆଣିବା ପାଇଁ ପ୍ରାୟ ୧ କିମି ଦୂର ଯିବା ପାଇଁ ପଡୁଛି। ଦୀର୍ଘ ମାସହେଲା ଗାଁରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇ ପଡ଼ିଛି। ଗାଁ ଲୋକଙ୍କୁ ବସୁଧା ଯୋଜନାରେ ଅନ୍ତର୍ଭୁକ୍ତ କରି ପାନୀୟ ଜଳ ଯୋଗାଇ ଦିଆଯାଉ।

- ପିଙ୍କି ମହାକୁଡ଼, ଡୁଙ୍ଗୁରିସାହି



ଡୁଙ୍ଗୁରିସାହି ଲୋକଙ୍କ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ। ଗାଁରେ ପ୍ରଥମେ ନଳକୂପ ଖନନ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ପାନୀୟ ଜଳ ସମସ୍ୟାର ଶୀଘ୍ର ସମାଧାନ କରାଯିବ।

- ଶରତ ଚନ୍ଦ୍ର ମଲ୍ଲିକ, ବିଡ଼ିଓ ବହଳଦା

■ ଜବରଦଖଲ ଉଚ୍ଛେଦ ପାଇଁ ସରକାରୀ ଜାଗା ଚିହ୍ନଟ

## ବାସହରା ହେବେ ୨୭ ପରିବାର

ମୋରଡ଼ା, ୨୦।୫(ସମିସ): ମୋରଡ଼ା ତହସିଲ ଅନ୍ତର୍ଗତ ଶୀର୍ଷାପାଳ ଛକରୁ ରାଜାବନ୍ଧ ନିକଟରେ ଥିବା ସରକାରୀ ଜାଗା ଚିହ୍ନଟ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ଏପ୍ରିଲ ୨୫ ତାରିଖ ସୁଦ୍ଧା ଜବରଦଖଲକାରୀ ସରକାରୀ ଜାଗାକୁ ଛାଡିବା ପାଇଁ ନୋଟିସ



ଦିଆଯାଇଥିଲା; ହେଲେ ଏହି ନୋଟିସ ପ୍ରତି କେହି ଧ୍ୟାନ ନଦେବାରୁ ମଙ୍ଗଳବାର ରାଜସ୍ୱ ସୁପରଭାଇଜର ମମତା ଗିରି, ଚିତ୍ରଡା ରାଜସ୍ୱ ନିରୀକ୍ଷକ ମନୋଜ ବାରିକ, ଅମିନ ଗଗନ ମିଶ୍ର ଓ ପରମେଶ୍ୱର ପଣ୍ଡିତ, ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ସମେତ ପୁଲିସ ଉପସ୍ଥିତିରେ ଜାଗା ଚିହ୍ନଟ କରାଯାଇଥିଲା। ଚିତ୍ରଡା ଆରଆଇ ମନୋଜ ବାରିକଙ୍କ ସୂଚନା ମୁତାବକ ଉକ୍ତ ସ୍ଥାନରେ ପ୍ରାୟ ଦୁଇ ଏକରରୁ ଉର୍ଦ୍ଧ୍ୱକୁ ୨୭ଟି ପରିବାର ଜବରଦଖଲ କରି ଦୀର୍ଘଦିନ ହେବ ବ୍ୟବହାର କରି ରହିଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ସମ୍ପୂର୍ଣ୍ଣ ଭୂମିହୀନ ଥିବାରୁ ସେମାନଙ୍କୁ ପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି। ଅବଶିଷ୍ଟ ୨୫ଜଣ ପରିବାର ମୁଖ୍ୟଙ୍କ ନାମରେ ଅନ୍ୟ ସ୍ଥାନରେ ଥିବା ଜାଗା ଉପରେ ଅଂଶୀଦାର ରହିଛି। ତେବେ ସରକାରୀ କାର୍ଯ୍ୟାଳୟ ଗୁଡିକ ନିର୍ମାଣ ନିମନ୍ତେ ବହୁ ସମସ୍ୟା ଉପୁଜିଥିବାରୁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ସରକାରୀ ଜାଗାକୁ ଚିହ୍ନଟ କରାଯାଇଛି।

# ପ୍ରୋତ୍ସାହନ ଅଭାବ; ଦୁର୍ଲଭ ହେଲାଣି ଖଜୁରୀ ତାଡ଼ି ଓ ଗୁଡ଼

ବଡସାହି, ୨୦।୫(ସମିସ): କଥାରେ ଅଛି ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ; ମାତ୍ର ଖଜୁରୀ ଗଛର କୋଳି, ଖଜୁରୀ ଗୁଡ଼ ଓ ଖଜୁରୀରସ (ତାଡ଼ି)ରେ ଭରପୂର ଔଷଧୀୟ ଗୁଣ ରହିଛି। ଏହା ପେଟ ଥଣ୍ଡା ରଖିବା ସହିତ ପେଟର ବହୁ ଦୂରାରୋଗ ଭଲ ହେବାରେ ସହାୟକ ହୋଇଥାଏ। ଖଜୁରୀ ରସରୁ ମଧ୍ୟ ଗୁଡ ପ୍ରସ୍ତୁତ ହୋଇଥାଏ; କିନ୍ତୁ ଏବେ ପ୍ରୋତ୍ସାହନ ଅଭାବରୁ ଗାଁରେ ଆଉ ଖଜୁରୀ ଗଛ ଦେଖିବାକୁ ମିଳୁନାହିଁ। ସାମ୍ପ୍ରତିକ ସମାଜରେ ଜିବୀକା ନିର୍ବାହ କରିବାର ଧାରା ବଦଳି ଗଲାଣି। ଅଧିକ ପରିଶ୍ରମ ଅପେକ୍ଷା ଗ୍ରାମାଞ୍ଚଳର ଲୋକେ କମ ପରିଶ୍ରମରେ କିପରି ଅଧିକ ରୋଜଗାର କରିବେ ସେହି ନିଶା ଲାଗିଛି। ଖଜୁରୀ ଗଛ ଉପରେ ମାଠିଆ ବାନ୍ଧି ରସ ସଂଗ୍ରହ କରି ସେଥିରୁ ଗୁଡ଼ ପ୍ରସ୍ତୁତ କରିବାକୁ ଆଧୁନିକ ସମାଜରେ କେହି ପସନ୍ଦ କରୁନାହାନ୍ତି। ପୂର୍ବରୁ ବଡସାହି ବ୍ଲକ ଯଦୁନାଥପୁର, ଗୁଡିଆଲବନ୍ଧ, ପାଉଁଶିଆ ଓ ଶିଆଳିଘାଟୀ ଆଦି ଅଞ୍ଚଳରେ ଖଜୁରୀରସରୁ ଗୁଡ଼ଶାଳରେ ଖଜୁରୀଗୁଡ ପ୍ରସ୍ତୁତ ହେଉଥିଲା। ଲୋକେ ତାଜା ଗୁଡ଼ ଖାଇବାକୁ ପାଉଥିଲେ। ଖଜୁରୀ ଗଛରେ ବନ୍ଧା ହୋଇଥିବା ହାଣ୍ଡିକୁ ତଳକୁ ଆଣି ସେଥିରେ ସଂଗୃହୀତ ରସକୁ ଗୁଡ଼ଶାଳ ଚୂଲିରେ ବଡ ବଡ କରେଇରେ ଗରମ କରାଯାଇ ଏହା ପ୍ରସ୍ତୁତ କରାଯାଇଥାଏ। ପୂର୍ବରୁ କେତେକ ପରିବାରରେ ସପରିବାର ଏହି ବ୍ୟବସାୟରେ ନିୟୋଜିତ ହେଉଥିବା ବେଳେ ଏବେ ସେମାନେ ଛାଡି ଦେଲେଣି। ଶୀତ ଦିନ ଆସିଲେ ଗୁଡ଼ ପ୍ରସ୍ତୁତକାରୀମାନେ ଖଜୁରୀ ବାହୁଙ୍ଗା ପୁଞ୍ଜ ତଳେ କାଣ୍ଡକୁ ଧାରୁଆ କତାରେ ଚାଞ୍ଛି ଦିଅନ୍ତି। ଏକାଧିକ ଥର ଚାଞ୍ଛିବା ପରେ ଖଜୁରୀ ଗଛରୁ ରସ ଝରିବା ଆରମ୍ଭ କରେ। ପ୍ରଥମେ ବାହୁଙ୍ଗାରୁ ରସ ବାହାରେ। ସେଥିରୁ ଭଲ ଗୁଡ଼ ହେଉନଥିବା ବେଳେ ପରେ କାଣ୍ଡ ରସ ଆସିଲେ ପ୍ରସ୍ତୁତକାରୀମାନେ ଗଛରେ ମାଠିଆ ବାନ୍ଧି ଏହାକୁ ସଂଗ୍ରହ କରିଥାନ୍ତି। ମୁଖ୍ୟତଃ ସନ୍ଧ୍ୟା ବେଳେ ମାଠିଆ ବନ୍ଧାଯାଇ ସୂର୍ଯ୍ୟୋଦୟ ପୂର୍ବରୁ ମାଠିଆ ଖୋଲିଆଣି ରସ ସଂଗ୍ରହ କରାଯାଇଥାଏ। ସଂଗୃହୀତ ରସ କଡେଇରେ ଫୁଟାଯାଇ ଗୁଡ଼ ମରାଯାଏ। ଏଥିପାଇଁ ଯଥେଷ୍ଟ ଜାଳେଣି ଲାଗୁଥିବା ବେଳେ ରସ ଫୁଟି ଫୁଟି ଜଳୀୟ ଅଂଶ ଶୁଖିଗଲା ପରେ ଗୁଡ଼ ପ୍ରସ୍ତୁତ ହୋଇଥାଏ। ଏ ନେଇ ଗୁଡ଼ ପ୍ରସ୍ତୁତକାରୀ ନାରାୟଣ ନାଏକ କହନ୍ତି, ବିଶେଷକରି ଶୀତ ଦିନେ ରସ ସଂଗ୍ରହ ହେଉଥିବାରୁ ଶୀତ ସକାଳରେ ଗଛ ଚଢି ରସ ସଂଗ୍ରହ କରିବା କଷ୍ଟକର। ବର୍ତ୍ତମାନ ଶ୍ରମିକ ଅଭାବରୁ ଗୁଡ଼ ପ୍ରସ୍ତୁତ କଷ୍ଟ ସାଧ୍ୟ ହୋଇ ପଡ଼ିଲାଣି। ପୂର୍ବରୁ ଏହି ଗୁଡ଼ କିଲୋ ପ୍ରତି ୨୫ଟଙ୍କାରୁ ୩୦ ଟଙ୍କା ଥିବା ବେଳେ ଏବେ ଏହା ୧୦୦ ଟଙ୍କା ପାଖାପାଖି ହେଲାଣି। ଏହାଛଡା ଲୋକମାନେ ଘର ବାଡିରୁ ଖଜୁରୀ ଗଛ କାଟି ପକାଇଲେଣି। ଦୂରକୁ ଯାଇ ରସ ସଂଗ୍ରହ କରିବା କଷ୍ଟ ଓ ସମୟ ସାଧ୍ୟ ହେଉଛି। ସମବାୟ ସମିତି ଜରିଆରେ ତାଳ ଗୁଡ଼ ପ୍ରସ୍ତୁତକାରୀଙ୍କୁ ସରକାର ପ୍ରୋତ୍ସାହନ ଦେଉଥିବା ବେଳେ ଖଜୁରୀ ଗୁଡ଼ ପାଇଁ କୌଣସି ସହାୟତା ମିଳୁନାହିଁ। ଆଖୁ ଗୁଡ଼ ଓ ଚିନିର ବିକଳ୍ପ ଭାବରେ ପୂର୍ବରୁ ଏହି ଗୁଡ଼ ବିପୁଳ ଭାବରେ ବ୍ୟବହୃତ ହେଉଥିବା ବେଳେ ଏବେ ଏହି ଗୁଡକୁ ନେଇ ଜୀବିକା ନିର୍ବାହ କରିବା ସମ୍ଭବ ନୁହେଁ ବୋଲି ମତ ପ୍ରକାଶ ପାଇଛି। ତେଣୁ ସମବାୟ ସମିତି ଜରିଆରେ ଗୁଡ଼ ପ୍ରସ୍ତୁତକାରୀଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେଲେ ଏହା ମିଠାର ଚାହିଦା ପୂରଣ କରିବା ସହିତ ସମଗ୍ର ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରନ୍ତା।



### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ବି ମିଳୁନି ନ୍ୟାୟ

# ଜିଲ୍ଲାପାଳଙ୍କ ଅଫିସ ଆଗରେ ବସିଲେ ମହିଳା

ସୁନ୍ଦରଗଡ଼, ୨୦।୫(ସମିସ)

ଯୋଗିମାଲ ପଞ୍ଚାୟତରେ ଅନେକ ଦୁର୍ନୀତି ଚାଲିଛି। ପଞ୍ଚାୟତବାସୀ ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ସମ୍ବଲପୁରରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ବି ଅଭିଯୋଗ କରିଥିଲେ। ଚୋରା ମଦ ବନ୍ଦ କରିବା ପାଇଁ ଦାବି ଜଣାଇ ଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ଦିଗରେ ଜିଲ୍ଲାପାଳ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଣୁ ସମ୍ପୃକ୍ତ ପଞ୍ଚାୟତର ମହିଳାମାନେ ଜିଲ୍ଲାପାଳଙ୍କ ଅଫିସ ଆଗରେ ବସି ରହିଲେ। ଏହି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଯୋଗିମାଲ ପଞ୍ଚାୟତରେ। ଏଥିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଭିନ୍ନ ଜିଲ୍ଲାରେ ଅଭିଯୋଗ ଶୁଣାଣିରୁ ଯେ ସାଧାରଣ ଲୋକେ କେତେ ଉପକୃତ ହେଉଛନ୍ତି, ସ୍ପଷ୍ଟ ବୁଝା ପଡୁଛି।



ଅଭିଯୋଗ ଅନୁଯାୟୀ, ଯୋଗିମାଲ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଚାଲିଛି। ପଲ୍ଲୀସଭା, ଗ୍ରାମ ସଭାର ନିଷ୍ପତ୍ତି କାର୍ଯ୍ୟକାରୀ ହେଉ ନାହିଁ। ବିଭିନ୍ନ ଗ୍ରାମରେ ଅବାଧ ଚୋରା ମଦ ବିକ୍ରି ହେଉଛି। ମୁଖ୍ୟତଃ ଡମବାହାଲ ଗ୍ରାମରେ ଚୋରା ମଦ ବିକ୍ରି ସୀମା ଲଂଘନ କରିଛି। ଏନେଇ ପଞ୍ଚାୟତବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ସୁଫଳ ନ ପାଇବାରୁ ଗତ ମାସ ୧୭ ତାରିଖରେ ସମ୍ବଲପୁରରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନ ନେବାରୁ ପଞ୍ଚାୟତର ଶତାଧିକ ମହିଳା ତାରାକାନ୍ତି ପଟେଲଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ଅଫିସ ଆଗରେ ପ୍ରାୟ ତିନିଘଣ୍ଟା ବସି ରହିଥିଲେ। ସେମାନେ ଅଭିଯୋଗ ପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ତେବେ ଏଥର ବି ପଞ୍ଚାୟତବାସୀଙ୍କୁ ସୁଫଳ ମିଳୁଛି ନା ନାହିଁ, ତାହା ଦେଖିବାକୁ ବାକି ରହିଛି।

### ■ ବିପଦସଙ୍କୁଳ ଇବ୍ ସେତୁ

# ୩୦ ଟନ୍‌ରୁ ଅଧିକ ଓଜନ ଗାଡ଼ି ଚଳାଚଳ ଉପରେ କଟକଣା

ସୁନ୍ଦରଗଡ଼, ୨୦।୫(ସମିସ): ସୁନ୍ଦରଗଡ଼-ଲେଫ୍ରିପଡ଼ା ଏମ୍‌ଡିଆର-୨୭ ରାସ୍ତାରେ ଥିବା ବନ୍ଧପାଲି ଇବ୍‌ସେତୁ ଅତ୍ୟନ୍ତ ବିପଦଶଙ୍କୁଳ ହୋଇପଡ଼ିଛି। ସିଆରଆରଆଇ ଟିମ୍ ଦ୍ୱାରା ଏହାର ଯାଞ୍ଚ ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ୩୦ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଗାଡି ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ରାଜୁଡା ଅମଳର ଏହି ପୋଲଟି ଦୀର୍ଘ ଦିନରୁ ବିପଦଶଙ୍କୁଳ ହୋଇପଡ଼ିଛି। ତଥାପି ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଗୋପାଳପୁର ଖୋଲାମୁହାଁ କୋଇଲା ଖଣିରୁ ପ୍ରାୟ ତିନି ଦଶନ୍ଧି ଧରି ସଡ଼କ ପଥରେ ଏହି ପୋଲ ଦେଇ କୋଇଲା ପରିବହନ ଯୋଗୁଁ ଏହା ଅତ୍ୟନ୍ତ ବିପଦଶଙ୍କୁଳ ହୋଇପଡ଼ିଥିଲା। ଇତିମଧ୍ୟରେ କୋଇଲା ପରିବହନ ପାଇଁ ଉଭୟ ରେଳପଥ ସହ ସ୍ୱତନ୍ତ୍ର କୋଲ କରିଡର ରାସ୍ତା ନିର୍ମାଣ ହୋଇଛି। ତେବେ ଏବେ ବି ଏହି ପୋଲ ଦେଇ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇ ନାହିଁ। ଏହି ବିପଦଶଙ୍କୁଳ ପୋଲ ତଳେ ଏକ ନୂତନପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ କଚ୍ଛପ ଗତିରେ କାମ ଯୋଗୁଁ ସମ୍ପୂର୍ଣ୍ଣ ହେବାକୁ ଆହୁରି ଅନେକ ଦିନ ଲାଗିବ ବୋଲି ଅନୁମାନ କରା ଯାଉଛି। ଏ ସ୍ଥିତିରେ ଏହି ପୋଲ ଦେଇ ପରିବହନ ଭାରି ଯାନ ଓ ଯାତ୍ରୀବାହୀ ଯାନବାହନ ଚଳାଚଳ ଯୋଗୁଁ ବିଭିନ୍ନ ସମୟରେ ପୋଲ ଉପରେ ଗାଡି ମୋଟର ଜାମ ରହୁଛି। ସିଆରଆରଆଇ ଟିମ ଦ୍ୱାରା ଯାଞ୍ଚ ସମୟରେ ଏହି ପୋଲର ୧୦ ନମ୍ବର ଏବଂ ୧୧ ନମ୍ବର ସ୍ଥାନର ଡେକ ସ୍ଲାବର ତଳଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ସେହିପରି ଅନ୍ୟ ୩ରୁ ୪ଟି ଡେକ୍ ସ୍ଲାବର ତଳ ଭାଗରେ ଫାଟି ସୃଷ୍ଟି ହୋଇଛି। ଏଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ ଶ୍ରୀ ମହାଜନ ଏହି ପୋଲ ଦେଇ ୩୦ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଉଭୟ ଲୋଡ୍ ଏବଂ ଖାଲି ଭାରୀଯାନ, ମଲଟି ଆକ୍ସେଲ ଯାନ, ମାଲବାହୀ ଯାନ, ଯାତ୍ରୀବାହୀ ଯାନ, ସ୍କୁଲ ବସ୍ ଗୁଡ଼ିକର ଚଳାଚଳକୁ ନିଷିଦ୍ଧ କରିଛନ୍ତି। ଜିଲ୍ଲାପାଳଙ୍କ ଏହି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ୯ ସାଇବରଠକଙ୍କ ଜାମିନ ଆବେଦନ ଖାରଜ

ରାଉରକେଲା, ୨୦।୫(ସମିସ): ରାଉରକେଲା ସ୍ୱତନ୍ତ୍ର ଜେଲ୍ ହାଜତରେ ଥିବା ୯ ଜଣ କୁଖ୍ୟାତ ସାଇବର ଠକଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲା ଜଜ୍ ଏହି ଜାମିନ ଆବେଦନକୁ ଖାରଜ କରିଥିବା ସରକାରୀ ଓକିଲ କୈଳାଶ ପ୍ରଧାନ ସୂଚନା ଦେଇଛନ୍ତି। ଷ୍ଟକ୍ ମାର୍କେଟରେ ଟଙ୍କା ଜମାକରି ସପ୍ତାହରେ ୧୦ ଗୁଣଅଧିକ ଅର୍ଥ ପାଇବା ଲୋଭ ଦେଖାଇ କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ ୯ଜଣଙ୍କୁ ରାଉରକେଲା ସାଇବର କ୍ରାଇମ ଥାନା ପୁଲିସ ଗିରଫ କରି ଏପ୍ରିଲ ୯ ତାରିଖ ଦିନ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଉରକେଲା ଜେଲ ହାଜତକୁ ପଠାଯାଇଥିଲା। ରାଉରକେଲା ସହରର ସିଭିଲ୍ ଟାଉନସିପର ଏକ ଆପାର୍ଟମେଣ୍ଟ ଏବଂ ବାସନ୍ତୀ କଲୋନୀରେ ଚଢ଼ଉ କରି ପୁଲିସ ୯ ଜଣ ସାଇବର ଠକଙ୍କୁ ଗିରଫ କରିଥିଲା। ଗିରଫ ୯ ଜଣ ସାଇବର ଠକଙ୍କ ୨୩ ଟି ଏକାଉଣ୍ଟରୁ ୧ କୋଟି ୪୧ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଗିରଫ ହୋଇ ଜେଲ ହାଜତରେ ଥିବା ୯ ଜଣ ସାଇବର ଠକମାନେ ଦେଶର ବିଭିନ୍ନ ସ୍ଥାନରେ ୨୭ ଟି କେସରେ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

### ■ ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୧୦ ବର୍ଷ ଜେଲ

ସୁନ୍ଦରଗଡ଼, ୨୦।୫(ସମିସ): ପ୍ରାୟ ୯ ବର୍ଷତଳେ ବଡ଼ଗାଁ ଥାନା ଅଞ୍ଚଳରେ ଘଟି ଯାଇଥିବା ନାବାଳିକା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ମାମଲାର ବିଚାର କରି ଅଭିଯୁକ୍ତ ସୁଶୀଲ ଟେଟେକୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଥିବାବେଳେ ଜରିମାନା

**● ପୀଡ଼ିତାକୁ ୫ ଲକ୍ଷ ଅନୁକମ୍ପା ସହାୟତା**

ଅନାଦାୟ ଆହୁରି ଏକବର୍ଷ ଜେଲ୍‌ଦଣ୍ଡର ରାୟ ଶୁଣାଇଛନ୍ତି। ସେହିପରି ପୀଡ଼ିତାକୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୧୬ ମସିହାରେ ଅଭିଯୁକ୍ତ ସୁଶିଲ ନିଜ ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକାକୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲେ। ଏପରି ବାରମ୍ବାର ଦୁଷ୍କର୍ମ କରିବାଫଳରେ ନାବାଳିକା ଜଣକ ଗର୍ଭଧାରଣ କରିଥିଲା। ଏହାପରେ ଅଭିଯୁକ୍ତ ତାକୁ ଗ୍ରହଣ କରିବାକୁ ମନାକରି ଦେଇଥିଲା। ତେବେ ଗ୍ରାମର ପଞ୍ଚଭଦ୍ରଙ୍କ ହସ୍ତକ୍ଷେପ ପରେ ସେ ନାବାଳିକାକୁ ନିଜ ଘରକୁ ନେଇଥିଲା। ମାତ୍ର ନାବାଳିକା ଜଣକ ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶିଶୁ କନ୍ୟା ଜନ୍ମ ଦେବାପରେ ସେ ଆଉ ଘରକୁ ନ ନେଇ ଚମ୍ପଟ ମାରିଥିଲା। ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହେବା ପରେ ଏ ନେଇ ପୁଲିସ ପୁଲିସ ମାମଲା ରୁଜୁ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦ୍ୱାରା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

# ପାଣି ସମସ୍ୟାର ସମାଧାନ ଦାବି

ରାଉରକେଲା, ୨୦।୫(ସମିସ): ଜାରି ରହିଛି ଗ୍ରୀଷ୍ମ ଋତୁ। ସକାଳ ୧୦ଟା ପରେ ଘରୁ ବାହାରକୁ ବାହାରି ହେଉନି। ଗୁଳୁଗୁଳି ସହ ଟାଣ ଖରାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ପାଣି ମୁନ୍ଦାଏ ପାଇଁ ହଇରାଣ ହେଉଛନ୍ତି ଶୀତଳପଡ଼ା ସ୍ଥିତ ମୁଣ୍ଡାପଡ଼ା ବସ୍ତି ବାସିନ୍ଦା। ପ୍ରାୟ ୮୦ଟି ଘର ରହିଥିବା ବେଳେ ୨୫୦ ଜନସଂଖ୍ୟା। ଗତ ଦୁଇ ମାସରୁ ଏହି ବସ୍ତିରେ ପାଣି ଆସୁନି। ଫଳରେ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଯୁବ ନେତା ସୋନୁ ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ବସ୍ତି ବାସିନ୍ଦା ମାନେ ଉଦିତନଗର ସ୍ଥିତ ୱାଟକୋ ଅଫିସ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ ପାଇଁ ଦାବି କରିଥିଲେ। ଆଗାମୀ ଦୁଇଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଅଧିକାରୀ। ଯଦି ଶୀଘ୍ର ସମାଧାନ ନହୁଏ ତେବେ ଆଗାମୀ ଦିନରେ ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ଚେତାବନୀ ଦିଆଯାଇଛି।



# ସର୍ବସାଧାରଣ ଉପଯୋଗୀ ସ୍ଥାନରେ ସରକାରୀ ନିର୍ମାଣକୁ ବିରୋଧ

ସୁନ୍ଦରଗଡ଼, ୨୦।୫(ସମିସ): ସୁନ୍ଦରଗଡ଼ ପୌରାଞ୍ଚଳର ୱାର୍ଡ ନଂ-୧ ରାଣୀବଗିଚାସ୍ଥିତ ଉଦ୍ୟାନ ବିଭାଗ ଓ ହୋମିଓପାଥି ଇନ୍ସପେକ୍ଟର କାର୍ଯ୍ୟାଳୟ ମଝିରେ ଖାଲି ପଡ଼ିଥିବା ସରକାରୀ ଜମିରେ ସରକାରୀ କୋଠା ନିର୍ମାଣକୁ ବନ୍ଦ କରିବାକୁ ସ୍ଥାନୀୟ ଅଧିବାସୀ ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ସେମାନେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ସରକାରୀ ଜମିଟି ସ୍ଥାନୀୟ ଅଧିବାସୀଙ୍କ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟରେ ବ୍ୟବହୃତ ହୋଇ ଆସୁଛି। ଏଠାରେ ଥିବା ପିପଲ ଓ ବର ଗଛରେ ଲୋକେ ଗ୍ରାମ ଦେବତା ଭାବେ ସ୍ୱାଧୀନତା ପୂର୍ବରୁ ପୂଜା କରି ଆସୁଛନ୍ତି। ଗରିବଶ୍ରେଣୀର ଲୋକେ ଏଠାରେ ସ୍ୱଳ୍ପ ଖର୍ଚ୍ଚରେ ବିବାହ, ବ୍ରତ

**■ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର**

ଅନ୍ତେଷ୍ଟିକ୍ରିୟା, ଗଙ୍ଗାଭୋଜି ଭଳି ସାମାଜିକ କାର୍ଯ୍ୟ ସମ୍ପାଦନ କରିବାରୁ ସୁଯୋଗ ପାଉଛନ୍ତି। କହିବାକୁ ଗଲେ ଏହି ଅଞ୍ଚଳର ପ୍ରାୟ ୫ ହଜାରରୁ ଅଧିକ ଲୋକେ ବିଭିନ୍ନ ପ୍ରକାର ଖେଳ, ପର୍ବପର୍ବାଣୀ, ବିବାହ ଉତ୍ସବ ପାଇଁ ବ୍ୟବହାର କରୁଛନ୍ତି। ଏହି ସବୁ କାର୍ଯ୍ୟ ପାଇଁ ଏଠାରେ ଅନ୍ୟ କøଣସି ଉପଯୁକ୍ତ ସ୍ଥାନ ନାହିଁ। ଏତଦବ୍ୟତୀତ, ଉକ୍ତ ପଡ଼ିଆ ଦେଇ ସ୍ଥାନୀୟ ଲୋକେ ପ୍ରତିଦିନ ଇବ୍ ତୁଠକୁ ସ୍ନାନ ଶୌଚ ପାଇଁ ଯିବା ଆସିବା କରିଥାଆନ୍ତି। ଅପରପକ୍ଷରେ ଏହି ଜମିଟି ଚାରିଦଶନ୍ଧି ତଳୁ ସ୍ଥାନୀୟ ଜୟବଜରଙ୍ଗ କ୍ଲବର ଦଖଲରେ ରହି ଆସିଥିଲେ ହେଁ ପ୍ରଶାସନ ପକ୍ଷରୁ ନୂତନ ସରକାରୀ ନିର୍ମାଣକୁ ସେମାନେ ବିରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଏହି ଦାବି ପତ୍ର ଗ୍ରହଣ କରିଥିଲେ।

### ■ ୧୭ ଦଫା ଦାବିରେ ଟ୍ରେଡ୍ ୟୁନିୟନର ବିକ୍ଷୋଭ

# ଜୁଲାଇ ୯ରେ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ




ରାଉରକେଲା, ୨୦।୫(ସମିସ): ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ବିଶେଷ କରି ଆଇଏନଟିୟୁସି, ସିଆଇଟିୟୁ ଏଚଏମ୍ ଏସ, ଏଆଇଟିୟୁସି, ଏଆଇୟୁଟି ୟୁସି, ଏଆଇସିସିଟିୟୁ ଓ ସ୍ଥାନୀୟ ସ୍ତରରେ ଜିଏମ୍‌ଏମ୍ ଓ ସିୟର ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନ ବିରୋଧୀ ନୀତି ବିରୋଧରେ ଓ ୧୭ ଦଫା ଦାବିରେ ପୂର୍ବରୁ ମେ’ ୨୦ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦେଇଥିଲେ। ୨୨ ଏପ୍ରିଲ ପହଲଗାମ ଠାରେ ଆତଙ୍କବାଦୀ ଆକ୍ରମଣ ପରେ ଜୁଲାଇ ୯ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ବିଶ୍ରା ଛକ ଆରଏସପି ପାୱାର ଗେଟ୍ ସମ୍ମୁଖରେ ମିଳିତ ଟ୍ରେଡ ୟୁନିୟନମାନଙ୍କ ବିକ୍ଷୋଭ ଅନୁଷ୍ଠିତ ହୋଇ ଜୁଲାଇ ୯ ତାରିଖ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସୁନ୍ଦରଗଡ଼ ଜିଲ୍ଲାର ଶ୍ରମିକ ଶ୍ରେଣୀ ଓ ସାଧାରଣ ଜନତାଙ୍କୁ ଆହ୍ୱାନ କରାଯାଇଛି। ଏହି ବିକ୍ଷୋଭରେ ଆଇଏନଟିୟୁସି ନେତା ପ୍ରଶାନ୍ତ ବେହେରା, ଦିଲୀପ ମହାପାତ୍ର, ଅକ୍ଷୟ ଜେନା, ନିହାର ଦାସ, ସୁରେଶ ପାଣିଗ୍ରାହୀ, ସତ୍ୟ ସାହୁ, ବି କେ ଶେଖର ଦେଓ, ରଘୁନାଥ ପ୍ରଧାନ, ମାନସ ରଞ୍ଜନ ବେହେରା, ସାରସ କିଷାନ, ଗୌରାଙ୍ଗ ପରିଜା, ସିଆଇଟିୟୁ ନେତା ବିମାନ ମାଇତି, ଶ୍ରୀମନ୍ତ ବେହେରା, ସଦାନନ୍ଦ ସାହୁ, ରମେଶ ସେଠୀ, କୈଳାସ ବେହେରା, ଅଜିତ୍ ନାୟକ, ବିଷ୍ଣୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ■ ଡକାୟତି ଯୋଜନା ପଣ୍ଡ

# ବିଭିନ୍ନ ମାରଣାସ୍ତ୍ର ଜବତ; ୬ ଅଭିଯୁକ୍ତ ଗିରଫ



ସୁନ୍ଦରଗଡ଼, ୨୦।୫(ସମିସ): ସୁନ୍ଦରଗଡ଼ ସଦର ଥାନା ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। କେପସେ ଫୁଟବଲ ପଡ଼ିଆ ନିକଟରେ ଡକାୟତି ଯୋଜନା କରୁଥିବା ୬ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବାବେଳେ ତାଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଭାଲୁବାହାଲର ପବନ କୁମାର ବେକ (୨୩), କେନାପାଲି ଗ୍ରାମର ତୁଷାର ବାର୍ଲା (୨୨), ଟାଙ୍ଗରପାଲି ଗ୍ରାମର ଚରଣ ମୁଣ୍ଡା (୨୪), ସମୀର ମୁଣ୍ଡା (୨୬), କ୍ରିଷ୍ଣା ମୁଣ୍ଡା (୨୨), କ୍ଷୀର ସାଗର ଯାଦବ (୨୨)। ଅଭିଯୁକ୍ତଙ୍କ ଠାରୁ ୪ଟି ମୋବାଇଲ, ଗୋଟିଏ ବାଇକ, ଛୁରୀ, ବର୍ଚ୍ଛା, କଟୁରୀ, ଲଙ୍କାଗୁଣ୍ଡ ସହିତ ୧୪୪୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ପୁଲିସ କୌଣସି ସୂତ୍ରରୁ ଖବରପାଇ ଅତର୍କିତ ଚଢ଼ଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରା ଯାଇଥିବା ବେଳେ ଅଦାଲତରେ ଜାମିନ ନାମଞ୍ଜୁର ହେବାକୁ ସୁନ୍ଦରଗଡ଼ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆ ଯାଇଛି।

# ଗଜା ମାଝୀଙ୍କ ତିରୋଧାନ ଦିବସ ପାଳିତ

ବାଲିଶଙ୍କରା, ୨୦।୫(ସମିସ): ତଳସରା ନିର୍ବାଚନମଣ୍ଡଳୀରେ ତଳସରା ଫାଟକ ନିକଟରେ ଆଜି ସ୍ୱର୍ଗତ ଗଜାଧର ମାଝୀଙ୍କ ୧୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଗଜାଧର ମାଝୀଙ୍କ ଟ୍ରଷ୍ଟବୋର୍ଡ ସଭାପତି ତ୍ରିବେଣୀ ମାଝୀଙ୍କ ନେତୃତ୍ୱରେ ହୋଇଯାଇଥିବା ତିରୋଧାନ ଉତ୍ସବରେ ପୂର୍ବତନ ବିଧାୟକ ଡ଼. ପ୍ରଫୁଲ୍ଲ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଭାବେ ବାଲେଶ୍ୱର ପ୍ରଧାନ, ଶୁଭେନ୍ଦୁ ନାଏକ, ଅଜୟ ବହିଦାର, ଅଶୋକ ପ୍ରସାଦ, ପର୍ଶୁରାମ ସରାଫ, ରିଙ୍କୁ ବହିଦାର, ନେହେରୁ ବହିଦାର, ପ୍ରଦୀପ ରାଏ, ସୁଦସୁ ପଶାୟତ, ନେହେରୁ ଓରାମ, ବଳରାମ ନାଏକ, ଶିଶିର ସାହୁ, ବ୍ରହ୍ମାନନ୍ଦ ମାଝୀ, ଧନେଶ୍ୱର ନାଏକ, ମଙ୍ଗଳ ଭିତ୍ରିଆ ପ୍ରମୁଖ ଯୋଗଦେଇ ଥିଲେ। ତଳସରା ନିର୍ବାଚନ ମଣ୍ଡଳୀ ଆଦିବାସୀ ଶିକ୍ଷାଲାଭ ପାଇଁ ଅନେକ ବିଦ୍ୟାଳୟ ସ୍ଥାପନ କରିଥିଲେ ବୋଲି ଆଲୋଚନା ହୋଇଥିଲା।

# ପ୍ରଦେଶ କଂଗ୍ରେସ କମିଟିରେ ନୂତନ ନିଯୁକ୍ତି

ବାଲିଶଙ୍କରା, ୨୦।୫(ସମିସ): ବାଲିଶଙ୍କରା ବ୍ଲକରେ କଂଗ୍ରେସ କର୍ମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ଏଆଇସିସି ଦ୍ୱାରା ପ୍ରଦେଶ କଂଗ୍ରେସ କମିଟିରେ ନୂତନ ଭାବେ ବିଭିନ୍ନ ପଦାଧିକାରୀ ନିଯୁକ୍ତିକୁ ବାଲିଶଙ୍କରା ବ୍ଲକ କଂଗ୍ରେସ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଛି। ସୁନ୍ଦରଗଡ଼ ଆଦିବାସୀ ବହୁଳ ଜିଲ୍ଲାକୁ ପ୍ରାଧାନ୍ୟ ଦେଇ ରାଜଗାଙ୍ଗପୁରର ଲଢୁଆ ଆଦିବାସୀ ନେତା ତଥା ବର୍ତ୍ତମାନର ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କାଙ୍କୁ ପ୍ରଦେଶ କଂଗ୍ରେସର ଉପସଭାପତି ଓ ଅନିମା ମିଞ୍ଜଙ୍କୁ ସମ୍ପାଦିକା ଭାବେ ନିଯୁକ୍ତ କରାଯାଇଛି। ନିଯୁକ୍ତି ପାଇଁ ରାହୁଲ ଗାନ୍ଧୀ, ମଲ୍ଲୀକାର୍ଜୁନ ଖଡ଼ଗେ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ବାଲିଶଙ୍କରା ବ୍ଲକ କଂଗ୍ରେସର ସୁଧାଂଶୁ ପଶାୟତ, ବିଷ୍ଣୁଚରଣ ଦାସ, ସଞ୍ଜୀବ ଏକ୍କା, ଗଣେଶ ମାଝୀ, ପିଟର କୁଲୁ, କୁଅଁର ତିର୍କି, ବଳରାମ ନାଏକ, ଜ୍ୟୋତି ଟେଟେ, ଅଶୋକ ପଟେଲ, ଆଲୋକ ଭୋଇ, ସନ୍ତୋଷ ଓରାମ, ହିରାଧର ଓରାମ ଧନ୍ୟବଦ ଜ୍ଞାପନ କରିଥିଲେ।





### ■ ସର୍ବଭାରତୀୟ ଧର୍ମଘଟ

# ବିଭିନ୍ନ ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

ସୁନ୍ଦରଗଡ଼, ୨୦।୫(ସମିସ): ଆଇଟିୟୁସିର ସର୍ବଭାରତୀୟ ଧର୍ମଘଟ ପରିପ୍ରେକ୍ଷୀରେ ମଙ୍ଗଳବାର ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ମୁଖ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା। କମଳ ଷଣ୍ଢଙ୍କ ନେତୃତ୍ୱରେ ଏହା ପ୍ରଦାନ କରା ଯାଇଥିବା ବେଳେ ଅଙ୍ଗନବାଡ଼ି ନେତ୍ରୀ ନନ୍ଦିନୀ ପଟେଲ, ସୁରଭି ପଣ୍ଡା, ସସ୍ମିତା ମାଝୀ, ଜୟନ୍ତୀ ଭୋଇ, ନିରାଶି ମାଝୀ, ଆଶା କର୍ମୀ ଟିକେଶ୍ୱରୀ ପାଣ୍ଡେ, ଦିଲେନ୍ଦ୍ରୀ ଗନ୍ଧା, ମାମିନା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହେମଗିରି ବ୍ଲକରେ ରଶ୍ମିରେଖା ଧୁଆ, ସନ୍ତୋଷିନୀ ପାଣ୍ଡ, କୁନ୍ତି ପ୍ରଧାନ, ଅମ୍ବିକା ମହାକୁଲଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିକାରୀଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରା ଯାଇଥିବାବେଳେ ଲେଫ୍ରିପଡ଼ା ବ୍ଲକରେ ଗୀତା ସା, ତାରା ବିରଗଣ୍ଡିଆ, ସୂର୍ଯ୍ୟ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏହା ପ୍ରଦାନ କରା ଯାଇଛି। ଉକ୍ତ ସ୍ମାରକ ପତ୍ର ଗୁଡିକରେ ବିଭିନ୍ନ ଦାବି ରହିଛି।

### ଅନୁମତି ବିନା ଚାଲିଛି ପିଚୁ କାରଖାନା

# ସମ୍ପୂର୍ଣ୍ଣ ବନ୍ଦ ଦାବିକଲେ ସ୍ଥାନୀୟ ବାସିନ୍ଦା

ସୁନ୍ଦରଗଡ଼, ୨୦।୫(ସମିସ)

ଦୁଇବର୍ଷ ତଳୁ ବଡ଼ଗାଁ ବ୍ଲକ ଅଧୀନ ଫୁଲବାରୀ ଗ୍ରାମ ନିକଟରେ ଏକ ପିଚୁ କାରଖାନା ଚାଲିଥିବା ଅଭିଯୋଗ ହୋଇଛି। ଏହି ପିଚୁ କାରଖାନା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ

**● ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କାରଣଦର୍ଶାଅ ନୋଟିସ**

ପ୍ରଦୂଷଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିବାପରେ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ ପକ୍ଷରୁ କାରଖାନା କର୍ତ୍ତୃପକ୍ଷଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ସ୍ଥାନୀୟ ଗ୍ରାମବାସୀ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରୁଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ବେଆଇନ କାରଖାନା ଯୋଗୁଁ ଅଞ୍ଚଳରେ ପ୍ରଦୂଷଣ ହେଉଛି। ଦୁର୍ଗନ୍ଧରେ ଲୋକେ ଅଣନିଶ୍ୱସୀ ହୋଇ ପଡୁଛନ୍ତି। ଏହି ପିଚୁ କାରଖାନା ସ୍ଥାପନ ନେଇ କୌଣସି ଅନୁମତି ନ ଥିବା ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଛନ୍ତି। ଅଞ୍ଚଳରେ କୌଣସି କାରଖାନା ପ୍ରତିଷ୍ଠା ହେଲେ ଗ୍ରାମସଭା, ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏକ ଏନ୍‌ଓସି ପ୍ରଦାନ ଆଦିର ନିୟମ ରହିଛି। ତେବେ ଏହି କାରଖାନା ପାଇଁ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ କୌଣସି ଏନଓସି ଦିଆଯାଇନାହିଁ କି ଗ୍ରାମସଭା ହୋଇନାହିଁ। ପ୍ରଦୂଷଣ ପ୍ରମାଣପତ୍ର ମଧ୍ୟ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଗ୍ରାମବାସୀ ବଡ଼ଗାଁ ତହସିଲଦାରଙ୍କୁ ଅଭିଯୋଗ କରିବାପରେ ତହସିଲଦାର ଝରଣା ପ୍ରଧାନ ଏହି ବିଷୟରେ ସୁନ୍ଦରଗଡ଼ ଉପ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଗତ ଦୁଇଦିନ ତଳେ ପ୍ରଦୂଷିତ ନିୟନ୍ତ୍ରଣ ବୋର୍ଡ ରାଉରକେଲା ପକ୍ଷରୁ ଏହି କାରଖାନାକୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଅପରପକ୍ଷରେ ଏହି ପିଚୁ କାରଖାନା ଅଧିକାଂଶ ସରକାରୀ ଜମିକୁ ଜବରଦଖଲ କରିଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇଛନ୍ତି।



■ ବାଲିକୁଦା ଥାନାରେ ୨ ସନ୍ଦିଗ୍ଧ ଅଟକ

# ଜାଲ୍ ଆଧାରକାର୍ଡ ଜବତ, ଯାଞ୍ଚ ପରେ ଛାଡ଼ିଲା ପୁଲିସ୍

ଜଗତସିଂହପୁର/ବାଲିକୁଦା,୨୦।୫(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ପୁଲିସ ୨ଜଣ ସନ୍ଦିଗ୍ଧ ଯୁବକଙ୍କୁ ଅଟକ ରଖି ପଚରାଉଚରା କରି ଆଧାର କାର୍ଡ ଯାଞ୍ଚ କରି ଛାଡ଼ିଦେଇଥିବା ଜଣାପଡ଼ିଛି। ଉକ୍ତ ଦୁଇ ଯୁବକ ବୋରିକିନା ଅଞ୍ଚଳରେ ସନ୍ଦେହଜନକ



ଭାବେ ବୁଲିଥିବାବେଳେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଏମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ବାଲିକୁଦା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ନିଜର ପରିଚୟ ରାଜନ ମହମ୍ମଦ ସେଖ୍ ଓ ଘର ବାଲିକୁଦା ଥାନା ଚଉଁରପୁର ବୋଲି କହୁଥିବାବେଳେ ଅନ୍ୟଜଣେ ନିଜର ନାମ ସରିଫ୍ ଖାଁ ଓ ଘର ଜଗତସିଂହପୁର ଥାନା ମଙ୍ଗଳପୁର ବୋଲି କହିଛି। ରାଜନର ଆଧାର କାର୍ଡ ଠିକ୍ ଥିବାବେଳେ ସରିଫ୍ ଆଧାରକାର୍ଡ ଜାଲିଆତି କରି ନିଜ ନାମ ଅକ୍ଷୟ ମଲ୍ଲିକ କରିଥିବା ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି। ତେବେ ଉଭୟଙ୍କ ପରିବାର ଲୋକେ ଥାନାରେ ପହଞ୍ଚିବା ପରେ ସମସ୍ତ ବିଷୟରେ ଯାଞ୍ଚ କରାଯାଇଥିଲା ଓ ସେମାନେ ଜଗତସିଂହପୁର ଜିଲ୍ଲା ବାସିନ୍ଦା ବୋଲି ଜଣାପଡ଼ିଥିଲା। ରାଜନ ମହମ୍ମଦଙ୍କ ଘର ବାଲିକୁଦା ଥାନା ଚଉଁରପୁର ବୋଲି ସ୍ପଷ୍ଟ ହୋଇଥିବାବେଳେ ସରିଫ୍ ଖାଁଙ୍କ ଘର ମଧ୍ୟ ଜଗତସିଂହପୁର ଥାନା ଅନ୍ତର୍ଗତ ମଙ୍ଗଳପୁର ବୋଲି ସ୍ପଷ୍ଟ ହୋଇଥିବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା ସୂଚନା ଦେଇଛନ୍ତି। ତେବେ ସରିଫ୍ ଖାଁ ହାଇଦ୍ରାବାଦରେ ରହୁଥିବାବେଳେ ଘର ଭଡ଼ାରେ ରହିବା ପାଇଁ ନିଜ ନାମ ବଦଳାଇ ଅକ୍ଷୟ ମଲ୍ଲିକ ନାମରେ ଏକ ଫେକ୍ ଆଧାର କାର୍ଡ ବାହାର କରିଥିଲା ବୋଲି ପୁଲିସକୁ କହିଥିବା ବାଲିକୁଦା ଆଇଆଇସି ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ପରେ ଉଭୟଙ୍କୁ ପୁଲିସ ଛାଡିଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ମା' ଶାରଳାଙ୍କ ରୂପା ଛାଉଣୀ କବାଟର ଲୋକାର୍ପଣ



ଜଗତସିଂହପୁର/ତିର୍ତ୍ତୋଲ, ୨୦।୫(ସମିସ): ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା ମନ୍ଦିରର ଗର୍ଭଦ୍ୱାର ଓ ପ୍ରବେଶ ପଥରେ ଥିବା ଦ୍ୱାରରେ ପୂର୍ବରୁ ଶିଶୁକାଠ ନିର୍ମିତ କବାଟ ଲାଗିଥିଲା। ଏହା ଉପରେ ରୂପା ଛାଉଣୀ କରାଯାଇ ଆଜି ଚନ୍ଦନ ଯାତ୍ରାର ଉଦ୍‌ଯାପନୀ ଦିବସରେ ମା'ଙ୍କ ଚନ୍ଦନ ଲାଗି ସରିବା ପରେ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଝଙ୍କଡ଼ ଶାରଳା ପୀଠସ୍ଥ ଜଗନ୍ନାଥ ମହୋତ୍ସବ କମିଟି ଓ ମା'ଙ୍କ ସେବାୟତଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସମହାରାଜ ଏହାକୁ ଲୋକାର୍ପଣ କରିଥିଲେ। ଅନୁଷ୍ଠାନର ସଭାପତି ଇଂ ବିଷ୍ଣୁଚରଣ ସ୍ୱାଇଁ, ସମ୍ପାଦକ କ୍ଷୀରୋଦ ରାଉଳ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ରାଉଳଙ୍କ ସମେତ ବିଳାସ ବେହେରା, ସତ୍ୟଭୂଷଣ ଦାସ, ଦେବୀପ୍ରସାଦ ରାଉଳ, ହରେକୃଷ୍ଣ ରାଉଳ, ତ୍ରିଲୋଚନ ରାଉଳ, ଗୋପାଳ ଚରଣ ଖଟୁଆ, ସନ୍ତୋଷ ମହାନ୍ତି, ବିଜୟ ରାଉଳ, ହରେକୃଷ୍ଣ ନାୟକ, ରମେଶ ସାହୁ, ଭାଗୀରଥି ସାହୁ ଓ ଶାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ପ୍ରମୁଖ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ବରିଷ୍ଠ ଆଇନଜୀବୀ ଦେବସ୍ନାନ ଦାସ, ଡଃ ଅମରେନ୍ଦ୍ର ଦାସ, ପୂର୍ବତନ ମହିଳା କମିଶନ ଅଧକ୍ଷା ଡଃ ମିନତୀ ବେହେରା, ଜଗତସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂ, ସମାଜସେବୀ ବିବେକାନନ୍ଦ ସାମନ୍ତରାୟ, ପୂର୍ବ ସିଂହଭୂମି ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ପ୍ରଦୀପ୍ତ ଦାସ, ବାବାଜୀ ସୀତାରାମ ଦାସମହାରାଜ, ପଣ୍ଡିତ ଶରତ ଚନ୍ଦ୍ର ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ମା'ଙ୍କ ବଡ଼ପଣ୍ଡା ପ୍ରଜ୍ଞାଦୀପ୍ତ ପଣ୍ଡା, ପରିଚ୍ଛା ଦୁର୍ଗାଚରଣ ପଣ୍ଡାଙ୍କ ଓ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ସମସ୍ତ ଅଧିବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କୂଳ ଖାଉଛି ମହାନଦୀ

# ହରିପୁରରୁ ପଥୁରିଆ ପର୍ଯ୍ୟନ୍ତ ସ୍ପର ନିର୍ମାଣ ଦାବି

କୁଜଙ୍ଗ,୨୦।୫(ସମିସ): କୁଜଙ୍ଗ ବ୍ଲକ୍‌ର ତାଳପଡ଼ାଠାରୁ ପାରାଦୀପ ସନ୍ନିକଟ ଚଉମୁହାଁଣି ପର୍ଯ୍ୟନ୍ତ ମହାନଦୀ ପରିବ୍ୟାପ୍ତ। ଏହି ନଦୀ କୁଜଙ୍ଗବାସୀଙ୍କ ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ତଳିଆ ଅଞ୍ଚଳ ତାଳଦଣ୍ଡାରୁ ଚଉମୁହାଁଣି ଭିତରେ ବହୁ ସ୍ଥାନରେ ପଥର ସ୍ପର ହୋଇଥିବାବେଳେ ଏବେ ପଙ୍କପାଳରୁ ତାଳଦଣ୍ଡା ପର୍ଯ୍ୟନ୍ତ ଏହି ନଦୀ କୂଳ ଖାଉଥିବା ଅଭିଯୋଗ ହୋଇଛି। ଫଳରେ ନଦୀକୂଳରେ ଉର୍ବର ଚାଷଜମି ମାଟିରେ ମିଶିଯାଉଥିବାବେଳେ ବହୁ କୃତ୍ରିମ ଜଙ୍ଗଲ ମଧ୍ୟ ନଦୀଗର୍ଭରେ ଲୀନ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ବିଭାଗୀୟ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାବେଳେ ପ୍ରତିବର୍ଷ ଏହି ନଦୀବନ୍ଧ କ୍ଷୟ ଯୋଗୁଁ ପଙ୍କପାଳ, ବଡ଼ପାଳ, ପଥୁରିଆ ଅଞ୍ଚଳରେ ବହୁତ ଚାଷଜମି ନଦୀ ଗର୍ଭରେ ଲୀନ ହେଉଥିବାବେଳେ ଶହ ଶହ ଚାଷୀଙ୍କ ଫସଲ ହାନୀ ହେଉଛି। ତେଣୁ ହରିପୁରରୁ ପଥୁରିଆ ପର୍ଯ୍ୟନ୍ତ ପଥର ସ୍ପର ନିର୍ମାଣ ସହ ଇଫ୍‌କୋ ପକ୍ଷରୁ ନିର୍ମାଣ କରାଯାଇଥିବା ଏକର ଏକର କୃତ୍ରିମ ଜଙ୍ଗଲର ସୁରକ୍ଷା ପାଇଁ ସାଧାରଣରେ ଦାବି ହୋଇଛି। ଏହି



ଅଞ୍ଚଳକୁ ଏକ ଇକୋ ଟୁରିଜିମ ସେଣ୍ଟର କରାଯାଇପାରିବ ବୋଲି କହିଛନ୍ତି ପଙ୍କପାଳର ପ୍ରାକ୍ତନ ସରପଞ୍ଚ ଶରତ ଚନ୍ଦ୍ର ମହାପାତ୍ର। ପଙ୍କପାଳର ଚାନ୍ଦପୁର ନିକଟରେ ଏହି ନଦୀ ପ୍ରତିବର୍ଷ କୂଳ ଖାଉଥିବାବେଳେ ପଟୁସାହି, ପଙ୍କପାଳ, ବଡପାଳ ଓ କଳଦୀପ ନିକଟରେ ଉଦ୍‌ବେଗଜନକ ବୋଲି କହିଛନ୍ତି ଅଞ୍ଚଳର ପ୍ରମୁଖ ଚାଷୀ ଶିବ ସାହୁ, କୁଞ୍ଜବିହାରୀ ମଲ୍ଲ। ଏହି ଦ୍ରୁତ ନଦୀକ୍ଷୟ ଅଞ୍ଚଳରେ ପଥର ସ୍ପର କରାଯିବା ସହ ଅଧିକ କୃତ୍ରିମ ଜଙ୍ଗଲ ସୃଷ୍ଟି, ନଷ୍ଟ ହୋଇଥିବା ଜଙ୍ଗଲର ସୁରକ୍ଷା ପାଇଁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ମହାନଦୀରୁ ବଡ଼ପାଳ ନିକଟରେ ଖଣି ନିୟମ ଉଲ୍ଲଂଘନ କରାଯାଇ ବାଲି ଉତ୍ତୋଳନ ହେଉଥିବା ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି।

# ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡ଼ାଙ୍କ ସ୍ମୃତିଚାରଣ ସଭା

ନାଉଗାଁ, ୨୦।୫(ସମିସ): ବାଂଶ ପଞ୍ଚାୟତର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ପରିଡ଼ାଙ୍କ ବିୟୋଗରେ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସ୍ମୃତିଚରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିଷଦର ସମ୍ପାଦକ ସରୋଜ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଉପଦେଷ୍ଟା ତଥା ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ନିରଞ୍ଜନ ବେହୁରା, ପୂର୍ବତନ ବ୍ଲକ୍ ଚେୟାରମ୍ୟାନ ଜଗନ୍ନାଥ ଦାସ, ପରିଷଦର ସଭ୍ୟ ଶିକ୍ଷକ ଗୁରୁଚରଣ ବିଶ୍ୱାଳ, ବୈଷ୍ଣବ ଚରଣ ଦାସ, ଗୋପାଳ ଚନ୍ଦ୍ର ମହାପାତ୍ର, ପ୍ରିୟଦର୍ଶିନୀ ପରିଡା, ରବୀନ୍ଦ୍ର ପଟ୍ଟନାୟକ, ପ୍ରସନଜିତ ସାହୁ, ସାଂସ୍କୃତିକ ସମ୍ପାଦକ ସୁକାନ୍ତ ଲେଙ୍କା, ଶିକ୍ଷକ ତ୍ରିଲୋଚନ ପାଢ଼ୀ, ଲିପୁ ଦାସ, ବିଜୟ ବାରିକ, ତପନ ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚରଣ କରିବା ସହ ଶ୍ରୀ ପରିଡାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

# ଆଳି ପୁଲିସ୍‌ର ଗାଡ଼ି ଯାଞ୍ଚ



ଆଳି,୨୦।୫(ସମିସ): ଆଳି ପୁଲିସ ପକ୍ଷରୁ ଗାଡ଼ି ଚେକିଂକୁ କଡ଼ାକଡ଼ି କରାଯାଇଛି। କଟକ-ଚାନ୍ଦବାଲି ରାସ୍ତା ସଂଲଗ୍ନ ଭୂଇଁପୁର ଛକରେ ଗାଡ଼ି ଚେକିଂ କରାଯାଇଥିଲା। ସମସ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏଥିସହିତ ଅନ୍ୟାନ୍ୟ ଅପରାଧୀକ କାର୍ଯ୍ୟକଳାପ, ହେଲମେଟ ଚେକିଂ, ଦ୍ରୁତ ଗାଡ଼ି ଚାଳନା, ଅଙ୍କାବଙ୍କା ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କଠାରୁ ଗାଡ଼ି ଜବତ କରି ଚାଲାଣ କଟାଯାଇଛି। ଆଳି ପୁଲିସର ଏଭଳି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଥିବାବେଳେ ସମସ୍ତେ ସଚେତନ ହେଲେ ଦୁର୍ଘଟଣାର ହାର କମିବ ବୋଲି ମତ ପ୍ରକାଶ ପାଇଛି।

ବିହାରୀ ଯୁବକ ନିଖୋଜ ଘଟଣା

# ମିଳିଲାନି ମୃତଦେହ, ଫେରିଗଲା ବିହାର ପୁଲିସ୍

ପାରାଦୀପ, ୨୦।୫(ସମିସ): ବିହାରୀ ଯୁବକ ପାରାଦୀପରେ ନିଖୋଜ ଘଟଣାରେ ତଦନ୍ତ କରୁଥିବା ବିହାର ପୁଲିସ ଆଜି ତଦନ୍ତ ସାରି ଫେରିଯାଇଛି। ନିଖୋଜ ଯୁବକକୁ ଜୀବନରୁ ମାରିଦେଇଥିବା ନେଇ ସ୍ୱୀକାର କରିଥିବା ଅଭିଯୁକ୍ତକୁ ବିହାର ପୁଲିସ ପାଞ୍ଚଦିନିଆ ରିମାଣ୍ଡରେ ଆଣି ଉକ୍ତ କମ୍ପାନୀ ପରିସରରେ ଛାନଭିନ କରିଥିଲା। ଛାନଭିନ ବେଳେ ମୃତ ଯୁବକଙ୍କ ଚପଲ, ଜୋତା ମିଳିବା ସହିତ ଅଭିଯୁକ୍ତ ଯେଉଁ ଟାଉଆରେ ଯୁବକଙ୍କୁ ବାଡ଼େଇ ମାରିଥିଲା, ତାକୁ ଜବତ କରି ନେଇଛି ବିହାର ପୁଲିସ। ଅଭିଯୁକ୍ତ କହିବା ଅନୁଯାୟୀ ଜେସିସି ମାଧ୍ୟମରେ କମ୍ପାନୀ ପରିସରରେ ଖୋଳାଯାଇଛି, ତେବେ ଯୁବକଙ୍କ ମୃତଦେହର କୌଣସି ଟେର ମିଳିପାରିନାହିଁ। ମୃତଦେହ କମ୍ପାନୀ ପରିସରରୁ ଗଲା କୁଆଡ଼େ ତାକୁ ନେଇ ସନ୍ଦେହ ଉପୁଜିଛି। ଅଭିଯୁକ୍ତ ରିମାଣ୍ଡରର ପ୍ରଥମ ଦିନ କହିବା ଅନୁଯାୟୀ ଯୁବକଙ୍କୁ ଟାଉଆରେ ପିଟିବା ପରେ ତା' ଉପରେ ଏକ କପଡା ଘୋଡ଼ାଇ ଚାଲିଯାଇଥିଲା। ଦ୍ୱିତୀୟ ଦିନ କହିଥିଲା ହତ୍ୟା କରିବା ପରେ ନିକଟରେ ଥିବା ଝରକା ଦେଇ ମୃତଦେହକୁ ଫିଙ୍ଗି ଦେଇଥିଲା। ତେବେ ସେ ଜାଗାରୁ ମୃତଦେହ କେଉଁଆଡ଼େ ଗଲା? ଅଭିଯୁକ୍ତ ଦୁଇଦିନରେ କାହିଁକି ମତ ବଦଳାଇଲା। ଅନ୍ୟପକ୍ଷରେ କମ୍ପାନୀ ପରିସରରେ ଯୁବକଙ୍କ ମୃତଦେହକୁ ପାଇ କମ୍ପାନୀ ପକ୍ଷରୁ କାହିଁକି ଥାନାରେ ଅଭିଯୋଗ କରାଗଲାନାହିଁ, ଏଭଳି ପ୍ରଶ୍ନ ଉଠିଛି। ପୁଅକୁ ନ ପାଇ ପରିବାର ଲୋକେ ବିହାରରୁ ଆସି ପାରାଦୀପରେ ପହଞ୍ଚିଥିଲେ। ପୁଅ ନିଖୋଜ ହେବା ନେଇ ପରିବାର ଲୋକେ ଲକ୍ ଥାନାରେ ଅଭିଯୋଗ ପରେ ପୁଲିସ ଗୁରୁତର ଭାବେ ଅଭିଯୋଗକୁ ନେଲା ନାହିଁ କାହିଁକି। ଏଭଳି ବିଭିନ୍ନ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ସୃଷ୍ଟି ହୋଇଛି। ଚାରିଦିନ ଧରି ଦୁଇଟି ରାଜ୍ୟର ପୁଲିସ ତଦନ୍ତ କରିବା ପରେ ମଧ୍ୟ ମୃତଦେହ ସମ୍ପର୍କରେ କୌଣସି ଖବର ମିଳିଲାନାହିଁ। ଅନ୍ୟପକ୍ଷରେ ବିହାର ପୁଲିସ ଅଭିଯୁକ୍ତର ରିମାଣ୍ଡ ସରିଯାଇଥିବାରୁ ଅଭିଯୁକ୍ତକୁ ଧରି ଫେରିଯାଇଥିବାବେଳେ ମୃତକଙ୍କ ବାପାମାଆ ଓ ପରିବାର ଲୋକେ ପୁଅକୁ ହରାଇ ଦୁଃଖରେ ଫେରି ପାରୁନାହାନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେମାନେ ପାରାଦୀପରେ ରହି ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ତେବେ ପରିବାରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗିପଡିଛନ୍ତି ବୃଦ୍ଧ ପିତାମାତା। ଏଭଳି ଦୁଃଖଦ ସମୟରେ ପୁଲିସ ଉକ୍ତ ପରିବାରକୁ କ'ଣ ନ୍ୟାୟ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ପଙ୍କପାଳରେ ପରାକ୍ରମ ଶୋଭାଯାତ୍ରା




କୁଜଙ୍ଗ,୨୦।୫(ସମିସ): ଭାରତୀୟ ସେନାର ଅପରେସନ ସିନ୍ଦୂରର ସଫଳତା ନେଇ ପଙ୍କପାଳ ପଞ୍ଚାୟତ ବିଜେପି ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେପି ନେତା ସୁଦାମ ଚରଣ ମଲ୍ଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ଅନିରୁଦ୍ଧ ସାହୁ, ନାରାୟଣ ବେହେରା, ରମାକାନ୍ତ ପଟ୍ଟନାୟକ, ପ୍ରଦୀପ୍ତ ପ୍ରଧାନ, ସନ୍ତୋଷ ନାୟକ, ତୁଷାର ପଟ୍ଟନାୟକ, ବଂଶୀଧର ବାରିକ, ପରୀକ୍ଷିତ ସାହୁ, ଗୌରାଙ୍ଗ ବିଶ୍ୱାଳ, ସଂଗ୍ରାମ ନାୟକ, ଅଶୋକ ସାମନ୍ତରାୟ, ୩ନଂ ଜୋନ ମଣ୍ଡଳ ପ୍ରତିନିଧି ମନୋରଞ୍ଜନ ମହାନ୍ତିଙ୍କ ସହ ଶହ ଶହ ଯୁବକ ଓ ବିଜେପି କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ନାଉଗାଁ ଫେଷ୍ଟିଭାଲ ଉଦ୍‌ଯାପିତ



ନାଉଗାଁ,୨୦।୫(ସମିସ): ନାଉଗାଁ ବ୍ଲକସ୍ଥ ଗୋବରୀ ନଦୀପଠା ମଣିକର୍ଣ୍ଣିକା ଘାଟ ଚଗଲା ଦାସ ମଠ ପଡ଼ିଆ ନିକଟରେ ଚାଲିଥିବା ନାଉଗାଁ ଫେଷ୍ଟିଭାଲ ଉଦ୍‌ଯାପିତ ହୋଇଛି। ସଭାପତି ଡ. ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବକୁ ମୁଖ୍ୟଅତିଥି ଭାବେ ବାଲିକୁଦାର ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଦେଶ କଂଗ୍ରେସର ପୂର୍ବତନ ସମ୍ପାଦକ ତଥା ସମାଜସେବୀ ଅଭିଲାଷ ମାଣିଆ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡକ୍ଟର ଧରଣୀଧର ନାଥ ଓ କୃଷ୍ଣଚନ୍ଦ୍ର ଆଇଚ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ଯୋଗ ଦେଇଥିଲେ। ଶିକ୍ଷାବିତ୍ ତଥା ଉତ୍କଳ ଭାରତୀ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ସୁକାନ୍ତ ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ଫେଷ୍ଟିଭାଲ କମିଟି ସମ୍ପାଦକ ଧନଞ୍ଜୟ ପରିଜା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କଟକସ୍ଥ ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ ପ୍ରାୟୋଜିତ ଉଦ୍‌ଯାପନୀ ଉତ୍ସବରେ ପରିଷଦର ସାଂସ୍କୃତିକ ସମ୍ପାଦକ ସୁନୀଲ ମାଟିଆ ସ୍ୱାଗତ ଭାଷଣ ଦେଇଥିଲେ। ସଂଗଠନ ସମ୍ପାଦକ ମନୋଜ ନାୟକ, ତ୍ରିନାଥ ପରିଜା, ଅଭିମନ୍ୟୁ ସାହୁ, ବିବେକାନନ୍ଦ ପରିଜା, ସରୋଜ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ସମ୍ପାଦକ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ। କଟକ ଶ୍ୟାମ କୁମାରଙ୍କ ସରଗମ ଅର୍କେଷ୍ଟ୍ରାର ମେଲୋଡି ନାଇଟ୍‌ରେ ଦର୍ଶକ ଝୁମିଥିଲେ।

# ନାରଦିଆରେ ପରାକ୍ରମ ଶୋଭାଯାତ୍ରା




ଜଗତସିଂହପୁର/ଏରସମା,୨୦।୫(ସମିସ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତ ବିଜେପି ପକ୍ଷରୁ ଅପରେସନ ସିନ୍ଦୂରର ସଫଳତା ପାଇଁ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସେନାଙ୍କ ଅଦମ୍ୟ ସାହସ, ତ୍ୟାଗ, ବଳିଦାନ ଓ ପରାକ୍ରମ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଥିଲା। ସେହିପରି ସେନାଙ୍କୁ ନୈତିକ ସମର୍ଥନ ଜଣାଇ ନାରଦିଆ ପଞ୍ଚାୟତର ସରପଞ୍ଚ ସୀମାଇଁ ଚରଣ ଭୋଳଙ୍କ ନେତୃତ୍ୱରେ ବିଜେପି କର୍ମୀ ନାରଦିଆ, ଟିକରପଡ଼ା, ଗୋବିନ୍ଦପୁର, ପାଣିଏଣ୍ଡୁଳା ଆଦି ଗ୍ରାମ ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ପ୍ରଫୁଲ ପାଳ, ଦିଲ୍ଲୀପ ରାମ, ଆଶିଷ ଜେନା, ଲକ୍ଷ୍ମୀଧର ପାଳ, ଟିକମ ମହାନ୍ତି, ଗୌରାଙ୍ଗ ମିଶ୍ର, ବିଜୟ ମଲ୍ଲିକ, କୈଳାସ ସ୍ୱାଇଁ, ଧୀରେନ୍ଦ୍ର ପ୍ରଧାନ, ବାବୁନି ବାରିକ, ସନାତନ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

ଆବର୍ଜନା କୁଣ୍ଡ ପାଲଟିଛି କେନାଲ

# ପ୍ଲାଷ୍ଟିକ୍ ଆବର୍ଜନା ଯୋଗୁଁ ଚାଷଜମିକୁ ଜଳଯୋଗାଣ ବାଧାପ୍ରାପ୍ତ

ଡେରାବିଶ,୨୦।୫(ସମିସ): ନଅଙ୍କ ଦୁର୍ଭିକ୍ଷ ସମୟରେ ଇଂରେଜ ଶାସକ କେନ୍ଦ୍ରାପଡ଼ା କେନାଲର ନିର୍ମାଣ କରିଥିଲେ। ଏହି କେନାଲଟି ମହାନଦୀରୁ କଟକର ଯୋବ୍ରାରୁ ବାହାରି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍‌ର ଜମ୍ବୁଠାରେ ଗୋବରୀ ନଦୀର ସମୁଦ୍ର ମୁହାଣରେ ମିଶିଥିଲା। ସେତେବେଳେ ଇଂରେଜମାନେ ଓଡ଼ିଶାର ବୁଭୁକ୍ଷୁ ଲୋକଙ୍କୁ ଖାଦ୍ୟ ବଦଳରେ କାର୍ଯ୍ୟ ଯୋଜନାରେ ଏହି କେନାଲକୁ ନିର୍ମାଣ କରାଇଥିଲେ। ସେତେବେଳେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ଜଳପଥରେ ଓଡ଼ିଶାରୁ ମାଲ ପରିବହନ କରିବା ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବା। କେନ୍ଦ୍ରାପଡ଼ା କେନାଲରେ ଦୁଇତିନି କିଲୋମିଟର ମଧ୍ୟରେ ଲକ୍ ମଧ୍ୟ ନିର୍ମାଣ କରାଯାଇଥିଲା। ଏଥିସହିତ ଏହି କେନ୍ଦ୍ରାପଡ଼ା କେନାଲରୁ ଶାଖା ନାଳ ତିଆରି କରି ସ୍ଥାନୀୟ ଅଞ୍ଚଳର ଚାଷଜମିକୁ ଜଳସେଚିତ କରିବା ମଧ୍ୟ ଏହାର ଅନ୍ୟଏକ ଲକ୍ଷ୍ୟ ଥିଲା। ତେବେ ବ୍ରିଟିଶ ଶାସନ ପରେ ସମଗ୍ର ଅଞ୍ଚଳରେ ରାସ୍ତାଘାଟର



ବହୁ ଉନ୍ନତି ହେବାରୁ କେନ୍ଦ୍ରାପଡ଼ା କେନାଲ୍‌ରେ ନୌବାଣିଜ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବାବେଳେ ଏହାକୁ ଏବେ କେବଳ ଚାଷଜମିକୁ ଜଳସେଚିତ କରିବା ପାଇଁ ବ୍ୟବହାର କରାଯାଉଛି। ବର୍ତ୍ତମାନ ଏହି କେନାଲରେ ଆବର୍ଜନା ପଡୁଥିବାରୁ ଚାଷଜମିକୁ ଜଳଯୋଗାଣ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା କେନାଲରୁ ଡେରାବିଶ ବ୍ଲକ୍ ଅଞ୍ଚଳ ଦେଇ ୯, ୧୦, ୧୧, ୧୨, ୧୩, ୧୩(ଏ) ଓ ୧୪ନଂ କେନାଲ୍ ବହିଯାଇଛି। ଏଥିସହିତ କଟକ ଜିଲ୍ଲାର ନେମାଳ ନିକଟରେ ସାଇଫନ କରାଯାଇ କରାଣ୍ଡିଆ ମାଇନର କେନାଲ୍ ମଧ୍ୟ ଡେରାବିଶ ବ୍ଲକ୍ ଅଞ୍ଚଳ ଦେଇ ବହିଯାଇଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ କେନାଲ ମଧ୍ୟ ଡେରାବିଶ ବ୍ଲକ୍ ଅଞ୍ଚଳ ଦେଇଯାଇଛି। ଏହି କେନାଲ୍ ଗୁଡ଼ିକ ଡେରାବିଶ ବ୍ଲକ୍ ଅନ୍ତର୍ଗତ ୨୬ଟି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମିକୁ ଜଳସେଚିତ କରିଥାଏ। ଡେରାବିଶ ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ବରଦାନ ସାଜିଥିଲା। ଏବେ ଲୋକଙ୍କ ବଦଭ୍ୟାସ ଓ ଅପବ୍ୟବହାର ଯୋଗୁଁ ଏବେ ଏହି କେନାଲ୍ ଚାଷୀଙ୍କ ପାଇଁ ଅଭିଶାପ ସାବ୍ୟସ୍ତ ହେବାରେ ଲାଗିଲାଣି। ଏବେ ଦେଖିବାକୁ ମିଳୁଛି ଏହି କେନାଲ କୂଳରେ ଯେଉଁଠି ଜନବସତି ଓ ବଜାର ରହିଛି ସେଠାରେ ଲୋକେ ବିନା ଦ୍ୱିଧାରେ ସେମାନଙ୍କ ସମସ୍ତ ବର୍ଜ୍ୟବସ୍ତୁକୁ ଏହି କେନାଲ୍ ଗର୍ଭକୁ ନିକ୍ଷେପ କରୁଛନ୍ତି। ସତେ ଯେପରି ଡଷ୍ଟବିନ୍ ପାଲଟିଛି। ଏହି ବର୍ଜ୍ୟ ମଧ୍ୟରୁ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ପ୍ଲାଷ୍ଟିକ। ପ୍ଲାଷ୍ଟିକ ନାଳରେ ଜମା ହୋଇଥିବାରୁ ଖରିଫ ଓ ରବି ଚାଷ ସମୟରେ ଆସୁଥିବା କେନାଲ୍ ପାଣିରେ ବହିଯାଇ ଚାଷଜମିରେ ପ୍ରବେଶ କରୁଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ପଲିଥିନ୍ ମାଟିରେ ଦୀର୍ଘ ବର୍ଷ ଜମିରହି ଧିରେ ଧିରେ ଏକ ଆସ୍ତରଣ ସୃଷ୍ଟି କରୁଛି। ଏହି ପଲିଥିନ୍ ଆସ୍ତରଣ ଯୋଗୁ ମାଟିର ଉତ୍ପାଦନ କ୍ଷମତା କମିବାରେ ଲାଗିଛି। ପରିବେଶବିତ୍‌ଙ୍କ ମତ ଅନୁଯାୟୀ ପଲିଥିନ୍‌ରୁ ବାହାରୁଥିବା ରାସାୟନିକ ପଦାର୍ଥ ଯୋଗୁଁ ମାଟିରେ ରହିଥିବା ଉପକାରୀ ଜୀବ ଜିଆ ଓ କଙ୍କଡ଼ା ଆଦି ଲୋପ ପାଇଯାଉଛନ୍ତି। ଯେଉଁଥିପାଇଁ ଚାଷଜମି ଧିରେ ଧିରେ ବନ୍ଧ୍ୟା ହେଉଛି। ତେଣୁ ଜନସାଧାରଣ ତୁରନ୍ତ ଏଥିପ୍ରତି ସଚେତନ ହୋଇ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବା ସହିତ ବ୍ୟବହୃତ ପ୍ଲାଷ୍ଟିକକୁ ଏଣେତେଣେ ନ ପକାଇ ଏହାକୁ ସାଇତି ପୁନଃ ବ୍ୟବହାରକ୍ଷମ କରିବାକୁ ପରିବେଶବିତ୍ ପରାମର୍ଶ ଦେଇଛନ୍ତି।

# ନାଉଗାଁ ବିଡିଓଙ୍କ ବିରୋଧରେ ଅଭିଯୋଗ

ଜଗତସିଂହପୁର,୨୦।୫(ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍‌ରେ ମଣ୍ଡଳ ଉନ୍ନୟନ ଅଧିକାରୀ ପଦବୀ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଦୀର୍ଘଦିନ ଧରି ଖାଲି ରହିଛି। ବିଡିଓଙ୍କ ଅଚାନକ ବଦଳି ପରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ରଙ୍କୁ ଭାରପ୍ରାପ୍ତ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ସେ ଯୋଗଦେବା ଦିନଠାରୁ ଅଳ୍ପ ସମୟ ପାଇଁ ମାତ୍ର ୪/୫ ଥର ବ୍ଲକ୍ ଆସିଛନ୍ତି। ମୁଖିଆ ଆସୁ ନ ଥିବାରୁ କର୍ମଚାରୀ କିଏ କେତେବେଳେ ବ୍ଲକ ଆସନ୍ତି, ଯାଆନ୍ତି ତାହାର କିଛି ହିସାବ ନ ଥାଏ ବୋଲି ଅଭିଯୋଗ କରିଛନ୍ତି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର। ନୂତନ ବିଡିଓ ନିଯୁକ୍ତି ପର୍ଯ୍ୟନ୍ତ ଜଗତସିଂହପୁରରେ ୪ ଦିନ, ନାଉଗାଁରେ ୨ ଦିନ ଆସିଲେ ବିଶେଷ ସମସ୍ୟା ରୁହନ୍ତା ନାହିଁ ବୋଲି ବିଡିଓ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ ହେଁ ତାଙ୍କ ଇଚ୍ଛାରେ ସେ ଆସିବେ ବୋଲି ଉତ୍ତର ଦେଉଥିବା ପ୍ରତାପ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ନାଉଗାଁର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଡିଓଙ୍କୁ ଏ ସମ୍ପର୍କରେ ପଚାରିଲେ ବିକାଶ ଏକ ନିରନ୍ତର ପ୍ରକ୍ରିୟା। ସମୟ ସୁବିଧା ଅନୁସାରେ ସବୁ ହେବ ବୋଲି ଶସ୍ତା ଉତ୍ତର ଦେଉଥିବା ଅଭିଯୋଗ କରିଛନ୍ତି ଜିଲ୍ଲା ବିଜେପି ସଭାପତି। ଏ ସମ୍ପର୍କରେ ବିଜେପି ସଭାପତି ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିବା ସୂଚନା ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତି ଯୋଗୁଁ ନାଉଗାଁ ବ୍ଲକରେ ବିକାଶମୂଳକ କାମ ଏକପ୍ରକାର ଠପ ହୋଇଯାଇଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ରର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ, ଜିଲ୍ଲାପାଳ, ସିଡିଓ କମ୍ ଇଓ, ଜିଲ୍ଲା ପରିଷଦଙ୍କ ଅବଗତି ନିମନ୍ତେ ପ୍ରେରଣ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଆଶୁତୋଷ ମିଶ୍ରଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବାକୁ ମନା କରିଦେଇଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ରାଜକନିକା, ୨୦।୫(ସମିସ): ରାଜକନିକା ବ୍ଲକ୍ ତେନ୍ତୁଳିକୋଳି ଗ୍ରାମର ୮୪ ବର୍ଷ ବର୍ଷୀୟ ମହିଳା ମନୋରମା ନାୟକଙ୍କ ଗତକାଲି ପରଲୋକ ହୋଇଯାଇଛି। ସ୍ୱର୍ଗତ ଆଦର୍ଶ ଶିକ୍ଷକ ରାମନାରାୟଣ ନାୟକଙ୍କ ପତ୍ନୀ ମନୋରମା ଜଣେ ଅତ୍ୟନ୍ତ ସରଳ, ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ଅନ୍ତନଳୀରେ ସମସ୍ୟା ଥିବାରୁ ସେ କଟକର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିବାବେଳେ ଗତକାଲି ଅପରାହ୍ନ ୪.୪୫ମିନିଟ



ସମୟରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ରଜତ, ସାନପୁଅ ଶରତ, ପୁତୁରା ହେମନ୍ତ, ନିର୍ମଳ, ବୋହୂ ଅଞ୍ଜଳି, ତୁଷାରିକା, ଝିଅଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ବିଳମ୍ବିତ ରାତିରେ ଶେଷକୃତ୍ୟ ସମାପନ କରାଯାଇଥିଲା। ମନୋରମାଙ୍କ ମୃତ୍ୟୁରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବାବେଳେ ରାମନାରାୟଣ ଚାରିଟେବୁଲ ଟ୍ରଷ୍ଟ ସ୍ୱୟଂସିଦ୍ଧ ପରିବାର ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

■ ମହିଳାଙ୍କୁ ଯୌତୁକ ନିର୍ଯାତନା

## ମାମଲା ରୁଜୁ କରି ଚୁପ୍ ବସିଛି ପୁଲିସ

ରାଜନଗର, ୨୦।୫(ସମିସ): ଯୌତୁକ ପାଇଁ ନିର୍ଯାତନା ଦିଆଯାଉଥିବା ନେଇ ମହିଳା ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଚୁପ୍ ବସିଛି। କାହାରିକୁ ଗିରଫ କରୁ ନ ଥିବା ନେଇ ମଙ୍ଗରାଜପୁର ଗ୍ରାମର ଉତ୍କଳିକା ରାଉତ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ବାବାଜୀ ରାଉତଙ୍କ ଝିଅ ଉତ୍କଳିକା ରାଉତ ୨୦୨୩ ଫେବୃଆରୀ ୧୧ ତାରିଖରେ ମହିଁଷାସୁର ଗାଁର ନାରାୟଣ ରାଉତଙ୍କ ସାନପୁଅ ପ୍ରବୀଣ ରାଉତଙ୍କୁ ଭଲ ପାଇ ଅଭିଭାବକଙ୍କ ସହମତିରେ ବିବାହ କରିଥିଲେ। ବିବାହର ୬ ମାସ ପରେ ଶାଶୂ, ଶଶୁର, ସ୍ୱାମୀ ଓ ଦେଢଶୁର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଜୀବନରୁ ମାରିଦେବାକୁ ଜୋର୍ ଜବରଦସ୍ତ ବିଷ ପିଇବାକୁ ଦେଇଥିଲେ। ବିଷ ବୋତଲ ଫିଙ୍ଗି ଭାଙ୍ଗି ଦେବାରୁ ସମସ୍ତେ ମାଡ଼ ମାରିବା ସହ ଖାଇବାକୁ ନ ଦେଇ ଘର ଭିତରେ ପୂରାଇ ବାହାର ପଟୁ ତାଲା ପକାଇ ଦେଇଥିଲେ। ଭଦ୍ରଲୋକଙ୍କ ସହ ବାପା ଆସିଲା ପରେ ତାଙ୍କୁ ମୋ' ସହିତ ଦେଖା କରାଇ ଦେଲେନାହିଁ। ଉତ୍କଳିକାଙ୍କ ବାପା ବାବାଜୀ ରାଉତଙ୍କ ଝିଅକୁ ମାଡ଼ ମାରି ଘରେ ବନ୍ଦ କରି ରଖିଛନ୍ତି। ଉଦ୍ଧାର କରିବାକୁ ଲିଖିତ ଭାବେ ଜଣାଇବା ପରେ ପୁଲିସ ଉତ୍କଳିକାଙ୍କୁ ଉଦ୍ଧାର କରିଥିଲା। ପରେ ଉତ୍କଳିକାଙ୍କ ଅଭିଯୋଗ ଆଧାରରେ ପୁଲିସ କେସ ନମ୍ବର ୧୬୮, ଦଫା ୮୫, ୧୧୫ (୨), ୭୪, ୩୫୧ (୨), ୩ (୫) ଓ ଯୌତୁକ ନିରୋଧ ଆଇନ ଦଫା ୪ରେ ମାମଲା ରୁଜୁ କରିଥିଲା। ପୁଲିସ ମାମଲା ରୁଜୁ କରିଥିଲେ ବି କାହାରିକୁ ଗିରଫ କରୁ ନ ଥିବା ନେଇ ଆଜି ଉତ୍କଳିକା ମହିଳା କମିଶନଙ୍କ ନିକଟରେ ନ୍ୟାୟ ପାଇଁ ଅଭିଯୋଗ କରିଛନ୍ତି।

ଦଳରେ ଭର୍ତ୍ତି କୁଣ୍ଡାଖିଆ ନାଳ

# ଅରେହିକଣା ଓ ବଡ଼ାମ୍ବିଳା ଚାଷୀଙ୍କ ପୁନରୁଦ୍ଧାର ଓ କଲଭର୍ଟ ନିର୍ମାଣ ଦାବି



ଆଳି,୨୦।୫(ସମିସ): ଚାଷଜମିରୁ ଜଳ ନିଷ୍କାସନ ପାଇଁ କୁଣ୍ଡାଖିଆ ନାଳ ରହିଛି। ଏବେ ଏହି ନାଳ ଦଳରେ ଭର୍ତ୍ତି ହୋଇଛି। ଉକ୍ତ ନାଳର ପୁନରୁଦ୍ଧାର କରାଯିବା ସହ କଲଭର୍ଟ ନିର୍ମାଣ ଦାବି କରିଛନ୍ତି ଅରେହିକଣା ଓ ବଡ଼ାମ୍ବିଳା ପଞ୍ଚାୟତର ଶତାଧିକ ଚାଷୀ। ଚାଷ ଜମିକୁ ଯିବାକୁ ଏକମାତ୍ର ଗମନାଗମନ ରାସ୍ତା, ଯାହା କୁଣ୍ଡାଖିଆ ନାଳ ମଧ୍ୟଦେଇ ଯାଇଛି। ସେହି ରାସ୍ତାକୁ ପ୍ରତିବର୍ଷ ଚାଷୀ ନିଜ ମଧ୍ୟରେ ଟଙ୍କା ଆଦାୟ କରି ରାସ୍ତା ନିର୍ମାଣ କରୁଥିଲେ ମଧ୍ୟ ଉକ୍ତ ରାସ୍ତାରେ ଥିବା ନାଳ ବନ୍ଧ ବହୁ ପୁରାତନ ହୋଇଥିବାରୁ ବର୍ଷାଜଳ ଓ ବ୍ରାହ୍ମଣୀ ନଦୀ ଜଳସ୍ରୋତରେ ତାହା ନଷ୍ଟ ହୋଇଯାଉଛି। ଫଳରେ ଅପର ପାଶ୍ୱର୍ରେ ଥିବା ଶହ ଶହ ଏକର ଚାଷଜମିକୁ ନାଳ ଅତିକ୍ରମ କରି ଯିବା କଷ୍ଟକର ହେଉଛି। ଏଥିସହ ଚାଷଜମିକୁ ଟ୍ରାକ୍ଟର ଯାଇପାରୁଛି ଓ ଚାଷୀ ଯାତାୟାତ କରିପାରୁନାହାନ୍ତି। ଆଗକୁ ଖରିପ ଚାଷ ଆସୁଥିବାରୁ ଚାଷୀ କେମିତି ଚାଷଜମିକୁ ଯାଇ ଚାଷ କାର୍ଯ୍ୟ ଆରମ୍ଭ କରିବ, ସେ ନେଇ ଚିନ୍ତାରେ ପଡ଼ିଛନ୍ତି।

ଯଦି କୁଣ୍ଡାଖିଆ ନାଳରେ ଚାଷ ପୂର୍ବରୁ କଲଭର୍ଟ ନିର୍ମାଣ ସହିତ ଆଡିବନ୍ଧ ନିର୍ମାଣ କରା ନ ଯାଏ, ତେବେ ପ୍ରତିବର୍ଷ ଭଳି ଏବର୍ଷ ଚାଷ ଉଜୁଡ଼ି ଯିବା ସହିତ ଚାଷୀ ଜୀବିକା ହରାଇ ବସିବେ। ଚାଷୀ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପ୍ରଶାସନ ପକ୍ଷରୁ କୁଣ୍ଡାଖିଆ ଆଡ଼ି ଓ କଲଭର୍ଟ ନିର୍ମାଣ ନ ହେଲେ, ଆମ୍ଭମାନଙ୍କର ଏକମାତ୍ର କୃଷିଜାତ ଆୟର ଉପାୟ ନଷ୍ଟ ହୋଇଯିବ ବୋଲି ଚାଷୀ ଗୋଲେଖ ବିହାରୀ ଦାସ, ସୁଶାନ୍ତ କୁମାର ପଣ୍ଡା, ଶ୍ୟାମସୁନ୍ଦର ବାରିକ, ଶିବଚନ୍ଦ୍ର ଓଝା, ବିଜୟ ଦାଶ, ରଘୁନାଥ ପଣ୍ଡା, ଅଲେଖ ଦାସ, ରବୀନ୍ଦ୍ର ସୂତାର, ସନ୍ତୋଷ ମୁଦୁଲି, ନିତ୍ୟାନନ୍ଦ ଦାସଙ୍କ ସହ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ପିଲାଙ୍କ ପାଠପଢା, ଘର ଖର୍ଚ୍ଚ, ଔଷଧ ଖର୍ଚ୍ଚ କେଉଁଠୁ ଆସିବ ବୋଲି ଚାଷୀ ଚିନ୍ତାରେ ଅଛନ୍ତି। ଦୀର୍ଘ ୫୦ ବର୍ଷ ଧରି ଆମେ ପ୍ରଶାସନଠୁ ଆରମ୍ଭ କରି ନିର୍ବାଚିତ ପ୍ରତିନିଧିଙ୍କ ପାଖରେ ଗୁହାରି କରି ଥକି ପଡିଲୁଣି। ଏ ନାଳ ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଛି, ଏହି ନାଳ ଉପରେ କଲଭର୍ଟ ନିର୍ମାଣ ହେଲେ ଦୁଇ ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ସେମାନେ କହିଛନ୍ତି। ନାଳ ଅପରପାଶ୍ୱର୍ରେ ରହିଛି ହଜାର ହଜାର ହେକ୍ଟର ଚାଷ ଜମି। ଏପଟେ ଚାଷୀର ଚାଷକୁ ଆଗକୁ ନେବା ପାଇଁ ସରକାର ପ୍ରୋତ୍ସାହନ ସ୍ୱରୂପ ଚାଷ କାର୍ଯ୍ୟ ପାଇଁ ରିହାତିରେ ଯନ୍ତ୍ରାଂଶ ଯୋଗାଉ ଥିବାବେଳେ ଯିବା ପାଇଁ ରାସ୍ତା ଓ କଲଭର୍ଟ ନ ଥିବାରୁ ଜଳ ନିଷ୍କାସନ, ଜଳସେଚନ, ଗମନାଗମନ ସହ ଯନ୍ତ୍ରାଂଶ ଚାଷଜମି ପର୍ଯ୍ୟନ୍ତ ପହଞ୍ଚିପାରୁନି। ଏ ନେଇ ଆଜି ଶତାଧିକ ଚାଷୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

● ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ଅପସାରଣ ଦାବି

## ବିଡିଓଙ୍କୁ ଦାବିପତ୍ର ଦେଲେ ପଞ୍ଚାୟତବାସୀ

ଡେରାବିଶ,୨୦।୫(ସମିସ): ଡେରାବିଶ ବ୍ଲକ୍ ଅଧୀନ ହରିଅଙ୍କ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅପସାରଣ ପାଇଁ ଆଜି ପଞ୍ଚାୟତର ପ୍ରତିନିଧିଙ୍କ ସମେତ ଶତାଧିକ ଜନସାଧାରଣ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଅଧିକାରୀଙ୍କୁ ପଞ୍ଚାୟତରୁ ତୁରନ୍ତ ଅପସାରଣ କରା ନ ଗଲେ ସେମାନେ ଗଣତାନ୍ତ୍ରିକ ପଦ୍ଧତିରେ ବ୍ଲକ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, ହରିଅଙ୍କ ପଞ୍ଚାୟତରେ ୨୦୨୪ ଡିସେମ୍ବର ମାସରୁ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସୂଚାରୁରୂପେ କାର୍ଯ୍ୟ କରିଆସୁଥିବାବେଳେ ଗତ ୭।୩।୨୦୨୫ରେ ଡେରାବିଶ ବ୍ଲକ ପକ୍ଷରୁ ଦୁଲାସିସ ଗୁପ୍ତାଙ୍କୁ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ତେବେ ତାଙ୍କୁ ଅପସାରଣ କରାଯିବାକୁ ସରପଞ୍ଚ କନକଲତା ପ୍ରଧାନ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ନାଏବ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ୱାର୍ଡ଼ସଭ୍ୟ ରଘୁନାଥ ସାହୁ, ଶିବପ୍ରସାଦ ସାହୁ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ ବଳ, ପ୍ରଫୁଲ୍ଲ ଜେନା, ରମେଶ ବରାଳ, ଜୟନ୍ତ ସ୍ୱାଇଁ, ଅଭୟ ପରିଡ଼ା, ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ଆଜି ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ ଗୁପ୍ତା ହରିଅଙ୍କ ପଞ୍ଚାୟତରେ ପୂର୍ବରୁ ୧୬।୧୧।୨୦୧୬ରୁ ୧୭।୪।୨୦୨୩ ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଶ୍ରୀ ଗୁପ୍ତା ପ୍ରତ୍ୟେକ ୱାର୍ଡ଼ରେ ଦଲାଲଙ୍କୁ ରଖି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଆଦିରେ ଗରିବ ଶ୍ରେଣୀୟ ଲୋକଙ୍କଠାରୁ ମୋଟା ଅଙ୍କର ଅର୍ଥରାଶି ଆଦାୟ କରିଥିବା ପଞ୍ଚାୟତର ଲୋକେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ଶ୍ରୀ ଗୁପ୍ତା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଇଦେବାକୁ ଉତ୍କୋଚ ନେଇଥିବା ଅର୍ଥରାଶି ଫେରସ୍ତ କରିବାକୁ ଗ୍ରାମବାସୀଙ୍କ ଦ୍ୱାରା ଅଭିଯୋଗ ଆଧାରରେ ସେତେବେଳେ ତାଙ୍କୁ ପଞ୍ଚାୟତରୁ ଅପସାରଣ କରାଯାଇଥିଲା ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ସେ ନିଜେ କିଛି କରିପାରିବେ ନାହିଁ। ସେ ଜିଲ୍ଲାପାଳଙ୍କୁ ଅବଗତ କରିବା ପରେ ଜିଲ୍ଲାପାଳ ଯାହା ପଦକ୍ଷେପ ନେବେ ବୋଲି କହିଥିଲେ। ଯଦି ଦାବି ତୁରନ୍ତ ପୂରଣ କରା ନ ଯାଏ, ତେବେ ସେମାନେ ଗଣତାନ୍ତ୍ରିକ ପଦ୍ଧତିରେ ବ୍ଲକ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।

● ସରକାରୀ ଜମିରୁ ମାଟି ଲୁଟ୍

## ତହସିଲଦାର ଓ ପୁଲିସ ଦ୍ୱାରା ଟ୍ରାକ୍ଟର, ଜେସିବି ଜବତ

ରାଜନଗର, ୨୦।୫(ସମିସ): ରାଜନଗର ତହସିଲଦାର ଓ ପୁଲିସ ଚଳିତ ମାସ ୭ ତାରିଖ ଦିନ ସରକାରୀ ଜମିରୁ ମାଟି ଚାଲାଣ ହେଉଥିବା ଦେଖିବା ସହ ଗୋଟିଏ ନମ୍ବର ବିହୀନ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଥିଲେ। ଏ ସମ୍ପର୍କରେ ତହସିଲଦାର ଚିଠି ମାଧ୍ୟମରେ ଖଣି ବିଭାଗକୁ ଅବଗତ କରିଥିଲେ। ତେବେ ଜବତର ୧୨ ଦିନ ପରେ ଖଣି ଅଧିକାରୀ ୧୯ ତାରିଖରେ ରାଜନଗର ଥାନାରେ ଏ ସମ୍ପର୍କରେ ଏତଲା ଦେଇଛନ୍ତି।




ରାଜନଗର ତହସିଲ ଅଞ୍ଚଳରେ ସରକାରୀ ଜମିରୁ ମାଟି ଉଠାଇ ବିକ୍ରି କରାଯାଉଛି। ଚଳିତ ମାସ ୭ ତାରିଖ ଦିନ ପ୍ରସନ୍ନପୁରଠାରେ ଯୁଦ୍ଧ ମକଡ୍ରିଲ ସାରି ଫେରୁଥିବାବେଳେ ଏଣ୍ଡୁଳାପୁର ମୌଜା ଖାତା ନମ୍ବର ୨୧୩, ପ୍ଲଟ ନମ୍ବର ୧୪୦୮ ପାଣି ନାଳରୁ ମାଟି ବୁହା ହେଉଥିବା ଦେଖିଥିଲେ ତହସିଲଦାର। ପରେ ତହସିଲଦାର ଅମୀୟ କେତନ ସ୍ୱାଇଁ, ହାତିନା ରାଜସ୍ୱ ନିରୀକ୍ଷକ ଓ ରାଜନଗର ଥାନା ସବଇନ୍ସପେକ୍ଟର ମିଳିତ ଭାବେ ଚଢ଼ଉ କରି ଗୋଟିଏ ଜେସିବି ଓ ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ କରିଥିଲେ। ଏ ସମ୍ପର୍କରେ ସେହିଦିନ ରାଜସ୍ୱ ନିରୀକ୍ଷକ ଜେସିବି ନମ୍ବର ଓ ଟ୍ରାକ୍ଟରର ଚେଚିସ ଓ ଇଞ୍ଜିନ ନମ୍ବର ପକାଇ ରିପୋର୍ଟ ତହସିଲଦାରଙ୍କୁ ଦେଇଥିଲେ। ପୁଲିସ ଟ୍ରାକ୍ଟରକୁ ଥାନାକୁ ଆଣିବା ସହିତ ଜେସିବିକୁ ଜଗି ରହିଥିଲା। ୭ ତାରିଖରେ ଟ୍ରାକ୍ଟର ଓ ଜେସିବି ଜବତ ହୋଇଥିବାବେଳେ ୧୯ ତାରିଖରେ ରାଜନଗର ଥାନାରେ କେନ୍ଦ୍ରାପଡ଼ା ଜୁନିଅର ଖଣି ଅଧିକାରୀ ଦିନେଶ ମହାପାତ୍ର ଏତଲା ଦେଇଥିଲେ। ଏତଲାରେ ଟ୍ରାକ୍ଟରକୁ ମାଟି କିମ୍ବା ଅନ୍ୟକୌଣସି ଲଘୁ ଖଣିଜ ପଦାର୍ଥ ଖନନ ଓ ପରିବହନ ପାଇଁ ଅନୁମତି ଦିଆଯାଇନାହିଁ। ଏହି ମାଟି ଚୋରି ରାଜ୍ୟ ସରକାରଙ୍କ ରାଜକୋଷକୁ କ୍ଷତି ପହଞ୍ଚାଉଛି। ଏହି ଲଘୁ ଖଣିଜ ପଦାର୍ଥ ଚୋରି ଓ ଅବୈଧ ପରିବହନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦର୍ଶାଯାଇଛି। ରାଜନଗର ଥାନାରେ କେସ ନମ୍ବର ୧୭୧, ଦଫା ୩୦୩ (୨), ଓଏମଏମସି ନିୟମ ୨୦୧୬ର ୫୧ରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

## ପଟ୍ଟାମୁଣ୍ଡାଇରେ ଏଆଇସିସିଟିୟୁର ବିକ୍ଷୋଭ




ପଟ୍ଟାମୁଣ୍ଡାଇ,୨୦।୫(ସମିସ): ଆକାଶଛୁଆଁ ଦରଦାମ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ଶ୍ରମିକମାରଣ ନୀତି ସର୍ବୋପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଏଆଇସିସିଟିୟୁ ଜିଲ୍ଲା କମିଟି ପକ୍ଷରୁ ପଟ୍ଟାମୁଣ୍ଡାଇ ଆଞ୍ଚଳିକ କମିଟି ସହଯୋଗରେ ପଟ୍ଟାମୁଣ୍ଡାଇ ବାଇପାସ ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ମହାବୀର ବଜାର ପାର୍ଟି ଅଫିସରୁ ଦଳର କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ବାଇପାସ ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସିପିଆଇଏମଏଲ ନେତା ସଂଜୀବ ରାଉତଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ଏଆଇସିସିଟିୟୁ ଜିଲ୍ଲା ସମ୍ପାଦକ ବସନ୍ତ ମଲିକ, ପ୍ରକାଶ ମଲିକ, ଶତ୍ରୁଘ୍ନ ରାଉତ, ଅଶୋକ ଦାସ, ଶ୍ରୀକାନ୍ତ ଲେଙ୍କା, ବିପିନ ସାହାଣୀ, ସୁବାସ ସୂତାର, ବଂଶୀଧର ସେଠୀ ପ୍ରମୁଖ ବହୁ ସିପିଆଇଏମଏଲ ନେତା, କର୍ମୀ ଓ ଚାଷୀ ମୂଲିଆ ଯୋଗ ଦେଇଥିଲେ।

## କୃଷକନେତା ଗୁରୁଚରଣ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୨୦।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବାଛରା ଗ୍ରାମର କୃଷକନେତା ଗୁରୁଚରଣ ପ୍ରଧାନଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନଳିନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ନୂଆଦିଲ୍ଲୀ ହାଉସଖାସ ଜଗନ୍ନାଥ ମନ୍ଦିର ଉପଦେଷ୍ଟା ଜୟରାମ ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ପ୍ରାକ୍ତନ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ ଲଳିତ ବେହେରା, ବାଛରା ସମିତି ସଭ୍ୟା ସୁମିତ୍ରା ସାହୁ, ସମାଜସେବୀ କାହ୍ନୁଚରଣ ସାମଲ, ପୂର୍ବତନ ସରପଞ୍ଚ ସମୀର ପ୍ରଧାନ, ବ୍ଲକ୍ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର, ବ୍ଲକ ମିଶନ ଶକ୍ତି ସଂଯୋଜକ ଧବଳେଶ୍ୱର ବରାଳ, ଶିକ୍ଷାବିତ ସଞ୍ଜୟ ସାହୁ, ଡା ଇନ୍ଦ୍ରଭାନୁ ପ୍ରଧାନ, ଯୁବନେତା ମିଟୁ ମନୋଜ ନାୟକ, ଚିତ୍ରଭାନୁ ପ୍ରଧାନ, ଯୁବନେତା ପ୍ରକାଶ ଦାସ, ରବୀନ୍ଦ୍ର ବିଶ୍ୱାଳ, ସମୀର ପାତ୍ର, ମନ୍ମଥ ପ୍ରଧାନ ପ୍ରମୁଖ ଯୋଗଦେଇ ଦିବଂଗତ ପ୍ରଧାନଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୂର୍ବତନ ସରପଞ୍ଚ ସମୀର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଧ୍ରୁବ-ଅନ୍ନପୂର୍ଣ୍ଣା କଳା ପରିଷଦ କଳାକାର ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିନୋଦ ପ୍ରଧାନ, ସୁନନ୍ଦ ପ୍ରଧାନ, ରତିକାନ୍ତ ପ୍ରଧାନ, ଚତୁର୍ଭୁଜ ବିଶ୍ୱାଳ ଓ ଅଶୋକ ପାତ୍ର ପରିଚାଳନା କରିଥିଲେ।

## ଦେବସ୍ମିତା ପିସିସି ସମ୍ପାଦକ, ଦିବ୍ୟରଞ୍ଜନ ଜିଲ୍ଲା ଛାତ୍ର କଂଗେସ ସଭାପତି ନିଯୁକ୍ତ

ଆଳି,୨୦।୫(ସମିସ): ଆଳି ନିର୍ବାଚନମଣ୍ଡଳୀ କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମାଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଅନ୍ୟତମ ସମ୍ପାଦକ ଭାବେ ନିଯୁକ୍ତ





କରାଯାଇଥିବାବେଳେ ଦିବ୍ୟରଞ୍ଜନ ରାଉତ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳ ଏ ସମ୍ପର୍କିତ ନିଯୁକ୍ତିନାମା ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଟାଣୁଆ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ନାଥଶର୍ମାଙ୍କ ଝିଅ ଦେବସ୍ମିତା ବାପାଙ୍କ ଦେହାନ୍ତ ପରେ ଆଳି ନିର୍ବାଚନମଣ୍ଡଳୀ କଂଗ୍ରେସର ମଙ୍ଗ ଧରିଛନ୍ତି। ପିସିସି ସମ୍ପାଦକ ଭାବେ ଦେବସ୍ମିତାଙ୍କ ନିଯୁକ୍ତି ଖବର ପ୍ରଚାରିତ ହେବା ପରେ ଆଳି ନିର୍ବାଚନମଣ୍ଡଳୀ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଆନନ୍ଦ ଲହରି ଖେଳିଯାଇଛି।

ସେହିପରି ଆଳି ବ୍ଲକ୍ ଅନ୍ତର୍ଗତ ମଧୁବନ ଗ୍ରାମର ଇଞ୍ଜିନିୟରିଂ ଛାତ୍ର ଦିବ୍ୟରଞ୍ଜନ ରାଉତ କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଜାତୀୟ ଛାତ୍ର କଂଗ୍ରେସ (ଏନ୍ଏସ୍ୟୁଆଇ) ସଭାପତି ବରୁଣ ଚୌଧୁରୀ, ଏଆଇସିସି ଛାତ୍ର କଂଗ୍ରେସ ଦାୟିତ୍ୱରେ ଥିବା କହ୍ନେୟା କୁମାର, ଓଡ଼ିଶା ଦାୟିତ୍ୱରେ ଥିବା ତୁନୁ ସିଂହ କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ଶ୍ରୀ ରାଉତଙ୍କ ନାମ ଘୋଷଣା କରିଛନ୍ତି। ଏହି ନିଯୁକ୍ତି ପାଇଁ ସେ ଛାତ୍ର କଂଗ୍ରେସ ନେତାଙ୍କ ସମେତ କଂଗ୍ରେସ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ନୂତନ ପ୍ରସିକ୍ୟୁସନ ଉପନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା,୨୦।୫(ସମିସ): କେନ୍ଦ୍ରାପଡ଼ାରେ ନୂତନ ଭାବେ ଯୋଗଦେଇଥିବା ପ୍ରସିକ୍ୟୁସନ ଉପନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ସଞ୍ଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରସିକ୍ୟୁସନ ଉପନିର୍ଦ୍ଦେଶକ ଶ୍ରୀ ପଣ୍ଡାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଫଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏ ଅବସରରେ ପ୍ରସିକ୍ୟୁସନ ଉପନିର୍ଦ୍ଦେଶକ ଶ୍ରୀ ପଣ୍ଡା ସରକାରୀ ଓକିଲମାନେ ଅଦାଲତରେ ସଠିକ୍ ଭାବେ ମାମଲା ପରିଚାଳନା କରିବା ଉପରେ ଗୁରୁତ୍ୱାରୋପ କରିବା ସହ ମାମଲାର ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଆଲୋଚନା କରିଥିଲେ। ଅଦାଲତରେ ମାମଲାର ବିଚାର ପରେ ଦଣ୍ଡବିଧାନ ପ୍ରତିଶତ ହ୍ରାସ ପାଉଥିବା ସମ୍ପର୍କରେ ଆଲୋଚନା କରି ଉପନିର୍ଦ୍ଦେଶକ ଶ୍ରୀ ପଣ୍ଡା କହିଥିଲେ, ଏହା ମଧ୍ୟରେ ଅବକାରୀ ମାମଲା ରହୁଥିବାରୁ ଏପରି ହେଉଛି। ଏଥିସହିତ ଉପନିର୍ଦ୍ଦେଶକ ଶ୍ରୀ ପଣ୍ଡା ପୁଲିସ ଓ ସରକାରୀ ଓକିଲଙ୍କ ମଧ୍ୟରେ ସେ ସେତୁ ସଦୃଶ କାମ କରିବେ ବୋଲି କହିବା ସହ ଜିଲ୍ଲାର ସମସ୍ତ ସରକାରୀ ଓକିଲଙ୍କ ସହଯୋଗ କାମନା କରିଥିଲେ। ସ୍ୱତନ୍ତ୍ର ପିପି ମନୋଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏପିପି ବ୍ରଜସୁନ୍ଦର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରୀ ଓକିଲ ଭୀମସେନ ପ୍ରଧାନ, ରମାକାନ୍ତ ସ୍ୱାଇଁ, ସୁରେଶ ଚନ୍ଦ୍ର ନାୟକ, ଅରୁଣ ସାମଲ, ନିରଞ୍ଜନ ବଳ, ପ୍ରତୀମା ଓଝା, ସରୋଜ ଜେନା, ମୀର ଅଫସଲ ଅଲ୍ଲୀବକ୍ସ, ଅଜୟ ମହାନ୍ତି, ମଧୁସ୍ମିତା ଦାସ, ହରପ୍ରିୟା ସାହୁ, ପ୍ରଭାତ ଜେନା, ବୀରକିଶୋର ମହାନ୍ତି, ନଳିନୀକାନ୍ତ ମଙ୍ଗରାଜ, ମାନସ ଧଳ, ସ୍ମୃତିରଞ୍ଜନ ସିଂ, କଳାକାର ରାଉତ, ସେକ ଅଜିମୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ତହସିଲଦାରଙ୍କୁ ସ୍ୱାଗତ



ରାଜନଗର, ୨୦।୫(ସମିସ): ରାଜନଗର ତହସିଲରେ ନୂତନ ତହସିଲଦାର ଭାବେ ଆଜି ଯୀଶୁକ୍ରିଷ୍ଟ ଦାସ ଯୋଗ ଦେଇଛନ୍ତି। ଶ୍ରୀ ଦାସ ପୂର୍ବରୁ ନବରଙ୍ଗପୁର ଜିଲ୍ଲା ସବରେଜିଷ୍ଟ୍ରର ଅଫିସର ଥିଲେ। ରାଜନଗର ତହସିଲଦାର ଅମୀୟ କେତନ ସ୍ୱାଇଁଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ତହସିଲଦାର ଭାବେ ଶ୍ରୀ ଦାସ ଯୋଗ ଦେଇଛନ୍ତି। ତାଙ୍କୁ ତହସିଲର କର୍ମଚାରୀ ସ୍ୱାଗତ କରିଛନ୍ତି।

ପାଣି ପାଇଁ ହାହାକାର

## ୪ ଶହ ଲୋକଙ୍କ ପାଇଁ ଗୋଟିଏ ନଳକୂପ

କେନ୍ଦ୍ରାପଡ଼ା,୨୦।୫(ସମିସ): ଚାରିଶହ ଲୋକଙ୍କ ପାଇଁ ଗୋଟିଏ ମାତ୍ର ନଳକୂପ। ପାଣି ନିଅଣ୍ଟ ପଡ଼ିବାରୁ ଭରସା ପାଲଟିଛି ଗାଁର ଦୁଇ ପରିତ୍ୟକ୍ତ ପୋଖରୀ। ଏ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ଅସୁରଡିହ ଗ୍ରାମର ଚିତ୍ର। ଉକ୍ତ ଗ୍ରାମର ୮୦ ପରିବାର ଏବେ ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି। ପାଣି ସମସ୍ୟାର ସମାଧାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସୂଚନା ମୁତାବକ, ଅସୁରଡିହ ଗ୍ରାମରେ ଥିବା ୩ଟି ନଳକୂପରୁ ଦୁଇଟି ନଳକୂପ ଅଚଳ ହୋଇପଡ଼ିଛି। ଗୋଟିଏ ମାତ୍ର ନଳକୂପ ପାଖରେ ପାଣି ପାଇଁ ଲାଗୁଛି ଲମ୍ବା ଧାଡ଼ି। ଗରା ବାଲ୍‌ଟି ଧରି ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡା ହେବାକୁ ପଡୁଛି। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ପିଇବା ପାଣି ଟୋପେ ପାଇଁ ଗାଁରେ ହାହାକାର ପଡ଼ିଯାଇଛି। ଗାଁରେ ଥିବା ୩ଟିରୁ ୨ଟି ନଳକୂପ ଅଚଳ ହେବା ପରେ ଗ୍ରାମବାସୀ ପୋଖରୀ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏହି ପାଣିରେ ରୋଷେଇ କରିବା ସହ ଘରର ଯାବତୀୟ କାମ କରିବାକୁ ପଡୁଛି। ଗାଁରେ କାର୍ଯ୍ୟକ୍ଷମ ଥିବା ଏକମାତ୍ର ନଳକୂପରୁ ଗୋଟିଏ ଗରା ଭର୍ତ୍ତି ହେବାକୁ ଲାଗୁଛି ପନ୍ଦର ମିନିଟ୍। ଫଳରେ ମହିଳାମାନେ ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିରହୁଛନ୍ତି। ବର୍ଷ ସାରା ଏହି ସମସ୍ୟା ଲାଗି ରହିଛି। ହେଲେ ସମାଧାନ ପାଇଁ କାହାର ନଜର ନାହିଁ। ଅନ୍ୟ ଗାଁଗୁଡ଼ିକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି। କିନ୍ତୁ ଅସୁରଡିହ ଗାଁରେ ପହଞ୍ଚିନି ପାଇପ୍ ଲାଇନ। ଗ୍ରୀଷ୍ମଋତୁରେ ଗାଁରେ ଥିବା ପାରମ୍ପରିକ ଜଳ ଉତ୍ସ ଶୁଖିଯାଇଛି। ଖରାପ ହୋଇ ପଡ଼ିରହିଥିବା ନଳକୂପର ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଫଳ ଶୂନ। ତେଣୁ ବାଧ୍ୟ ହୋଇ ଲୋକେ ଅସ୍ୱାସ୍ଥ୍ୟକର ପୋଖରୀ ପାଣି

**ଭରସା ପାଲଟିଛି ପରିତ୍ୟକ୍ତ ପୋଖରୀ**

ବ୍ୟବହାର କରୁଛନ୍ତି। ଫଳରେ ଗାଁରେ ଚର୍ମ ଓ ପେଟ ରୋଗ ବ୍ୟାପିବାରେ ଲାଗିଛି। ନିଜ ବ୍ୟବହାର ପାଇଁ ପାଣି ଅଭାବ ପଡୁଥିବାବେଳେ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ପାଣି ମିଳୁନାହିଁ। ଏଭଳି ସ୍ଥିତିରେ ଜୀବନ ବଞ୍ଚାଇବାକୁ ଅସୁରଡିହ ଗାଁ ଲୋକଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପାଲଟି ଯାଇଛି। ଅଚଳ ହୋଇ ପଡ଼ିଥିବା ନଳକୂପ ମରାମତି କରିବା ସହ ପାଇପ୍ ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସିପିଆଇର ଦୁଇଦିନିଆ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୨୦।୫(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଦୁଇଦିନିଆ ଜିଲ୍ଲା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ସହସାମ୍ପାଦକ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ମୁଖ୍ୟବକ୍ତା ଭାବେ ସମ୍ପାଦକ ମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ର, ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ମାର୍ଶାଘାଇ-ମହାକାଳପଡ଼ା ଜୋନ୍ ସମ୍ପାଦକ ବିକାଶ ବେଉରା, ପ୍ରାଧ୍ୟାପକ ଅଭୟ ସାମଲ, ରାମଚଣ୍ଡୀ କୃଷକ ସଭା ସଭାପତି ପ୍ରଶାନ୍ତ ଚୌଧୁରୀ, ସମ୍ପାଦକ କୈଳାସ ସାହୁ, ଅଭ୍ୟର୍ଥନା କମିଟି ସଭାପତି ବିଚିତ୍ର ମଲ୍ଲ, ଉପସଭାପତି ଡ. ବାବୁଲାଲ କର ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ଦେଶର ସମସ୍ୟା ଓ କମ୍ୟୁନିଷ୍ଟଙ୍କ କର୍ତ୍ତବ୍ୟ ସମ୍ପର୍କରେ ମୁଖ୍ୟଅତିଥି ଶ୍ରୀ ରେଡ୍ଡୀ ଅବଗତ କରିଥିଲେ। ପ୍ରଥମେ ସଂଯୁକ୍ତା ରାଉତ, ହରେକୃଷ୍ଣ ମାଝୀ, ବସନ୍ତ ଖଟେଇ, ଧିରେନ୍ଦ୍ର ସାମଲ, ଶଶୀକାନ୍ତ କୁଣ୍ଡୁ, ଅଭୟ ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସଭାସ୍ଥଳରେ ପହଞ୍ଚିବା ପରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟ ସୀତାକାନ୍ତ ନାୟକ ବୈପ୍ଳବିକ ସଂଗୀତ ଗାନ କରିଥିଲେ। ପରେ ଗତବର୍ଷ ସଂଗ୍ରାମର ଲାଲ ପତାକାକୁ ଶିକ୍ଷାବିତ ଅଜୟ ସାମଲ ଉତ୍ତୋଳନ କରିଥିଲେ। ବିକାଶ ବେଉରା, ରବୀନ୍ଦ୍ର ପରିଡା, ସୋହାନା ବେଗମଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଉଦଘାଟନ ପର୍ବକୁ ଆରମ୍ଭ କରିଥିଲେ। ନିରଞ୍ଜନ ଦାସ ଶୋକ ପ୍ରସ୍ତାବ ଆଗତ କରିଥିବାବେଳେ ସମ୍ମିଳନୀକୁ ନାରାୟଣ ରେଡ୍ଡୀ ଉଦ୍‌ଘାଟନ କରିଥିଲେ। ଏହାପରେ 'ସମ୍ବିଧାନର ଲକ୍ଷ୍ୟ ଓ ଅଗ୍ରଗତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସ ପ୍ରାରମ୍ଭରେ ରିପୋର୍ଟ ଉପରେ ୨୨ ଜଣ ଆଲୋଚନା କରିବା ପରେ ରିପୋର୍ଟ ଗୃହିତ ହେବା ସହ ୯ଟି ପ୍ରସ୍ତାବ ସମ୍ମିଳନୀରେ ପାରିତ ହୋଇଥିଲା। ନିପ୍ପନ ଆର୍ସେଲର ମିତ୍ତଲ କମ୍ପାନୀ କେନ୍ଦ୍ରାପଡ଼ାରେ ବୃହତ ଇସ୍ପାତ କାରାଖାନା ପ୍ରତିଷ୍ଠା କରିବା, ଆଞ୍ଚଳିକ ଯୁବକ/ଯୁବତୀଙ୍କୁ ନିଯୁକ୍ତି ଓ ଉଚିତ କ୍ଷତିପୂରଣ ପ୍ରଦାନ, ଜମ୍ବୁ କେନାଲର ପୁନରୁଦ୍ଧାର କରି ଜଳସେଚନର ବ୍ୟବସ୍ଥା କରିବା, ପ୍ରତ୍ୟେକ ବ୍ଲକରେ ସରକାର ଶୀତଳଭଣ୍ଡାର ପ୍ରତିଷ୍ଠା କରିବା, କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା, ମହାନଦୀର ଭୁତମୁଣ୍ଡାଇ ଓ ବ୍ରାହ୍ମଣୀର ଅଳପୁଆଠାରେ ବ୍ୟାରେଜ ନିର୍ମାଣ, ଚାଷୀଙ୍କୁ ମାସିକ ପାଞ୍ଚ ହଜାର ଟଙ୍କା ପେନସନ ପ୍ରଦାନ କରାଯିବା ଆଦି ପ୍ରସ୍ତାବ ରହିଥିଲା। ଏ ଅବସରରେ ଜିଲ୍ଲାର ୧୧ ଜଣ ସାଥିଙ୍କୁ ନେଇ ନୂତନ ଜିଲ୍ଲା କମିଟି ଗଠନ କରାଯାଇଥିଲା। ସମ୍ପାଦକ ଭାବେ ବିକାଶ ବେଉରା, ସହସମ୍ପାଦକ ଭାବେ ଆଦିକନ୍ଦ ରାଉଳ ଓ ସୋହାନା ବେଗମଙ୍କ ସହିତ ରମଣୀରଞ୍ଜନ ରାଉତରାୟ, ବାବାଜୀ ଧଳ, ରବୀନ୍ଦ୍ର ପରିଡା, ନିରଞ୍ଜନ ଦାସ, ରଞ୍ଜନ ମଲ୍ଲିକ, ଅଭୟ ଦାସ, ସଂଯୁକ୍ତା ରାଉତ, ସୀତାକାନ୍ତ ନାୟକ ପ୍ରମୁଖ ୧୧ଜଣ ନିର୍ବାଚିତ ହୋଇଥିଲେ।

### ଶ୍ରମକୋଡ୍ ବାତିଲ ସମେତ ୧୭ ଦଫା ଦାବି

# କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ବିକ୍ଷୋଭ




**ଅନୁଗୋଳ/କଣିହାଁ, ୨୦।୫(ସମିସ)**

କେନ୍ଦ୍ର ବିଜେପି ସରକାରଙ୍କ ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମକୋଡ୍ ବାତିଲ କରିବା, ୮ ଘଣ୍ଟା ଶ୍ରମ ଦିବସ ବଦଳରେ ୧୨ ଘଣ୍ଟା ଶ୍ରମ ଦିବସ ପ୍ରସ୍ତାବ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ସମସ୍ତ ଶ୍ରମ ଆଇନକୁ କଡାକଡି ଭାବେ ଲାଗୁ କରି ଶ୍ରମ ଆଇନ୍ ଭଙ୍ଗ କରୁଥିବା କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ବେକାରଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ନୂତନ ପେନ୍ସନ୍ ସ୍କିମ୍ ବାତିଲ କରି ପୁରୁଣା ପେନ୍ସନ୍ ସ୍କିମ୍ ଲାଗୁ କରିବା, ଆଶା, ଅଙ୍ଗନୱାଡି, ପାଚିକା-ସହାୟିକା ଭଳି ସ୍କିମ୍ ଶ୍ରମିକମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ପେଟ୍ରୋଲ-ଡିଜେଲ ଓ ରନ୍ଧନ ଗ୍ୟାସ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବନ୍ଦକରିବା, ଏନ୍‌ଟିପିସି, ପିଜିସିଆଇଏଲ୍, ନାଲକୋ, ଇସ୍ପାତ, କୋଲ ଇଣ୍ଡିଆ (ଏମ୍‌ସିଏଲ୍), ବିଏସ୍‌ଏନ୍‌ଏଲ୍, ବିପିସିଏଲ୍, ବ୍ୟାଙ୍କ, ବୀମା, ପ୍ରତିରକ୍ଷା ଶିଳ୍ପ, ଭାରତୀୟ ରେଳ, ସଡକ ପଥ, ବନ୍ଦର ଆଦି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରର ଘରୋଇକରଣ ବନ୍ଦ କରିବା, ସମସ୍ତ କୃଷି ଉତ୍ପାଦିତ ଦ୍ରବ୍ୟ ପାଇଁ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦେବା, ଜଙ୍ଗଲ ସଂରକ୍ଷଣ ଆଇନ୍ ୨୦୨୩ ବାତିଲ କରିବା ଏବଂ ଜଙ୍ଗଲ ଅଧିକାର ଆଇନ୍-୨୦୦୬କୁ ପୁନଃ କାର୍ଯ୍ୟକାରୀ କରିବା, ଗଣତାନ୍ତ୍ରିକ ଅନୁଷ୍ଠାନ ଓ ଅଧିକାର ଉପରେ ଆକ୍ରମଣ ବନ୍ଦ କରିବା ପ୍ରଭୃତି ୧୭ ଦଫା ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍ ପକ୍ଷରୁ ପ୍ରତିବାଦ ଆନ୍ଦୋଳନ ହୋଇଥିଲା। ମଞ୍ଚ ପକ୍ଷରୁ ଶତାଧିକ ଶ୍ରମିକ କର୍ମଚାରୀ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ଅନୁଗୋଳ ଜିଲ୍ଲା ଆବାହକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି ଦିଗମ୍ବର ଗଡନାୟକ, ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡ. ଉପେନ୍ଦ୍ର ଶର୍ମା, ବସନ୍ତ ପଟ୍ଟନାୟକ, ବିଶ୍ୱନାଥ ସାହୁ, ଧନଞ୍ଜୟ ସାହୁ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହ୍ଲାଦଚନ୍ଦ୍ର ସାହୁ, ଉପସଭାପତି ଭିକାରୀ ଚରଣ ପ୍ରଧାନ, ତୀର୍ଥବାସୀ ଭୋଇ, ଟୁନା ନାଏକ, ଦୁଃଖିଶ୍ୟାମ ମଲ୍ଲିକ, ଏଆଇସିସିଟିୟୁ ପକ୍ଷରୁ ତପନ ମହାନ୍ତି, ଚାଷୀ ସଂଗଠନର ନେତା ନବକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ୯ ଜୁଲାଇରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ ଦେଇଥିଲେ। ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳ ମହମଦ୍ ଅବଦୁଲ୍ ଅଖତରଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ମିଳିତ ମଞ୍ଚ ଆହ୍ୱାନରେ ଅନୁଷ୍ଠିତ ଆଜିର ବିକ୍ଷୋଭକୁ ସମର୍ଥନ କରି ଶତାଧିକ ଶ୍ରମିକଙ୍କ ସହିତ କୃଷକ ସଂଗଠନ ଏଆଇକେକେଏମ୍‌ଏସ୍ ଜିଲ୍ଲା ସଭାପତି ସୁବାସ ପ୍ରଧାନ, ସଞ୍ଜୟ ସାହୁ, ମହିଳା ସଂଗଠନ ଏଆଇଏମ୍‌ଏସ୍‌ଏସ୍ ଜିଲ୍ଲା ସଭାନେତ୍ରୀ ମନ୍ଦୋଦରୀ ରାଉଳ, ପ୍ରତିମା ବେହେରା, ଯୁବ ସଂଗଠନ ଏଆଇଡିୱାଇଓ ରାଜ୍ୟ ସଭାପତି ମାନସ ପାଳ, ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ସମ୍ପାଦକ କୈଳାସ ସାହୁ, ଜ୍ୟୋସ୍ନା ସାମଲ ଏବଂ ଛାତ୍ର ସଂଗଠନ ଏଆଇଡିଏସ୍‌ଓ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ସରୋଜିନି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଏନଟିପିସି କଣିହାଁଠାରେ ମିଳିତ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଆଇଏନଟିୟୁସି ନେତା ସତ୍ୟାନନ୍ଦ ସାହୁ, ଜଗବନ୍ଧୁ ପ୍ରଧାନ, ସୁଶୀଳ ବେହେରା, ଏଚଏମ୍‌ଏସ୍ ନେତା ଅରେନ୍ ପାଣି, ପ୍ରସନ୍ନ ପାଣି, ଏଆଇୟୁଟିୟୁସି ନେତା ଜୟସେନ ମେହେର, ପ୍ରହ୍ଲାଦଚନ୍ଦ୍ର ସାହୁ, ଟୁନା ନାଏକ, ଦୁଃଖୀଶ୍ୟାମ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ପୁଞ୍ଜିପତି ଶ୍ରେଣୀ ଓ ସ୍ୱାର୍ଥ ରକ୍ଷାକାରୀ ସରକାରର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ସଚେତନ ସଂଗଠିତ ଐକ୍ୟବଦ୍ଧ ମିଳିତ ଆନ୍ଦୋଳନ ଗଢି ତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ, ପ୍ରକାଶ ଗୋଛାଏତ, ସୁନିଆ ନାଏକ, ବିଜୟ ନାଏକ, ବାବୁଲି ସାହୁ, ବିନୋଦ ସାହୁ, ସୁରେଶ ବେହେରା, ଅଭୟ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ବୈଠକ



**ଅନୁଗୋଳ, ୨୦।୫(ସମିସ):** ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଅଧ୍ୟକ୍ଷତା କରିଥିବାବେଳେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡନାୟକ, ପାଲଲହଡା ବିଧାୟକଙ୍କ ପ୍ରତିନିଧ ଓ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପ୍ରମୁଖ ଯୋଗ ଦେଇଥିଲେ। ବର୍ଷା ଦିନ ପୂର୍ବରୁ ନାଳ ନର୍ଦ୍ଦମାଗୁଡିକୁ ସଫା କରିବା ଓ ମରାମତି କରିବା, ଶୁଖିଲା ଖାଦ୍ୟ ମହଜୁଦ ରଖୁବା, ଯନ୍ତ୍ର ଚାଳିତ ବୋଟଗୁଡିକ ସଜାଗ ରଖୁବା, କଣ୍ଟ୍ରୋଲ ରୁମ୍ ଗୁଡିକୁ କାର୍ଯ୍ୟକ୍ଷମ କରିବା, ନିୟମିତ ବୃଷ୍ଟିପାତ ମାପିବା, ଆଶ୍ରୟସ୍ଥଳଗୁଡିକରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରଖୁବା, ବିଦ୍ୟୁତ ଓ ଟେଲିଫୋନ ବିଭାଗ ସଜାଗରହିବା, ଆବଶ୍ୟକ ଜରୁରିକାଳୀନ ସମସ୍ତ ଔଷଧ ଯଥା- ସାପ କାମୁଡ଼ା ନିରାକରଣ ଔଷଧ, ଓ ଆର ଏସ୍,ବ୍ଲିଚିଂ ପାଉଡର, କ୍ଲୋରିନ୍ ବଟିକା ଇତ୍ୟାଦି ମହଜୁଦ ରଖୁବା, ପଶୁ ସମ୍ପଦର ସୁରକ୍ଷା,ପାନୀୟ ଜଳ ଯୋଗାଣ, ପଲିଥିନ ମହଜୁଦ ରଖୁବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପପ୍ରୀତିମୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଶିବାନନ୍ଦ ମହାନ୍ତି, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ସମସ୍ତ ଉପଜିଲ୍ଲାପାଳ, ସମସ୍ତ ବିଡିଓ, ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଓପି ଜିନ୍ଦଲ ସ୍କୁଲର ଶତ ପ୍ରତିଶତ ସଫଳତା




**ଅନୁଗୋଳ, ୨୦।୫(ସମିସ):** ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅନୁଗୋଳସ୍ଥିତ ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାରେ ମୋଟ ୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୯ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ହିତେଶ କୁମାର ୯୫.୪% ନମ୍ବର ରଖି ଟପ୍ପର ହୋଇଛନ୍ତି। ମୁଦିତା ଚାୱଲା, ଅଂଶିକା ଅଗ୍ରୱାଲ, ଅରମାନ ଷଡଙ୍ଗୀ, ମୋନାଲିସା ରାଉତ, ତୁଳସୀ ବି. ପୋଲିକି, ଇପ୍ସିତା ପି. ସାହୁ, ଶାଶ୍ୱତ ସାହୁ, ଆଶ୍ୱାଜ ଖାନ, ହିନ୍‌ଦୋଲ ଭଟ୍ଟାଚାର୍ଯ୍ୟ ବିଭିନ୍ନ ବିଷୟରେ ସ୍କୁଲ ଟପ୍ପର ହୋଇଛନ୍ତି। ୬୮ ଜଣ ଛାତ୍ରଛାତ୍ରୀ ଦ୍ୱାଦଶ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ରାୟନ ଦାସଗୁପ୍ତା ୯୫.୬% ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଜାହ୍ନବୀ ଶର୍ମା, ଶୁଭ୍ରନୀଲ ପ୍ରଧାନ, ମେଘାକୁମାରୀ ସିଂ, ରଚିତ ଅଗ୍ରୱାଲ, ଲେଖା ଫୋଗଲା, ଅନମୋଲ ଅଗ୍ରୱାଲ, ହର୍ଷ ଶର୍ମା, ଅଭୀପ୍ସା ପ୍ରଧାନ ବିଭିନ୍ନ ବିଷୟରେ ସ୍କୁଲ ଟପ୍ପର ହୋଇଛନ୍ତି। ସ୍କୁଲର ଅଧ୍ୟକ୍ଷ ଡ. ଅଶ୍ୱିନୀ ସାହୁ ଜିନ୍ଦଲ ଫାଉଣ୍ଡେସନ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜଳିଗଲା ୩ ଦୋକାନ ଘର

**ପାଲଲହଡ଼ା, ୨୦।୫(ସମିସ):** ଅନୁଗୁଳ ଜିଲ୍ଲା ପାଲଲହଡ଼ା ସଦର ମହକୁମା ନିକଟସ୍ଥ ଫପଣ୍ଡ ଗାଁ ଛକରେ ଥିବା ପପୁ ଢାବାରେ ଟ୍ରକର ବୈଦ୍ୟୁତିକ ଉପକରଣ ମରାମତି ସମୟରେ ସର୍ଟସର୍କିଟ ଘଟି ନିଆଁ ଲାଗିବାରୁ ଟ୍ରକର ଡିଜେଲ ଟାଙ୍କି ଫାଟି ନିକଟରେ ଥିବା ତିନି ଦୋକାନ ଘରକୁ ବ୍ୟାପିଥିଲା। ମାତ୍ର ଟ୍ରକର ନିଆଁକୁ ସ୍ଥାନୀୟ ଲୋକେ ଆୟତ୍ତ କରୁଥିବା



ବେଳେ ଦୋକାନ ଘର ଭିତରକୁ ନିଆଁ ବ୍ୟାପି ଯାଇଥିଲା। ଟ୍ରକର ବୈଦ୍ୟୁତିକ ଉପକରଣ ଦୋକାନ ସମେତ କିରାନା ଦୋକାନ ସମ୍ପୂର୍ଣ୍ଣ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ ବିଳମ୍ବରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଦୋକାନରେ ମହଜୁଦଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ସହାୟତା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

## ଆମ୍ବୁଲାନ୍ସ ସହାୟକଙ୍କ ବିୟୋଗରେ ଶୋକ

**କାମାକ୍ଷାନଗର, ୨୦।୫(ସମିସ):** ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆପାତକାଳୀନ ସେବାରେ ୧୦୮ ଆମ୍ବୁଲାନ୍ସରେ ସହାୟକ ଭାବେ କାର୍ଯ୍ୟ କରୁଥିବା ସଞ୍ଜୟ ମହାନ୍ତିଙ୍କ ଅକାଳବିୟୋଗ ହୋଇ ଯାଇଛି। ୧୦ ଦିନ ତଳେ କାମାକ୍ଷାନଗର ସହରସ୍ଥିତ ତାଙ୍କ ପୈତୃକ ଗ୍ରାମ ଆଳତୁମାଠାରେ ତାଙ୍କ ବିୟୋଗ ହୋଇଯାଇଛି। ଏହି ଅବସରରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଙ୍ଘ ତରଫରୁ କାମାକ୍ଷାନଗରଠାରେ ଏକ ଶୋକସଭା ଅନୁଷ୍ଠିତ ହେବା ସହ ସଞ୍ଜୟଙ୍କ ସ୍ମୃତିରେ ଏକ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଙ୍ଘ ସଭାପତି ସୁବୋଧନାଥ ଶର୍ମା, ଉପସଭାପତି କୃଷ୍ଣଚନ୍ଦ୍ର ନାୟକ,୧୦୮ ଆମ୍ବୁଲାନ୍ସ ଉଚ୍ଚ କ୍ଷମତା କମିଟିର ସଦସ୍ୟ ଜୀବନଜ୍ୟୋତି ଚାନ୍ଦ, ରଞ୍ଜନ କୁମାର ସାହୁ, ବିଶ୍ୱଜିତ ମହାରଣା, ସହସମ୍ପାଦକ ଗୋପାଳଚନ୍ଦ୍ର ସାହୁ, ଢେଙ୍କାନାଳ ଜିଲ୍ଲା ସମ୍ପାଦକ ଜସ୍ମିନ ପଣ୍ଡା ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ। ପରେ ଏକ ବାଇକ ରାଲି ସହର ପରିକ୍ରମା କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ କାମାକ୍ଷାନଗର, ପରଜଙ୍ଗ, ଭୁବନ ଓ କଙ୍କଡାହାଡ଼ ଇତ୍ୟାଦି ଅଞ୍ଚଳରେ କାର୍ଯ୍ୟରତ ଆମ୍ବୁଲାନ୍ସ କର୍ମଚାରୀ, ସହାୟକ, ଡ୍ରାଇଭରମାନେ ଯୋଗ ଦେଇଥିଲେ।

## ମହିଳା ମୋର୍ଚ୍ଚାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଅନୁଗୋଳ, ୨୦।୫(ସମିସ):** ଅନୁଗୋଳ ଜିଲ୍ଲା ମହିଳା ମୋର୍ଚ୍ଚା ତରଫରୁ ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରେସନ ସିନ୍ଦୂର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ ମହିଳା ମୋର୍ଚ୍ଚା ତରଫରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ସହିଦ ମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସଭାନେତ୍ରୀଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ରୋଜାଲିନ ଦାସ, ଶୁଚିସ୍ମିତା ତ୍ରିପାଠୀ, ନମିତା ଦଳ ନେହେରା, ସରିତା ମିଶ୍ର, ଶୋଭାଗିନୀ ପ୍ରଧାନ, ଜସ୍ମିନ ପ୍ରଧାନ, ମିତାରାଣୀ ପାତ୍ର, ତିଲୋତ୍ତମା ସାମନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତି, ସୁଜାତା ସାହୁଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ମାନଯୋର ରାସ୍ତାରେ ହାତୀ



**କିଶୋରନଗର, ୨୦।୫(ସମିସ):** ବାମୁର-ମାଧପୁର ପୂର୍ତ୍ତ ରାସ୍ତାର ମାନଯୋର ରାସ୍ତାରେ ଏବେ କିଛି ଦିନ ହେବ ଏକ ଦନ୍ତା ହାତୀଟି ଜଙ୍ଗଲରୁ ସାଥୀଙ୍କ ଗହଣରୁ ଏକୁଟିଆ ପଳାଇ ଆସି ଏଣେତେଣେ ବୁଲୁଛି। ଏହି ରାସ୍ତାରେ ଯିବାକୁ ଲୋକେ ଭୟ କରୁଛନ୍ତି। ସତର୍କତା ସହ ଲୋକଙ୍କୁ ଯିବାକୁ ବନବିଭାଗର କର୍ମଚାରୀମାନେ ସୂଚନା ଦେଉଛନ୍ତି। ଏହି ହାତୀର କାନ ପାଖରେ ଜିପିଏସ ସିଷ୍ଟମ ଲାଗିବା ସହ ଅଣ୍ଟାରେ ବେଲ୍ଟ ଲାଗିଛି। ଢେଙ୍କାନାଳ ଅଞ୍ଚଳରୁ ହାତୀଟି ପଳାଇ ଆସି ଏଣେତେଣେ ଆମ ଅଞ୍ଚଳରେ ବୁଲି ଆମ ନିଦ ହଜାଇ ଦେଲାଣି ବୋଲି ରଣିଆକଟା ଫରେଷ୍ଟର ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ରେଳ ଧାରଣାରୁ ଶବ ଉଦ୍ଧାର

**କିଶୋରନଗର, ୨୦।୫(ସମିସ):** ତାଳଚେର-ସମ୍ବଲପୁର ରେଳପଥର ହଣ୍ଡପା ଥାନା ସରଧାମୁଣ୍ଡା ନିକଟରୁ ମଙ୍ଗଳବାର ପୂର୍ବାହ୍ନରେ ବଇଣ୍ଡା ରେଳବାଇ ଫାଣ୍ଡି ପୁଲିସ ଯୁବକଙ୍କ ଶବ ଉଦ୍ଧାର କରିଛି। ତାଙ୍କ ପରିଚୟ ଜଣା ପଡି ନଥିବା ବେଳେ ବୟସ ୩୫-୪୦ ମଧ୍ୟରେ ହେବ ବୋଲି ରେଳବାଇ ପୁଲିସ କହିଛି। ବିଳମ୍ବିତ ରାତିରେ ଯାଉଥିବା ଟ୍ରେନରୁ ଉକ୍ତ ଯୁବକ ଖସି ପଡିଥିବା ବେଳେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସକାଳେ ଅଞ୍ଚଳବାସୀ ରେଳ ଧାରଣାରେ ଏକ ଶବ ପଡିଥିବା ଦେଖି ବଇଣ୍ଡା ରେଳବାଇ ପୁଲିସକୁ ସୂଚନା ଦେଇଥିଲେ। ବଇଣ୍ଡା ରେଳବାଇ ପୁଲିସ ଶବ ଉଦ୍ଧାର କରିବା ଶହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ମେଡିକାଲକୁ ପଠାଇଛି।

## ଘରୁ ଅଜଗର ଉଦ୍ଧାର



**ତାଳଚେରସଦର, ୨୦।୫(ସମିସ):** ତାଳଚେର ଉପଖଣ୍ଡ ଚିକିତ୍ସାଳୟ ପାଶ୍ୱର୍ସ୍ଥ ଏକ ଆଜବେଷ୍ଟସ ଗୃହରେ ଉକ୍ତ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ଚନ୍ଦ୍ରମଣି ନାଏକଙ୍କ ଘରୁ ଆଜି ଅଜଗର ସାପ ଉଦ୍ଧାର କରାଯାଇଛି। ସେ ସକାଳୁ ଘରର ତାଲା ଖୋଲି ଭିତରେ ପଶିବାପରେ ଏକ ଫଁଫଁ ଶବ୍ଦ ଶୁଣିବାକୁ ପାଇଥିଲେ। ସେ ତୁରନ୍ତ ବିଳମ୍ବର ନକରି ସ୍ନେକ୍‌ହେଲ୍ପ ଲାଇନକୁ ଫୋନ କରିଥଲେ। ହେଲ୍ପଲାଇନ କର୍ମଚାରୀ ସାପକୁ ଉଦ୍ଧାର କରି ନିକଟସ୍ଥ ରାଣୀପାର୍କ ଜଙ୍ଗଲରେ ଛାଡି ଦେଇଥିଲେ। ତେବେ ମେଡିକାଲର ଚତୁପାଶ୍ୱର୍ରେ ପରିମଳ ବ୍ୟବସ୍ଥା ସହିତ ଅନାବନା ଗଛ ତରୁଲତା ପ୍ରଚୁର ପରିମାଣରେ ରହିଛି। ଏଗୁଡିକ ପରିଷ୍କାର ପରିଚ୍ଛନ୍ନ ରହୁ ନଥିବାରୁ ତାହା ସାପମାନଙ୍କର ଆଡ୍ଡାସ୍ଥଳୀ ପାଲଟିଥିବା କୁହାଯାଉଛି।

## ମୃତକଙ୍କ ପରିବାରଙ୍କୁ ସହାୟତା



**ବଇଣ୍ଡା, ୨୦।୫(ସମିସ):** କିଶୋରନଗର ବ୍ଲକ ହଣ୍ଡପା ଥାନା ଟକବା ନିକଟରେ ୧୩ ତାରିଖରେ ବଜ୍ରପାତ ଘଟି ନୂଆ ବାଲିଖମନ ଗ୍ରାମର ପ୍ରଫୁଲ୍ଲ ମାଝୀ ଏବଂ ତାଙ୍କ ପୁଅ ପ୍ରବୀଣ ମାଝୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ସୋମବାର ରାତି ରେତାଙ୍କ ପରିବାର ବର୍ଗଙ୍କୁ ହଣ୍ଡପା ନନ୍ଦଉତ୍ସବ କମିଟିର କର୍ମକର୍ତ୍ତା ଭେଟି ଆଶ୍ୱାସନା ଦେବା ସହିତ ସହାୟତା ଯୋଗାଇ ଦେଇଛନ୍ତି। କମିଟିର ସଭାପତି ସୁବ୍ରତ ସାହୁ, ସମ୍ପାଦକ ରାଜେଶ ସାହୁ, ଲିପୁ ଅମାନ୍ତ, ତରଣିସେନ୍ ସାହୁ, ସିପୁନ ଦେହୁରୀ, ଲିଟନ ବେହେରା, ବିଶ୍ୱଜିତ୍ ସାହୁ ତାଙ୍କ ବାସଭବନଠାରେ ପହଞ୍ଚି ପରିବାର ସଦସ୍ୟଙ୍କୁ ୫୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ଆଗାମୀ ଦିନରେ ଶୋକାକୁଳ ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଏସ୍‌ପିଙ୍କୁ ଭେଟିଲେ ବିଜେପି ପ୍ରତିନିଧି

**ଅନୁଗୋଳ, ୨୦।୫(ସମିସ):** ଅନୁଗୋଳ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଦୁଇ ଦୁଇଟି ପୃଥକ ବୀଭତ୍ସ ହତ୍ୟାକାଣ୍ଡର ହତ୍ୟାକାରୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଇଟି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅନୁଗୋଳ ଏସପି ରାହୁଲ ଜୈନଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ସୁଭଦ୍ରା ହତ୍ୟାକାଣ୍ଡରେ ସମ୍ପୃକ୍ତ ଆସାମୀଙ୍କ ଚାର୍ଜସିଟ ୨୦ ଦିନ ମଧ୍ୟରେ ଦାଖଲ କରାଯିବା ସହ ଫାଷ୍ଟ ଟ୍ରାକ କୋର୍ଟରେ ବିଚାର କରାଯିବ ବୋଲି ଏସପି ପ୍ରକାଶ କରିଥିଲେ। ଜିଲ୍ଲାର ଆଇନ ଶୃଙ୍ଖଳା ଉପରେ ବିଜେପି ପ୍ରତିନିଧିମଣ୍ଡଳୀ ଏସପିଙ୍କ ସହ ଆଲୋଚନା କରିଥିଲେ। ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲ୍ଲା ଉପସଭାପତି ନୃସିଂହ ବରାଳ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ, ବିଶ୍ୱଜିତ ମିଶ୍ର, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ରୋଜାଲିନ ଦାସ, ନମିତା ଦଳବେହେରା, ଦିଲ୍ଲୀପ ଦାସ, ବରୁଣ କୁମାର ସାହୁ ପ୍ରମୁଖ ଏସପିଙ୍କ ସହ ଆଲୋଚନା କରିଥିଲେ।

## ଡ୍ରେନ୍ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ବଇଣ୍ଡା, ୨୦।୫(ସମିସ):** କିଶୋରନଗର ବ୍ଲକ ନାକିଚି ଛକରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଡ୍ରେନଗୁଡିକ ଅତି ନିମ୍ନମାନର ନିର୍ମାଣ କରାଯାଉଥିବା ମଙ୍ଗଳବାର ନାକିଚି ଗ୍ରାମବାସୀ ଜାତୀୟ ରାଜପଥ ବିଭାଗ ସମ୍ବଲପୁର ପିଡିଙ୍କୁ ଅଭିଯୋଗ କରିଛନ୍ତି। ନାକିଚି ଛକଠାରେ ଉଭୟ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଉଛି। ହେଲେ ଅତି ନିମ୍ନମାନର ନିର୍ମାଣ କରାଯାଉଥିବା ଯୋଗୁଁ ୫ଟି ସ୍ଥାନରେ ଭାଙ୍ଗି ଗଲାଣି। ଫଳରେ ଉକ୍ତ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଠିକାସଂସ୍ଥା ପକ୍ଷରୁ ମାଟି ପକାଇ ଦିଆଯାଇଛି। ଗ୍ରାମବାସୀ କହିବା ଅନୁଯାୟୀ, ନାକିଚି ଅଞ୍ଚଳରେ ୪ ଲେନ ରାସ୍ତା ନିର୍ମାଣ ହୋଇଛି। ନିମ୍ନମାନର କାର୍ଯ୍ୟ ନେଇ ଅଞ୍ଚଳବାସୀ କେନ୍ଦ୍ରମନ୍ତ୍ରୀଙ୍କୁ ଅଭିଯୋଗ କରିବା ପରେ ଠିକାସଂସ୍ଥା ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଠିକା ସଂସ୍ଥା ଉକ୍ତ କାମ ଅତି ନିମ୍ନମାନର କାର୍ଯ୍ୟ କରୁଛି। ଆବଶ୍ୟକ ସିମେଣ୍ଟ ଭାଗ ଦେଉ ନଥିବା ବେଳେ ମାଟି ଉପରେ ବାଲି ନ ପକାଇ ସିଧା ଢଳେଇ କରୁଛି। ଏପରିକି ଆବଶ୍ୟକ ରଡ ଲଗାଉ ନଥିବା ଯୋଗୁଁ ନିର୍ମାଣର କିଛି ଦିନ ପରେ ୪ ଚକିଆ ଯାନ ଯାତାୟାତ କରିଲା ବେଳେ ଭାଙ୍ଗି ଯାଉଛି। ନିମ୍ନମାନର କାମ ସମ୍ପର୍କରେ ନିର୍ମାଣ କରୁଥିବା ଠିକାସଂସ୍ଥାକୁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।








## ବସ୍ତା ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମାଧାନ ଦାବି

● ସିଡିଏମ୍ଓଙ୍କୁ କଂଗ୍ରେସ ଯୁବ ନେତାଙ୍କ ଦାବିପତ୍ର



ବାଲେଶ୍ୱର,୨୦।୫(ସମିସ): ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନାଙ୍କ ନେତୃତ୍ୱରେ ବସ୍ତା କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବସ୍ତା ଡାକ୍ତରଖାନାର ଗୁରୁତ୍ୱ ଜିଲ୍ଲାର ଅନ୍ୟ ଡ଼ାକ୍ତରଖାନା ଠାରୁ ଅନେକ ରହିଛି। କାରଣ ଷାଠିଏ ନମ୍ବର ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ଦୁର୍ଘଟଣାରେ ଶିକାର ହେଉଥିବା ଲୋକମାନେ ଏହି ଡାକ୍ତରଖାନାକୁ ଆସନ୍ତି। ହେଲେ ଏହି ଡାକ୍ତରଖାନାରେ ବର୍ତ୍ତମାନ ସୁଦ୍ଧା କୌଣସି ଅତ୍ୟାଧୁନିକ ପରୀକ୍ଷା ପାଇଁ ମେସିନ ଓ ଯନ୍ତ୍ରପାତି ନାହିଁ। ଏପରିକି ଅତ୍ୟାବଶ୍ୟକୀୟ ଅଲଟ୍ରାସାଉଣ୍ଡ ମେସିନ ଏହି ଡାକ୍ତରଖାନାକୁ ସରକାର ଯୋଗାଇ ଦେଇନାହାଁନ୍ତି। ଏହିଭଳି ବିଭିନ୍ନ ସମସ୍ୟା ବସ୍ତା ଡ଼ାକ୍ତରଖାନାରେ ରହିଥିବା ଯୋଗୁଁ ରୋଗୀ ମାନଙ୍କ ସେବାରେ ଅବହେଳା ହେଉଛି। ଏହି ସବୁ ସମସ୍ୟାର ସମାଧାନ କରିବା ଦାବିରେ ବସ୍ତା କଂଗ୍ରେସ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ବରିଷ୍ଠ କଂଗ୍ରେସ ନେତା ମଦନ ଭକ୍ତା, ଯୁବ କଂଗ୍ରେସ ନେତା ଜଗନ୍ନାଥ ଜେନା, ପୂର୍ବତନ ୱାର୍ଡସଭ୍ୟ ବିଶ୍ୱରଂଜନ ଦାସ, ଛାତ୍ର କଂଗ୍ରେସ ନେତା ସନ୍ତୋଷ ଗୋଛାୟତ, ଜୟନାରାୟଣ ଦାସ, ଅଜିତ୍ ଜେନା, କାହ୍ନା ବାରିକ, ଜନ୍ମେଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର,୨୦।୫ (ସମିସ): ରାଜ୍ୟ ସରକାର ଗତ ଜାନୁଆରୀ ମାସରୁ ୮୦ବର୍ଷରୁ ଅଧିକ ଓ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମମାନଙ୍କର ମାସିକ ଭତ୍ତା ୩୫ଶହ ଟଙ୍କାକୁ ବୃଦ୍ଧି କରିଛନ୍ତି। ମାତ୍ର ଇତି ମଧ୍ୟରେ ୫ମାସ ସରିବାକୁ ବସିଥିବା ବେଳେ ବାଲେଶ୍ୱର ଜିଲ୍ଲାର ଉପରୋକ୍ତ ବର୍ଗର ଅଧିକାଂଶ ହିତାଧିକାରୀ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଅଧିକାଂଶ ହିତାଧିକାରୀମାନଙ୍କର ଏହି ଭତ୍ତା ହିଁ ବଞ୍ଚିବାର ଏକମାତ୍ର ପନ୍ଥା ହୋଇଥିବା ବେଳେ ଦୀର୍ଘ ୫ମାସ ଧରି ଭତ୍ତା ନ ପାଇବା ଯୋଗୁଁ ସେମାନେ ମାନସିକ ଯନ୍ତ୍ରଣା ଭୋଗିବା ସହିତ ଦୁଃଖରେ କାଳାତିପାତ କରୁଛନ୍ତି। ଏଥିରେ ବ୍ୟଥିତ ହୋଇ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଜିଲ୍ଲାପାଳ ହିତାଧିକାରୀମାନଙ୍କ ଦୁଃଖ ଓ ଯନ୍ତ୍ରଣା ଉପଲବ୍ଧି କରିବା ସହିତ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଚଳିତ ମାସରେ ସେମାନଙ୍କୁ ବକେୟା ପ୍ରାପ୍ୟ ସହିତ ଏହି ବର୍ଦ୍ଧିତ ଭତା ପ୍ରଦାନ କରିବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସୀତାରାମ ପ୍ରଧାନ, ସାଧାରଣ ସମ୍ପାଦକ ଦାମୋଦର ନାୟକ, କାର୍ଯ୍ୟକାରୀ ସମିତି ସଦସ୍ୟ ଯଶୋଦାନନ୍ଦନ ଆଶ ଓ ଦେବେନ୍ଦ୍ର ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ରକ୍ଷା ମଞ୍ଚ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

ବାଲେଶ୍ୱର,୨୦।୫ (ସମିସ): ଏକ ଅଜଣା ନମ୍ବରରୁ ଜୀବନରୁ ମାରିଦେବାର ଧମକ ଅଭିଯୋଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ରକ୍ଷା ମଞ୍ଚ ବାଲେଶ୍ୱର ଶାଖା ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ରକ୍ଷା ମଞ୍ଚ ବାଲେଶ୍ୱର ଜିଲ୍ଲା ଶାଖାର ରାଜ୍ୟ ସମ୍ପାଦକ ସଞ୍ଜୟ ମହାପାତ୍ରଙ୍କ ପାଖକୁ ଏକ ଅଜଣା ନମ୍ବରରୁ ତାଙ୍କୁ ଜୀବନରୁ ମାରିଦେବାକୁ ଏକ ଧମକ ପୂର୍ବ ବାର୍ତ୍ତା ଆସିଥିଲା। ସେହିଦିନ ବିଳମ୍ବିତ ରାତି ୩ ଟାରେ ତାଙ୍କ ପୈତୃକ ଘର ସଦର ଥାନା ଅନ୍ତର୍ଗତ ପାରିକୂଳ ଗ୍ରାମର କିଛି ଅସାମାଜିକ ଯୁବକମାନେ ତାଙ୍କ ଘର ଉପରେ



ଆକ୍ରମଣ କରିବା ସହ ସମ୍ପୂର୍ଣ୍ଣ ପରିବାରକୁ ଜୀବନରୁ ମାରିବାର ଧମକ ଦେଇଥିଲେ। ଫଳରେ ତାଙ୍କ ପରିବାର ଲୋକେ ସଙ୍କଟାପନ୍ନ ଭାବେ ଭୟଭୀତ ହୋଇ ନିରୁପାୟ ଅବସ୍ଥାରେ ଅଛନ୍ତି। ଏହି ଘଟଣା ସମ୍ପର୍କରେ ସଦର ଓ ସହଦେବଖୁଣ୍ଟା ଥାନାରେ ଦୁଇଟି ଏତଲା ଦିଆଯାଇଛି। କିନ୍ତୁ ଥାନା ତରଫରୁ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ତେଣୁ ମଂଚ କର୍ମକର୍ତ୍ତା ଏସ୍ପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ବାଲେଶ୍ୱର ପୁଲିସର ଅଭିଯାନ

# ୧୭ଟି ଚୋରା ବାଇକ୍ ଉଦ୍ଧାର, ୩ ଗିରଫ

ବାଲେଶ୍ୱର,୨୦।୫(ସମିସ)





ମାଲିକମାନଙ୍କୁ ଗାଡ଼ି ହସ୍ତାନ୍ତର କଲା ପୁଲିସ

ବାଲେଶ୍ୱର ପୁଲିସକୁ ମିଳିଛି ସଫଳତା। ବାଲେଶ୍ୱର ଜିଲ୍ଲା ସମେତ ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ବାଇକ୍‌ଗୁଡିକ ରେମୁଣା ଥାନା ନିଆବାଗ ନଦୀପଠାର ବୁଦାଳିଆ ସ୍ଥାନରୁ ୧୩ଟି ବାଇକ ସହ ଅନ୍ୟ ସ୍ଥାନରୁ ୪ଟି ବାଇକ ଜବତ ହୋଇଛି। ଏହି ଘଟଣାରେ ସୋର ଅଞ୍ଚଳର କାଳିଆ କାହ୍ନା ମହାଳିକ(୧୮), ଚିରଞ୍ଜିତ ଖିଲାର(୩୩) ଏବଂ ଅନ୍ୟଜଣେ ନାବାଳକକୁ ପୁଲିସ ଗିରଫ କରିଥିବା ନେଇ ସହଦେବଖୁଣ୍ଟା ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସୂଚନା ଦେଇଛନ୍ତି।

ବାଲେଶ୍ୱର ଜିଲ୍ଲାରେ ହେଉଥିବା ବାଇକ ଚୋରିକୁ ରୋକିବା ପାଇଁ ଏକ ସ୍ପେଶାଲ ଡ୍ରାଇଭ ଆରମ୍ଭ କରାଯାଇଥିଲା। ଗତ ଥର ଏହି ଡ୍ରାଇଭରେ ୮ଟି ଚୋରି ବାଇକ ଉଦ୍ଧାର ହୋଇଥିବା ଚଳିତ ଥର ୧୭ଟି ଚୋରି ବାଇକ ଜବତ କରାଯାଇଛି। ବିଶେଷ କରି ଏହି ଗାଡି ଗୁଡିକ ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନ, ମୟୂରଭଞ୍ଜ ଜିଲ୍ଲା ଏବଂ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିଲା। ବାଲେଶ୍ୱର ସହରର ଆଇଡିବିଆଇ ବ୍ୟାଙ୍କ ସମେତ ତାରିଣୀ ନର୍ସିଂ ହୋମ ସମେତ ଅନ୍ୟାନ୍ୟ ସ୍ଥାନମାନଙ୍କରେ ରାସ୍ତାକଡରେ ରହିଥିବା ବାଇକ ଗୁଡିକୁ ଅଭିଯୁକ୍ତମାନେ ଟାର୍ଗେଟ କରି ଚୋରି କରିଥିଲେ। କିଛିଦିନ ତଳେ ରେମୁଣା ଥାନା ଅନ୍ତର୍ଗତ କ୍ଷୀରଚୋରା ମନ୍ଦିର ନିକଟରେ ଦୁଇ ଜଣ ବ୍ୟକ୍ତି ସନ୍ଦେହରେ ବୁଲୁଥିବା ନେଇ ପୁଲିସ ଖବର ପାଇଥିଲା। ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଁଚି ସେମାନଙ୍କୁ କାବୁ କରି ପଚରା ଉଚରା ସମୟରେ ସେମାନଙ୍କ ସହ ଅନ୍ୟ ଜଣ ସାମିଲ ରହିଥିଲା ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏହାଛଡା ସେମାନେ ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ବ୍ଲକ, ଖୁଂଟା ବ୍ଲକର ବିଭିନ୍ନ ସ୍ଥାନରୁ ଗାଡି ଚୋରି କରିଥିବା ବେଳେ ଭଦ୍ରକ ଟାଉନ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗାଡି ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି ଗାଡିକୁ ସେମାନେ ଅନ୍ୟ ରାଜ୍ୟରେ ବିକ୍ରି କରିବାକୁ ଉଦ୍ୟମ କରୁଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ସେମାନେ ଗାଡ଼ି ଚୋରି କରିବା ପରେ ଗାଡିର ନମ୍ବର ପ୍ଲେଟ ବଦଳାଇବା ସହ ଚେଚିସ ଓ ଇଞ୍ଜିନ ନମ୍ବର ମଧ୍ୟ ବଦଳାଇ ଦେଇଥିବା ଜଣାପଡିଥିଲା। ପୁଲିସ ଅଧିକ ତଦନ୍ତ କରିବା ସମୟରେ ସେମାନେ ରେମୁଣା ଥାନା ଅନ୍ତର୍ଗତ ମଦାରପୁର ଅଞ୍ଚଳର ନିଆବାଗସ୍ଥିତ ନଦୀପଠାର ଜଙ୍ଗଲିଆ ସ୍ଥାନରେ ୧୩ଟି ଗାଡିକୁ ଲୁଚାଇ ରଖିଥିବା କହିଥିଲେ। ପୁଲିସ ସେଠାରୁ ଉକ୍ତ ବାଇକ ଗୁଡିକ ଜବତ କରିଥିଲା। ଏପରିକି ଦୀର୍ଘ ତିନି ବର୍ଷ ତଳୁ ଚୋରି ହୋଇଥିବା ଗାଡି ମଧ୍ୟ ଆଜି ଉଦ୍ଧାର ହୋଇଛି। ଅନ୍ୟପଟେ ସୋର ଅଞ୍ଚଳରୁ ବାକି ୪ଟି ଗାଡିକୁ ଉଦ୍ଧାର କରାଯାଇଛି। ଏହି ଚୋରମାନେ ବିଶେଷ କରି ଚୋରି ଗାଡି ଗୁଡିକୁ ପଶ୍ଚିମବଙ୍ଗକୁ ଚାଲାଣ କରିବାକୁ ଉଦ୍ୟମ କରୁଥିଲେ । ୧୭ଟି ଗାଡି ଜବତ ହୋଇଥିବାବେଳେ ସହଦେବଖୁଂଟା ଥାନାରେ ତିନୋଟି ମାମଲା ରୁଜୁ ହୋଇଥିବା ବେଳେ ସୋର ଥାନାରେ ଦୁଇଟି, ସିମୁଳିଆ ଥାନାରେ ଗୋଟିଏ, ରୁପସା ଥାନାରେ ଗୋଟିଏ, ଭଦ୍ରକ ଟାଉନ ଥାନାରେ ୩ଟି ମାମଲା ରୁଜୁ ହୋଇଛି। ସେହିପରି ବାଲେଶ୍ୱର ଜିଲ୍ଲାର ଖନ୍ତାପଡା, ବସ୍ତା, ମୟୂରଭଞ୍ଜ ଜିଲ୍ଲାର ଖୁଂଟା, ବୈଶିଙ୍ଗା ଥାନାରେ ମଧ୍ୟ ମାମଲା ରୁଜୁ ହୋଇଛି। ଚୋରି ଗାଡିକୁ ଆଜି ଏସ୍‌ପି ଗାଡିର ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଛନ୍ତି। ଗାଡି ମାଲିକ ତଥା ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ବାଙ୍କିଶୋଳ ଗ୍ରାମର ଦୁଲାରାମ ହେମ୍ବ୍ରମ କହିଛନ୍ତି ଯେ ୨୦୨୨ମସିହାରେ ମୋ ସ୍କୁଟି ଘର ନିକଟରୁ ଚୋରି ହୋଇଯାଇଥିଲା। ଏହି ଚୋରି ଘଟଣାକୁ ୩ ବର୍ଷ ବିତିଥିବା ବେଳେ ସ୍କୁଟି ଫେରି ପାଇବା ଆଶା ଛାଡ଼ି ଦେଇଥିଲି। ତେବେ ବାଲେଶ୍ୱର ପୁଲିସ ଯୋଗୁ ଗାଡ଼ି ଫେରି ପାଇଥିବାରୁ ଦୁଲାରାମ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

## ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଖୋଜା ଚାଲିଛି: ଏସ୍‌ପି

ବାଲେଶ୍ୱର,୨୦।୫(ସମିସ): ରାଜ୍ୟସରକାର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ କହିବା ପରେ ବାଲେଶ୍ୱର ପୁଲିସ ତତ୍ପର ହୋଇଉଠିଛି। ଏସପି ରାଜ ପ୍ରସାଦ କହିଛନ୍ତି ଯେ ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ନେଇ ବିଭାଗୀୟ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଯଦି ସେମାନେ ବେଆଇନ ଭାବେ ବସବାସ କରୁଛନ୍ତି ତେବେ ଯାଂଚ ସମୟରେ ସେମାନେ ସମ୍ମୁଖକୁ ଆସିବେ। ଏପରିକି ବିଶେଷ କରି କୋଷ୍ଟାଲ ଥାନା ଗୁଡିକ ଉପରେ ତୀକ୍ଷ୍ଣ ନଜର ରହିଛି। ଏହି ଥାନା ଗୁଡିକୁ ଅଧିକ କ୍ଷମତା ସମ୍ପନ୍ନ କରିବା ପାଇଁ ଡ୍ରୋନ, ଆର୍ମସ ଭେଇକିଲ, ଅଧିକ କର୍ମଚାରୀ ସାଙ୍ଗକୁ ଅଧିକ ତଥ୍ୟ ସଂଗ୍ରହ କରାଯିବା ଉପରେ କାର୍ଯ୍ୟ କରାଯାଉଛି ବୋଲି ଏସ୍‌ପି କହିଛନ୍ତି।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ବାଲେଶ୍ୱର,୨୦।୫(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଞ୍ଚାୟତ ଗଞ୍ଜା ଗ୍ରାମର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାବତୀ ପାତ୍ରଙ୍କ ୭୦ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବଣିଆଡିହା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ହିମାଂଶୁ, ପୁତ୍ର ସଞ୍ଜୟ ଓ ବିଜୟ, କନ୍ୟା ମମତା ଓ ଅନିତା, ପୁତ୍ରବଧୂ ମମତା ଓ ରାଜେଶ୍ୱରୀ, ଜ୍ୱାଇଁ ଗାଳ୍ପିକ ଓ ବ୍ୟଙ୍ଗକାର ଅଞ୍ଜନ କୁମାର ଚାନ୍ଦ, ନାତୁଣୀ ବିଦିଶା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, ବଣିଆଡିହା ସର କାଳିଚରଣ ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ଶିକ୍ଷାବିତ ନିତ୍ୟାନନ୍ଦ ଦାସ, ଆଦିତ୍ୟ ରାଉତ, ମକର ଦଳାଇ, ମହେଶ୍ୱର ଦାସ, ଅବିନାଶ ପାଣିଗ୍ରାହୀ, ଶୁଭଶ୍ରୀ ଜେନା ପ୍ରମୁଖ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମର ଶରୀରକୁ ଏକ ଗାଡ଼ିରେ ବଣିଆଡିହା, ଗଞ୍ଜା ଓ ଲଙ୍ଗଳେଶ୍ୱର ଅଞ୍ଚଳରେ ପରିକ୍ରମା କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ସରକାରୀ ଅର୍ଥ ହଡ଼ପ ମାମଲା

# ନୀଳଗିରି ଏନ୍‌ଏସିର ପୂର୍ବତନ କ୍ୟାସିୟର ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର,୨୦।୫(ସମିସ): ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଲଳିତ କୁମାର ଦାଶ ଏକ ସରକାରୀ ଅର୍ଥ ହଡ଼ପ ମାମଲାର ବିଚାରକରି ପ୍ରମାଣ ଅଭାବରୁ ନୀଳଗିରି ଏନଏସିର ପୂର୍ବତନ କ୍ୟାସିୟରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୧୯୯୭ ମସିହାରେ ଅଭିଯୁକ୍ତ ସୁଦର୍ଶନ ପଟ୍ଟନାୟକ ନୀଳଗିରି ଏନ୍‌ଏସିରେ କନିଷ୍ଠ କିରାଣୀ ସହିତ କ୍ୟାସିୟର ରୂପେ କାର୍ଯ୍ୟ କରୁଥିଲାବେଳେ ସରକାରୀ ଅର୍ଥ ହଡ଼ପ ହେଇଥିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହେଇଥିଲା। ଏହି ମାମଲାକୁ ଭିତ୍ତିକରି ଭିଜିଲାନ୍ସ ପୁଲିସ ନୀଳଗିରି ଏନଏସି କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଭିଜିଲାନ୍ସ ପୁଲିସ କାର୍ଯ୍ୟାଳୟର କାଗଜ ପତ୍ର ଛାନଭିନ କରି ୬୫ହଜାରରୁ ଉର୍ଦ୍ଧ ଟଙ୍କା କ୍ୟାସିୟର ଶ୍ରୀ ପଟ୍ଟନାୟକ ହଡ଼ପ କରିଥିବାର ଚାର୍ଜସିଟ୍ ବାଲେଶ୍ୱର ଭିଜିଲାନ୍ସ କୋର୍ଟରେ ଦାଖଲ କରିଥିଲେ। ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ଦଲିଲ ଦସ୍ତାବିଜର ବିବରଣୀକୁ ସମୀକ୍ଷା କରି ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀ ଦାଶ ପ୍ରମାଣ ଅଭାବରୁ ଅଭିଯୁକ୍ତ କ୍ୟାସିୟର ସୁଦର୍ଶନ ପଟ୍ଟନାୟକଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମକଦ୍ଦମାକୁ ଆଇନଜୀବୀ ଅରବିନ୍ଦ ବାରିକ, ଚନ୍ଦନ କୁମାର ସିଂହ ଓ ଜୟନ୍ତୀ ବାରିକ ପରିଚାଳନା କରିଥିଲେ।


ADMISSION NOTICE

COMMON ENTRANCE TEST- 2025

FOR ADMISSION AT

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

NATIONAL INSTITUTE FOR LOCOMOTOR DISABILITIES (NILD)
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

All above Institutes under DEPwD (Divyangjan), Ministry of Social Justice and Empowerment, Govt. of India

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi

Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

| | | |
|---|---|---|
| Starting date of online publication of Information Brochure & Application form | : | 17.05.2025 |
| Closing date of online receipt of Application form | : | 13.06.2025 |
| Date of Entrance Test | : | 22.06.2025 |

For details Log on to : https://admission.svnirtar.nic.in

Director Cum Chairman,
CET & PGET-2025


## ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ହେଲ୍ପ ଡେସ୍କରେ ରହୁନାହାନ୍ତି କର୍ମଚାରୀ

ବାଲେଶ୍ୱର,୨୦।୫(ସମିସ)

ରୋଗୀ ଓ ସମ୍ପର୍କୀୟଙ୍କୁ ତତକ୍ଷଣାତ୍ ସହଯୋଗ ପାଇଁ ରହିଛି ହେଲପ୍ ଡେସ୍କ। ହେଲେ ପରିତାପର ବିଷୟ ଯେ ଏହି ହେଲପ୍ ଡେସ୍କରେ ଅଧିକାଂଶ ସମୟରେ କେହି କର୍ମଚାରୀ ରହୁନାହାନ୍ତି। ଏହା ବିଳମ୍ବିତ ରାତିର ଘଟଣା ନୁହେଁ ବରଂ ସନ୍ଧ୍ୟା ସମୟରେ ଘଟଣା। ଫଳରେ ହେଲପ୍ ଡେସ୍କଠାରେ ଅପେକ୍ଷା କରି ରୋଗୀ ଓ ସମ୍ପର୍କୀୟ ନିରାଶ ହୋଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରି ଘଟଣା ବାରମ୍ବାର ଘଟୁଥିବା ନେଇ ଅଭିଯୋଗ ମଧ୍ୟ ବଢୁଛି।

ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଅନେକ ବିଭାଗ ଏବେ ବି ଚାଲୁଅଛି। ଫଳରେ ଲୋକମାନେ ହସପିଟାଲ୍ ଆସିଲେ କେଉଁଠି କେଉଁ ବିଭାଗ ବା ପରୀକ୍ଷା ପାଇଁ ବ୍ୟବସ୍ଥା ରହିଛି ସେନେଇ ଦ୍ୱନ୍ଦ୍ୱରେ ପଡନ୍ତି। ମେଡିକାଲ କଲେଜ ଅପେକ୍ଷା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରବେଶ କରିବା ପରେ ଟିକଟ୍ କାଉଣ୍ଟର ନିକଟରେ 'ମେ ଆଇ ହେଲପ୍ ୟୁ' ବା 'ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ କି' ହେଲ୍ପ ଡେସ୍କ ରହିଛି। ହେଲେ ଜରୁରୀ ସମୟରେ ଏଠାକୁ ରୋଗୀ ତଥା ସମ୍ପର୍କୀୟ କେହି ଗଲେ ସହଯୋଗ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। କାରଣ ଏଠାରେ ଅଧିକାଂଶ ସମୟରେ କର୍ମଚାରୀ ରହୁନାହାନ୍ତି। ଫାଙ୍କା ରହୁଛି ଡେସ୍କ ସିଟ୍। ସାହାଯ୍ୟ ପାଇଁ ରୋଗୀ ସମ୍ପର୍କୀୟ ସାହାଯ୍ୟ ପାଇଁ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି। 'ସନ୍ଧ୍ୟାରେ ସାନ ଭାଇ ପବନ ଶଙ୍କରଙ୍କ ହଠାତ୍ ଦୁର୍ଘଟଣା ଘଟିବାରୁ ତାକୁ ନେଇ ହସ୍ପିଟାଲ ଯାଇଥିଲି। କିନ୍ତୁ ଦୁଃଖର ବିଷୟ ମୋ ସାନ ଭାଇ ଜଣକ ଯେତେବେଳେ କିଛି ସହଯୋଗ ପାଇଁ 'ମେ ଆଇ ହେଲପ ୟୁ' କୁ ଯାଇଥିଲେ ସେଠାରେ କୌଣସି କର୍ମଚାରୀ ନ ଥିଲେ। ବହୁତ ସମୟ ଅପେକ୍ଷା ପରେ ଜଣେ କର୍ମଚାରୀ ଆସିଲେ ଏବଂ କିଛି ନ ଶୁଣି ସେଠାରୁ ଚାଲିଗଲେ। କିନ୍ତୁ ଆମକୁ କିଛି ସହଯୋଗ ମିଳିଲା ନାହିଁ। ଅନେକ ରୋଗୀ କିଛି ସହଯୋଗ ପାଇଁ ଏଠାକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ ବୋଲି ଜୀବନ ସଂଗ୍ରାମ ମିଶ୍ର କହିଛନ୍ତି। ନିକଟରେ ବିଶ୍ୱଜିତ ବେହେରା ଦୁର୍ଘଟଣାଗ୍ରସ୍ତ ଜଣେ ଲୋକଙ୍କୁ ନେଇ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ହେଲପ ଡେସ୍କରେ ସହଯୋଗ ପାଇଁ କେହି ନାହାଁନ୍ତି। ପୁରା ଫାଙ୍କା ପଡିଥିଲା। ଖୋଜାଖୋଜି କରି ଲୋକଙ୍କୁ ଆଣି ଆହତଙ୍କୁ ଡାକ୍ତରଖାନା ନେବାକୁ ପଡୁଛି। ରାତି ତ ଦୂରର କଥା ଦିନବେଳେ ବି ଅଧିକାଂଶ ସମୟରେ କର୍ମଚାରୀ ରହୁନାହାନ୍ତି। ହେଲପ୍ ଡେସ୍କ୍ କର୍ମଚାରୀ ରାତିରେ ଡ୍ୟୁଟିରେ ନ ରହି ଶୋଇପଡୁଥିବା ଅଭିଯୋଗ ମଧ୍ୟ ହୋଇଛି। ଏହିପରି ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପ୍ରତିଦିନ ହଇରାଣ ହେଉଥିବା ଦେଖିବାକୁ ମିଳିଛି।




ରୋଗୀ ସମ୍ପର୍କୀୟଙ୍କୁ ସହଯୋଗ ମିଳୁନି

## ହିନ୍ଦୋଳ ରଥଯାତ୍ରା ପ୍ରସ୍ତୁତି ବୈଠକ

ହିନ୍ଦୋଳ/ଖଜୁରିଆକଟା, ୨୦।୫(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ଦଧିବାମନଜୀଉଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜି ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ରଥଯାତ୍ରା ପ୍ରସ୍ତୁତି ନିମନ୍ତେ ତହସିଲ ଅଫିସ ସଭାଗୃହରେ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ପ୍ରଭାସ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ବର୍ଷର ବିବରଣୀ ପାଠ କରାଯାଇଥିଲା। ରଥଯାତ୍ରା ସହିତ ଠାକୁରଙ୍କ ସମସ୍ତ ନୀତି, ସ୍ନାନପୂର୍ଣ୍ଣିମା, ପହଣ୍ଡି ବିଜେ, ଛେରାପହଁରା, ଶ୍ରୀଜୀଉଙ୍କ ରଥାରୁଢ଼, ଘୋଷଯାତ୍ରା, ମାଉସୀମା ମନ୍ଦିରରେ ୯ଦିନ ଠାକୁର ରହିବା ଓ ବାହୁଡ଼ା ଯାତ୍ରା ଇତ୍ୟାଦି କିପରି ସଠିକ ସମୟରେ ହେବ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେହିପରି ଶ୍ରୀଜୀଉଙ୍କ ପୂଜାବିଧି ପାଇଁ ଦଇତାପତି, ରଥ ନିର୍ମାଣ କାର୍ଯ୍ୟ ପାଇଁ ମହାରଣା, ଆଇନଶୃଙ୍ଖଳା ପାଇଁ ଉପଖଣ୍ଡ ଆରକ୍ଷୀ ଉପଅଧିକ୍ଷକ, ଶ୍ରଦ୍ଧାଳୁମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ, ରଥ, ବଡଦାଣ୍ଡ ଆଲୋକୀକରଣ, ପରିମଳ ପାଇଁ ଏନଏସି ନିର୍ବାହୀ ଅଧିକାରୀ, ବିଦ୍ୟୁତ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏଥିସହ ବଡଦାଣ୍ଡରେ ଆମିଷ ନିଷେଧ ସହିତ ମାଦକ ଦ୍ରବ୍ୟ ପାଇଁ କଟକଣା ଜାରି କରାଯାଇଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବହୁ ଅଧିକାରୀ, ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ଯୋଗଦେଇ ନଥିବା ଦେଖିବାକୁ ମିଳିଥିଲା। ଆଜିର ବୈଠକରେ ତହସିଲଦାର ଦିଲ୍ଲୀପ ସେଠୀ, ଏନଏସି ନିର୍ବାହୀ ଅଧିକାରୀ ରାଜୀବଲୋଚନ ବେହେରା, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ରଙ୍କ ସମେତ ପୁଲିସ ବିଭାଗ, ବିଡିଓଙ୍କ ପ୍ରତିନିଧି, ଶିକ୍ଷା, ଅଗ୍ନିଶମ ବିଭାଗ, ବିଦ୍ୟୁତ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମେତ ସହରର ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିବାବେଳେ ଏନଏସି ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ଢେଙ୍କାନାଳ,୨୦।୫(ସମିସ): ରାଜ୍ୟରେ ୮ଟି କେନ୍ଦ୍ରୀୟ ବିଦ୍ୟାଳୟର ଅନୁମୋଦନ ପରେ ଏବେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଢେଙ୍କାନାଳ ଜିଲ୍ଲା ପାଇଁ ଏକମାତ୍ର କେନ୍ଦ୍ରୀୟ ବିଦ୍ୟାଳୟର ଅନୁମୋଦନ ମିଳିଛି ଯାହା କାମାକ୍ଷାନଗର ଜନ୍ତାରିବୋଲ ଗାଁ ନିକଟରେ କରାଯିବାର ସମସ୍ତ ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ଶିକ୍ଷାର ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଉନ୍ନତ ଶିକ୍ଷା କୌଶଳ ସାଙ୍ଗକୁ ସୁଦୃଢ ଭିତ୍ତିଭୂମି ଶିକ୍ଷାର ମାନ ବୃଦ୍ଧି କରିବ। ଯାହାକୁ ନେଇ ଆଗାମୀ ୨୩ ତାରିଖ ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଏହି କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉପଜିଲ୍ଲାପାଳ ଦିନମଣି ନାଏକ, ସ୍ଥାନୀୟ ବିଡିଓ ଓ ତହସିଲଦାର, ଓକିଲ ସଂଘର ସଭାପତି ରଞ୍ଜନ ରାଉତ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ସାଂସଦଙ୍କ ପ୍ରତିନିଧି ରବିନାରାୟଣ ସାହୁ, ବାଇସିଙ୍ଗା ଗ୍ରାମ ସଭାପତି ନିର୍ମଳଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏଥିସହିତ ଏନଏଚ-୫୩ନଂ ଉପରେ ନିର୍ମିତ ବାଇସିଙ୍ଗା ଗାଁର ଓଭରବ୍ରିଜର ଶୁଭ ଉଦଘାଟନ ଓ ମୁଣ୍ଡିଦେଉଳିରେ ଥିବା ପ୍ରସ୍ତାବିତ ନବନିର୍ମାଣ ମହିଳା ମହାବିଦ୍ୟାଳୟର ଗୃହରେ ଅସ୍ଥାୟୀ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ କରିବା ସହ ପରିସରରେ ଜନ ସାଧାରଣଙ୍କ ଉଦେଶ୍ୟରେ ସଭାର ଆୟୋଜନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲ୍ଲା ପ୍ରଶାସନ ଓ ବିଜେପି ପକ୍ଷରୁ ପ୍ରସ୍ତୁତି ଚାଲୁରହିଥିବା ଜିଲ୍ଲା ସଭାପତି ରାସବିହାରୀ ବେହେରା ସୂଚନା ଦେଇଛନ୍ତି।

## ବନବିଭାଗ ପକ୍ଷରୁ ୫ ଟ୍ରାକ୍ଟର ଜବତ

ଭୁବନ,୨୦।୫(ସମିସ): ଭୁବନ ତହସିଲ ଅଧୀନ କଣ୍ଟାପାଳ ବାଲିଘାଟରୁ ବନ ବିଭାଗ ୫ ଟ୍ରାକ୍ଟର ଜବତ କରିଥିବାର ଜଣାପଡ଼ିଛି। ବାଲି ଚୋରି ରୋକିବା ପାଇଁ ଭୁବନ ତହସିଲଦାର କଣ୍ଟାପାଳ ବାଲି ଘାଟରେ ୮ ଫୁଟ ଗଭୀରରେ ଗାତ ଖୋଳିବା ପରେ ବାଲି ଚୋରି ବନ୍ଦ ହୋଇଥିଲା। ବ୍ରାହ୍ମଣୀ ନଦୀର ମାଳବନ୍ଧ ରାସ୍ତାକୁ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଖୋଳାଯାଇଥିଲା। ଖୋଳା ଯାଇଥିବା ଗାତକୁ ପୋତି ଦିନ ରାତି ବାଲି ଚାଲାଣ ହେଉଥିଲା। ବିଳମ୍ବିତ ରାତିରେ ଭୁବନ କଣ୍ଟାପାଳ ସାମିଲ ମହୁଲପାଳ ବାଲିଘାଟରୁ ନିକଟସ୍ଥ ମାଳବନ୍ଧ ରାସ୍ତାରେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ବେଳେ ଭୁବନ ବନବିଭାଗ ସ୍କ୍ୱାଡ ଦ୍ୱାରା ଚଢଉ କରାଯାଇ ବିଳମ୍ବିତ ରାତିରେ ଘଟଣାସ୍ଥଳରୁ ୪ଟି ବାଲି ବୋଝେଇ ଟ୍ରାକ୍ଟର ଓ ୧ଟି ଖାଲି ଟ୍ରାକ୍ଟର ଜବତ ହୋଇଛି। ଟ୍ରାକ୍ଟରଗୁଡ଼ିକୁ ଭୁବନ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇ ବନବିଭାଗ ପକ୍ଷରୁ ଅଧିକ ତଦନ୍ତ କରାଯାଉଛି। ବନ ବିଭାଗ ପକ୍ଷରୁ ଗାଡ଼ିଗୁଡ଼ିକ ଜବତ କରିଥିବା ବେଳେ ଚାଳକକୁ ଗିରଫ କରିବାରେ ବିଫଳ ହୋଇଛନ୍ତି। ଜବତ ହୋଇଥିବା କୌଣସି ଟ୍ରାକ୍ଟରର ନମ୍ବର ନଥିବାର ଜଣାପଡିଛି।

## ହାତୀ ଆକ୍ରମଣରେ ମହିଳା ମୃତ

ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ନାଗିଆପଶି ଆମ୍ବନାଳୀ ଗ୍ରାମରେ ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗ୍ରାମର ବିମ୍ବାଧର ସାହୁଙ୍କ ପତ୍ନୀ ଭାମା ସାହୁ ମଙ୍ଗଳବାର ସକାଳ ସମୟରେ ନିଜ ବଗିଚାକୁ କାଜୁ ତୋଳିବାକୁ ଯାଇଥିଲେ। ସେଠାରେ କାଜୁ ଜଙ୍ଗଲରେ ଏକ ହାତୀ ଥିବାର ସେ ଜାଣିପାରିନଥିଲେ। ଫଳରେ ହାତୀଟି ତାଙ୍କୁ କଚାଡ଼ି ମାରିଦେଇଥିଲା। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବନବିଭାଗକୁ ଖବର ଦେଇଥିଲେ। ଖବରପାଇ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇଥିଲେ। ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

### ଢେଙ୍କାନାଳ ଏସ୍‌ପିଙ୍କ ସମୀକ୍ଷା ବୈଠକ

## ମାମଲାର ସଠିକ ପରିଚାଳନା ଉପରେ ଗୁରୁତ୍ୱାରୋପ

ଢେଙ୍କାନାଳ,୨୦।୫(ସମିସ)



ସ୍ଥାନୀୟ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ସମସ୍ତ ସରକାରୀ ଆଇନଜୀବୀଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରୀ ଓକିଲମାନଙ୍କ ପକ୍ଷରୁ ମାମଲାର ସଠିକ ପରିଚାଳନା ନିମନ୍ତେ, ତଦନ୍ତକାରୀ ଅଧିକାରୀମାନେ କିପରି ତଦନ୍ତକୁ ଅତୁଟ ବଳିଷ୍ଠ ଏବଂ ତ୍ରୁଟିହୀନ ଭାବରେ କରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ରହିଥିବା ସମସ୍ତ ସରକାରୀ ଓକିଲମାନେ ତଦନ୍ତ ସମୟରେ ରହୁଥିବା କିଛି ସମସ୍ୟା ଉପରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଦନ୍ତର ଦିଗ ଉପରେ ସେମାନଙ୍କର ମନ୍ତବ୍ୟ ଉପସ୍ଥାପନ କରିଥିଲେ। ସଭାରେ ଉପସ୍ଥିତ ରହିଥିବା ଢେଙ୍କାନାଳ ସିଡିଏମଓ ଏବଂ ଡା. ନୀଳମଣି ଦିଲ୍ଲିପ ଚାନ୍ଦ ବେହେରା ଓ ଡା. ରଞ୍ଜନ ସାମଲ ମଧ ସଠିକ ଡାକ୍ତରୀ ରିପୋର୍ଟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ତଦନ୍ତକାରୀ ଅଧିକାରୀମାନଙ୍କୁ ଦେବା ପାଇଁ ସୂଚନା ଦେଇଥିଲେ। ଅପରାଧୀମାନଙ୍କୁ ଦଣ୍ଡବିଧାନ ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ତଦନ୍ତରେ କେଉଁଠି ତ୍ରୁଟି ରହୁଛି ଏହାର ତର୍ଜମା ସହିତ ଅପରାଧୀ ଦଣ୍ଡବିଧାନ ପ୍ରତି ସଚେତନ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। କର୍ମଶାଳାରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ପ୍ରଭାତ ବିଶ୍ୱାଳ, ଡିଏସପି ସନ୍ଧ୍ୟାରାଣୀ ବେଉରା, ନିଳିତା ମୋଦୀ, ସୁଷମା ପ୍ରଧାନ, କୁମାରୀ ଲିସା ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାର ସଦରମହକୁମା, ପରଜଙ୍ଗ, ହିନ୍ଦୋଳ, କାମାକ୍ଷାନଗର, ଗଁଦିଆ ଆଦି କୋର୍ଟର ସମସ୍ତ ସରକାରୀ ଓକିଲମାନେ ଉପସ୍ଥିତ ରହିଥିଲେ। ଜିଲ୍ଲାରେ ନୂତନ ହୋଇପ୍ରତିଷ୍ଠା ହୋଇଥିବା ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଷ କୁମାର ବେହେରା ଦେଶରେ ନୂଆ ଆଇନ ଲାଗୁପରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଆଲୋକପାତ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରୀ ଓକିଲ ବିମଳେନ୍ଦୁ ମହାପାତ୍ର, ଗଣେଶ୍ୱର ସାହୁ, ଅକ୍ଷୟ କୁମାର ଭୋଇ, ନିରଞ୍ଜନ ସାହୁ, ଅଶୋକ ଖୁଣ୍ଟିଆ, ମହେନ୍ଦ୍ର କୁମାର ମହାପାତ୍ର, କେଶବ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା ପ୍ରମୁଖଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ପାଇଁ ପ୍ରକୃତ ଅପରାଧୀ ଦଣ୍ଡ ପାଇଥିବା ଯୋଗୁ ଏସ୍‌ପି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କର୍ମଶାଳାକୁ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ପ୍ରଭାବ ବିଶ୍ୱାଳ ଓ ଏସପି ଅଫିସର କର୍ମଚାରୀମାନେ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ନବ କିଶୋର ସାହୁ ସମୀକ୍ଷା ବୈଠକକୁ ପରିଚାଳନା କରିଥିଲେ।

## କାର୍ଯ୍ୟକାରୀ ହେଲା ସ୍ନେହଛାୟା ଯୋଜନା

ଢେଙ୍କାନାଳ,୨୦।୫(ସମିସ): ଢେଙ୍କାନାଳ ଜିଲ୍ଲାର ପିତୃମାତୃହୀନ ଶିଶୁଙ୍କ ପୋଷଣ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଦୂରଦୃଷ୍ଟି ସମ୍ପର୍ଣ୍ଣ ଯୋଜନା ସ୍ନେହଛାୟା କାର୍ଯ୍ୟକାରୀ କରାଯାଇଛି। ଯୋଜନା ଅନୁଯାୟୀ ଜିଲ୍ଲାରେ ଯେଉଁ ଶିଶୁ ବାପାମାଆ ଛେଉଣ୍ଡ ହେଇଥିବେ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ହୋଇଥିବେ, ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନଙ୍କୁ ଉନ୍ନତ ପୋଷଣ ଓ ଶିକ୍ଷା ଯୋଗାଇ ଦିଆଯିବ। ଯଦ୍ୱାରା ସେମାନେ ନିଜର ଭବିଷ୍ୟତ ପାଇଁ କାହା ଉପରେ ନିର୍ଭରଶୀଳ ନ ହୋଇ କାର୍ଯ୍ୟ କରିପାରିବେ। ଏନେଇ ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଓ ଯେଉଁମାନେ ବାପାମାଆ ଛେଉଣ୍ଡ ହୋଇଥିବେ, ସେମାନଙ୍କୁ ସ୍ନେହଛାୟା ଯୋଜନା ଅନୁଯାୟୀ ଶିକ୍ଷା ଓ ପୋଷଣ ପ୍ରଦାନ କରାଯିବ। ଏଥିପାଇଁ ଜିଲ୍ଲାପାଳ ଉପାଧ୍ୟାୟ ଖୁବଶୀଘ୍ର ଜିଲ୍ଲାର କେତେଜଣ ଏହି ବର୍ଗରେ ଅଛନ୍ତି, ସେମାନଙ୍କ ତଥ୍ୟ ସଂଗ୍ରହ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବଶୀଘ୍ର ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ସାଧାରଣ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମସ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ଅକ୍ଷୟ ତୃତୀୟାରୁ ଚନ୍ଦନ ଯାତ୍ରା

ଢେଙ୍କାନାଳ,୨୦।୫(ସମିସ): ସ୍ଥାନୀୟ ଭାଗୀରଥି ସାଗର କୁଳରେ ଅକ୍ଷୟ ତୃତୀୟାରୁ ଚନ୍ଦନ ଯାତ୍ରା ୨୧ ଦିନ ଚାଲୁଥିବା ବେଳେ ଶେଷ ୫ମ ଦିନ ବିଭିନ୍ନ ପ୍ରକାରର ବେଶ ଅନୁଷ୍ଠିତ



ହୋଇଥାଏ। ଆଜି ୫ମ ଦିନରେ ଭକ୍ତଙ୍କୁ ନଟବର ବେଶରେ ମଦନ ମୋହନ ଦର୍ଶନ ଦେଉଛନ୍ତି। ୫ଦିନ ଧରି ବିଭିନ୍ନ ପ୍ରକାରର ବେଶ ସହ ଭୋଗ ଲାଗି ହେଉଥିଲା। ପୂଜକ ମନସୁମନ୍ ମିଶ୍ର, ପାଳିଆ ସେବକ ନିର୍ମଳ ମହାନ୍ତି, ବାବାଜୀ ମହାପାତ୍ର ଓ କହାଳିଆ ଟିକନ୍ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରମିକ, କୃଷକ ସଂଗଠନର ସର୍ବଭାରତୀୟ ପ୍ରତିବାଦ ଦିବସ



ଢେଙ୍କାନାଳ,୨୦।୫(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନର ଆହ୍ୱାନ, କୃଷକ ଓ ସ୍ୱାଧୀନ ଫେଡେରେସନ୍‌ର ସମର୍ଥନରେ ମେ ୨୦ ତାରିଖ ଦେଶ ବ୍ୟାପୀ ଧର୍ମଘଟ ଡାକରାକୁ ଦେଶର ସାମ୍ପ୍ରତିକ ପରିସ୍ଥିତିର ବିଚାରକୁ ନେଇ ଭାରତ ବନ୍ଦ ବଦଳରେ ଆଜି ସର୍ବଭାରତୀୟ ପ୍ରତିବାଦ ଦିବସ ପାଳିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇସିସିଟିୟୁର ଜିଲ୍ଲା ପ୍ରତିନିଧି ଶ୍ରୀନିବାସ ସାହୁଙ୍କ ସଭାପତିତ୍ୱରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏଲ୍‌ପିଏଫ, ଟିୟୁସିସି, ୟୁଟିୟୁସି ଓ କର୍ମଚାରୀଙ୍କ ସ୍ୱାଧୀନ ଫେଡେରେସନ୍ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ସଭାରେ କମଳା ସାହୁ, ସର୍ବଜ୍ଞ ସାହୁ, ପ୍ରଫୁଲ୍ଲ ନାୟକ, ଶାନ୍ତିପ୍ରିୟା ସାହୁ, କେଦାର ମଲ୍ଲିକ ଓ ସରୋଜ ଶତପଥୀ ଯୋଗ ଦେଇଥିଲେ। ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧି ବନ୍ଦ କରିବା, ସମସ୍ତ ଶ୍ରମିକଙ୍କ ମାସିକ ଦରମା ସର୍ବନିମ୍ନ ୨୬ ହଜାର ଟଙ୍କା ଘୋଷଣା କରିବା, ସମାନ କାମକୁ ସମାନ ମଜୁରି ପ୍ରଦାନ କରିବା, ସର୍ବନିମ୍ନ ମାସିକ ପେନସନ୍ ୯ ହଜାର ଟଙ୍କା, ବିଡ଼ି ଶ୍ରମିକଙ୍କୁ ପର୍ଯ୍ୟାପ୍ତ ସାମାଜିକ ସୁରକ୍ଷା ଯୋଗାଇବା, ପୁରୁଣା ପେନ୍‌ସନ୍ ନୀତି କାର୍ଯ୍ୟକାରୀ କରିବା, ଇପିଏଫ, ଇଏସ୍‌ଆଇ, ବୋନସ୍ ଓ ଗ୍ରାଚ୍ୟୁଇଟି କ୍ଷେତ୍ରରେ ଥିବା ସିଲିଂ ପ୍ରତ୍ୟାହାର କରିବା, ସମସ୍ତଙ୍କୁ ରାସନ କାର୍ଡ ଯୋଗାଇବା, ପେଟ୍ରୋଲ ଡିଜେଲ ଉପରୁ ଏକସାଇଜ୍ ଡ୍ୟୁଟି ପ୍ରତ୍ୟାହାର କରିବା, ଫସଲର ଦର ପାଇଁ ସ୍ୱାମୀନାଥନ୍‌ଙ୍କ ସୁପାରିଶ କାର୍ଯ୍ୟକାରୀ କରିବା, ସରକାରୀ ସମ୍ପତ୍ତିକୁ ବିକ୍ରି ବନ୍ଦ କରିବା, ବିଦ୍ୟୁତ୍ ବିଲ୍-୨୦୨୨କୁ ପ୍ରତ୍ୟାହାର କରି ବିଦ୍ୟୁତ୍‌ର ଘରୋଇକରଣ ବନ୍ଦ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, କାମ କରିବାର ଅଧିକାରକୁ ସମ୍ବିଧାନରେ ମୌଳିକ ଅଧିକାର କରିବା, ମନରେଗାରେ ଦୈନିକ ୬୦୦ ଟଙ୍କା ମଜୁରିରେ ୨୦୦ ଦିନର କାମ ଗ୍ୟାରେଣ୍ଟି ସହ ଏହି ଯୋଜନାକୁ ସହରାଞ୍ଚଳରେ କାର୍ଯ୍ୟକାରୀ କରିବା, ନୂଆ ଶିକ୍ଷା ଆଇନ-୨୦୨୦କୁ ବାତିଲ କରିବା, ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଯୋଗାଇ ଦେବା, ଜଙ୍ଗଲ ସଂରକ୍ଷଣ ଆଇନ-୨୦୨୩କୁ ବାତିଲ କରି ଆଦିବାସୀ ଭୂମିହୀନ ଲୋକଙ୍କୁ ଜମି ଦେବା ସୁନିଶ୍ଚିତ କରିବା, ସମ୍ବିଧାନର ମୌଳିକତା ଉପରେ ଆକ୍ରମଣ ବନ୍ଦ କରିବା ଆଦି ଦାବିରେ ଶ୍ରମିକ ସଂଗଠନ ସାଧାରଣ ଧର୍ମଘଟ ଡାକରା ଦେଇଛନ୍ତି। ସେହି ଧର୍ମଘଟକୁ କୃଷକ ସଂଗଠନ ସମେତ ଅନ୍ୟାନ୍ୟ ବହୁ ସ୍ୱାଧୀନ ଫେଡେରେସନ୍ ସମର୍ଥନ ଘୋଷଣା କରିଛନ୍ତି। ଶେଷରେ ସୁଜାତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ADMISSION NOTICE**

**COMMON ENTRANCE TEST- 2025**

**FOR ADMISSION AT**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist.- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: https://nild.nic.in, E-Mail: mail@nioh.in

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post, Muttukadu, Chennai - 603112, Tamil Nadu
Website: https://niepmd.nic.in, E-Mail: niepmd@gov.in

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: https://pdunippd.nic.in, E-Mail: diriph@nic.in

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam 781 032
Website: https://crcguwahati.nic.in, E-Mail: crcsreguwahati@gmail.com

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2025 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP)

Eligibility : 10+2 Science

**POSTGRADUATE ENTRANCE TEST FOR ADMISSION AT SVNIRTAR & PDUNIPPD**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2025 for admission into following Post Graduate Courses at SVNIRTAR, Cuttack:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

AND

1. Master in Prosthetics & Orthotics Course at PDUNIPPD, New Delhi
Eligibility : Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

| | | |
|---|---|---|
| Starting date of online publication of Information Brochure & Application form | : | 17.05.2025 |
| Closing date of online receipt of Application form | : | 13.06.2025 |
| Date of Entrance Test | : | 22.06.2025 |

**For details Log on to : https://admission.svnirtar.nic.in**

Director Cum Chairman,
CET & PGET-2025

### ନିସହାୟ ମହିଳାଙ୍କଠୁ ନର୍ସିଂହୋମର ହରିଲୁଟ୍ ଘଟଣା

## ୧୦ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ଧାରଣା

ହିନ୍ଦୋଳ,୨୦।୫(ସମିସ)

ଜଣେ ଦଳିତ ନିସହାୟ ମହିଳାଙ୍କଠାରୁ ଚିକିତ୍ସା ଆଳରେ ଏକ ଘରୋଇ ନର୍ସିଂହୋମ ୩୫ ହଜାର ଟଙ୍କା ଠକିନେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମହିଳା ଜଣକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନୁଗୋଳ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ପରେ ମାସେ ପୂର୍ବରୁ ହିନ୍ଦୋଳ ଉପଖଣ୍ଡ କୁଟୁନିଆରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗର ୩ ମାସ ପରେ ବି ତଦନ୍ତ ନ ହେବାରୁ ଗତକାଲି ହିନ୍ଦୋଳ ବ୍ଲକ୍ କାର୍ଯ୍ୟାଳୟରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ପରେ ମଧ ଘଟଣାର ତଦନ୍ତ ନ ହେବା ଓ ତାଙ୍କୁ ନ୍ୟାୟ ନ ମିଳିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ଉକ୍ତ ମହିଳା। ୧୦ ଦିନ ମଧ୍ୟରେ ତାଙ୍କୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ସେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାନୁଯାୟୀ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଘଧାରିଆ ଗ୍ରାମର ନିସହାୟ ଦଳିତ ମହିଳା ସୁବର୍ଣ୍ଣ ବେହେରାଙ୍କ ସ୍ୱାମୀ ୫ ବର୍ଷ ପୂର୍ବେ ମୃତ୍ୟୁବରଣ କରିଛନ୍ତି। ଏକମାତ୍ର ପୁଅର ମଧ କିଛିଦିନ ହେବ ମୃତ୍ୟୁ ହୋଇଛି। ସମ୍ବଳ କହିଲେ କେବଳ ଘରଡ଼ିହ। ଗତ ନଭେମ୍ବର ମାସରେ ରାସ୍ତାରେ ଖସିପଡି ତାଙ୍କର ଗୋଡ଼ ଭାଙ୍ଗିଯାଇଥିଲା। ଗ୍ରାମବାସୀ ଓ ସାହି ପଡ଼ିଶାଙ୍କ ସହାୟତାରେ



### ଦ୍ୱିତୀୟଥର ଜିଲ୍ଲାପାଳଙ୍କ ନିକଟରେ କଲେ ଅଭିଯୋଗ

ମହିଳାଙ୍କୁ ଅନୁଗୋଳସ୍ଥ ଏକ ନର୍ସିଂହୋମକୁ ଚିକିତ୍ସା ପାଇଁ ନିଆଯାଇଥିଲା। ତାଙ୍କର ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିବାରୁ ତାଙ୍କୁ ସେହି କାର୍ଡ ମାଧ୍ୟମରେ ଅପରେସନ କରାଯିବ ବୋଲି ନର୍ସିଂହୋମ ପକ୍ଷରୁ ପ୍ରସ୍ତୁତି କରାଯାଇଥିଲା। ମାତ୍ର ଆଗ ୨୫ ହଜାର ଟଙ୍କା ନ ଦେଲେ ଅପରେସନ ହୋଇପାରିବ ନାହିଁ ବୋଲି ନର୍ସିଂହୋମ କର୍ତ୍ତୃପକ୍ଷ ଦାବି କରିଥିଲେ। ଗ୍ରାମବାସୀ ଓ ତାଙ୍କ ଝିଅ ଉଦ୍ୟମରେ ଗ୍ରାମରେ ଥିବା ଘରଡ଼ିହ ବନ୍ଧା ଦେଇ ନର୍ସିଂହୋମରେ ୨୫ହଜାର ଟଙ୍କା ଡିପୋଜିଟ କରାଯାଇଥିଲା। ଅପରେସନର ୩ଦିନ ପରେ ଡିସ୍‌ଚାର୍ଜ ପୂର୍ବରୁ ଔଷଧ ବାବଦକୁ ଆଉ ୧୦ ହଜାର ଟଙ୍କା ଦେବାକୁ ନର୍ସିଂହୋମ କର୍ତ୍ତୃପକ୍ଷ ମହିଳାଙ୍କୁ କହିଥିଲେ। ମୁଁ ଜଣେ ନିସହାୟ ଗରିବ ବିଧବା ମହିଳା। ମୋର କେହି ନାହାନ୍ତି ମୁଁ କେଉଁଠୁ ଆଉ ଟଙ୍କା ଆଣିବି। ଯେତେ ନେହୁରା ହେଲେ ମଧ କେହି ଶୁଣି ନ ଥିଲେ। ଟଙ୍କା ନ ଦେଲେ ତୁମର ଆଉ ଚିକିତ୍ସା ହୋଇପାରିବ ନାହିଁ କହି ରୋକଠୋକ ମନା କରିଥିଲେ ନର୍ସିଂହୋମ କର୍ତ୍ତୃପକ୍ଷ। ଏନେଇ ଗ୍ରାମକୁ ଖବର ଦେବାରୁ ଗ୍ରାମବାସୀଙ୍କ ଉଦ୍ୟମରେ ପୁଣି ୧୦ ହଜାର ଟଙ୍କା ନର୍ସିଂହୋମରେ ଦେବାପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ଆସିବା ବେଳକୁ ତୁମର କାର୍ଡରୁ ମାଗଣା ଚିକିତ୍ସା ହୋଇଛି। ଟଙ୍କା ଦେଇଛ ବୋଲି କାହାକୁ କହିବ ନାହିଁ। ନଚେତ ତୁମର ଆମେ ଚିକିତ୍ସା କରିବୁ ନାହିଁ ବୋଲି ମହିଳାଙ୍କୁ ନର୍ସିଂହୋମ କର୍ତ୍ତୃପକ୍ଷ କହିଥିଲେ। ଗ୍ରାମକୁ ଆସି ଏସବୁ ଘଟଣା ଜଣାଇବା ସହ ଘରଡିହ ବିକ୍ରି କରିବା ପାଇଁ କହିଥିଲେ ନିସହାୟ ମହିଳା। ଘରଡିହ ବିକ୍ରିକରି ଏବେ ନିକଟସ୍ଥ ବାର୍ଷିଙ୍ଗା ଗ୍ରାମରେ ଉକ୍ତ ମହିଳା ରହୁଥିବାବେଳେ ଚାଲିବୁଲି ପାରୁ ନ ଥିବାରୁ ବିଳମ୍ବରେ ଏ ନେଇ ମୁଖ୍ୟମନ୍ତ୍ରୀ ଓ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ନର୍ସିଂହୋମ କର୍ତ୍ତୃପକ୍ଷ ମହିଳାଙ୍କଠାରୁ ୩୫ ହଜାର ନୁହେଁ, ଆମେ ୧୦ହଜାର ଟଙ୍କା ନେଇଛୁ ସଫେଇ ଦେଇଥିବାବେଳେ ଏ ନେଇ ଗୋଟିଏ ମାସ ହେବ ବିଭିନ୍ନ ଗଣମାଧ୍ୟମରେ ଘଟଣାର ଖବର ପ୍ରକାଶ ପାଇଛି। ଏପର୍ଯ୍ୟନ୍ତ କୌଣସି ତଦନ୍ତ ହେଉ ନ ଥିବା ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ କରି ମହିଳା ସୁବର୍ଣ୍ଣ ଏବେ ଭାଙ୍ଗିପଡ଼ିଛନ୍ତି। ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବା ସହିତ ତାଙ୍କ ଘର କିପରି ଫେରିପାଇବେ ଓ ନର୍ସିଂହୋମ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ୪୬ ଲିଟର ଦେଶୀ ମଦ ଜବତ; ୩ ଗିରଫ

**ନିରାକାରପୁର/ବେଗୁନିଆ,୨୦।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍ସପେକ୍ଟର ଆରତୀ ମାରାଣ୍ଡିଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଓ ଛତ୍ରପଡ଼ା ଗ୍ରାମରେ ସବଳବଳେ ଚଢ଼ଉ କରି ୩ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୬ ଲିଟର ଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି, ଭ୍ରାମ୍ୟମାଣ ଅବକାରୀ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ମଙ୍ଗଳବାର ଜଙ୍କିଆ ଥାନା ସିକୋ ଗ୍ରାମର ରତ୍ନାକର ଛୁଆଳସିଂହ (୪୫) ଓ ବୈକୁଣ୍ଠ ନାଥ ବାରିକ (୬୫), ଛତ୍ରପଡ଼ା ଗ୍ରାମର ଲିଙ୍ଗରାଜ ରାଉତରାୟ(୬୫) ପ୍ରମୁଖ ଦେଶୀ ମଦ ବିକ୍ରି କରୁଥିବାର ସୂରାକ୍ ପାଇଥିଲେ। ତୁରନ୍ତ ସେଠାରେ ଚଢ଼ଉ କରି ସେମାନଙ୍କଠାରୁ ୪୬ ଲିଟର ଦେଶୀ ମଦ ଜବତ କରିଥିବା ସହିତ ଉକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ଅବକାରୀ ପୁଲିସ ବାହିନୀ ସାମିଲ ଥିଲେ।

# ରାସ୍ତା ବିବାଦକୁ ନେଇ ଦୁଇ ପରିବାର ମାରପିଟ୍

**ଜଟଣୀ,୨୦।୫(ସମିସ):** ରାସ୍ତା ବିବାଦକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ବଚସା ଓ ମାରପିଟ୍ ହୋଇଥିବା ଜଟଣୀ ଥାନାରେ ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ, ପୂର୍ବାହ୍ନରେ ଜଟଣୀ ଥାନା ଅଧୀନ ଗଜପତିନଗର(ରାଜାବଜାର) ଅଞ୍ଚଳରେ ଏକ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା ଶ୍ରୀକାନ୍ତ ପ୍ରଧାନଙ୍କ ଘରେ ପଶି ତାଙ୍କ ପଡ଼ୋଶୀ ଅମର ମହାନ୍ତି ଓରଫ କାଳିଆ ମହାନ୍ତି ଓ ତାଙ୍କ ପରିବାର ସଦସ୍ୟଙ୍କ ସମେତ ୪ଜଣ ଶ୍ରୀକାନ୍ତଙ୍କ ଉଭଣୀ, ଭାଉଜମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଶ୍ରୀକାନ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଯାଇଥିଲେ। ଏହାପରେ ଅପରାହ୍ନରେ ଶ୍ରୀକାନ୍ତ କାର୍ଯ୍ୟାଳୟରୁ ଘରକୁ ଫେରିବା ପରେ ତାଙ୍କ ପଡ଼ୋଶୀ ଶ୍ରୀକାନ୍ତଙ୍କ ଘର ପାଚେରି ଭାଙ୍ଗିବା ସହିତ ଶାବଳରେ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିବା ସହିତ ପଥର ଫୋପାଡ଼ିବାରୁ ଶ୍ରୀକାନ୍ତଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଏହି ଘଟଣାକୁ ନେଇ ଶ୍ରୀକାନ୍ତ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଅନୁରୂପ ଭାବେ ପଡ଼ୋଶୀଙ୍କ ପକ୍ଷରୁ ସୁନିତା ମହାନ୍ତି ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସୁନିତା ଏବଂ ଶ୍ରୀକାନ୍ତଙ୍କ ପରିବାର ମଧ୍ୟରେ ଏକ ରାସ୍ତାକୁ ନେଇ ଉପୁଜିଥିବା ବିବାଦର ସମାଧାନ ପାଇଁ ମଙ୍ଗଳବାର ଜଟଣୀ ତହସିଲ୍ କାର୍ଯ୍ୟାଳୟ କର୍ମଚାରୀ, ଶ୍ରୀଜଗନ୍ନାଥ ମନ୍ଦିର କର୍ମଚାରୀ ଏବଂ ଜଟଣୀ ପୌର କାର୍ଯ୍ୟାଳୟ କର୍ମଚାରୀ ଉକ୍ତ ବିବାଦୀୟ ରାସ୍ତାର ମାପଚୁପ ପାଇଁ ଆସିଥିଲେ। ମାପଚୁପବେଳେ ଶ୍ରୀକାନ୍ତଙ୍କ ପରିବାର ଗାଳିଗୁଲଜ କରି ମାପଚୁପ ବନ୍ଦ କରିଦେଇଥିଲେ ଏବଂ ଉକ୍ତ ରାସ୍ତାରେ ଗଲେ ଜୀବନରେ ମାରିଦେବାକୁ ଧମକ ଦେଇଥିବାରୁ ନ୍ୟାୟପାଇଁ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ; ଚାଳକ ଗିରଫ



**ବାଲୁଗାଁ,୨୦।୫(ସମିସ):** ବେଆଇନ ଭାବେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ପୁଲିସ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଉକ୍ତ ଟ୍ରକ୍‌ର ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣକ ନାଚୁଣୀ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ବିକାଶ ମହାରଥୀ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଏକ ମିନି ଟ୍ରକ୍‌ରେ ମାଙ୍କଡ଼ା ପଥର ବୋଝେଇ ହୋଇ ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ଅଞ୍ଚଳରୁ ବାଲୁଗାଁ ଅଭିମୁଖେ ଚୋରା ଚାଲାଣ ହେଉଥିବାବେଳେ ଖବର ପାଇ ବାଲୁଗାଁ ପୁଲିସର ପାଟ୍ରୋଲିଂ ଟିମ୍ ୧୬ ନମ୍ବର ଜାତୀୟ ରାଜପଥର ସୋଲରି ଛକ ନିକଟରେ ଉକ୍ତ ଟ୍ରକ୍‌କୁ ଅଟକାଇ କାଗଜାତ ଯାଞ୍ଚ କରିଥିଲେ। ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ପୁଲିସ ଉକ୍ତ ପଥରବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଚାଳକ ବିକାଶଙ୍କୁ ଗିରଫ କରିଥିଲା। ଏନେଇ ବାଲୁଗାଁ ଥାନା କେସ୍ ନଂ ୧୩୯/୨୫ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଓଟିଇଟିକୁ ଶିକ୍ଷକଶିକ୍ଷୟିତ୍ରୀଙ୍କ ବିରୋଧ

**ବେଗୁନିଆ,୨୦।୫(ସମିସ):** ବେଗୁନିଆ ପ୍ରାଥମିକ ବିଦ୍ୟାଳୟ ଓ ଜିଲ୍ଲା ପରିଷଦ ଶିକ୍ଷକ ସଂଘ ପକ୍ଷରୁ ଓଟିଇଟିକୁ ବିରୋଧ କରିଥିବାବେଳେ ଯଦି ସରକାର ବାଧ୍ୟତାମୂଳକ କରନ୍ତି, ତାହେଲେ କେନ୍ଦ୍ରୀୟ ହାରରେ ବେତନ ଦେବା ପାଇଁ ସଂଘ ଦାବି କରିଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ହେବ ଶିକ୍ଷକମାନେ କାର୍ଯ୍ୟ କରି ଅବସର ଗ୍ରହଣ ସମୟରେ ସରକାରଙ୍କ ଏଭଳି ନିୟମ ମାନସିକ ନିର୍ଯାତନା ବୋଲି ସଂଘ ପକ୍ଷରୁ କୁହାଯାଇଛି। ୨୦୧୧ ଫେବୃଆରୀ ୧୧ ତାରିଖ ପରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ପାଇଁ ଓଟିଇଟିକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଥିଲେ। କିନ୍ତୁ ଏବେ ପରିବର୍ତ୍ତନ ହୋଇ ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କର ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରିଛନ୍ତି। ଏଥିରେ ଶିକ୍ଷକଶିକ୍ଷୟିତ୍ରୀମାନେ ପରିଣତ ବୟସରେ ପାଠପଢ଼ି ପରୀକ୍ଷା ଦେବା କେତେଦୂର ସମ୍ଭବ ସରକାର ହୃଦୟଙ୍ଗମ କରିବା ଉଚିତ୍। ସରକାର ଓଟିଇଟି ପରୀକ୍ଷା ଦେବା ପାଇଁ ୨୨ ତାରିଖ ଆବେଦନର ଶେଷ ତାରିଖ ରଖିଛନ୍ତି। ଶିକ୍ଷକଶିକ୍ଷୟିତ୍ରୀମାନେ ପ୍ରବଳ ଗ୍ରୀଷ୍ମ ଉତ୍ତାପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରୁ ପରିମିସନ ଲେଟର ଆଣି ଅନ୍ୟାନ୍ୟ କାଗଜାତ ପ୍ରସ୍ତୁତ କରି ସ୍ୱଳ୍ପ ସମୟ ମଧ୍ୟରେ ଆବେଦନ କରିବା ସମ୍ଭବ ହେଉନାହିଁ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣି ଶରତ କୁମାର ପଟ୍ଟନାୟକଙ୍କ କାର୍ଯ୍ୟଦକ୍ଷତା ଯୋଗୁଁ ଆବେଦନ କରୁଥିବା ଶହ ଶହ ଶିକ୍ଷକଶିକ୍ଷୟିତ୍ରୀ ନିର୍ବିଘ୍ନରେ ପରିମିସନ ଲେଟର ପାଇବାରେ ସକ୍ଷମ ହେଉଛନ୍ତି। ସରକାର ଶିକ୍ଷକମାନଙ୍କର ସବୁ ସମସ୍ୟା ପ୍ରତି କୋହଳ ମନୋଭାବ ପୋଷଣ କରି ସହୃଦୟତାର ସହ ବିଚାର କରିବା ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ନିବେଦନ କରିଛନ୍ତି।

# ଭଉଁରୀ ଯାତ୍ରାରେ ଦେବଦେବୀଙ୍କ ଜଳକ୍ରୀଡ଼ା

## ବାଲୁଗାଁ, ବାଣପୁର ଅଞ୍ଚଳ ଉତ୍ସବମୁଖର

**ବାଲୁଗାଁ,୨୦।୫(ସମିସ)**



ବୈଶାଖ ଶୁକ୍ଳ ତୃତୀୟା ତଥା ପବିତ୍ର ଅକ୍ଷୟ ତୃତୀୟା ଦିବସଠାରୁ ଆରମ୍ଭ ହୋଇ ଦୀର୍ଘ ୨୧ ଦିନ ଧରି ବିଭିନ୍ନ ଦେବଦେବୀଙ୍କ ପୀଠରେ ଚନ୍ଦନ ଯାତ୍ରା ଚାଲିଥିବାବେଳେ ଉତ୍ସବର ଅନ୍ତିମ ୩ ଦିନ ଭଉଁରୀ ଯାତ୍ରା ଜଗନ୍ନାଥ ସଂସ୍କୃତିରେ ବେଶ୍ ପରିଚିତ। ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସାଧାରଣ ମଣିଷ ଡହଳବିକଳ ହୋଇ ପଡ଼ି ଏହାର ଉପଶମ ଲାଗି ବିଭିନ୍ନ ପନ୍ଥା ଆପଣାଉଥିବାବେଳେ ପ୍ରଚଣ୍ଡ ରୌଦ୍ରତାପରୁ ଦେବଦେବୀଙ୍କ ଶୀତଳ ମଣୋହୀ ଉପଶମ ଲାଗି ପରମ୍ପରା ଅନୁଯାୟୀ ଦୈନନ୍ଦିନ ଦେବଦେବୀ ପ୍ରତିମାଙ୍କ ଶରୀରରେ ଚନ୍ଦନ ଲେପନ କରାଯାଇ ସୁବାସିତ ଶୀତଳ ଜଳ କୁଣ୍ଡରେ ଅବସ୍ଥାନ କରାଯାଇ ପୁଷ୍କରିଣୀରେ ନୌବିହାରରେ ଜଳକ୍ରୀଡ଼ା ତଥା ଚାପକ୍ରୀଡ଼ା କରାଯାଇଛି। ଏହା ସହ ଖଇ, ମୁଗଧୁଆ, ନଡ଼ିଆ, କଦଳୀ, ଆମ୍ବ, କାକୁଡ଼ି, ସପୁରୀ, ତାଳ, ତରଭୁଜ ଓ ଛେନାପଣା ଆଦି ଶୀତଳ ମଣୋହୀ ଭୋଗ ଲାଗି କରାଯାଇ ଆସୁଥିବା ନୀତିକାନ୍ତି ଦେବଦେବୀଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ପ୍ରତିକ। ଏହି ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ଚନ୍ଦନ ଯାତ୍ରାର ଅନ୍ତିମ ୩ଦିନ ଧରି ବିଭିନ୍ନ ମନ୍ଦିରରେ ଭଉଁରୀ ଯାତ୍ରାରେ ପ୍ରଭୁଙ୍କ ଜଳକ୍ରୀଡ଼ା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ସମଗ୍ର ବାଲୁଗାଁ, ବାଣପୁର ଅଞ୍ଚଳର ଦେବଦେବୀଙ୍କ ପୀଠରେ ଚନ୍ଦନ ଯାତ୍ରା ସମାରୋହରେ ପାଳିତ ହୋଇ ଯାଇଥିବାବେଳେ ବାଲୁଗାଁର ଆରାଧ୍ୟ ଠାକୁର ଶ୍ରୀଉମାମହେଶ୍ୱର ଦେବ, ନିକଟସ୍ଥ ଶ୍ରୀରାମେଶ୍ୱର ଦେବ, ବଡ଼କୂଳର ଶ୍ରୀଜଗନ୍ନାଥ ଓ ଶ୍ରୀଗାଦିଶ୍ୱର ଦେବ, ଚନ୍ଦ୍ରାପୁଟର ଶ୍ରୀବାଳମୁକୁନ୍ଦ ଦେବ, ସୁବୁଦ୍ଧିପାଟଣାର ଶ୍ରୀଜଗତେଶ୍ୱର ଦେବୀ ଓ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ଓ ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବ ଆଦିଙ୍କ ପୀଠରେ ୨୧ଦିନ ଧରି ସମାରୋହରେ ଚନ୍ଦନ ଯାତ୍ରା ଚାଲିଥିବାବେଳେ ଉତ୍ସବର ଅନ୍ତିମ ୩ ଦିନ ସନ୍ଧ୍ୟାରେ ଦେବଦେବୀଙ୍କ ଭଉଁରୀ ଯାତ୍ରାରେ ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଜଳାଶୟରେ ନୌକାବିହାର ଲାଗି ଦେବଦେବୀ ସେବାୟତଙ୍କ ଗହଣରେ ଶଙ୍ଖ, କାହାଳୀ, ଘଣ୍ଟ ବାଦ୍ୟ ସହ ଛତି, ଆଲଟ, ଚାମର ସହିତ ବାହାରି ସୁସଜ୍ଜିତ ନୌକାରେ ଜଳକ୍ରୀଡ଼ା କରୁଥିବାବେଳେ ଗ୍ରାମାଞ୍ଚଳରେ କଳାକାରମାନଙ୍କ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ବେଶରେ ନୃତ୍ୟ ପରିବେଷଣ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଦେଖାଯାଇଛି। ଏହି ଅବସରରେ ଅଞ୍ଚଳର ବିଭିନ୍ନ ମନ୍ଦିର, ପୁଷ୍କରିଣୀ ଚତୁଃପାର୍ଶ୍ୱ ଓ ନୌକାକୁ ସୁନ୍ଦର ଆଲୋକମାଳା ସହ ଫୁଲରେ ସୁସଜ୍ଜିତ କରାଯାଇଥିବା ବେଳେ ଚାରିଆଡ଼ ଝଲସି ଉଠୁଛି। ବିଭିନ୍ନ ମନ୍ଦିର ଓ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଗାଁଠୁ ସହର ଉତ୍ସବମୁଖର ହୋଇପଡ଼ିଛି।

# ଅବସରପ୍ରାପ୍ତ ଅଗ୍ନିଶମ ହାବିଲ୍‌ଦାରଙ୍କ ପରଲୋକ

**ଖୋର୍ଦ୍ଧା,୨୦।୫(ସମିସ):** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଓଡ଼ିଶା ଅଗ୍ନିଶମ ବିଭାଗର ଅବସରପ୍ରାପ୍ତ ହାବିଲ୍‌ଦାର ସନାଉଲ୍ଲାଃ ଖାଁଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ରୋଗରେ ପୀଡ଼ିତ ଥାଇ ଘରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ କେରଙ୍ଗସ୍ଥିତ ଜନ୍ମତୁଲ ବକି (ଭାଲିଆଭାଣ୍ଡି) କବରସ୍ଥାନକୁ ନିଆଯାଇ କବର ଦିଆଯାଇଥିଲା।

# ବାବା ହଟ୍ଟକେଶ୍ୱରଙ୍କ ଚାପ ଖେଳ



**ବେଗୁନିଆ,୨୦।୫(ସମିସ):** ଏସିଆ ମହାଦେଶର ପ୍ରମୁଖ ଶୈବପୀଠ ମଧ୍ୟରୁ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରିସ୍ଥିତ ବାବା ହଟ୍ଟକେଶ୍ୱର ମନ୍ଦିର ପରିସରରେ ଭଉଁରୀ ଯାତ୍ରା ତଥା ଚାପ ଖେଳ ଧାର୍ମିକ ରୀତିନୀତି ଅନୁଯାୟୀ ଉଦ୍‌ଯାପିତ ହୋଇଛି। ଏହା ଅକ୍ଷୟ ତୃତୀୟା ଦିନଠାରୁ ଚାଲିଥିବା ଚାପ ଖେଳ ମଙ୍ଗଳବାର ସନ୍ଧ୍ୟାରେ ବାବା ହଟ୍ଟକେଶ୍ୱର ମନ୍ଦିର ଭିତରୁ ଘଣ୍ଟ, ଖୋଳ, ମର୍ଦ୍ଦଳ, ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ସୁସଜ୍ଜିତ ନାବରେ ସାତଥର ଚନ୍ଦନ ପୋଖରୀରେ ନୌବିହାର କରିଥିଲେ। ଏଥିରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ଦର୍ଶନ ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ଏଥିରେ ମାଣିବନ୍ଧ ସିଦ୍ଧ ମହାବୀର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବା, ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ନବନିତା ମହାନ୍ତି, ସମାଜସେବୀ ମଧୁସୂଦନ ସୁବୁଦ୍ଧି ଓ ଦିଲ୍ଲୀପ କୁମାର ମହାଭୋଇଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ପୁଲିସ ବଳ ନିୟୋଜିତ ହୋଇଥିଲେ।

**● ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ବେଖାତିର୍**

# ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ କୈଫିୟତ ତଲବ

**ଟାଙ୍ଗୀ,୨୦।୫(ସମିସ):** ଖୋର୍ଦ୍ଧା ଉପଜିଲ୍ଲାପାଳ ତଥା ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତିଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପତ୍ର ତଥା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଛି। ଏନେଇ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ସରକାରଙ୍କ ପରିବର୍ତ୍ତିତ ଶିକ୍ଷାନୀତି ଅନୁସାରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ପତ୍ରାଙ୍କ ସଂଖ୍ୟା ୪୩୩୭୦ ଅନୁସାରେ, ମହାବିଦ୍ୟାଳୟର ସମସ୍ତ କାଗଜପତ୍ରକୁ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ପର୍କରେ ଟାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପତ୍ରାଙ୍କ ସଂଖ୍ୟା ୪୭ ଓ ୧୧୩ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ସେ ଏହାକୁ ବେଖାତିର୍ କରିଥିବା ସମ୍ପର୍କରେ ଟାଙ୍ଗୀ ଦୁର୍ଗାଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କଠାରୁ ଅଭିଯୋଗ ପାଇବା ପରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଗତ ୧୯ ତାରିଖ ପତ୍ରାଙ୍କ ସଂଖ୍ୟା ୫୨୬୩ରେ ତୁରନ୍ତ ମହାବିଦ୍ୟାଳୟର ସମସ୍ତ କାଗଜପତ୍ରକୁ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଶତପଥୀଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେବା ସହ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ୩ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ସୀତାଂଶୁ ଭୂଷଣ ନନ୍ଦଙ୍କୁ ତଲବ କରାଯାଇଥିବା ଜଣାପଡ଼ିଛି।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ବ୍ୟାପକ ଟିକଟ୍ ଯାଞ୍ଚ ଅଭିଯାନ



**ଜଟଣୀ,୨୦।୫(ସମିସ):** ଟ୍ରେନ୍‌ରେ ବିନା ଟିକଟ୍ ଯାତ୍ରାକୁ ରୋକିବା ପାଇଁ ଖୋର୍ଦ୍ଧା ରୋଡ୍ ମଣ୍ଡଳ ପକ୍ଷରୁ ଡିଭିଜନ୍‌ର ବିଭିନ୍ନ ରେଳ ଷ୍ଟେସନରେ ଏକ ବ୍ୟାପକ ଟିକଟ୍ ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ପ୍ରକୃତ ଟିକଟ୍‌ଧାରୀ ଯାତ୍ରୀମାନଙ୍କୁ ଆରାମଦାୟକ ଏବଂ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ପ୍ରତିବଦ୍ଧତାର ଏକ ଅଂଶ ଭାବେ କାର୍ଯ୍ୟ ଆରମ୍ଭ ହୋଇଛି। ଟିକଟ୍ ଯାଞ୍ଚ ଅଭିଯାନରେ ଖୋର୍ଦ୍ଧା ରୋଡ୍‌ର ବରିଷ୍ଠ ବିଭାଗୀୟ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍‌ଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଛି। ଯେଉଁଥିରେ ବାଣିଜ୍ୟିକ ଅଧିକାରୀ, ଟିକଟ୍ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବାହିନୀ ସାମିଲ୍ ଅଛନ୍ତି। ଗତ ୧୦ ଦିନ ମଧ୍ୟରେ କଟକ, ଭୁବନେଶ୍ୱର, ବାଣୀବିହାର, କଣାସ ରୋଡ୍, ଲିଙ୍ଗରାଜ ଟେମ୍ପୁଲ୍ ରୋଡ୍ ଆଦି ରେଳ ଷ୍ଟେସନ ଓ ପାସେଞ୍ଜର ହଲ୍ଟରେ ଟିକଟ୍ ଯାଞ୍ଚ ଅଭିଯାନ କରାଯାଇଛି। କଟକ ରେଳ ଷ୍ଟେସନରେ ଟିକଟ୍ ଯାଞ୍ଚ ଅଭିଯାନ ସମୟରେ ବିନା ଟିକଟ୍‌ରେ ଯାତ୍ରା କରିବାର ୧୦୫ଟି ମାମଲା ଚିହ୍ନଟ ହୋଇଥିଲା। ଏହି ଯାତ୍ରୀମାନଙ୍କଠାରୁ ଭଡ଼ା ବାବଦକୁ ଜରିମାନା ସହିତ ୭୩ ହଜାର ୮୪୦ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଭୁବନେଶ୍ୱରରେ ୫୧ଜଣ ଅନଧିକୃତ ଯାତ୍ରୀଙ୍କଠାରୁ ୧୪ ହଜାର ୧୨୫ ଟଙ୍କା, ବାଣୀବିହାରରେ ୯୨ ଜଣ ଯାତ୍ରୀଙ୍କଠାରୁ ୩୧ ହଜାର ୧୫ ଟଙ୍କା, କଣାସ ରୋଡ୍‌ରେ ୮୪ ଜଣ ଯାତ୍ରୀଙ୍କଠାରୁ ୨୬ ହଜାର ୧୬୭ ଟଙ୍କା ଏବଂ ଲିଙ୍ଗରାଜ ଟେମ୍ପୁଲ୍ ରୋଡ୍‌ରେ ୯୨ ଜଣ ଯାତ୍ରୀଙ୍କଠାରୁ ୨୮ ହଜାର ୨୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ବିଭିନ୍ନ ରେଳ ଷ୍ଟେସନରେ ନିୟମିତ ଟିକଟ୍ ଯାଞ୍ଚ ଅଭିଯାନ ଆୟୋଜନ କରିବାକୁ ମଧ୍ୟ ଯୋଜନା କରାଯାଉଛି।

# ସିପୁନି ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଟେମ୍ପୋଷ୍ଟ ଚାମ୍ପିଅନ



**ଜଟଣୀ,୨୦।୫(ସମିସ):** ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ କୁଦିଆରୀ ସ୍କୁଲ ପଡ଼ିଆରେ ଚାଲିଥିବା ଦୁଇଦିନିଆ ୧୪ତମ ସିପୁନି ମେମୋରିଆଲ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଫାଇନାଲ୍ ମ୍ୟାଚ୍‌ରେ ନାଇଟ୍ କ୍ଲବ୍ (କୁଦିଆରୀ)କୁ ପରାସ୍ତ କରି ୱାଇଟ୍ ଟେମ୍ପୋଷ୍ଟ (ଭୁବନେଶ୍ୱର) ଚାମ୍ପିଅନ୍ ହୋଇଛି। ଏଥିରେ ଅତିଥି ଭାବେ ବିଜେଡି ସାଧାରଣ ସମ୍ପାଦକ କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ ଓ ଜଟଣୀ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅନନ୍ତ ବେହେରା ଯୋଗଦେଇଥିଲେ।

ବିଦ୍ରୋହୀ କ୍ରିକେଟ୍ କ୍ଲବ୍ କୁଦିଆରୀ ତରଫରୁ ଆୟୋଜିତ ୬ ଓଭର ବିଶିଷ୍ଟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ୱାଇଟ୍ ଟେମ୍ପୋଷ୍ଟ ଟିମ୍ (ଭୁବନେଶ୍ୱର) ଓ ନାଇଟ୍ କ୍ଲବ୍ (କୁଦିଆରୀ) ମଧ୍ୟରେ ଖେଳାଯାଇଥିଲା। ୩ ରନ୍‌ରେ ଟେମ୍ପୋଷ୍ଟ (ଭୁବନେଶ୍ୱର) ବିଜୟୀ ହୋଇ ୧୮ ହଜାର ଟଙ୍କା ସହ ଚାମ୍ପିଅନ୍ସ ଟ୍ରଫି ଓ ନାଇଟ୍ କ୍ଲବ୍ (କୁଦିଆରୀ) ୧୪ ହଜାର ଟଙ୍କା ରନର୍ସ ଅପ୍ ଟ୍ରଫି ହାତେଇ ଥିଲେ।

**ଜାରି ରହିଛି ଅଗ୍ନିବର୍ଷା; ଜଳୁଛି ସହର**

# ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ





**ଖୋର୍ଦ୍ଧା,୨୦।୫(ସମିସ)**

ଗତ କିଛିଦିନ ହେବ ଖୋର୍ଦ୍ଧା ସହରରେ ଜାରୀ ରହିଛି ଅଗ୍ନିବର୍ଷା। ଦିନ ପ୍ରାୟ ସାଢ଼େ ୯ଟା ପରେ ସହରରେ ନିଆଁ ହୁଳା ଜଳୁଛି। ଫଳରେ ପ୍ରଭାବିତ ହେଉଛି ସାଧାରଣ ଜୀବନଯାତ୍ରା। ଯଦିଓ ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳୁଛି ତଥାପି ଜରୁରୀ କାର୍ଯ୍ୟ ନ ପଡ଼ିଲେ ଦିନ ୯ଟା ପରେ ପଦାକୁ ବାହାରିବାକୁ ଲୋକ ଭୟ କରୁଛନ୍ତି। ଦ୍ୱିପ୍ରହରରେ ତାପମାତ୍ରା ପ୍ରାୟ ୩୮ ଡିଗ୍ରୀ ଉପରେ ରହୁଥିବାବେଳେ ତତଲା ପବନ ଶରୀରକୁ ପୋଡ଼ି ପକାଉଥିଲା। ବାହାରେ କାମ କରୁଥିବା ଲୋକେ ତ୍ରାହିତ୍ରାହି ଡାକୁଛନ୍ତି। ଖରା ଯେତିକି ଗୁଳୁଗୁଳି ତା'ଠୁ ଅଧିକ ରହୁଥିବାରୁ ଦେହରୁ ଗମ୍ ଗମ୍ ଝାଳ ବାହାରୁଛି। ସବୁ ରାସ୍ତାଘାଟ ଖାଁ ଖାଁ ହୋଇଥିଲା। ବସ୍‌ଷ୍ଟାଣ୍ଡ ସାଙ୍ଗକୁ ପର୍ଯ୍ୟଟନସ୍ଥଳୀ ଏକପ୍ରକାର ଜନଶୂନ୍ୟ ହୋଇଯାଉଛି। ଟ୍ରାଫିକ୍ ପୁଲିସ ବି ଖରାକୁ ସହ୍ୟ କରି ନ ପାରି ଗଛ ଛାଇ ଖୋଜୁଛନ୍ତି। ବୁଲା ଗୋରୁଗାଈଙ୍କ କଥା ତ ନ କହିବା ଭଲ। ସେମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି।

ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସହର ପ୍ରାୟ ଶୂନ୍‌ଶାନ୍ ହୋଇପଡୁଛି। ଏପରିକି ଗ୍ରାହକ ଆସୁ ନ ଥିବାରୁ ବଜାରରେ ଏକାଧିକ ଦୋକାନ ପ୍ରାୟ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ଗ୍ରୀଷ୍ମପ୍ରବାହ ଯୋଗୁଁ ସକାଳୁଆ ଅଫିସ ଏବଂ ସ୍କୁଲ କଲେଜ ଚାଲିଛି। ଖରାକୁ ଭୟ କରି ପ୍ରାୟ ଲୋକେ କୌଣସି କାମ ନ ଥିଲେ ଅଫିସ ଆସୁନଥିବା ଦେଖିବାକୁ ମିଳିଛି। କେବଳ ଦିନ ନୁହେଁ, ରାତିରେ ମଧ୍ୟ ଏବେ ଗରମରୁ ତ୍ରାହି ମିଳୁନି। ଗୁଳୁଗୁଳି ସାଙ୍ଗକୁ ବିଜୁଳି ବିଭ୍ରାଟ ସହରବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଇଲାଣି। କେଉଁଠି ଲୋ' ଭୋଲ୍‌ଟେଜ୍ ତ କେଉଁଠି ମରାମତି ନାଁରେ ଘଣ୍ଟା ଘଣ୍ଟା ଧରି ଲାଇନ୍ ଯାଉଛି। ଲଗାତାର ତାପମାତ୍ରା ବୃଦ୍ଧି ଓ ଆର୍ଦ୍ରତା ବଢୁଥିବାରୁ ଲୋକମାନେ ସକାଳୁ ରାତିଯାଏ ସନ୍ତୁଳି ହେଉଛନ୍ତି। ଅନ୍ୟପକ୍ଷରେ ଯେଉଁ ଅନୁପାତରେ ଜନସଂଖ୍ୟା ବଢୁଛି ସେହି ଅନୁପାତରେ ଯାନବାହନ, କଳକାରଖାନା ବଢ଼ିବାରେ ଲାଗିଛି। ଲୋକଙ୍କ ଚଳପ୍ରଚଳ କ୍ଷେତ୍ରରେ ସୁଧାର ଆଣିବାକୁ ଗତ ୧୦ ବର୍ଷ ଭିତରେ ପାଖାପାଖି ସହରର ପ୍ରମୁଖ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପ୍ରଶାସନ ହାତକୁ ନେଇଛି। ରାସ୍ତା ଉନ୍ନୟନ ଆଳରେ ସେ ସବୁ ରାସ୍ତାକଡ଼ରେ ଥିବା ବିରାଟକାୟ ଗଛଗୁଡ଼ିକ କାଟିଦିଆଯାଇଛି। କିନ୍ତୁ ଯେଉଁ ପରିମାଣର ବଡ଼ ବଡ଼ ଗଛ କଟାଯାଇଛି ତା'ର କାଣିଚାଏ ଚାରା ରାସ୍ତାପାଶ୍ୱର୍ରେ ରୋପଣ ହେବା ଦେଖିବାକୁ ମିଳୁନି। କେବଳ ରାସ୍ତା ମଝିରେ ଛୋଟ ଛୋଟ ଫୁଲଗଛ ସଦୃଶ ଗଛ ଲାଗାଇ କାମ ସାରିଦେଇଛି। ଯାହାର କୁପରିଣାମ ସିଧାସଳଖ ଜନସାଧାରଣଙ୍କ ଉପରେ ପଡୁଛି।

ସେହିପରି ସହରର ବିଭିନ୍ନ ଗଳିକନ୍ଦିଗୁଡ଼ିକ କଂକ୍ରିଟ୍ ରାସ୍ତାରେ ପରିଣତ ହେଉଥିବାବେଳେ ଦିନ ସାଢ଼େ ୧୦ଟା ପରେ ଏଥିରୁ ବାହାରୁଥିବା ତତଲା ବାଷ୍ପରୁ ଜନସାଧାରଣଙ୍କୁ ନିସ୍ତାର ମିଳୁନି। ପ୍ରଚଣ୍ଡ ତାତିକୁ ଦେଖି ଅଂଶୁଘାତ ହେବା ଆଶଙ୍କାରେ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ନେଇ ବାହାବା ମାରୁଛି। ମାତ୍ର ଗାଁ ଗହଳି ତ ଦୂରର କଥା ବରଂ ପୌର ପରିଷଦ ତରଫରୁ ଖୋର୍ଦ୍ଧାରେ କରାଯାଇଥିବା ଜଳଛତ୍ର ଅବସ୍ଥା ଦେଖିଲେ ଅଂଶୁଘାତର ପ୍ରତିକାର ଦିଗରେ ପ୍ରଶାସନର କେତେ ଆନ୍ତରିକତା ରହିଛି ତାହା ଜଳଜଳ ହୋଇ ଦିଶୁଛି। କେଉଁଠି ଛତ୍ର ଅଛି ମାଠିଆ ଗଡୁଛି ତ ଆଉ କେଉଁଠି ଛତ୍ର, ମାଠିଆ ଥିଲେ ମଧ୍ୟ ଜଳ ନାହିଁ।

# ଚନ୍ଦନ ଯାତ୍ରା ଉଦ୍‌ଯାପନୀ ଉତ୍ସବ ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା



**ନିରାକାରପୁର,୨୦।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ଅଗ୍ରଣୀ ପ୍ରାଚୀନ ଧର୍ମାନୁଷ୍ଠାନ ଶ୍ରୀରାମ ଦୟା ପରିଷଦ ପକ୍ଷରୁ ଆୟୋଜିତ ଚନ୍ଦନ ଯାତ୍ରାର ଉଦ୍‌ଯାପନୀ ମହାସମାରୋହରେ ହୋଇଯାଇଛି। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ଏହି ଚନ୍ଦନ ଯାତ୍ରା ମଙ୍ଗଳବାର ଭଉଁରୀରେ ଶେଷ ହୋଇଛି। ଏହି ଉଦ୍‌ଯାପନୀ ଦିବସରେ ପରିଷଦର ଉପସଭାପତି ସତ୍ୟବାଦୀ ବଳବନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମହାମଣ୍ଡଳେଶ୍ୱର ଡ. ଗୋବିନ୍ଦ ଦାସ ମହାରାଜ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲାପାଳ ଦେବରାଜ ସେନାପତି, ସମ୍ମାନିତ ଅତିଥିଭାବେ ୧୨ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ ଯୋଗଦେଇଥିଲେ। ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ସାରଙ୍ଗଧର ବଳିଆରସିଂହ ଧନ୍ୟବାଦ ଦେଇଥିଲେ। ପାଲା ଗାୟକ ପ୍ରଶାନ୍ତ କୁମାର ପାଟଶାଣୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ୨୧ଦିନ ଧରି ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଦେଇ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ସାରଙ୍ଗଧର ବଳିୟାରସିଂହ, ଲକ୍ଷ୍ମୀଧର ଦଳେଇ, ରାମନାଥ ଦାଶ, ପ୍ରକାଶ ଦାଶ, ଅଶୋକ ବାହୁବଳେନ୍ଦ୍ର, ଲକ୍ଷ୍ମୀଧର ସାମନ୍ତରାୟ, ସରୋଜ ରାୟ, ଅମରେନ୍ଦ୍ର ବଡ଼ପଣ୍ଡା, ସର୍ବେଶ୍ୱର ପାହାଡ଼ସିଂହ, ବେଣୁଧର ଚମ୍ପତିରାୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।